ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୬/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, September 6/2025 | Page 14 | ₹ 7.00 | BALASORE
୫୧ଶ ଭାଗ ୨୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 282 | ମୂଲ୍ୟ ₹୭/-



## ଆନିସିମୋଭା ଫାଇନାଲରେ

ୟୁଏସ୍ ଓପନ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର ଆମାଣ୍ଡା ଆନିସିମୋଭା।

୧୪

୦୨

## ୧୧ରୁ ଓଟିଟିରେ 'କୁଲି'

ସାଉଥ୍ ସୁପରଷ୍ଟାର ରଜନୀକାନ୍ତଙ୍କ ଆକ୍ସନ ଡ୍ରାମା ଫିଲ୍ମ 'କୁଲି' ୧୧ ତାରିଖରୁ ଓଟିଟି ପ୍ଲାଟ୍‌ଫର୍ମରେ ଦର୍ଶକ ଦେଖିପାରିବେ।





ଲଗାଣ ବର୍ଷା ଯୋଗୁ ଶୁକ୍ରବାର ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାସ୍ଥିତ ଦେବୀନଗର ପାହାଡ଼ ଧସି ରାସ୍ତା ଅବରୋଧ ହୋଇଛି। (ରିପୋର୍ଟ: ପୃଷ୍ଠା-୫)

# ୧ ଡଲାର= ୮୮.୩୬ ଟଙ୍କା

**ମୁମ୍ବାଇ,୫ା୯**



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ମାଡ଼ ଭାରତୀୟ ଅର୍ଥନୀତିକୁ ଘାଇଲା କରିଦେଇଥିବାବେଳେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ) ପୁଞ୍ଜିବଜାରରୁ ବିପୁଳ ନିବେଶ ପ୍ରତ୍ୟାହାର କରିବାରେ ଲାଗିଛନ୍ତି। ଏହାର ପ୍ରଭାବରେ ଟଙ୍କା ଦିନକୁ ଦିନ ନିମ୍ନଗାମୀ ହୋଇ ନୂଆ ରେକର୍ଡ ଭାଙ୍ଗୁଛି। ଏହି କ୍ରମରେ ଭାରତୀୟ ମୁଦ୍ରା ଶୁକ୍ରବାର ନିଜ ସର୍ବକାଳୀନ ତଳସ୍ତର ୮୮.୩୬କୁ ଛୁଇଁଛି। କାରବାର ଶେଷରେ ଟଙ୍କା ୦.୧୪% ଖସି ଡଲାର ତୁଳନାରେ ୮୮.୨୬ ଟଙ୍କାରେ ସ୍ଥିର ରହିଥିଲା। ଏହା ପୂର୍ବରୁ ଗୁରୁବାର ସେସନ୍‌ରେ ଟଙ୍କାର ମୂଲ୍ୟ ୮୮.୧୪ ରହିଥିଲା। ମିଳିଥିବା ସୂଚନାନୁସାରେ ଏଫ୍ଆଇଆଇମାନେ କେବଳ ସେପ୍ଟେମ୍ବରରେ ୧.୪ ବିଲିୟନ୍ ଡଲାର ମୂଲ୍ୟର ଭାରତୀୟ ଇକ୍ୱିଟି ବିକ୍ରି କଲେଣି। ଏହାକୁ ମିଶାଇ ଚଳିତବର୍ଷ ବିଦେଶୀଙ୍କ ପ୍ରତ୍ୟାହୃତ ଅର୍ଥରାଶି ୧୬ ବିଲିୟନ୍ ଡଲାରରେ ପହଞ୍ଚିଛି। ତେବେ ଟଙ୍କାରେ ସ୍ଥିରତା ଆଣିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସରକାରୀ ବ୍ୟାଙ୍କଗୁଡ଼ିକ ଜରିଆରେ ହସ୍ତକ୍ଷେପ କରିଥିବା କୁହାଯାଉଛି। ଭାରତୀୟ ସାମଗ୍ରୀଗୁଡ଼ିକର ଆମଦାନୀ ଉପରେ ଆମେରିକୀୟ ଟାରିଫ୍ ଯୋଗୁ ଏହି ସ୍ଥିତି ଜାରି ରହିଲେ ଟଙ୍କା ଆହୁରି ଦୁର୍ବଳ ହେବ ବୋଲି ଅର୍ଥନୀତିଜ୍ଞ ଓ ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି।

**ଆଜିର ସମ୍ପାଦକୀୟ** ଲାଟେରାଲ ଏଣ୍ଟ୍ରିରେ ଶିଥିଳତା

# ପ୍ରଥମରୁ ଦ୍ୱାଦଶ ଗୋଟିଏ ବୋର୍ଡ: ମୁଖ୍ୟମନ୍ତ୍ରୀ

**ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ଶିକ୍ଷାକୁ ସୁଦୃଢ଼ କରିବା ସହ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ଗୋଟିଏ ବୋର୍ଡ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଲୋକସେବା ଭବନରେ ଗୁରୁଦିବସ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଡ୍ରପ୍‌ଆଉଟ୍ ହାର ହ୍ରାସ କରିବା ସହ ସବୁ ପିଲାଙ୍କ ପାଖରେ କିଭଳି ଗୁଣାତ୍ମକ ଶିକ୍ଷା ପହଞ୍ଚିପାରିବ, ତାହା ଉପରେ ଗୁରୁତ୍ୱ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ନିକଟରେ ଥିବା ପ୍ରତିଭାକୁ ଠଉରାଇ ସେମାନଙ୍କ ପାଇଁ ଶିକ୍ଷକମାନେ ଜଣେ ଜଣେ ମେଣ୍ଟର ହେବା ଦରକାର ବୋଲି ସେ କହିଛନ୍ତି।**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

**'ପିଲାଙ୍କ ସ୍ୱପ୍ନ ପୂରଣ ପାଇଁ ଶିକ୍ଷକମାନେ ମେଣ୍ଟର ହୁଅନ୍ତୁ'**

- **ଗୁରୁଦିବସରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ**
- **ଶ୍ରେଷ୍ଠ ୩ ଜିଲା, ୩ ଶିକ୍ଷା ପ୍ରତିଷ୍ଠାନ, ୭୦ ଶିକ୍ଷକ, ଡିଇଓ ଏବଂ ବିଇଓ ପୁରସ୍କୃତ**

**ଭୁବନେଶ୍ୱର,୫ା୯(ସୁଚିସ୍ମିତା ସାହୁ)**

ସ୍କୁଲ ଶିକ୍ଷାରେ ଉନ୍ନତି ସହ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ରଖିବା ପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ) ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍‌ଇ)କୁ ମିଶାଇ ଗୋଟିଏ ବୋର୍ଡ କରାଯିବ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଏହି ବୋର୍ଡ ଦ୍ୱାରା ପରିଚାଳିତ ହେବ। ପରୀକ୍ଷା ପରିଚାଳନା, ସିଲାବସ ପ୍ରସ୍ତୁତ ସହିତ ପରୀକ୍ଷାଫଳ ପ୍ରକାଶ କରିବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଗୋଟିଏ ବୋର୍ଡ ହିଁ କରିବ ବୋଲି ଶୁକ୍ରବାର ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ଆଦର୍ଶ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ, ଡ. ରାଧାକ୍ରିଷ୍ଣନ ପ୍ରତ୍ୟେକ ବିଦ୍ୟାର୍ଥୀ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଆଦର୍ଶ। ସେ କେବଳ ଜଣେ ବିଶିଷ୍ଟ ଶିକ୍ଷାବିତ୍, ଦାର୍ଶନିକ ଓ ରାଷ୍ଟ୍ରନୀତିଜ୍ଞ ନ ଥିଲେ, ସେ ଥିଲେ ଭାରତବର୍ଷର ଜଣେ ଶ୍ରେଷ୍ଠ ଗୁରୁ। ଶିକ୍ଷକମାନେ ପିଲାଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ। ସେମାନଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାର୍ଯ୍ୟ କରନ୍ତୁ। ଶିକ୍ଷକଙ୍କ ପାଇଁ ଡ୍ରପ୍‌ଆଉଟ୍ ହାର ହ୍ରାସ କରିବା ଏବଂ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଭଳି ଦୁଇଟି ବଡ଼ ଆହ୍ୱାନ ରହିଛି। ପିଲାଙ୍କୁ ବିଦ୍ୟାଳୟ ଓ ପାଠପଢ଼ା ପ୍ରତି ଉତ୍ସାହ ବୃଦ୍ଧି ଲାଗି ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରାଯାଇଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଛି। ଜନଜାତି ବର୍ଗର ପିଲାଙ୍କୁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଜରିଆରେ ସହାୟତା ଦିଆଯାଉଛି। ଏସବୁ ଯୋଜନା ଆଗାମୀ ଦିନରେ ଡ୍ରପ୍‌ଆଉଟ୍ ହାର କମ୍ କରିବାରେ ନିଶ୍ଚିତ ରୂପେ ସଫଳ ହେବ। ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଧାରିତ 'ଓଡ଼ିଶା କରିକୁଲମ ଫ୍ରେମ୍‌ୱାର୍କ ଫର୍ ସ୍କୁଲ ଏଜୁକେଶନ-୨୦୨୫' ପୁସ୍ତକ, ନିପୁଣ ଓଡ଼ିଶା ☞ପୃଷ୍ଠା-୪

# ସରକାରୀ କାର୍ଯ୍ୟାଳୟରେ ବିଏସ୍‌ଏନ୍‌ଏଲ୍ ବାଧ୍ୟତାମୂଳକ

**ଭୁବନେଶ୍ୱର, ୫ା୯ (ସୁନିତ୍ ମିଶ୍ର)**

ରାଜ୍ୟର ପ୍ରତ୍ୟେକ ସରକାରୀ ଅନୁଷ୍ଠାନ ଏବଂ ରାଷ୍ଟ୍ରାତ୍ତ ଉଦ୍ୟୋଗ ପିଏସ୍‌ୟୁ ଗୁଡ଼ିକରେ ଏଣିକି ଭାରତ ସଞ୍ଚାର ନିଗମ ଲିମିଟେଡ୍(ବିଏସ୍‌ଏନ୍‌ଏଲ୍) ନେଟ୍‌ୱର୍କର ବ୍ୟବହାର ବାଧ୍ୟତାମୂଳକ। ସବୁ ସରକାରୀ ଅନୁଷ୍ଠାନରେ ବିଏସ୍‌ଏନ୍‌ଏଲ୍ ଇଣ୍ଟରନେଟ୍, ବ୍ରଡ୍‌ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ୍, ଲିଜ୍ ଲାଇନର ବ୍ୟବହାର କରାଯିବ। ଏନେଇ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ଇ ଆଣ୍ଡ ଆଇଟି) ବିଭାଗର ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା ସବୁ ବିଭାଗକୁ ଚିଠି ଲେଖି ଜଣାଇଛନ୍ତି।

ବିଭାଗ ଲେଖିଥିବା ଚିଠିରେ ଉଲ୍ଲେଖ କରାଯାଇଛି, କେନ୍ଦ୍ର ସରକାରଙ୍କ ଟେଲିକମ୍ୟୁନିକେଶନ ମନ୍ତ୍ରଣାଳୟର ସୂଚନା ଦେଇ ଜଣାଇଛି, ବିଏସ୍‌ଏନ୍‌ଏଲ ଏବଂ ଏମ୍‌ଟିଏନ୍‌ଏଲ୍(ମହାନଗର ଟେଲିକମ୍ ନିଗମ ଲିମିଟେଡ୍)କୁ ସୁଦୃଢ଼ କରିବା ଲାଗି କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜକୁ ମଞ୍ଜୁର ମିଳିଛି। ବିଏସ୍‌ଏନ୍‌ଏଲ୍‌ର ଭିଜିବିଲିଟି ବୃଦ୍ଧି କରିବା ସ୍ୱତନ୍ତ୍ର ପ୍ୟାକେଜ ବୃଦ୍ଧିର ମୂଳ ଲକ୍ଷ୍ୟ। ଉକ୍ତ ସ୍ୱତନ୍ତ୍ର ପ୍ୟାକେଜ ଅର୍ଥ ମୁଖ୍ୟତଃ ଲୋକମାନଙ୍କୁ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ମାଧ୍ୟମରେ ୪-ଜି ଏବଂ ୫-ଜି ସୁବିଧା ମିଳିବା ଦିଗରେ ଖର୍ଚ୍ଚ କରାଯିବ। ଏହାଦ୍ୱାରା ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍‌ର ରାଜସ୍ୱ ଆଦାୟ ମଧ୍ୟ ବଢ଼ିବ। ତେଣୁ ସରକାରୀ ପ୍ରତିଷ୍ଠାନଗୁଡ଼ିକ ଇଣ୍ଟରନେଟ୍, ବ୍ରଡ୍‌ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ ଏବଂ ଲିଜଡ୍ ଲାଇନ ବ୍ୟବହାର କ୍ଷେତ୍ରରେ ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍ ନେଟ୍‌ୱର୍କ ବ୍ୟବହାର ଲାଗି କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୪




# ଆମେ ଚାଇନା ପାଖରେ ଭାରତକୁ ହରାଇଛୁ: ଟ୍ରମ୍ପ

**ୱାଶିଂଟନ,୫ା୯(ପି.ଟି.)**

ଅନ୍ଧକାରପୂର୍ଣ୍ଣ ଚାଇନା ନିକଟରେ ଭାରତ ଓ ରୁଷିଆକୁ ଆମେରିକା ହରାଇଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର କହିଛନ୍ତି। ଅତ୍ୟଧିକ ଟାରିଫ୍‌କୁ ନେଇ ନୂଆଦିଲ୍ଲୀ ଓ ୱାଶିଂଟନ ମଧ୍ୟରେ ସମ୍ପର୍କ ଖରାପ ହୋଇଥିବାବେଳେ ଟ୍ରମ୍ପ ଏଭଳି ମନ୍ତବ୍ୟ ଦେଇଛନ୍ତି। ଚାଇନାର ତିଆଞ୍ଜିନ୍‌ରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକାଠି ହୋଇଥିଲେ, ଯାହା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ପରେ ଟ୍ରମ୍ପ ନିଜ ସୋସିଆଲ



ଡୋନାଲ୍ଡ ଟ୍ରମ୍ପ

ମିଡିଆ ଟ୍ରୁଥ୍ ସୋସିଆଲରେ କରିଥିବା ସଦ୍ୟତମ ପୋଷ୍ଟରେ ଲେଖିଛନ୍ତି, ଗଭୀର ଏବଂ ଅନ୍ଧକାରପୂର୍ଣ୍ଣ ଚାଇନା ନିକଟରେ ଆମେ ଭାରତ ଓ ରୁଷିଆକୁ ହରାଇଲା ଭଳି ଜଣାପଡୁଛି।

ଭାରତ ରୁଷିଆରୁ ଅଶୋଧିତ ତୈଳ କିଣୁଥିବାରୁ ଏଥିରୁ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପାଇଁ ମସ୍କୋକୁ ପାଣ୍ଠି ମିଳୁଥିବା ଅଭିଯୋଗ କରି ଟ୍ରମ୍ପ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇଛନ୍ତି। ଆମେରିକାର ଏଭଳି ପଦକ୍ଷେପକୁ ଭାରତ ଅନୈତିକ ଓ ଅଯଥାର୍ଥ ବୋଲି କହିଛି। କେବଳ ଭାରତ ଉପରେ କ'ଣ ପାଇଁ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଗଲା ବୋଲି କେନ୍ଦ୍ର ସରକାର ବିସ୍ମୟ ପ୍ରକାଶ କରିଥିଲେ। ଆଶ୍ଚର୍ଯ୍ୟର କଥା ରୁଷିଆରୁ ସର୍ବାଧିକ ଅଶୋଧିତ ତୈଳ ଚାଇନା କିଣୁଥିବାବେଳେ ଏହା ଉପରେ ଆମେରିକା କୌଣସି ଦଣ୍ଡାତ୍ମକ ପଦକ୍ଷେପ ନେଇନାହିଁ। କିଛିଦିନ ହେଲା ହ୍ୱାଇଟ୍ ହାଉସ୍ ବାଣିଜ୍ୟ ପରାମର୍ଶଦାତା ☞ପୃଷ୍ଠା-୪

# ତୋ ନମ୍ବର ଦେ, ମୋ ଚେହେରା ଦେଖିବୁ

**କର୍ତ୍ତବ୍ୟରତ ମହିଳା ଆଇପିଏସ୍ ଅଫିସରଙ୍କୁ ଫୋନ୍‌ରେ ଧମକାଇଲେ ଅଜିତ୍ ପାୱାର**



ଅଞ୍ଜନା କ୍ରିଷ୍ଣା



ଅଜିତ୍ ପାୱାର

**ମୁମ୍ବାଇ,୫ା୯**

ମୁଁ ତୋ ଉପରେ କାର୍ଯ୍ୟାନୁଷ୍ଠାନ ନେବି। ତୁ ମୋ ଚେହେରା ଦେଖିବାକୁ ଚାହୁଁଛୁ ତ? ତୋ ନମ୍ବର ଦେ ନଚେତ୍ ହ୍ୱାଟ୍‌ସଆପ୍ କଲ୍ କର। ତୋର ଏତେ ସାହସ ହୋଇଗଲାଣି କି? ଏହା ହେଉଛି ଜଣେ କର୍ତ୍ତବ୍ୟରତ ମହିଳା ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସରଙ୍କୁ ☞ପୃଷ୍ଠା-୪

## ଦିଲ୍ଲୀରେ ଆଜି



ଯମୁନା ନଦୀ ଜଳସ୍ତର ବଢ଼ିବାରେ ଲାଗିଥିବାରୁ ଉଛୁଳା ପାଣି ନୂଆଦିଲ୍ଲୀର ଓଭରବ୍ରିଜ୍‌ଗୁଡିକୁ ଛୁଇଁଛି। (ଫଟୋ– ଚମନ ଗୌତମ)

# ମୁମ୍ବାଇରେ ପଶିଛନ୍ତି ୧୪ ପାକିସ୍ତାନୀ ଆତଙ୍କବାଦୀ

■୩୪ ଗାଡ଼ିରେ ଖଞ୍ଜିଛନ୍ତି ୪୦୦ କେ.ଜି. ଆର୍‌ଡିଏକ୍ସ

■ହ୍ୱାଟ୍ସଆପ୍‌ରେ ବିସ୍ଫୋରଣ ଧମକ ମିଳିଥିବା କହିଲା ପୋଲିସ

ମୁମ୍ବାଇ,୫।୯

ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ୧୪ ପାକିସ୍ତାନୀ ଆତଙ୍କବାଦୀ ଅନୁପ୍ରବେଶ କରିଛନ୍ତି। ସେମାନେ ୩୪ଟି ଗାଡ଼ିରେ ୪୦୦ କେ.ଜି. ଓଜନର ରୟାଲ ଡିମୋଲିଶନ୍ ଏକ୍ସପ୍ଲୋସିଭ୍ (ଆର୍‌ଡିଏକ୍ସ) ଖଞ୍ଜିଛନ୍ତି। ମହାନଗରରେ ଶନିବାର ଅନନ୍ତ ଚତୁର୍ଥୀରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ମାନବ ବୋମା ବିସ୍ଫୋରଣ ଘଟାଇବେ, ଯହିଁରେ କୋଟିଏ ଲୋକଙ୍କ ମୃତ୍ୟୁ ଘଟିବ ବୋଲି ଗୁରୁବାର ଟ୍ରାଫିକ୍ ପୋଲିସ କଣ୍ଟ୍ରୋଲ ରୁମ୍‌ର ହ୍ୱାଟ୍ସଆପ୍ ହେଲ୍‌ପଲାଇନ୍ ନମ୍ବରକୁ ଧମକପୂର୍ଣ୍ଣ ମେସେଜ୍ ଆସିଥିବା ମୁମ୍ବାଇ ପୋଲିସ ଦାବି କରିଛି। ଏଭଳି ଧମକ ମିଳିବା ପରେ ବ୍ୟସ୍ତବହୁଳ ମୁମ୍ବାଇ ସହରରେ ହାଇ ଆଲର୍ଟ ଜାରି କରାଯାଇଥିବା କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ବିସର୍ଜନ ବେଳେ ମୁମ୍ବାଇ ସାରା ପର୍ଯ୍ୟାପ୍ତ ସୁରକ୍ଷା ବନ୍ଦୋବସ୍ତ ସହ ବ୍ୟାପକ ପୋଲିସ ମୁତୟନ କରାଯିବାକୁ ଯୋଜନା ହୋଇଛି। ଏପରି କି ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍)କୁ ମଧ୍ୟ ତଦନ୍ତରେ ନିୟୋଜିତ କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ମୁମ୍ବାଇରେ ଗଣେଶ ଉତ୍ସବ ଧୁମଧାମରେ ପାଳିତ ହୋଇଥାଏ। ଏହାର ଦଶମ ଦିନ ଅନନ୍ତ ଚତୁର୍ଥୀରେ ମୂର୍ତ୍ତି ବିସର୍ଜନ କରାଯାଏ। ଏହି ଅବସରରେ ଅନେକ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମୁମ୍ବାଇ ପୋଲିସର କହିବା ହେଲା, ମୁମ୍ବାଇ ବିସ୍ଫୋରଣରେ ୪୦୦ କେ.ଜି. ଆର୍‌ଡିଏକ୍ସ ବ୍ୟବହାର କରାଯିବ। ଏଥିରେ ୧ କୋଟି ଲୋକ ପ୍ରାଣ ହରାଇବେ ବୋଲି ହ୍ୱାଟ୍ସଆପ୍‌ରେ ଧମକ ଦିଆଯାଇଛି। ଉକ୍ତ ଧମକପୂର୍ଣ୍ଣ ମେସେଜ୍ ପଠାଇଥିବା ବ୍ୟକ୍ତି ଜଣକ 'ଲଶ୍କର–ଇ–ଜିହାଦୀ' ବୋଲି ନିଜ ପରିଚୟ ଦେଇଛନ୍ତି। ତେବେ କୌଣସି ପ୍ରକାର ଗୁଜବକୁ ବିଶ୍ୱାସ ନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିବା ଯୁଗ୍ମ ପୋଲିସ କମିଶନର (ଆଇନଶୃଙ୍ଖଳା) ସତ୍ୟନାରାୟଣ ଚୌଧରୀ ସୂଚନା ଦେଇଛନ୍ତି।

# ୨୨ ନଦୀରେ ପ୍ରବଳ ବନ୍ୟା ସ୍ଥିତି

### ୨୩ ଷ୍ଟେଶନରେ ସ୍ୱାଭାବିକଠାରୁ ଉପରେ ଜଳସ୍ତର ରେକର୍ଡ

ନୂଆଦିଲ୍ଲୀ,୫।୯(ପି.ଟି.)

ସାରା ଦେଶର ୨୨ ନଦୀ ମନିଟରିଂ ଷ୍ଟେଶନ୍‌ରେ ପ୍ରବଳ ବନ୍ୟା ସ୍ଥିତି ରେକର୍ଡ କରାଯାଇଥିବାବେଳେ ଅନ୍ୟ ୨୩ଟିରେ ଜଳସ୍ତର ସ୍ୱାଭାବିକଠାରୁ ଉପରେ ରହିଥିବା ଶୁକ୍ରବାର କେନ୍ଦ୍ରୀୟ ଜଳ କମିଶନ (ସିଡବ୍ଲ୍ୟୁସି) ପକ୍ଷରୁ ସୂଚନା ଦିଆଯାଇଛି। ଦୈନିକ ବନ୍ୟା ସ୍ଥିତି ରିପୋର୍ଟ ଅନୁସାରେ ବିହାର ଓ ଉତ୍ତର ପ୍ରଦେଶର ୮ଟି ଲେଖାଏ, ଗୁଜରାଟ, ଦିଲ୍ଲୀ, ଝାଡ଼ଖଣ୍ଡ, ଓଡ଼ିଶା, ରାଜସ୍ଥାନ ଓ ପଶ୍ଚିମବଙ୍ଗର ଗୋଟିଏ ଲେଖାଏ ଷ୍ଟେଶନରେ ପ୍ରବଳ ବନ୍ୟା ସ୍ଥିତି ରେକର୍ଡ କରାଯାଇଛି। ସେହିପରି ଆସାମ, ଜମ୍ମୁ–କଶ୍ମୀର, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗର ୨୩ ଷ୍ଟେଶନରେ ସ୍ୱାଭାବିକଠାରୁ ଉପରେ ବନ୍ୟା ଜଳ ରହିଥିବା ରେକର୍ଡ କରାଯାଇଛି। ୪୬ ଡ୍ୟାମ୍ ଓ ବ୍ୟାରେଜ୍ ପାଇଁ ଜଳସ୍ରୋତ ବୃଦ୍ଧି ପାଇବା ନେଇ ଇନ୍‌ଫ୍ଲୋ ଫୋରକାଷ୍ଟ ଜାରି କରାଯାଇଛି। ସେଗୁଡ଼ିକ ମଧ୍ୟରେ କର୍ଣାଟକର ୧୨, ତେଲଙ୍ଗାନାର ୬, ଆନ୍ଧ୍ର ପ୍ରଦେଶର ୫ ଏବଂ ମଧ୍ୟପ୍ରଦେଶ, ଗୁଜରାଟ, ତାମିଲନାଡୁ, ଓଡ଼ିଶା, ମହାରାଷ୍ଟ୍ର ଓ ଉତ୍ତରାଖଣ୍ଡର ଅନେକ ନଦୀବନ୍ଧ ଯୋଜନା ରହିଛି। ଡ୍ୟାମ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ପ୍ରଟୋକଲ ଅନୁସାରେ କାର୍ଯ୍ୟ କରି ତଳମୁଣ୍ଡରେ ବନ୍ୟା ନିରାକରଣ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

## ସୀମାରେ ବନ୍ୟା: ୧୧୦ କି.ମି. ତାରବାଡ଼ କ୍ଷତିଗ୍ରସ୍ତ

### ପାଣିଘେରରେ ୯୦ ବିଏସ୍‌ଏଫ୍ ଘାଟି

ଚଣ୍ଡିଗଡ଼,୫।୯

ପଞ୍ଜାବ ଓ ଜମ୍ମୁର ଫରୱାର୍ଡ ଅଞ୍ଚଳରେ ବନ୍ୟା ଯୋଗୁ ଅନ୍ତର୍ଜାତୀୟ ସୀମାର ଜିରୋ ଲାଇନ ନିକଟରେ ପ୍ରାୟ ୧୧୦ କିଲୋମିଟର ତାରବାଡ଼ କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ୯୦ଟି ଘାଟି ଓ ସୀମାନ୍ତ ପିଲରଗୁଡ଼ିକ ପାଣିରେ ବୁଡ଼ିରହିଛି। ପଞ୍ଜାବରେ ଥିବା ୮୦ କିଲୋମିଟର ଏବଂ ଜମ୍ମୁରେ ଥିବା ପ୍ରାୟ ୩୦ କିଲୋମିଟର ସୀମାନ୍ତ ତାରବାଡ଼ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। କେଉଁଠି ଏହା ପାଣିରେ ବୁଡ଼ିରହିଛି ତ କେଉଁଠି ଉପୁଡ଼ି ପଡ଼ିଛି କିମ୍ବା ଢଳିରହିଛି। ସେହିପରି ପଞ୍ଜାବ ସେକ୍ଟରରେ ୬୫ ଏବଂ ଜମ୍ମୁ ସେକ୍ଟରରେ ୨୦ଟି ବିଏସ୍‌ଏଫ୍ ପୋଷ୍ଟ ପାଣିଘେରରେ ରହିଛି। ଜଳସ୍ତର ବଢ଼ିବାରୁ ବିଏସ୍‌ଏଫ୍ ଯବାନମାନେ କମଲପୁରସ୍ଥିତ ଘାଟିରୁ ପଳାଇଥିବାବେଳେ ସେଠାରେ ଅମୃତସର ଜିଲା ଶାହଜାଦା ଗ୍ରାମର ଲୋକେ ଆଶ୍ରୟ ନେଇଛନ୍ତି। କର୍ତାରପୁର କରିଡର ନିକଟରେ ଥିବା ବିଏସ୍‌ଏଫ୍ ଘାଟିରେ ପାଣି ପଶିଯିବାରୁ ଯବାନମାନେ ଅସ୍ଥାୟୀ ଭାବେ ଡେରା ବାବା ନାନକସ୍ଥିତ ଗୁରୁଦ୍ୱାରା ଦରବାର ସାହିବକୁ ସ୍ଥାନାନ୍ତର ହୋଇଛନ୍ତି। ସୀମାନ୍ତ ଅଞ୍ଚଳରେ ଥିବା ଜମ୍ମୁର ପରଗ୍ୱାଲ ଗ୍ରାମରେ ଲୋକଙ୍କ ଘରେ ଓ କ୍ଷେତରେ ବନ୍ୟାପାଣି ପଶିବା ପରେ ସେମାନେ ନିଜର ଜିନିଷପତ୍ର ଓ ସ୍ମୃତିକୁ ଖୋଜୁଛନ୍ତି। ଗତ ମଙ୍ଗଳବାର ଚେନାବ ନଦୀରେ ବନ୍ୟା ଆସି ସେମାନଙ୍କ ଘରକରଣା ଜିନିଷ ଓ ଗୃହପାଳିତ ପ୍ରାଣୀଙ୍କୁ ଭସାଇ ନେଇଥିଲା।

## ଅନୁଟିନ ଚାର୍ନବିରାକୁଲ୍ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ନିର୍ବାଚିତ

ବ୍ୟାଙ୍କକ୍,୫।୯



ବରିଷ୍ଠ ରାଜନେତା ଅନୁଟିନ ଚାର୍ନବିରାକୁଲ୍ ଶୁକ୍ରବାର ପାର୍ଲାମେଣ୍ଟ ନିର୍ବାଚନରେ ବିଜୟୀ ହୋଇ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ପାର୍ଲାମେଣ୍ଟର ୪୯୨ ସକ୍ରିୟ ପ୍ରତିନିଧିଙ୍କ ମଧ୍ୟରୁ ଭୁମଜୈଥାଇ ପାର୍ଟି ନେତା ଅନୁଟିନ ୨୪୭ରୁ ଊର୍ଦ୍ଧ୍ୱ ଭୋଟ ପାଇଛନ୍ତି। ରାଜା ମହା ଭଜିରାଲୋଙ୍ଗକର୍ନଙ୍କଠାରୁ ଆନୁଷ୍ଠାନିକ ନିଯୁକ୍ତ ପାଇବା ପରେ ସେ କାର୍ଯ୍ୟଭାର ଗ୍ରହଣ କରିବେ। ଗତ ସପ୍ତାହରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ପ୍ରଧାନମନ୍ତ୍ରୀ ପାଏଟୋଙ୍ଗଟାର୍ନ ଶିନାୱାତ୍ରାଙ୍କୁ ବହିଷ୍କାର କରାଯାଇଥିଲା। ଶିନାୱାତ୍ରା ପଡୋଶୀ କାମ୍ବୋଡିଆ ସିନେଟ ଅଧ୍ୟକ୍ଷ ହୁନ୍ ସେନ୍‌ଙ୍କ ସହ ରାଜନୈତିକ ସାଲିସ୍‌ଯୁକ୍ତ ଫୋନ୍ କଲ୍ କରିଥିବାରୁ ନୈତିକ ଉଲ୍ଲଂଘନ ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଫୋନ୍ କଲ୍ ପ୍ରଘଟକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ଶିନାୱାତ୍ରାଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିବା ଅନୁଟିନ ନିଜ ପଦରୁ ଇସ୍ତଫା ଦେବା ସହ ମେଣ୍ଟ ସରକାରରୁ ତାଙ୍କ ଦଳର ସମର୍ଥନ ପ୍ରତ୍ୟାହାର କରିନେଇଥିଲେ। ସୂଚନାଯୋଗ୍ୟ, ଥାଇଲାଣ୍ଡରେ ଗଞ୍ଜେଇକୁ ଅପରାଧମୁକ୍ତ କରାଇବା ଲାଗି ସଫଳ ଅଭିଯାନର ନେତୃତ୍ୱ ନେଇ ୫୮ ବର୍ଷୀୟ ଅନୁଟିନ ବେଶ୍ ଜଣାଶୁଣା।

## ବୈଷୟିକ ତ୍ରୁଟିରୁ ଇନ୍ଦୋରରେ ବିମାନର ଜରୁରୀ ଅବତରଣ

### ବର୍ତ୍ତିଲେ ୧୬୧ ଯାତ୍ରୀ

ଭୋପାଳ,୫।୯

ଇଞ୍ଜିନ୍‌ରେ ବୈଷୟିକ ତ୍ରୁଟି କାରଣରୁ ଶୁକ୍ରବାର ସକାଳେ ନୂଆଦିଲ୍ଲୀରୁ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଇନ୍ଦୋରର ଦେବୀ ଅହଲ୍ୟାବାଈ ହୋଲ୍‌କର ଏୟାରପୋର୍ଟରେ ଜରୁରୀ ଅବତରଣ କରିଛି। ସକାଳ ୯ଟା ୫୪ ମିନିଟ୍ ସମୟରେ ଆଇଏକ୍ସ– ୧୦୨୮ ନମ୍ବର ବିଶିଷ୍ଟ ବିମାନ ନିରାପଦ ଅବତରଣ କରିଥିବାବେଳେ ସମସ୍ତ ୧୬୧ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ବିମାନ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଇଞ୍ଜିନ୍‌ରେ ବୈଷୟିକ ତ୍ରୁଟି ସମ୍ପର୍କରେ ପାଇଲଟ୍ ଇନ୍ଦୋର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ଅବଗତ କରାଇବା ସହ ଜରୁରୀ ଅବତରଣ ପାଇଁ ଅନୁମତି ମାଗିଥିଲେ। ଏଟିସି ଜରୁରୀ ଅବତରଣ ପାଇଁ ଅନୁମତି ଦେବା ସହ ଅଗ୍ନିଶମ ଗାଡ଼ି, ଆମ୍ବୁଲାନ୍ସ ଏବଂ ସିଆଇଏସ୍‌ଏଫ୍ ଯବାନଙ୍କ ସମେତ ଜରୁରୀ ଟିମ୍ ନିୟୋଜିତ କରିଥିଲା।

## ଶିଳ୍ପା ସେଟ୍ଟୀ, ରାଜ କୁନ୍ଦ୍ରାଙ୍କ ନାଁରେ ଲୁକ୍‌ଆଉଟ ନୋଟିସ

### ୬୦ କୋଟିର ଜାଲିଆତି ମାମଲା

ମୁମ୍ବାଇ,୫।୯(ପି.ଟି.)



୬୦ କୋଟି ଟଙ୍କାର ଜାଲିଆତି ମାମଲାରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଏବଂ ତାଙ୍କ ବ୍ୟବସାୟୀ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିରୋଧରେ ମୁମ୍ବାଇ ପୋଲିସ ଶୁକ୍ରବାର ଲୁକ୍ ଆଉଟ୍ ସର୍କୁଲାର (ଏଲ୍‌ଓସି) ଜାରି କରିଛି। ଏହି ଦମ୍ପତିଙ୍କର ବର୍ତ୍ତମାନ ବନ୍ଦ ଥିବା କମ୍ପାନୀ ବେଷ୍ଟ ଡିଲ୍ ଟିଭି. ପ୍ରା. ଲିଃ ସମ୍ପୃକ୍ତ ଥିବା ଏକ ଡିଲ୍‌ରେ ଜାଲିଆତି ଅଭିଯୋଗ ହୋଇଥିଲା। ଶିଳ୍ପା ଓ ରାଜ ବାରମ୍ବାର ବିଦେଶ ଗସ୍ତରେ ଯାଉଥିବାରୁ ସେମାନଙ୍କ ବିରୋଧରେ ମୁମ୍ବାଇ ପୋଲିସ୍‌ର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଏଲ୍‌ଓସି ଜାରି ହୋଇଛି। ଋଣ ତଥା ନିବେଶ ଚୁକ୍ତିନାମା ଆଳରେ ଜଣେ ବ୍ୟବସାୟୀଙ୍କଠାରୁ ପ୍ରାୟ ୬୦ କୋଟି ଟଙ୍କା ଠକେଇ ଅଭିଯୋଗରେ ଶିଳ୍ପା ଓ ତାଙ୍କ ସ୍ୱାମୀଙ୍କ ନାଁରେ ଅଗଷ୍ଟ ୧୪ରେ ଜୁହୁ ଥାନାରେ ମାମଲା ରୁଜୁ ହୋଇଥିଲା। କୌଣସି ବ୍ୟକ୍ତିଙ୍କୁ ଦେଶ ଛାଡ଼ିବାରୁ ରୋକିବା କିମ୍ବା ତାଙ୍କ ଗତିବିଧିକୁ ଟ୍ରାକ୍ କରିବା ପାଇଁ ଲୁକ୍‌ଆଉଟ୍ ସର୍କୁଲାର ଜାରି ଦ୍ୱାରା ଇମିଗ୍ରେଶନ ଓ ସୀମା ନିୟନ୍ତ୍ରଣ ପଏଣ୍ଟଗୁଡ଼ିକୁ ଆଲର୍ଟରେ ରଖାଯାଇଥାଏ।

ଲୋଟସ୍ କ୍ୟାପିଟାଲ ଫାଇନାନ୍ସ ସର୍ଭିସେସ୍ ଏକ ଅଣବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀର ନିର୍ଦ୍ଦେଶକ ଦୀପକ କୋଠାରୀ (୬୦) କୁନ୍ଦ୍ରା ଦମ୍ପତିଙ୍କ ନାମରେ ଠକେଇ ଅଭିଯୋଗ ଦାଏର କରିଥିଲେ। କୁନ୍ଦ୍ରା ଦମ୍ପତି ସେମାନଙ୍କ ହୋମ୍ ଶପିଙ୍ଗ ଏବଂ ଅନ୍‌ଲାଇନ ରିଟେଲ୍ କମ୍ପାନୀ ବେଷ୍ଟ ଡିଲ୍ ଟିଭି ପ୍ରା. ଲିଃ ପାଇଁ ରାଜେଶ ଆର୍ଯ୍ୟଙ୍କ ଜରିଆରେ କୋଠାରୀଙ୍କ ସଂସ୍ଥାରୁ ୭୫ କୋଟି ଟଙ୍କା ଋଣ ଚାହିଁଥିଲେ। ତଦନୁଯାୟୀ କୋଠାରୀଙ୍କ କମ୍ପାନୀ ସେମାନଙ୍କୁ ଦୁଇ କିସ୍ତିରେ ପାଖାପାଖି ୬୦ କୋଟି ଟଙ୍କା ଦେଇଥିଲା। ଋଣ ପରିଶୋଧ ପାଇଁ ବ୍ୟକ୍ତିଗତ ଗ୍ୟାରେଣ୍ଟି ଦେଇଥିବା ଶିଳ୍ପା ପରବର୍ତ୍ତୀ ସମୟରେ କମ୍ପାନୀ ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଥିଲେ। କୋଠାରୀ ବ୍ୟବସାୟ ପାଇଁ ଋଣ ଦେଇଥିଲେ ମଧ୍ୟ ତାହାକୁ ଅଭିଯୁକ୍ତ ବ୍ୟକ୍ତିଗତ କାମରେ ଲଗାଇଥିବା ସେ ଜାଣିବାକୁ ପାଇଥିଲେ। ଚୁକ୍ତି ମୁତାବକ ଋଣ ଅର୍ଥ ପରିଶୋଧ ନ ହେବାରୁ କୋଠାରୀ ମୁମ୍ବାଇ ପୋଲିସରେ ଅଭିଯୋଗ କରିଥିଲେ।

## ୪୫ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର

ନୂଆଦିଲ୍ଲୀ,୫।୯(ପି.ଟି.)

ଗୁରୁଦିବସ ଅବସରରେ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ୪୫ ଜଣ ଶିକ୍ଷକଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ଅବଦାନ ପାଇଁ ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଏହି ପୁରସ୍କାର ଜରିଆରେ ଶିକ୍ଷାଦାନର ନୂଆ ପଦ୍ଧତି, ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ଉଦ୍ୟମଠାରୁ ଭିନ୍ନ ଭିନ୍ନ ପରିବେଶରେ ଶିକ୍ଷାଗ୍ରହଣ ଉପଲବ୍ଧି ବଢ଼ାଇବା ଉଦ୍ୟମକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଅଭିନବ ଶିକ୍ଷାଶାସ୍ତ୍ରଠାରୁ ପ୍ରଥମ ପିଢ଼ି ଶିକ୍ଷାର୍ଥୀଙ୍କୁ ଅନୁପ୍ରାଣିତ କରିବା ପର୍ଯ୍ୟନ୍ତ ଦେଶର ପିଲାମାନଙ୍କ ମାନସିକତାକୁ ନୂଆ ରୂପ ଦେବାରେ ଏହି ପୁରସ୍କାରପ୍ରାପ୍ତ ଶିକ୍ଷକମାନଙ୍କର ପ୍ରମୁଖ ଭୂମିକା ରହିଛି। ପୁରସ୍କାର ପ୍ରଦାନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରସ୍କୃତ ହେବାକୁଥିବା ଶିକ୍ଷକମାନଙ୍କ ସହ କଥା ହୋଇଥିଲେ। ସ୍ୱଦେଶୀ ଉତ୍ପାଦଗୁଡ଼ିକର ପ୍ରଚାର ପ୍ରସାର ଏବଂ ମେକ୍ ଇନ୍ ଇଣ୍ଡିଆ ଏବଂ ଭୋକାଲ ଫର୍ ଲୋକାଲ ଆନ୍ଦୋଳନକୁ ସୁଦୃଢ଼ କରିବା ପାଇଁ ସେ ଶିକ୍ଷକମାନଙ୍କୁ କହିଥିଲେ।



ରଜନୀକାନ୍ତ

## ୧୧ରୁ ଓଟିଟିରେ 'କୁଲି'

ଚେନ୍ନାଇ

ସାଉଥ୍ ସୁପରଷ୍ଟାର ରଜନୀକାନ୍ତଙ୍କ ଆକ୍ସନ ଡ୍ରାମା ଫିଲ୍ମ 'କୁଲି' ଗତ ୧୪ ତାରିଖରେ ରିଲିଜ୍ ହୋଇଥିଲା। ବକ୍ସ ଅଫିସ୍‌ରେ ଏହି ଫିଲ୍ମକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ତେବେ ଏହି ଫିଲ୍ମ ରିଲିଜ୍ ହେବାର ପ୍ରାୟ ୨୦ ଦିନ ବିତିଯାଇଥିଲେ ସୁଦ୍ଧା ଯେଉଁ ଦର୍ଶକମାନେ ଫିଲ୍ମକୁ ପ୍ରେକ୍ଷାଳୟରେ ଦେଖିପାରି ନାହାଁନ୍ତି, ସେମାନଙ୍କ ନିମନ୍ତେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ଅପ୍‌ଡେଟ୍ ସାମ୍‌ନାକୁ ଆସିଛି। ଆସନ୍ତା ୧୧ ତାରିଖରୁ ଓଟିଟି ପ୍ଲାଟ୍‌ଫର୍ମ ଆମାଜନ ପ୍ରାଇମରେ 'କୁଲି' ଫିଲ୍ମ ଷ୍ଟ୍ରିମିଂ ହେବ। ଏନେଇ ଆମାଜନ ପ୍ରାଇମ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ସୂଚନା ଦିଆଯାଇଛି। ଲୋକେଶ କନଗ୍‌ରାଜ୍‌ଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିବା ଏହି ଫିଲ୍ମରେ ରଜନୀକାନ୍ତଙ୍କ ବ୍ୟତୀତ ଅଭିନେତ୍ରୀ ଶ୍ରୁତି ହାସନ, ଅଭିନେତା ନାଗାର୍ଜୁନ, ସତ୍ୟରାଜ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିଛନ୍ତି। ବିଭିନ୍ନ ରିପୋର୍ଟ୍ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା 'କୁଲି' ଫିଲ୍ମ କେବଳ ଭାରତୀୟ ସିନେମା ହଲ୍‌ଗୁଡିକରୁ ୨୮୧.୩୦ କୋଟି ଟଙ୍କା ରୋଜଗାର କରିଥିବା ବେଳେ ବିଶ୍ୱବ୍ୟାପୀ ଏହାର ବ୍ୟବସାୟ ୫୦୦ କୋଟି ଅତିକ୍ରମ କରିଛି।

### ଫୁରସତ୍

## ଟ୍ରାଫିକ୍ ଲାଇଟ୍ ନ ଥିବା ଦେଶ



ଥିମ୍ପୁ

ଟ୍ରାଫିକ୍ ଜାମ୍ ସମସ୍ୟାର ମୁକାବିଲା ପାଇଁ ବିଶ୍ୱର ପ୍ରତ୍ୟେକ ଦେଶର ବଡ଼ ବଡ଼ ସହରରେ ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ତେବେ ଏପରି ଏକ ଦେଶ ରହିଛି, ଯେଉଁଠାରେ ଗୋଟିଏ ବି ଟ୍ରାଫିକ୍ ଲାଇଟ୍ ନାହିଁ। ଏହାସତ୍ତ୍ୱେ ମଧ୍ୟ ସେଠାକାର ରାସ୍ତାରେ କୌଣସି ଟ୍ରାଫିକ୍ ଜାମ୍ ସ୍ଥିତି ସୃଷ୍ଟି ହୋଇ ନ ଥାଏ। ପ୍ରାୟ ୮ ଲକ୍ଷ ଜନସଂଖ୍ୟାବିଶିଷ୍ଟ ଭାରତର ପଡ଼ୋଶୀ ଦେଶ ଭୁଟାନରେ ଗୋଟିଏ ବି ଟ୍ରାଫିକ୍ ଲାଇଟ୍ ନାହିଁ। କୌଣସି ଟ୍ରାଫିକ୍ ଲାଇଟ୍ ନ ଥିବା ବିଶ୍ୱର ଏକମାତ୍ର ଦେଶ ଭାବେ ଭୁଟାନକୁ ବିବେଚନା କରାଯାଇଥାଏ। କମ୍ ଜନସଂଖ୍ୟା ଘନତ୍ୱ ଯୋଗୁ ଭୁଟାନରେ ଟ୍ରାଫିକ୍ ଜାମ୍ ସ୍ଥିତି ସୃଷ୍ଟି ହୋଇ ନ ଥାଏ ଏବଂ ଲୋକମାନେ ଆରାମରେ ଗାଡ଼ି ଚଳାଇଥାନ୍ତି। ସେହିପରି ଭୁଟାନରେ ଗାଡ଼ି ଚଳାଉଥିବା ସମୟରେ ଡ୍ରାଇଭରମାନେ ପଦଯାତ୍ରୀଙ୍କ ପ୍ରତି ବିଶେଷ ଦୃଷ୍ଟି ଦେଇଥାନ୍ତି।

ଭୁଟାନର ରାଜଧାନୀ ଥିମ୍ପୁ ହେଉଛି ବିଶ୍ୱର ଏକମାତ୍ର ରାଜଧାନୀ, ଯେଉଁଠାରେ କୌଣସି ଟ୍ରାଫିକ୍ ଲାଇଟ୍ ନାହିଁ। ତେବେ ଥିମ୍ପୁର ବିଭିନ୍ନ ଛକରେ ଟ୍ରାଫିକ୍ କର୍ମଚାରୀ ନିୟୋଜିତ ହୋଇ ଟ୍ରାଫିକ୍ ପରିଚାଳନା କରିଥାନ୍ତି। ରିପୋର୍ଟ ଅନୁଯାୟୀ, ୯୦ ଦଶକରେ ଥିମ୍ପୁରେ ଅସ୍ଥାୟୀ ଭାବରେ ଟ୍ରାଫିକ୍ ଲାଇଟ୍ ସିଷ୍ଟମ ସ୍ଥାପନ କରାଯାଇଥିଲା। ତେବେ ଭୁଟାନର ଲୋକମାନେ ସ୍ୱୟଂଚାଳିତ ଟ୍ରାଫିକ୍ ଲାଇଟ୍ ବ୍ୟବସ୍ଥା ଅପେକ୍ଷା ଟ୍ରାଫିକ୍ ପୋଲିସ କର୍ମଚାରୀଙ୍କ ଦ୍ୱାରା ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ପସନ୍ଦ କରିଥିଲେ, ଯାହାଫଳରେ ଥିମ୍ପୁରେ ଟ୍ରାଫିକ୍ ଲାଇଟ୍ ସିଷ୍ଟମକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ପ୍ରକାଶ ଯେ, ଉତ୍ତମ ଟ୍ରାଫିକ୍ ପରିଚାଳନା ନିମନ୍ତେ ୧୮୬୮ରେ ପ୍ରଥମଥର ପାଇଁ ଲଣ୍ଡନରେ ଟ୍ରାଫିକ୍ ଲାଇଟ୍ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଧୀରେ ଧୀରେ ଏହି ବ୍ୟବସ୍ଥାକୁ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଆପଣାଇଥିଲେ।





ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଶୁକ୍ରବାର ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି ମାଲକାନଗିରିର ଶିକ୍ଷକ ବସନ୍ତ କୁମାର ରଣା ଓ କୋରାପୁଟର ତରୁଣ କୁମାର ଦାସ। **(ଫଟୋ: ଚମନ ଗୌତମ)**

# ବର୍ଷା ଯୋଗୁ ଭୁବନେଶ୍ୱର ପରିବର୍ତ୍ତେ କୋଲକାତାରେ ଓହ୍ଲାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୯(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ୫ ଦିନିଆ ନୂଆଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ଶେଷକରି ଶୁକ୍ରବାର ଫେରୁଥିବା ବେଳେ ଖରାପ ପାଗ କାରଣରୁ ଭୁବନେଶ୍ୱର ବିମାନବନ୍ଦରରେ ଓହ୍ଲାଇପାରିଲେ ନାହିଁ। ସେ ବସିଥିବା ଏୟାର ଇଣ୍ଡିଆ ବିମାନ ୪୭୩ ଖରାପ ପାଗ କାରଣରୁ କୋଲକାତା ବିମାନବନ୍ଦରରେ ଅବତରଣ କଲା। ଏହାପରେ ଅନ୍ୟ ଏକ ବିମାନଯୋଗେ ମୁଖ୍ୟମନ୍ତ୍ରୀ କୋଲକାତାରୁ ବାହାରି ଭୁବନେଶ୍ୱରରେ ଧାର୍ଯ୍ୟ ସମୟଠାରୁ ବିଳମ୍ବରେ ପହଞ୍ଚିଥିଲେ। ବିମାନବନ୍ଦରଠାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଲାଗି ବହୁ ମନ୍ତ୍ରୀ ଏବଂ ବିଧାୟକ ପୂର୍ବରୁ ଭୁବନେଶ୍ୱର ବିମାନବନ୍ଦରଠାରେ ଉପସ୍ଥିତ ଥିଲେ। ସେଠାରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ। ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଏସ୍‌ଟି ସଂସ୍କାରରେ ଓଡ଼ିଶା ଲାଭାନ୍ୱିତ ହେବ। ବିଶେଷକରି ମଧ୍ୟବିତ୍ତ ଲୋକମାନେ ଉପକୃତ ହେବେ। ଜିଏସ୍‌ଟି କ୍ଷେତ୍ରରେ ଐତିହାସିକ ପରିବର୍ତ୍ତନ କେନ୍ଦ୍ର ସରକାର ଆଣିଛନ୍ତି। କେବଳ ୨ଟି ସ୍ଲାବ୍ କାର୍ଯ୍ୟକାରୀ ଦ୍ୱାରା ସମସ୍ତେ ଲାଭାନ୍ୱିତ ହେବେ। ଓଡ଼ିଶାର ୧୦ ଲକ୍ଷରୁ ଅଧିକ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ। କୋଇଲା କ୍ଷେତ୍ରରେ ଓଡ଼ିଶାକୁ ଅଧିକ ଲାଭ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଜିଏସ୍‌ଟି ସଂସ୍କାର ଯୋଗୁ ମଧ୍ୟବିତ୍ତ ବିଶେଷ ଉପକୃତ ହେବେ**

# ୫ ବିଭାଗରେ ଗଡୁଛି ୧୩ ହଜାର କୋଟିର 'ୟୁସି'

**ଭୁବନେଶ୍ୱର,୫।୯(ରବିନାରାୟଣ ଜେନା)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ରାଜ୍ୟକୁ ପ୍ରଦାନ କରାଯାଉଥିବା ଅର୍ଥର ବିନିଯୋଗ ପ୍ରମାଣପତ୍ର (ୟୁସି) ନିର୍ଦ୍ଦିଷ୍ଟ ସମୟ ଭିତରେ ଦିଆଯାଇପାରୁନାହିଁ। ଫଳରେ ୨୦୨୪-୨୫ ଆର୍ଥିକବର୍ଷ ସୁଦ୍ଧା ୧୬ହଜାର ୫୮୫କୋଟିରୁ ଅଧିକ ଟଙ୍କାର ବିନିଯୋଗ ପ୍ରମାଣପତ୍ର(ୟୁସି) ବିଭିନ୍ନ ବିଭାଗ ଉପରେ ବକେୟା ଗଡୁଛି। ସେଥିମଧ୍ୟରୁ କେବଳ ୫ଟି ବିଭାଗ ୭୮% ଅର୍ଥାତ୍ ୧୩ହଜାର କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦେଇନାହାନ୍ତି। ଏହାକୁ ନେଇ ରାଜ୍ୟ ପ୍ରମୁଖ ମହାଲେଖାକାର(ପିଏଜି)ଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି।

ପିଏଜିଙ୍କ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରୁ ନ ଥିବା ବିଭାଗ ମଧ୍ୟରେ ସର୍ବାଗ୍ରେ ରହିଛି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ। ମୋଟ ୧୩ହଜାର କୋଟିର ବକେୟା ୟୁସି ମଧ୍ୟରୁ ଏହି ବିଭାଗ ପ୍ରାୟ ୪୧% ୟୁସି ଦେଇପାରୁନାହିଁ। ସେହିପରି ନଗର ଉନ୍ନୟନ ବିଭାଗ ଉପରେ ୩୧% ଅର୍ଥର ବିନିଯୋଗ ପ୍ରମାଣପତ୍ର ବକେୟା ଗଡୁଥିବାବେଳେ ଯୋଜନା ଓ ସଂଯୋଜନ ବିଭାଗ ଉପରେ ୧୫%, ମିଶନ ଶକ୍ତି ଉପରେ ୭% ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଉପରେ ୬% ୟୁସି ବକେୟା ଗଡୁଛି।

ରିପୋର୍ଟ ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷ ସୁଦ୍ଧା ୧୦ହଜାର ୨୭୧ଟି କ୍ଷେତ୍ରରେ ୧୨ହଜାର ୮୪୮.୭୮କୋଟି ଟଙ୍କାର ବକେୟା ରହିଥିଲା। ୨୦୨୪-୨୫ ଆର୍ଥିକବର୍ଷରେ ୧୭୭୯ଟି ଆଇଟମ୍‌ରେ ୩ହଜାର ୭୩୬.୬୭କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦିଆଯାଇପାରିନାହିଁ। ଏହାକୁ ମିଶାଇ ୨୦୨୫ ମାର୍ଚ୍ଚ ସୁଦ୍ଧା ସମୁଦାୟ ୧୨ହଜାର ୫୦ଟି କାର୍ଯ୍ୟରେ ୧୬ହଜାର ୫୮୫.୪୫କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରାଯାଇ ନ ଥିବା ଜଣାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ବିକାଶ ଲାଗି ପଞ୍ଚାୟତିରାଜ ବିଭାଗ ଏବଂ ନଗର ଉନ୍ନୟନ ବିଭାଗର ବଡ଼ ଭୂମିକା ରହିଛି। ଉଭୟ ବିଭାଗ ପୂର୍ବ ସରକାର ସମୟରେ ଯେଉଁସବୁ ଖର୍ଚ୍ଚ କରିଛନ୍ତି ସେଥିମଧ୍ୟରୁ ଅଧିକାଂଶ ଅର୍ଥର ହିସାବ ଦେଇପାରୁ ନାହାନ୍ତି।

# ଜଳକାରେ ଚତୁର୍ଥ ବନ୍ୟା

**ବାଲେଶ୍ୱର,୫।୯(ବାଞ୍ଛାନିଧି ଦେ)**

- **ସତର୍କ ସଙ୍କେତ ତଳେ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା**
- **ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ**

ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ଜଳକା ନଦୀରେ ଚଳିତ ବର୍ଷ ଚତୁର୍ଥ ଥର ପାଇଁ ବନ୍ୟା ଆସିଛି। ବସ୍ତା ବ୍ଲକ ଦେଇ ପ୍ରବାହିତ ଏହି ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି। ଫଳରେ ବସ୍ତା ଓ ସଦର ବ୍ଲକର ୧୨ଟି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ତଳିଆ ଅଞ୍ଚଳ ସମେତ ଗାଁ ରାସ୍ତାରେ ୩ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଜଳସ୍ତର ସତର୍କ ସଙ୍କେତ ତଳେ ପ୍ରବାହିତ ହେଉଛି।

ମଥାନୀଠାରେ ଜଳକା ନଦୀର ସତର୍କ ସଙ୍କେତ ୬ ମିଟର ଓ ବିପଦ ସଙ୍କେତ ୬.୫ ମିଟର ରହିଛି। ଗୁରୁବାର ରାତି ୨ଟା ସମୟରେ ଜଳସ୍ତର ବିପଦ ସଙ୍କେତ ଟପି ୬.୫୬ ମିଟରରେ ପ୍ରବାହିତ ହେଉଥିଲା। ଶୁକ୍ରବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୭୯ ମିଟର ଏବଂ ରାତି ୭ଟା ସୁଦ୍ଧା ୬.୭୧ ମିଟରରେ ପହଞ୍ଚିଛି। ଫଳରେ ଜଳକା ନଦୀରେ ଚତୁର୍ଥ ଥର ବନ୍ୟା ଆସି ଚାଷୀଙ୍କ ଦୁର୍ଦ୍ଦଶା ବଢ଼ାଇଛି।

ବସ୍ତା ବ୍ଲକ ଅନ୍ତର୍ଗତ ବାହାର୍ଦ୍ଦା, କୁଡ଼ିଆ, ମଥାନୀ, ଦୁଧହଂସା, ରାଉତପଡ଼ା, ଗଡ଼ପଦା, ସଦାନନ୍ଦପୁର, ବ୍ରାହ୍ମଣଦା ସମେତ ସଦର ବ୍ଲକର ଶ୍ରୀରାମପୁର, ରସଲପୁର ଆଦି ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିଛି। ମଥାନୀ-ବାହାର୍ଦ୍ଦା ଚଟାଣ, ଗହୀର ସିମୁଳିଆ-ରାଉତପଡ଼ା ରାସ୍ତାରେ ୨/୩ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ଗାନ୍ଧିଛକସ୍ଥିତ ଇଲେକ୍ଟ୍ରିଅଫିସ୍, କୁଡ଼ିଆ ସ୍କୁଲ ଓ କୁଡ଼ିଆ ଗାଁରେ ବନ୍ୟାଜଳ ଲହଡ଼ି ମାରୁଛି। ନଦୀକୂଳିଆ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ୍ୟା ମୁକାବିଲା ପାଇଁ ପ୍ରଶାସନ ସଜାଗ ଥିବାବେଳେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମୁତୟନ ଥିବା ତହସିଲଦାର ସୁଶାନ୍ତ ପଟ୍ଟନାୟକ କହିଛନ୍ତି।

ସେହିପରି ବୁଢ଼ାବଳଙ୍ଗ ନଦୀର ୫ନଂ. ଜାତୀୟ ରାଜପଥ ଗୋବିନ୍ଦପୁର ଠାରେ ସତର୍କ ସଙ୍କେତ ୭.୨୧ ମିଟର ଓ ବିପଦ ସଙ୍କେତ ୮.୧୩ ମିଟର ରହିଛି। ଗୁରୁବାର ସନ୍ଧ୍ୟା ୫ଟା ସୁଦ୍ଧା ଜଳସ୍ତର ସତର୍କ ସଙ୍କେତ ଟପି ୭.୩୪ ମିଟରରେ ପ୍ରବାହିତ ହେଉଥିଲା। ଶୁକ୍ରବାର ଏହା ହ୍ରାସ ପାଇ ସନ୍ଧ୍ୟା ୬ଟା ସୁଦ୍ଧା ୬.୮୮ ମିଟର ରହିଛି। ସଦର ଓ ରେମୁଣା ବ୍ଲକର ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ବଇଞ୍ଚା ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅପରପକ୍ଷରେ ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ସତର୍କ ସଙ୍କେତ ୯.୪୫ ମିଟର ଓ ବିପଦ ସଙ୍କେତ ୧୦.୩୬ ମିଟର ରହିଛି। ଗୁରୁବାର ଅପରାହ୍ନ ୩ଟା ସୁଦ୍ଧା ଜଳସ୍ତର ୬.୬୦ମିଟରରେ ପ୍ରବାହିତ ହେଉଥିଲା। ଶୁକ୍ରବାର ଏହା ବୃଦ୍ଧି ପାଇ ସନ୍ଧ୍ୟା ୬ଟା ସୁଦ୍ଧା ୭.୫୬ମିଟରରେ ପହଞ୍ଚିଥିବା ଜଳସେଚନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସମସ୍ତ ଅଧିକାରୀଙ୍କୁ ମୁଖ୍ୟାଳୟ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟରେ ଗଡ଼ିବ ଆଉ ୬ଶହ ଇ-ବସ୍

**ଭୁବନେଶ୍ୱର,୫।୯(ବନ୍ଦନା ସେଠୀ)**

ପରିବେଶ ଅନୁକୂଳ ସାର୍ବଜନୀନ ପରିବହନ ସେବାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଣିକି ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସହରରେ ଗଡିବ ଆଉ ୬ଶହ ଇ-ବସ୍। ଏନେଇ ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ମୋଟ୍ ୬ଶହ ଇ-ବସ୍‌ମଧ୍ୟରୁ ରାଜ୍ୟ ସରକାର ୨ଶହଟି କିଣିବେ ଓ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆଉ ୪ଶହ ଇ-ବସ୍ କେନ୍ଦ୍ର ସରକାର ଯୋଗାଇଦେବେ। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁରରେ ୨୫ଟି ଇ-ବସ୍ ଚଳାଚଳ କରିବ। ଏହାପରେ ପର୍ଯ୍ୟାୟକ୍ରମେ ଝାରସୁଗୁଡା, କେନ୍ଦୁଝର, ବ୍ରହ୍ମପୁର ଏବଂ ଅନୁଗୋଳରେ ଚଳାଚଳ କରାଯିବ। ନିରାପଦ, ସୁଲଭ ଏବଂ ସବୁଜ ପରିବହନ ପ୍ରଦାନ ଲକ୍ଷ୍ୟରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏହାର 'ଆମ ବସ୍' ପଦକ୍ଷେପ ଅଧୀନରେ ଏହି ସେବାଗୁଡ଼ିକ ପରିଚାଳିତ କରିବ। ଓଡ଼ିଶା ପୂର୍ବରୁ ୪୫୦ଟି ଇ-ବସ୍ ସହିତ ସ୍ଥାୟୀ ଗତିଶୀଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରି ଇ-ବସ ପରିଚାଳନାରେ ଜାତୀୟ ସ୍ତରରେ ୫ମ ସ୍ଥାନ ହାସଲ କରିଛି। ସାରା ଦେଶରେ ପିଏମ୍-ଇ ବସ୍ ସେବା ଏବଂ ପିଏମ୍-ଇ ଡ୍ରାଇଭ୍ ଭଳି ପ୍ରମୁଖ ଯୋଜନା ଅଧୀନରେ ୧୪୩୨୯ଟି ଇ-ବସ୍ କାର୍ଯ୍ୟ କରୁଛି ବୋଲି ମନ୍ତ୍ରୀ ଡ. ମହାପାତ୍ର ସୂଚନା ଦେଇଛନ୍ତି।

# ପୋଲିସ ଗୁଳିରେ ୬ ମାଓବାଦୀଙ୍କ ମୃତ୍ୟୁ

**ମାଲକାନଗିରି,୫।୯(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଓ ଦାନ୍ତେୱାଡା ଜିଲାର ଆବୁଝମାଡ ଜଙ୍ଗଲରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ପୋଲିସ ଗୁଳିରେ ମୃତ୍ୟୁବରଣ କରିଥିବା ୬ ମାଓବାଦୀଙ୍କ ମୃତଦେହକୁ ସୁରକ୍ଷା କର୍ମୀ ଜଙ୍ଗଲରୁ ଉଦ୍ଧାର କରିଛନ୍ତି।

ଆବୁଝମାଡ ଜଙ୍ଗଲରେ ମାଓବାଦୀଙ୍କ ଏକ ବଡ଼ ଦଳ ଏକାଠି ହୋଇ ବୈଠକ ପାଇଁ ପ୍ରସ୍ତୁତି ଚାଲିଥିବା ଡିଆର୍‌ଜି ଯବାନମାନେ ଖବର ପାଇ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ସକାଳ ପ୍ରାୟ ୯ଟାରେ ଯବାନ ଓ ମାଓବାଦୀ ମୁହାଁମୁହିଁ ହୋଇଥିବା ବେଳେ ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଏହାର କିଛି ସମୟ ପରେ ଯବାନମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ଘଟଣାସ୍ଥଳରୁ ୬ଜଣ ମାଓବାଦୀଙ୍କ ମୃତଦେହ ମିଳିଛି। ତେବେ ଏହି ଗୁଳି ବିନିମୟରେ ମାଓବାଦୀଙ୍କ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ପୋଲିସ ସୂଚନା ଦେଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ନାରୀ ପତ୍ରିକା 'ବିଶ୍ୱେଶ୍ୱରୀ'ର ତୃତୀୟ ଲୋକାର୍ପଣ ଏବଂ ରାଜ୍ୟସ୍ତରୀୟ କବି-ଲେଖକ ସମାବେଶ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ସକାଳ ୯ଟା।
- ଓଡ଼ିଶା ଲେଖିକା ସଂସଦର ୩୩ତମ ପ୍ରତିଷ୍ଠା ଦିବସ ଓ ସାହିତ୍ୟ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ଶାନ୍ତିଲତା ଜୟନ୍ତୀ ଉତ୍ସବ-୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ-୨୦୨୫ ଦ୍ୱିତୀୟ ଦିବସ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ସ୍ମୃତି ଉତ୍ସବ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ପ୍ରଶାନ୍ତ କୁମାର ଓଝାଙ୍କ ବାସଭବନ, ନୀଳାଦ୍ରି ବିହାର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର
- ଏନ୍‌ଏସି ଘୋଷଣା ଦାବିରେ ଖଇରା ବନ୍ଦ, ସ୍ଥାନ:ଖଇରା ବଜାର ପ୍ରସ୍ତାବିତ ଏନ୍‌ଏସି ଅଧୀନରେ ଆସୁଥିବା ୩୯ ଗ୍ରାମ, ସମୟ:ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ଦିବସ,ସ୍ଥାନ:ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର,ସମୟ:ଅପରାହ୍ନ ୫ଟା।
- ୧୧ତମ ରେମୁଣା ନବମାତୃକା ପୂଜା ନିମନ୍ତେ ଖବରଦାତା ସମ୍ମିଳନୀ,ସ୍ଥାନ:କୋ ଅପରେଟିଭ୍ ବ୍ୟାଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।

## ଭଦ୍ରକ
- ପାନୀୟ ଜଳ ମାନ ପରୀକ୍ଷା ପାଇଁ ପ୍ରଶିକ୍ଷଣ, ସ୍ଥାନ: ବ୍ଲକ ମିଶନ ଶକ୍ତି ଭବନ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଜିଲା ବିଦ୍ୟାଳୟ ସମୂହ ଫୁଟବଲ, କବାଡି ଓ ଖୋ-ଖୋ ପ୍ରତିଯୋଗିତା, ସ୍ଥାନ:ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ବିଶୋଇ,ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସର, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ଐତିହାସିକ ଜାତୀୟ ନାଟ୍ୟ ମହୋତ୍ସବର ରାଲି,ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ସୃଜନ ବୈଠକ, ସ୍ଥାନ:ଚିତ୍ରଡ଼ା ସପ୍ଲାଇ ଛକ, ମୋରଡ଼ା,ସମୟ:ପୂର୍ବାହ୍ନ ୧୦ଟା।
- ସ୍ମାରକୀ ଭବାନୀପାଟଣା ପକ୍ଷରୁ ନାଟକ 'ଜାତି ନନ୍ଦିଘୋଷ', ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର
- ହିନ୍ଦୁ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜୟ ପ୍ରକାଶ ନଗର, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ସଭାଗୃହ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- ଗୁରୁପୂଜନ ଓ ମେଘ ମହ୍ଲାର ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ ଫୁଲବାଣୀ, ସମୟ: ସକାଳ ୯ ଟା।

## ଅନୁଗୋଳ
- ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ କଣିହାଁ ପକ୍ଷରୁ ପ୍ରଜାମଣ୍ଡଳର ୮୮ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କଣିହାଁ ପ୍ରଜାମଣ୍ଡଳ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ପୋଲିସ ପ୍ରଶାସନ ପକ୍ଷରୁ ବିଶ୍ୱକର୍ମା ପୂଜା ପାଇଁ ଆଇନଶୃଙ୍ଖଳା ସମୀକ୍ଷା ବୈଠକ, ସ୍ଥାନ: ପାରାଦୀପ ଆଦର୍ଶ ଥାନା, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ: ଜୟଦେବ ଭବନ ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ବିଶ୍ୱ ମେରୁଦଣ୍ଡ ଆଘାତ ସଚେତନତା ଦିବସ ପାଳନ, ସ୍ଥାନ: ପୁର୍ନବାସ, ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶିଶୁ ସାହିତ୍ୟିକ ବୀରକିଶୋର ପାଢ଼ୀଙ୍କ ସାରସ୍ୱତ ଅବଦାନ ଶୀର୍ଷକ ଆଲୋଚନା, ସ୍ଥାନ: ଜାରକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ସପ୍ତମ ଦିବସ, ସ୍ଥାନ:ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୭ଟା। ପ୍ରବଚନରେ ଶିଶୁପାଳ ବଧ, ଅବଧୂତ ଚରିତ, ସମୟ:ସନ୍ଧ୍ୟା ୭ ଟା।
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୫ମ ଦିବସ, ସ୍ଥାନ:ଗୋଡିପଡ଼ା ବଡ଼ଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ: ସକାଳ ୭ ଟା।
- ଅନନ୍ତ ବ୍ରତ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ମଧ୍ୟାହ୍ନ ୧୨ଟା୩୦।

## ରାୟଗଡ଼ା
- ଦୁର୍ଗା ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ପୂଜା, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ମୁନିଗୁଡା, ସମୟ: ସକାଳ ୯ଟା।
- କଳିଙ୍ଗ ବୈଶ୍ୟ ମହିଳା ସଂଘ ଘୁମୁସର ଅଞ୍ଚଳ କାର୍ଯ୍ୟ ନିର୍ବାହୀ କମିଟି ବୈଠକ, ସ୍ଥାନ: କଳିଙ୍ଗ ବୈଶ୍ୟ ସଂଘ ଗୃହ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ସଂଗଠନ ସୃଜନ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଏସି ଗେଷ୍ଟ ହାଉସ, ଗୁଡାରି, ସମୟ: ଅପରାହ୍ନ ୩ଟା।

## ନବରଙ୍ଗପୁର
- ଜିଲାପାଳଙ୍କ ଦ୍ୱାରା ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ଓ ୱାନଷ୍ଟପ ସେଣ୍ଟର ପରିଦର୍ଶନ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ଅପରାହ୍ନ ୩ଟା।

## କୋରାପୁଟ
- ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି, ସ୍ଥାନ: କନ୍‌ଫରେନ୍ସ ହଲ୍,କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟ ପରିଚାଳନା ବୈଠକ, ସ୍ଥାନ: ଲମତାପୁଟ ପ୍ରାଥମିକ ବିଦ୍ୟାଳୟ, ଚଣାବାଡ଼ ପଞ୍ଚାୟତ, ଦଶମନ୍ତପୁର ବ୍ଲକ, ସମୟ: ଅପରାହ୍ନ ୧ଟା ୩୦।
- ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ଅପରାହ୍ନ ୩ଟା ୩୦।
- ଏମ୍‌ପି ଏବଂ ବିଧାୟକଙ୍କ ସମୀକ୍ଷା ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ଦଶମନ୍ତପୁର, ସମୟ: ଅପରାହ୍ନ ୫ଟା।
- ଆମ ପୋଲିସ ସମିତି ବୈଠକ, ସ୍ଥାନ: ସୁନାବେଡା ଥାନା ପରିସର, ସୁନାବେଡ଼ା, ସମୟ: ଅପରାହ୍ନ ୫ଟା।
- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ସଂସଦ ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ: ଭଞ୍ଜ ମଣ୍ଡପ, ହାଲ ସୁନାବେଡା, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: ଜମାଦାରପାଲି ଏୟାର ଷ୍ଟ୍ରିପ, ସମୟ: ଅପରାହ୍ନ ୨ଟା ୪୫।
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମଲେଇ ମନ୍ଦିର ଦର୍ଶନ, ସ୍ଥାନ: ସମଲେଇ ମନ୍ଦିର, ସମୟ: ଅପରାହ୍ନ ୪ଟା ୫୦ଟା।
- ଭାଜପା ପକ୍ଷରୁ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ, ସ୍ଥାନ: ସମଲେଇ ମନ୍ଦିର ପାର୍କିଂ ପରିସର, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଆଦି କର୍ମଯୋଗୀ ଅଭିଯାନ ଜିଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଜିଲା ପଞ୍ଚାୟତ ସାଧନ କେନ୍ଦ୍ର, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୦ଟା ୩୦
- ଏଆଇଆଇସିସି ପର୍ଯ୍ୟବେକ୍ଷକଙ୍କ ଲୋଇସିଂହା ଗସ୍ତ: ସ୍ଥାନ: କଲ୍ୟାଣ ମଣ୍ଡପ,ଲୋଇସିଂହା, ସମୟ: ପୂର୍ବାହ୍ନ ୧୧ଟା
- ଜିଲା ଓକିଲ ସଂଘ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସିଭିଲ କୋର୍ଟ ପରିସରସ୍ଥ ବାର୍ ହଲ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା

## ରାଉରକେଲା
- ଅନନ୍ତ ବ୍ରତ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ସେକ୍ଟର ୧୯, ସମୟ: ସକାଳ ୯ଟା।
- ଏନ୍‌ଆଇଟି ସମାବର୍ତ୍ତନ ଉତ୍ସବ, ସ୍ଥାନ: ଏନ୍‌ଆଇଟି ଭୁବନେଶ୍ୱର ବେହେରା ପ୍ରେକ୍ଷାଳୟ, ସମୟ: ସକାଳ ୯ଟା ୩୦।
- ଷ୍ଟିଏ ୱାର୍କର୍ସ ଫେଡେରେଶନ ଅଫ୍ ଇଣ୍ଡିଆର ସର୍ବଭାରତୀୟ ସମ୍ମିଳନୀ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ଅନନ୍ତ ପୂଜା ମହୋତ୍ସବ,ସ୍ଥାନ: ତଳିପଡ଼ା ; ବଜରଙ୍ଗ ଛକ ; ଗାନ୍ଧିପଡ଼ା ; ଭୁଏପଡ଼ା, ବିଜେପୁର,ସମୟ:ସକାଳ ୮ଟା।
- ଅନନ୍ତ ବ୍ରତ ମହୋତ୍ସବ, ସ୍ଥାନ: ମଧ୍ୟପଡା, ବିଜେପୁର,ସମୟ:ସକାଳ ୮ଟା ୩୦।
- ଅନନ୍ତ ପୂଜା ମହୋତ୍ସବ, ସ୍ଥାନ:ମେହେର ଉପରପଡା, ବିଜେପୁର, ସମୟ:ସକାଳ ୯ଟା।
- ଅନନ୍ତମୁଖି ପୂଜା,ସ୍ଥାନ:ଖଜୁରଟିକ୍ରା, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ମା'ମାଣିକେଶ୍ୱରୀଙ୍କ ଛତରଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରାହ୍ମଣ ସମାଜ ପକ୍ଷରୁ ରକ୍ତଦାନ ଶିବିର, ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଧର୍ମଗଡ଼ ରୟାଲ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କାର ଭାରତୀ ପକ୍ଷରୁ କବି ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ
- ଗେହ୍ଲମା କଳାନିକେତନ ପକ୍ଷରୁ ନୂଆଁଖାଇ ଭେଟଘାଟ,ସ୍ଥାନ: ଗୁରୁ ଶ୍ରୀ ଭିକାରୀ ସିଂ ମଣ୍ଡପ ଟାଉନହଲ, ବୌଦ୍ଧ, ସମୟ: ଅପରାହ୍ନ ୫ଟା

## ସୁବର୍ଣ୍ଣପୁର
- ତରଭାରେ ଅନନ୍ତବ୍ରତ ପାଳନ ଓ ସାମୂହିକ ଭାଗବତ ପୁରାଣ ପଠନ, ସ୍ଥାନ-ରାଧାକୃଷ୍ଣ ମନ୍ଦିର ସମ୍ମୁଖ, ସମୟ: ସକାଳ ୯ଟା।
- ତରଭା ଶନି ମନ୍ଦିରଠାରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।।

## ନୂଆପଡ଼ା
- ମଦର ଟେରସା ସେବା ସଂଗଠନ ଓ ବାନରସେନା ନୂଆପଡା ମିଳିତ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଧାନ ମଣ୍ଡି ପ୍ରାଙ୍ଗଣ, ସମୟ: ସକାଳ ୯ଟା ୩୦।
- ଜିଲାରେ ଆବଶ୍ୟକ ରାସାୟନିକ ସାର ଯୋଗାଣ ପାଇଁ ବିଜେଡି ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍ଗଠନ ସୃଜନ ଅଭିଯାନକୁ ନେଇ କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଖୁଣ୍ଟିଆ ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା

# ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୫।୯(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ରଞ୍ଜିତ ଦେହୁରୀଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଯୁବତୀ ଜଣକ ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ରଞ୍ଜିତ ଘରେ ପଶି ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ସମ୍ପୃକ୍ତା ଯୁବତୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୫୮/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ମନୋଜ ପ୍ରଧାନ ପ୍ରକାଶ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାଇଗଣ ବାଇଗଣ**
**ନେଉଟ ଖାଇଲୁ ସେହି ତିଅଣ**
**ରୁଷିବାର କେଉଁ ଗୁଣ?**

ତରକାରିରେ ବାଇଗଣ ପଡ଼ି ରୋଷେଇ ହୋଇଥିବା ଦେଖି ରୁଷି କରି ଖାଉ ନ ଥିବା ବ୍ୟକ୍ତି ପୁଣି ସେଇ ତରକାରି ଖାଇବା ଅନେକଙ୍କ ଆଖିରେ ଭୃକୁଞ୍ଚନ ସୃଷ୍ଟି କରିଥାଏ। ସେଇ କଥା ତ ହେଲା, ଅଯଥା ଏତେ ସୁଆଙ୍ଗ କରି ଲାଭ କ'ଣ ମିଳିଲା ? ସାଧାରଣତଃ ଯେଉଁ କଥା ପାଇଁ ଜଣେ ରୁଷିଥାଏ ପୁନଶ୍ଚ ସେଇ କଥାକୁ ଆଦରିନେବା ବା ସାଦରେ ଗ୍ରହଣ କରିନେବା ବ୍ୟକ୍ତି ପକ୍ଷେ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଳଦ କମାଏ ଚଣା**
**ଘୋଡ଼ା ଖାଏ ଦାନା।**

ବଳଦ ଦିନରାତି କାମ କରି ମାଲିକର ଅର୍ଥ ଉପାର୍ଜନ କରିବାର ମାଧ୍ୟମ ପାଲଟିଥାଏ। ପରନ୍ତୁ ଘୋଡ଼ା ନିଜ ଶରୀରକୁ ହୃଷ୍ଟପୁଷ୍ଟ ରଖିବା ପାଇଁ ନିତି ପୁଷ୍ଟିକର ଖାଦ୍ୟ ଖାଇଚାଲିଥାଏ। ପରୋକ୍ଷରେ ଜଣକର କଷ୍ଟାର୍ଜିତ ଅର୍ଥ ଅନ୍ୟ ଜଣେ ଆରାମରେ ବସି ଉପଭୋଗ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ସରକାରୀ କାର୍ଯ୍ୟାଳୟରେ...

ତେଣୁ ସବୁ ବିଭାଗ ସେମାନଙ୍କ ଅଧୀନରେ ଆସୁଥିବା ସରକାରୀ ପ୍ରତିଷ୍ଠାନ ଏବଂ ପିଏସୟୁଗୁଡ଼ିକୁ ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍ ନେଟ୍‌ୱର୍କ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଚିଠିରେ କୁହାଯାଇଛି। ଇ ଆଣ୍ଡ ଆଇଟି ବିଭାଗ ପକ୍ଷରୁ ଉକ୍ତ ଚିଠି ଜାରି ହେବା ପରେ ସମବାୟ ବିଭାଗ ରେଜିଷ୍ଟ୍ରାର ତଥା ଆଇଏଏସ୍ ଅଫିସର ସିଦ୍ଧାର୍ଥ ଦାସ ସମସ୍ତ ଡିଆର୍‌ସିଏସ୍ ଏବଂ ଏଆର୍‌ସିଏସ୍‌ଙ୍କୁ ଚିଠି ଲେଖି କହିଛନ୍ତି, ଯେଉଁଠାରେ ଏପରି ସେବା ଉପଲବ୍ଧ ଏବଂ ବୈଷୟିକ ଭାବରେ ସମ୍ଭବ ସେଠାରେ ଇଣ୍ଟରନେଟ୍, ବ୍ରଡ୍‌ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ୍ ଏବଂ ଲିଜ୍ ଲାଇନ ସଂଯୋଗ ପାଇଁ ବିଏସ୍‌ଏନ୍‌ଏଲ୍ ସେବାର ବ୍ୟବହାର ସୁନିଶ୍ଚିତ କରିବେ। ତୁରନ୍ତ ସମୀକ୍ଷା ସହ ଚାଲୁଥିବା ସେବାରେ ବାଧା ସୃଷ୍ଟି ନ କରି ବିଏସ୍‌ଏନ୍‌ଏଲ୍ ସେବାକୁ ହସ୍ତାନ୍ତର କରିବେ। ଏନେଇ ଆସନ୍ତା ୩୦ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବେ। ବିଏସ୍‌ଏନ୍‌ଏଲ୍‌ର ବ୍ୟବହାର ନେଇ ଡିଆର୍‌ସିଏସ୍ ଏବଂ ଏଆର୍‌ସିଏସ୍ ସେମାନଙ୍କ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଜାରି କରିବେ ବୋଲି ସେ କହିଛନ୍ତି।

### ପ୍ରଥମରୁ ଦ୍ୱାଦଶ ...

ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କଫି ଟେବୁଲ ବୁକ ଉନ୍ମୋଚନ କରିବା ସହିତ 'ପଢିବା, ଗଢିବା ଓଡ଼ିଶା ଅଭିଯାନ'ର ଶୁଭାରମ୍ଭ କରି କହିଲେ, ଏହି ଅଭିଯାନ ଦ୍ୱାରା ସରଳ କାହାଣୀ ପୁସ୍ତକ ମାଧ୍ୟମରେ ପିଲାଙ୍କ ପଢିବା ଓ ବୁଝିବା ଶକ୍ତିକୁ ବିକଶିତ କରାଯାଇପାରିବ। ସେହିପରି ପ୍ରାଥମିକସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ୫ରୁ ୭ କୋଟି ଟଙ୍କା ଖର୍ଚ୍ଚରେ ୮୩୫ଟି ବିଦ୍ୟାଳୟ ନିର୍ମାଣ ପାଇଁ ସ୍ଥିର ହୋଇଛି। ଏଥିସହିତ ତିନି ବର୍ଷ ମଧ୍ୟରେ ପ୍ରାଥମିକସ୍ତରରେ ୪୫ ହଜାର ନିୟମିତ ଶିକ୍ଷକ ନିଯୁକ୍ତ ହେବେ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।
ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ 'ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରିଥିଲେ। ଶିକ୍ଷାଦାନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରି ପ୍ରଥମ ସ୍ଥାନରେ ଥିବା ଝାରସୁଗୁଡା ଜିଲାକୁ ୩ କୋଟି ଟଙ୍କା, ଦ୍ୱିତୀୟ ସ୍ଥାନରେ ଥିବା ଖୋର୍ଦ୍ଧା ଜିଲାକୁ ୨ କୋଟି ଏବଂ ତୃତୀୟ ସ୍ଥାନରେ ଥିବା ଜଗତ୍‌ସିଂହପୁର ଜିଲାକୁ ୧ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ୭୦ ଜଣ ଶିକ୍ଷକଙ୍କ ସମେତ ୩ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ୩ଜଣ ଜିଲା ଶିକ୍ଷା ଅଧିକାରୀ ଏବଂ ୧୦ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏଥିସହ ନିଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଅନୁସୂଚିତ ଜନଜାତି ବର୍ଗର ଦୁଇଜଣ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଲେ, ଆମ ସମାଜରେ ଗୁରୁ-ଶିଷ୍ୟ ପରମ୍ପରା ଆଦିମ କାଳରୁ ରହିଆସିଛି। ଶିକ୍ଷକମାନେ ବିଦ୍ୟାର୍ଥୀଙ୍କୁ ବ୍ୟକ୍ତି ନିର୍ମାଣ, ଶୃଙ୍ଖଳା, ଆଦର୍ଶ ସମାଜ ନିର୍ମାଣ ଆଦି ବିଷୟରେ ଶିକ୍ଷା ଦେଇ ସେମାନଙ୍କୁ ଗଢି ତୋଳିଥାନ୍ତି। ରାଜ୍ୟରେ ସର୍ବୋତ୍ତମ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଆମ ସରକାର ପ୍ରଚେଷ୍ଟା କରୁଛନ୍ତି। ଚାଇଲ୍ଡ ଟ୍ରାକିଂ ସର୍ଭେ ମାଧ୍ୟମରେ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରେଇ ଆଣିବା ପାଇଁ ଉଦ୍ୟମ କରାଯାଉଛି। ଶିକ୍ଷା ବିଭାଗର ବଜେଟରେ ସର୍ବାଧିକ ୩୧ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବାବେଳେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ତୋ ନମ୍ବର ଦେ, ...

ଫୋନ୍‌ରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ଧମକ, ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଅଜିତ୍‌ଙ୍କ ଏଭଳି ବ୍ୟବହାରକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଜିତ୍ ନିଜ ଦଳର ଚୋରମାନଙ୍କୁ ସୁରକ୍ଷା ଦେବାକୁ ଯାଇ ଜଣେ ମହିଳା ପୋଲିସ ଅଫିସରଙ୍କୁ ଧମକାଇବା ଦୁର୍ଭାଗ୍ୟଜନକ ବୋଲି ବିରୋଧୀ ସମାଲୋଚନା କରିଛନ୍ତି।

କେରଳର ଥିରୁଭାନ୍ତପୁରମ୍‌ରେ ଜନ୍ମିତ ଆଇପିଏସ୍ ଅଧିକାରିଣୀ ଅଞ୍ଜନା କ୍ରିଷ୍ଣା ମହାରାଷ୍ଟ୍ରର ସୋଲାପୁରସ୍ଥିତ କରମାଲାରେ ଡିଏସ୍‌ପି ଭାବେ ଅବସ୍ଥାପିତ ହୋଇଛନ୍ତି। ନିଜ ପ୍ରଶାସନିକ ଦକ୍ଷତା ଓ ସଚ୍ଚୋଟତାକୁ ନେଇ ଖ୍ୟାତିଲାଭ କରିଥିବା ଏହି ମହିଳା ପୋଲିସ ଅଫିସର କୁର୍ଦ୍ଧୁ ଗ୍ରାମରେ ବେଆଇନ ମୋରମ ଖନନ ବନ୍ଦ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଗୁରୁବାର ସେ ଏହି କାର୍ଯ୍ୟରେ ନିୟୋଜିତ ଥିବାବେଳେ ଏନ୍‌ସିପି କର୍ମୀମାନେ ତାଙ୍କୁ ବିରୋଧ କରିଥିଲେ। ସେମାନଙ୍କ ମଧ୍ୟରୁ ଅଜିତ୍‌ଙ୍କ ଜଣେ ସମର୍ଥକ ତାଙ୍କୁ ମୋବାଇଲ୍ ଫୋନ୍ ଧରାଇ କଥା ହେବାକୁ କହିଥିଲେ। ତେବେ ଅଞ୍ଜନା ଅଜିତ୍‌ଙ୍କ ସ୍ୱର ବାରିପାରି ନ ଥିଲେ ଏବଂ ତାଙ୍କୁ ନିଜ ସେଲ୍‌ଫୋନ୍‌କୁ କଲ୍ କରିବାକୁ କହିଥିଲେ। ଉପମୁଖ୍ୟମନ୍ତ୍ରୀ ଅଜିତ୍ ଏଥିରେ ଉତ୍ତ୍ୟକ୍ତ ହୋଇ କହିଥିଲେ, ମୁଁ ତୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବି। ତୋ ମୋବାଇଲ ନମ୍ବର ଦେ ନଚେତ ହ୍ୱାଟ୍ସଆପ୍ କଲ୍ କର। ମୋ ଚେହେରା ତୋ ସାମ୍ନାକୁ ଆସିଯିବ ବୋଲି ସେ ଧମକ ଦେଇଥିଲେ। ଏହାକୁ ନେଇ ବିବାଦ ଉଠିବାରୁ ଅଜିତ୍ ଶୁକ୍ରବାର ଅପରାହ୍ନରେ ନିଜ 'X' ହ୍ୟାଣ୍ଡେଲରେ ସଫେଇ ଦେଇଛନ୍ତି। ସ୍ୱଚ୍ଛତା ବଜାୟ ରଖିବା ସହ ବେଆଇନ କାର୍ଯ୍ୟକଳାପକୁ ରୋକିବା ପ୍ରତି ସେ ପ୍ରତିଶ୍ରୁତିବଦ୍ଧ। ଆଇନ ପ୍ରବର୍ତ୍ତନ କ୍ଷେତ୍ରରେ ହସ୍ତକ୍ଷେପ କରିବା ତାଙ୍କ ଉଦ୍ଦେଶ୍ୟ ନ ଥିଲା, ବରଂ ସ୍ଥିତିକୁ ଶାନ୍ତ କରିବା ପାଇଁ ସେ ଏପରି କହିଥିବା ଅଜିତ୍ ସ୍ପଷ୍ଟୀକରଣ ଦେଇଛନ୍ତି।

### ଆମେ ଚାଇନା ...

ପିଟର ନାଭାରୋଙ୍କ ସମେତ ଟ୍ରମ୍ପ ପ୍ରଶାସନର କେତେଜଣ ଅଧିକାରୀ ଭାରତକୁ ଟାର୍ଗେଟ କରି ଅପମାନଜନକ ଶବ୍ଦ ବ୍ୟବହାର କରିଆସୁଛନ୍ତି। ଭାରତର ବଡ଼ ତୈଳ ଲବି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରକୁ ବୃହତ ବିଶୋଧନ କେନ୍ଦ୍ରରେ ପରିଣତ କରିଦେଇଛି ଓ ତୈଳରୁ ସଂଗୃହୀତ ଅର୍ଥ କ୍ରେମଲିନ୍ ପାଇଁ ଟଙ୍କା ମେଶିନ୍‌ରେ ପରିଣତ ହୋଇଥିବା ନାଭାରୋ ଗତ ସପ୍ତାହରେ କହିଥିଲେ।

ସାଂଘାଇ ସମିଟ୍‌ରେ ଯଦିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଧିକ ସୁରକ୍ଷା ସୁନିଶ୍ଚିତ କରାଇବା ଏବଂ ଆର୍ଥିକ ପରିପୂରକତା ଉପରେ ଗୁରୁତ୍ୱ ଦିଆଯାଇଥିଲା, ତେବେ ମୋଦି, ପୁଟିନ୍ ଓ ଜିନ୍‌ପିଙ୍ଗଙ୍କ ମଧ୍ୟରେ ବନ୍ଧୁତ୍ୱ ପ୍ରଦର୍ଶନ ଅଧିକ ଦୃଷ୍ଟି ଆକର୍ଷଣ କରିବା ସହ ୩ ପ୍ରମୁଖ ଶକ୍ତି ଏକାଠି ହେବାର ସଙ୍କେତ ଦେଇଥିଲା। ମୋଦି ଓ ପୁଟିନ୍ ହାତ ଧରାଧରି ହୋଇ ଜିନ୍‌ପିଙ୍ଗଙ୍କ ପାଖକୁ ଯିବା ଓ ୩ ଜଣ ଭଲ ବନ୍ଧୁ ଭାବେ ଏକାଠି ଛିଡ଼ାହେବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସମିଟ୍‌ରେ ଉଦ୍‌ବୋଧନ ଦେଇ ଜିନ୍‌ପିଙ୍ଗ ଗ୍ଲୋବାଲ ସାଉଥ୍‌କୁ ପ୍ରାଥମିକତା ଦେଇ ନୂଆ ବୈଶ୍ୱିକ ସୁରକ୍ଷା ଆର୍ଥିକ ଶୃଙ୍ଖଳା ଉପରେ ନିଜ ଦୃଷ୍ଟିଭଙ୍ଗୀ ସମ୍ପର୍କରେ କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶନିଙ୍କ କ୍ଷେତ୍ରରେ ଚନ୍ଦ୍ର ରହିଥିବାରୁ ମାନସିକ ଉଦାସୀନତା ସୃଷ୍ଟି କରିବ। ଫଳତଃ କୌଣସି କାମ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପନ୍ନ କରିପାରିବେ ନାହିଁ। କୌଣସି ପୂର୍ବ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ କଳହର ଆଶଙ୍କା ଦେଖାଦେଇପାରେ। ନିଜ ଲୋକମାନେ ଅନ୍ୟମାନଙ୍କ କାନକୁହା କଥା ଶୁଣି ଦୂରେଇ ଯାଇପାରନ୍ତି।

**ବୃଷ** ସମ୍ପର୍କୀୟଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମ ଗୁଡ଼ିକ ସହଜରେ ସମ୍ପନ୍ନ କରିପାରିବେ। କୌଣସି ଦୂରାଗତ ବନ୍ଧୁଙ୍କ ସହ ଦେଖା ଆପଣଙ୍କ ଯାତ୍ରାକୁ ବିଳମ୍ବିତ କରିଦେବ। ଶୁକ୍ର ପ୍ରଭାବରେ ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ସଭାସମିତିରୁ ସଫଳତା ମିଳିବ। ମାଲିମକଦ୍ଦମା ତ୍ୱରାନ୍ୱିତ ହେବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ।

**ମିଥୁନ** ଅଷ୍ଟମ ଚନ୍ଦ୍ର ପ୍ରଭାବରୁ ମାନସିକ ସ୍ଥିତି ଭଲ ରହିବ। ବକେୟା ଅର୍ଥ ପାଇପାରିବେ। ଆଜି ଫେରନ୍ତା ବାଟରେ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରହେବା ସହ ଆଶା ପୂରଣ ହୋଇଯିବ। ରାଜନୈତିକ କ୍ଷେତ୍ରରେ ଅନ୍ୟର ମନଗଢ଼ା କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି।

**କର୍କଟ** ଧନାଧିପ ଧନଭାବସ୍ଥ ଯୋଗୁ ବନ୍ଧୁଙ୍କ ପ୍ରେରଣାରେ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିପାରନ୍ତି। କରଜ ଦେଇଥିବା ଟଙ୍କା ପାଇବା ସକାଶେ ଯୁକ୍ତିତର୍କ କରିବାକୁ ପଡ଼ିପାରେ। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ। ନିର୍ମାଣ, ପ୍ରକାଶନ, ସଙ୍ଗଠନରେ ଉପୁଜିଥିବା ସମସ୍ୟା ସମାଧାନ ହୋଇଯିବ।

**ସିଂହ** ବୁଧାଦିତ୍ୟ ଯୋଗ ପ୍ରଭାବରୁ କାର୍ଯ୍ୟଦକ୍ଷତା ଓ ଦୃଢ଼ ମନୋବଳ ପ୍ରତ୍ୟେକ କାମକୁ ସାକାର କରିପାରିବ। ଆଜିର ଯାତ୍ରାରେ ସହଜରେ ଅଭିଳଷିତ ଫଳ ପାଇବେ। ଈର୍ଷା ଓ ଅସୂୟାଭାବ ପୋଷଣ କରି ଆତ୍ମୀୟମାନେ ସମାଲୋଚନା କରିପାରନ୍ତି। ପରିବହନ, ନିର୍ମାଣ ,ବାଣିଜ୍ୟ, ବ୍ୟବସାୟ ସକାଶେ କୌଣସି ପ୍ରତିବନ୍ଧକ ରହିବ ନାହିଁ।

**କନ୍ୟା** ତୃତୀୟ ଅଷ୍ଟମାଧିପ ରାଶିରେ ଥିବାରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବନ୍ଧୁ ଅନୁପସ୍ଥିତ ରହିପାରନ୍ତି। ପିଲାଙ୍କ ଅସନ୍ତୋଷଜନକ କାର୍ଯ୍ୟକଳାପ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। ରୋଗର ପୀଡ଼ାରୁ ଶାରୀରିକ ଦୁର୍ବଳତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହେବାର ସୂଚନା ରହିଛି।

**ତୁଳା** ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରେ ନିଜ ଲୋକମାନେ ଶତ୍ରୁତା କଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଝଗଡ଼ାର ଆଶଙ୍କାକୁ ଏଡାଇ ହେବ ନାହିଁ। କର୍ମକ୍ଷେତ୍ରର ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କଚେରି ମାମଲା, ଅସମ୍ପୂର୍ଣ୍ଣ କାମ ଯୋଗୁ କିମ୍ବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାରୁ ଚିନ୍ତା ବଢ଼ିପାରେ।

**ବିଛା** ଶନିଦୃଷ୍ଟ ମଙ୍ଗଳ ହେତୁ ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ମନରେ ଉଦ୍‌ବେଗ ସୃଷ୍ଟି କରିବ। ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପାରେ। ଦୀର୍ଘଦିନରୁ ରହିଆସିଥିବା ଋଣ ପରିଶୋଧ କରିବା ସକାଶେ ଚିନ୍ତିତ ରହିପାରନ୍ତି।


**ଧନୁ** ଶନିଙ୍କ ପ୍ରଭାବରେ ପାରିବାରିକ କ୍ଷେତ୍ରରେ ମନମୁଖି ଶାସନଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ ମନକୁ ହାଲୁକା କରିବାରେ ସହାୟକ ହେବ। ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ବିଷୟରେ ବନ୍ଧୁଙ୍କ ପରାମର୍ଶ ନେବାର ସୁଯୋଗ ମିଳିବ। ଭାବପ୍ରବଣତାରେ କୌଣସି ଭୁଲ୍ କାମ କରିପାରନ୍ତି।

**ମକର** ବଳବାନ୍ ମଙ୍ଗଳଙ୍କ ପ୍ରଭାବରେ ପ୍ରତିକୂଳ ପରିସ୍ଥିତିକୁ ଦୂରେଇବାରେ ସମର୍ଥ ହେବେ। ଅର୍ଥ, ଜମିଜମା, ବିବାଦୀୟ ବିଷୟ ପ୍ରଭୃତିରେ ବନ୍ଧୁଙ୍କ ପରାମର୍ଶ ଗ୍ରହଣ କରିବା ଠିକ୍ ହେବ। ଶିକ୍ଷା, ଶିଳ୍ପ, ବ୍ୟବସାୟ, ଗବେଷଣାରେ ଉନ୍ନତି ଘଟିବ। ନିର୍ମାଣାଧୀନ କାମ, ବନ୍ଧୁଙ୍କ ନିମନ୍ତ୍ରଣ, ଜମିଜମା ସମ୍ପର୍କୀୟ ଆଲୋଚନା ଅମୀମାଂସିତ ରହିଯିବ।

**କୁମ୍ଭ** ଚନ୍ଦ୍ରଙ୍କ ଶୁଭ ସଂସ୍ଥାନରୁ ଆଜିର ପ୍ରତ୍ୟୁଷ ଯାତ୍ରା , ନିର୍ମାଣ, ବ୍ୟବସାୟ ଅନୁକୂଳ ରହିବ। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଚୁକ୍ତିପତ୍ର, କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଋଣଭାର ଚିନ୍ତାରେ ମନ ଭାରାକ୍ରାନ୍ତ ରହିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମୀନ** କେନ୍ଦ୍ରସ୍ଥ ବୃହସ୍ପତି ଯୋଗୁ ଦୀର୍ଘ ଦିନରୁ ଚିନ୍ତା କରିଥିବା ଯୋଜନା ସକାଶେ ମନ ବଳାଇପାରନ୍ତି। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜିବୁଲିବେ। ପିଲାମାନଙ୍କୁ କେନ୍ଦ୍ରକରି ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିବାର ସୂଚନା ରହିଛି।

ଆଜି ସେପ୍ଟେମ୍ବର ୬ ତାରିଖ, ଭାଦ୍ରବ ଶୁକ୍ଳପକ୍ଷର ଅନନ୍ତ ଚତୁର୍ଦ୍ଦଶୀ, ଶନିବାର, ଅନନ୍ତବ୍ରତ, ଶ୍ରୀଲିଙ୍ଗରାଜ ଦେବଙ୍କ ପାର୍ଶ୍ୱପରିବର୍ତ୍ତନ ଉତ୍ସବ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶରଣଂ, ରାଶିନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ.୧୧।୨୦ ଗତେ କୁମ୍ଭଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୨ ଗତେ ଘ.୧୨।୫୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୨ ମଧ୍ୟେ ରାହୁକାଳ।




# ସୂଚନା କମିଶନଙ୍କ କାର୍ଯ୍ୟଶୈଳୀରେ ସଂସ୍କାର ଜରୁରୀ

ଗତ ଅଗଷ୍ଟ ୨୨, ୨୦୨୫ରେ ଭୁବନେଶ୍ୱରଠାରେ 'ଓଡ଼ିଶା ସୂଚନା କମିଶନଙ୍କ କାର୍ଯ୍ୟଧାରା, କାର୍ଯ୍ୟଶୈଳୀ, ମାମଲା ଶୁଣାଣି ପ୍ରକ୍ରିୟା ଓ କେସ୍ ଫଇସଲା' ସମ୍ପର୍କରେ ଏକ ରାଜ୍ୟସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜ୍ୟରେ ଗତ ଦୁଇ ଦଶନ୍ଧି ଧରି ସୂଚନା ଅଧିକାର ଆଇନକୁ କ୍ରିୟାଶୀଳ କରାଇବା ଓ ଜନସାଧାରଣଙ୍କୁ ଆଇନ ସମ୍ପର୍କରେ ସଚେତନ କରାଇବା ଦିଗରେ କାର୍ଯ୍ୟ କରିଆସୁଥିବା 'ଓଡ଼ିଶା ସୂଚନା ଅଧିକାର ଅଭିଯାନ' ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୂଚନା କମିଶନଙ୍କ କାର୍ଯ୍ୟଶୈଳୀ ଓ କେସ୍ ଶୁଣାଣି ପାଇଁ ଅନୁସୃତ ପଦ୍ଧତି ଓ କେସ୍ ଫଇସଲା ଅର୍ଡର କେତେଦୂର ଲୋକାଭିମୁଖୀ ହୋଇପାରିଛି ସେ ସମ୍ପର୍କରେ ବିଚାରବିମର୍ଶ କରିବା ଓ ଭୁଲ୍ ତ୍ରୁଟିର ସୁଧାର ପାଇଁ ସୂଚନା କମିଶନ ଓ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ଥିଲା ଏହି ଜନଶୁଣାଣି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୦୨୫ରେ ରାଜ୍ୟ ସରକାର ମୁଖ୍ୟ ସୂଚନା କମିଶନରଙ୍କ ସମେତ ତିନି ଜଣ ସୂଚନା କମିଶନରଙ୍କୁ ନିଯୁକ୍ତି ଦେଇଛନ୍ତି। ଆଗରୁ ଦୁଇ ଜଣ ସୂଚନା କମିଶନର କାର୍ଯ୍ୟ କରି ଆସୁଛନ୍ତି। ସୂଚନା ଅଧିକାର ଆଇନର ଧାରା ୧୮, ୧୯, ୨୦ ଅନୁଯାୟୀ ସୂଚନା କମିଶନ ଅଭିଯୋଗ/ଦ୍ୱିତୀୟ ଅପିଲ କେସ୍‌ଗୁଡ଼ିକର ଶୁଣାଣି କରିବେ, ଅପିଲକାରୀ/ଅଭିଯୋଗକାରୀ ନାଗରିକମାନଙ୍କୁ ସୂଚନା ପ୍ରଦାନ କରାଇବେ, ଆଇନ ଉଲ୍ଲଂଘନକାରୀ ପି.ଆଇ.ଓ.ଙ୍କ ବିରୋଧରେ ଦଣ୍ଡବିଧାନ କରିବେ ଓ ଆବଶ୍ୟକସ୍ଥଳେ କ୍ଷତିଗ୍ରସ୍ତ ନାଗରିକଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବେ ଇତ୍ୟାଦି।

ଜନ ଶୁଣାଣି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ଆସିଥିବା ସୂଚନା ଅଧିକାର କର୍ମୀ, ସାଧାରଣ ଲୋକେ, କମିଶନଙ୍କଠାରୁ ନ୍ୟାୟ ପାଇବାରୁ ବଞ୍ଚିତ ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି, ତଥ୍ୟ ସଂଗ୍ରହକାରୀ ନାଗରିକ, ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା କମିଶନଙ୍କ ଆଇନ ବିରୋଧୀ କାର୍ଯ୍ୟ କେସ୍ ଶୁଣାଣି ଓ ଫଇସଲାରେ ଚରମ ବିଫଳତା, ତଥ୍ୟ ପ୍ରଦାନ ନ କରି କେସ୍ ଖାରଜ କରିବା, ଅନେକ ଶହ ମାମଲା ବିନା ଶୁଣାଣିରେ ବନ୍ଦ କରିଦେବା ଇତ୍ୟାଦି ଅଭିଯୋଗ ଦେଖିବାକୁ ମିଳିଥିଲା।

ବରଗଡ଼ ଜିଲାର ଅର୍ଦ୍ଧେନ୍ଦୁ ବେହେରା ୨୧ ଜୁଲାଇ ୨୦୨୫ରେ ସୂଚନା କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟକୁ ଆଧାର କରି ମେ'ରୁ ଜୁଲାଇ ମଧ୍ୟରେ ସୂଚନା କମିଶନରମାନେ ଆଦୌ ଶୁଣାଣି ନ କରି ୮୦୦ କେସ୍ ଖାରଜ କରିଦେଇଛନ୍ତି ବୋଲି କହିଛନ୍ତି, ଯାହାକି ସୂଚନା କମିଶନଙ୍କ ଇତିହାସରେ ଏକ ବିରଳ ଘଟଣା। ଅଭିଯୋଗକାରୀମାନଙ୍କ ନିକଟକୁ କମିଶନ ପଠେଇଥିବା ତାଙ୍କ ଅର୍ଡରରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୧ ମସିହାରେ ମଣିପୁର ସୂଚନା କମିଶନ ବନାମ ମଣିପୁର ରାଜ୍ୟ ସରକାରଙ୍କ କେସ୍‌ରେ ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ କମିଶନ ଏପରି ନିଷ୍ପତ୍ତି ନେଇଛନ୍ତି। ବାସ୍ତବରେ ସୁପ୍ରିମକୋର୍ଟଙ୍କ ଏହି ରାୟରେ କମିଶନ ଅଭିଯୋଗ କେସ୍‌ଗୁଡ଼ିକୁ ଶୁଣାଣି ନ କରି ମନଇଚ୍ଛା ଖାରଜ କରିବେ ବୋଲି କିଛି ଉଲ୍ଲେଖ ନାହିଁ। ବରଂ ସୁପ୍ରିମକୋର୍ଟ କେସ୍ ଶୁଣାଣି କରି ଆଇନ ଉଲ୍ଲଂଘନକାରୀ ପିଆଇଓଙ୍କ ବିରୋଧରେ ଦଣ୍ଡବିଧାନ କରିପାରିବେ ବୋଲି କହିଛନ୍ତି। କିନ୍ତୁ ସୂଚନା କମିଶନ ସୁପ୍ରିମକୋର୍ଟଙ୍କ ରାୟର ଅପବ୍ୟାଖ୍ୟା କରି କମିଶନ ଏପରି ଆଇନ ବିରୋଧୀ କେସ୍ ଖାରଜ ନିଷ୍ପତ୍ତି ନେଇଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ। ଜନଶୁଣାଣିରେ ପ୍ରାୟ ସମସ୍ତ ଅଂଶଗ୍ରହଣକାରୀ ଏହିପରି ଅଭିଯୋଗ କରିବା ସହ ଖାରଜ ହୋଇଥିବା ୮ ଶହ କେସ୍‌ର ଶୁଣାଣି କରି ଫଇସଲା କରିବାକୁ ଦାବି କରାଯାଇଥିଲା।

ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ ପାକଳ, ସୁବାସ ପ୍ରଧାନ ପ୍ରମୁଖ ସୂଚନା କମିଶନ କିପରି କେସ୍ ଶୁଣାଣି ସମ୍ପର୍କରେ ମତାମତ ଲୋଡ଼ିଛନ୍ତି ତାହା ଦର୍ଶାଇଥିଲେ। ଗତ ଜୁନ୍ ଓ ଜୁଲାଇରେ ସୂଚନା କମିଶନ ଅଭିଯୋଗକାରୀ/ଅପିଲକାରୀମାନଙ୍କ ନିକଟକୁ ଏକ ଚିଠି ଲେଖି କମିଶନ ଜଣାଇଛନ୍ତି ଯେ, ୨୦୨୧ ଓ ୨୦୨୨ ମସିହାର ୬ ହଜାର କେସ୍‌କୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆପଣମାନଙ୍କର ଏହି କେସ୍ ଶୁଣାଣି ନେଇ ଆଗ୍ରହ ଅଛି କି ନାହିଁ ଅଗଷ୍ଟ ୧୫ ସୁଦ୍ଧା ଲେଖିକରି ଜଣାଇବେ। ନଚେତ୍ ଖାରଜ କରିଦିଆଯିବ। କମିଶନଙ୍କ ଏହି ଚିଠିଟି ଏକ ଭୁଲ୍ ଓ ଆଇନ ବିରୋଧୀ ବୋଲି ସେମାନେ ଦର୍ଶାଇଥିଲେ। ଓଡ଼ିଶା ସୂଚନା କମିଶନ (ଅପିଲ ଶୁଣାଣି ପ୍ରକ୍ରିୟା) ନିୟମାବଳୀ, ୨୦୦୬ ଅନୁଯାୟୀ ନାଗରିକଙ୍କଠାରୁ ଦ୍ୱିତୀୟ ଅପିଲ / ଅଭିଯୋଗ ଗ୍ରହଣ କଲାପରେ ସୂଚନା କମିଶନ ପଞ୍ଜୀକୃତ କରିବେ ଏବଂ କେସ୍ ଶୁଣାଣି ପାଇଁ ନୋଟିସ୍ କରିବେ। ଅଭିଯୋଗକାରୀ / ଅପିଲକାରୀ ଶୁଣାଣି ସମୟରେ ଉପସ୍ଥିତ ରହିପାରନ୍ତି ବା ନ ରହିପାରନ୍ତି। କିନ୍ତୁ ସେମାନଙ୍କଠାରୁ ଶୁଣାଣି ପାଇଁ ଉପଯୁକ୍ତ ସୁଯୋଗ ଦେଇ ଆଇନ ଅନୁଯାୟୀ କମିଶନ କେସ୍ ଫଇସଲା କରିବେ। ତେଣୁ ସୂଚନା କମିଶନ ୬ ହଜାର କେସ୍‌କୁ ବନ୍ଦ କରିବା ପାଇଁ ଜାରି କରିଥିବା ଏହି ଚିଠି ଆଇନ ବିରୋଧୀ ଏବଂ ଏହାର ପ୍ରତ୍ୟାହାର ଜରୁରୀ ବୋଲି କହିଥିଲେ। ତେଣୁ ସୂଚନା କମିଶନଙ୍କ କାର୍ଯ୍ୟଶୈଳୀରେ ସଂସ୍କାର ଆବଶ୍ୟକ ପଡ଼ିଲାଣି।

**-ପ୍ରଦୀପ ପ୍ରଧାନ**
ମୋ.ନଂ.-୯୯୩୭୮୪୩୪୮୨

# ମ୍ୟାଲେରିଆରେ ରାୟଗଡ଼ା ଜିଲା ରାଜ୍ୟରେ ପ୍ରଥମ

ରାୟଗଡ଼ା,୫।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ମ୍ୟାଲେରିଆ ପିଛା ଛାଡୁନାହିଁ। ରାୟଗଡ଼ା ଜିଲା ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟାରେ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ୨୦୨୫ ଜାନୁଆରୀରୁ ଜୁଲାଇ ପର୍ଯ୍ୟନ୍ତ ଜିଲାରେ ମ୍ୟାଲେରିଆ ସ୍ଥିତି ଉଦ୍‌ବେଗଜନକ ରହିଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଜାନୁଆରୀରୁ ଜୁଲାଇ ମଧ୍ୟରେ ଜିଲାରେ ମୋଟ ୮୩୯୭ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏହା ୨୦୨୩ରେ ମ୍ୟାଲେରିଆ ଆକ୍ରାନ୍ତଙ୍କଠାରୁ ଦୁଇ ଗୁଣ ଅଧିକ ଏବଂ ୨୦୨୪ରେ ମ୍ୟାଲେରିଆ ଆକ୍ରାନ୍ତଙ୍କଠାରୁ ୨୦୦୦ରୁ ଊର୍ଦ୍ଧ୍ୱ ବୋଲି ଜଣାପଡ଼ିଛି। ୨୦୨୩ ଜାନୁଆରୀରୁ ଜୁଲାଇ ମଧ୍ୟରେ ୪୮୪୪ ଏବଂ ୨୦୨୪ ଜାନୁଆରୀରୁ ଜୁଲାଇ ମଧ୍ୟରେ ୬୦୮୮ ଜଣ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିଲେ। ଜିଲାରେ ପାହାଡ଼ିଆ ମାଳ ଅଞ୍ଚଳରେ ବୋହୁଥିବା ଝରଣା କୂଳରେ ମଶାବଂଶ ବୃଦ୍ଧି ଓ ଦୂଷିତ

## ଜୁଲାଇ ମଧ୍ୟରେ ୮,୩୯୭ ଆକ୍ରାନ୍ତ

ପରିବେଶ କାରଣରୁ ମ୍ୟାଲେରିଆ ବ୍ୟାପୁଥିବା ସ୍ୱାସ୍ଥ୍ୟ ବିଭାଗ ଦାୟୀ କରିଛି। ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉପଯୁକ୍ତ ସମୟରେ ମଶାରି ବଣ୍ଟନ କରା ନ ଯାଇ ବିଳମ୍ବରେ ପ୍ରଦାନ କରାଯିବା ମଧ୍ୟ ମ୍ୟାଲେରିଆ ବଢ଼ିବାର ମୁଖ୍ୟ କାରଣ ବୋଲି ସ୍ୱାସ୍ଥ୍ୟ ଅଧିକାରୀମାନେ ପ୍ରକାଶ କରିଛନ୍ତି।

୨୦୧୬-୧୭ରେ ରାୟଗଡ଼ା ଜିଲା ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟାରେ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ୫ମକୁ ଖସିଥିଲା। ହେଲେ ୨୦୨୫ରେ ପୁନର୍ବାର ଏହି ଜିଲା ପ୍ରଥମ ସ୍ଥାନରେ ରହିଛି। ଅଗଷ୍ଟ ମାସର ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗ ହାତକୁ ଆସି ନ ଥିବା ବେଳେ ମ୍ୟାଲେରିଆ ନିୟନ୍ତ୍ରଣ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହୁଛନ୍ତି। ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ଜିଲାରେ ଥିବା ୧୧ଟି ସିଏଚ୍‌ସି ସମେତ ଗୁଣପୁର ଓ ରାୟଗଡ଼ା ସହରାଞ୍ଚଳରେ ମୋଟ ୩ ଲକ୍ଷ ୪୪ହଜାର ୮୩୮ଜଣଙ୍କ ନମୁନା ପରୀକ୍ଷଣ ହୋଇଥିବା ବେଳେ ସେଥିରୁ ୮୩୯୭ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ରହିଥିବା ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୫ ଜାନୁଆରୀଠାରୁ ଜୁଲାଇ ମଧ୍ୟରେ କାଶୀପୁର ସିଏଚ୍‌ସିରେ ସର୍ବାଧିକ ୧୩୦୨, ମୁନିଗୁଡ଼ାରେ ୧୨୨୨ ଏବଂ ଗୁଡ଼ାରିରେ ୧୦୨୦ ଜଣ ମ୍ୟାଲେରିଆ ଆକ୍ରାନ୍ତ ରହିଥିବା ନେଇ ପରୀକ୍ଷଣରୁ ଜଣାପଡ଼ିଛି। କେବଳ ଗଉରପୁର ସହରାଞ୍ଚଳରେ ୩୧ଜଣ ସୀମିତ ରହିଥିବା ବେଳେ ଅନ୍ୟ ସମସ୍ତ ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଛି। କଲ୍ୟାଣସିଂହପୁରରେ ୯୦୨, ଚନ୍ଦ୍ରପୁରରେ ୭୭୩, ଜେମାଦେଈପେଣ୍ଟରେ ୭୬୯, ବିଷମକଟକ ସିଏଚ୍‌ସିରେ ୬୬୬, କୋଲନରାରେ ୫୮୭, ପଦ୍ମପୁରରେ ୪୯୪, ଜଗନ୍ନାଥପୁରରେ ୨୫୧ ଏବଂ ରାମନାଗୁଡ଼ାରେ ୨୩୫, ରାୟଗଡ଼ା ସହରାଞ୍ଚଳରେ ୧୩୮ଜଣ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ମ୍ୟାଲେରିଆ ନିୟନ୍ତ୍ରଣକୁ ନେଇ ରାୟଗଡ଼ା ଏଡିଏମ୍‌ଓ ଡ. ପ୍ରଦୀପ୍ତ ସୁବୁଦ୍ଧିଙ୍କୁ ପଚାରିବାରୁ ଲୋକେ ମଶାରି ରଖିଥିଲେ ମଧ୍ୟ ଏହାର ବ୍ୟବହାର କରୁ ନ ଥିବା ଏବଂ ଚଳିତ ବର୍ଷ ମଶାରି ବଣ୍ଟନ ବିଳମ୍ବରେ ହେବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି କହିଛନ୍ତି। କିନ୍ତୁ ଏବେ ମଶାରି ବଣ୍ଟନ ସରିଛି ଏବଂ ମ୍ୟାଲେରିଆ ଉପରେ ନିୟନ୍ତ୍ରଣ ମଧ୍ୟ ରହିଛି ବୋଲି ଡ. ସୁବୁଦ୍ଧି କହିଛନ୍ତି। ଏଥିସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ସବୁବେଳେ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ଲୋକେ ସେତିକି ସଚେତନ ହେବା ଆବଶ୍ୟକ ରହିଛି। ଲୋକେ ନିୟମିତ ନିଜ ପାଖ ପରିବେଶକୁ ସ୍ୱଚ୍ଛ ରଖିବା ସହ ଜ୍ୱର ଓ ରୋଗ ହେଲେ ତୁରନ୍ତ ନିଜ ଅଞ୍ଚଳର ଆଶାକର୍ମୀଙ୍କୁ ଯୋଗାଯୋଗ କରିବା ସହ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ଆବଶ୍ୟକ ବୋଲି କହିଛନ୍ତି।

# ପାହାଡ଼ ଧସି ଯାତାୟାତ ଠପ୍

ଛେଣ୍ଡିପଦା,୫।୯ (ଅଜିତ ଧଳ)

ଲଗାଣ ବର୍ଷା ଯୋଗୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାସ୍ଥିତ ଦେବୀନଗର ପାହାଡ଼ରୁ ଶୁକ୍ରବାର ଭୋର୍ ସମୟରେ ବିରାଟ ମାଟି ଅତଡ଼ା ଧସି ରାସ୍ତା ଉପରେ ପଡ଼ିଥିଲା। ଫଳରେ ପାତ୍ରପଡ଼ାର ପର୍ଯ୍ୟଟନସ୍ଥଳୀ ମା' ବାୟାଣୀ ପୀଠରୁ କିଶୋରନଗର ବ୍ଲକ ହଣ୍ଡପାସ୍ଥିତ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘସମୟ ଅବରୋଧ ହୋଇଥିଲା। ସକାଳୁ ରାସ୍ତା ବନ୍ଦ ହୋଇଯିବା ଫଳରେ ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା। ପରେ ପୂର୍ବତନ ଅଧ୍ୟକ୍ଷ ଲୋକନାଥ ସାହୁ, ସାମାଜିକ କର୍ମୀ ହିମାଂଶୁ ସ୍ୱାଇଁ ଓ ସମିତିସଭ୍ୟ ଦିପକ କୁମାର ସାହୁଙ୍କ ସମେତ ପାତ୍ରପଡ଼ା ଗ୍ରାମବାସୀ, ଯୁବ ଗୋଷ୍ଠୀ ଜେସିବି ମେସିନ ଓ ଟ୍ରାକ୍ଟର ସହାୟତାରେ ରାସ୍ତାରୁ ମାଟି ସଫା କରିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା।







ଲୋକସେବା ଭବନଠାରେ ଶୁକ୍ରବାର ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନଙ୍କ ସହ ପୁରସ୍କୃତ ଶିକ୍ଷୟିତ୍ରୀଶିକ୍ଷକ।




# ପୋଖରୀରେ ବୁଡ଼ି ୨ ଭାଇଙ୍କ ମୃତ୍ୟୁ

ଭବାନୀପାଟଣା,୫।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଗୁଞ୍ଜିପଦର ଗ୍ରାମରୁ ଶୁକ୍ରବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଗାଁ ମୁଣ୍ଡ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ୨ ନାବାଳକ ଭାଇଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗ୍ରାମର ଭବାନୀ ଶଙ୍କର ରଣାଙ୍କ ପୁଅ ଜଗନ୍ନାଥ ରଣା (୧୨) ଓ ରାଧାକାନ୍ତ ରଣା (୯)।



ମୃତ ୨ ଭାଇ

ପାଣିରେ ବୁଡ଼ିଯିବା ଖବର ପାଇ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତ ଅବସ୍ଥାରେ ୨ ଭାଇଙ୍କୁ ଉଦ୍ଧାର କରିଥିଲା। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଏ ନେଇ ଭବାନୀପାଟଣା ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୫) ରୁଜୁ ହୋଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ସ୍କୁଲ ଛାତରୁ ପ୍ଲାଷ୍ଟର ଖସି ୩ ଛାତ୍ରୀ ଆହତ

**ବାସୁଦେବପୁର,୫।୯(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କିସ୍ମତକୃଷ୍ଣପୁର ଗ୍ରାମର ବୋହୂମା ଘେରି ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଛାତରୁ ପ୍ଲାଷ୍ଟର ଖସି ୩ ଛାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ବାଲ୍‌ବାଟିକାର ଶକୁନ୍ତଳା ମଣ୍ଡଳ, ଶୁଭଶ୍ରୀ କଳା ଓ ତୃତୀୟ ଶ୍ରେଣୀର ଶ୍ରାବଣୀ କଳା। ଛାତ୍ରୀଛାତ୍ର ଗୁରୁଦିବସ ପାଳନ କରିସାରି ମଧ୍ୟାହ୍ନଭୋଜନ ଖାଇ ହାତ ଧୋଉଥିଲେ। ଏହି ସମୟରେ ସ୍କୁଲ ଛାତରୁ ପ୍ଲାଷ୍ଟର ଖଣ୍ଡ ଖସି ଛାତ୍ରୀମାନଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ସେମାନଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନେ ଘରକୁ ଫେରିଛନ୍ତି। ଛାତ ପୁରୁଣା ହୋଇଥିବାରୁ ତାହାକୁ ଭାଙ୍ଗିଦେବାକୁ ବିଇଓ ଏବଂ ଜିଲାପାଳଙ୍କୁ ଅବଗତ କରାଯାଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ ମାଝୀ କହିଛନ୍ତି।

# ହୀରାକୁଦ: ପୁଣି ଖୋଲିଲା ୮ ସ୍ଲୁଇସ୍ ଗେଟ୍

ସମ୍ବଲପୁର,୫।୯(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ଲଘୁଚାପଜନିତ ବର୍ଷା ଯୋଗୁ ମହାନଦୀରେ ଜଳ ପ୍ରବାହ ପରିମାଣ ବୃଦ୍ଧି ପାଇଛି। ଫଳରେ ଶୁକ୍ରବାର ଜଳଭଣ୍ଡାରର ପୁଣି ୮ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରୁ ମୋଟ ୨୪ଟି ସ୍ଲୁଇସ୍ ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟା ଜାରି ରହିଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପୂର୍ବାହ୍ନରେ ପ୍ରଥମେ ୪ଟି ଓ ଅପରାହ୍ନରେ ଆଉ ୪ଟି ମିଶି ଦୁଇଟି ପର୍ଯ୍ୟାୟରେ ୮ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ରୁଲକର୍ଭ ଅନୁସାରେ ଆଗୁଆ ବ୍ୟବସ୍ଥା ସ୍ୱରୂପ ଜଳସ୍ତର ନିୟନ୍ତ୍ରଣ ପାଇଁ ହୀରାକୁଦ ଜଳଭଣ୍ଡାରକୁ ଖାଲି କରିବା ଲକ୍ଷ୍ୟରେ ୨୪ଟି ସ୍ଲୁଇସ୍ ଗେଟ୍ ଜରିଆରେ ଜଳ ନିଷ୍କାସନ ଆରମ୍ଭ ହୋଇଛି। ଗୁରୁବାର ପର୍ଯ୍ୟନ୍ତ ହୀରାକୁଦ ଜଳଭଣ୍ଡାରରୁ ୧୬ଟି ସ୍ଲୁଇସ୍ ଗେଟ୍ ଜରିଆରେ ବନ୍ୟାଜଳ ନିଷ୍କାସନ ହେଉଥିଲା।

ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରେ ହସ୍ତଗତ ସବିଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳ ପତ୍ତନ ୬୨୬.୫୮ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୩ ଲକ୍ଷ ୯୯ ହଜାର ୨୯୫ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୪ ଲକ୍ଷ ୨୪ ହଜାର ୭୦୫ ଘନଫୁଟ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ଜଳଭଣ୍ଡାରର ବାମ ପାର୍ଶ୍ୱସ୍ଥ ୧୬ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ୮ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ୩ ଲକ୍ଷ ୮୮ ହଜାର ୩୬୮ ଘନଫୁଟ୍, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୨,୦୮୯ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୧୪ ଘନଫୁଟ୍ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୩୩୨୩, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୮୧ ଘନଫୁଟ୍ ଜଳ ମିଶି ମୋଟ୍ ୪୦୩୪ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ବୁର୍ଲାସ୍ଥିତ ହୀରାକୁଦ ବନ୍ଧ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ଅବବାହିକା ପରିଚାଳକ ଇଂ. ସୁଶୀଲ ବେହେରା କହିଛନ୍ତି, ଆବଶ୍ୟକତା ଦୃଷ୍ଟିରୁ ହୀରାକୁଦ ଜଳଭଣ୍ଡାରର ୨୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି।



" ସାଂପ୍ରଦାୟିକ ବିବାଦ ହେଲା- କଳସମାନଙ୍କ ଭିତରେ ବିବାଦ। କୋଉ କଳସରେ ଅମୃତ ରହିବ- ତାହା ନେଇ ବିବାଦ। କିନ୍ତୁ ଆମର କାର୍ଯ୍ୟ ହେଲା ଅମୃତ -ରସ ସଂଗ୍ରହ କରିବା। ତାହା ଯେଉଁ କଳସରେ ଥାଉ। ଅନ୍ୟକାର୍ଯ୍ୟଟି ହେଲା ଅମୃତତ୍ୱ ଅର୍ଜନ କରିବା। -ଶ୍ରୀଅରବିନ୍ଦ

-ଅଘୋର ଚତୁର୍ଦ୍ଦଶୀ, ଅନନ୍ତ ବ୍ରତ ଓ ଶ୍ରୀ ଦୁର୍ଗା ଓ ଶିବଙ୍କ ପାର୍ଶ୍ୱପରିବର୍ତ୍ତନ



# ଲାଟେରାଲ ଏଣ୍ଟ୍ରିରେ ଶିଥିଳତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାର ୨୦୧୮ରେ ଲାଟେରାଲ ଏଣ୍ଟ୍ରି ଯୋଜନା ଆରମ୍ଭ କରିଥିଲେ। ବାହାରୁ ବିଶେଷଜ୍ଞଙ୍କୁ ଆଣି ନିଯୁକ୍ତି ଦେଇ ସେମାନଙ୍କ ନୂତନ ଧାରଣାକୁ ନେଇ ଭାରତୀୟ ଶାସନର ଦୃଢ଼ ଢାଞ୍ଚାରେ ପରିବର୍ତ୍ତନକରିବା ସକାଶେ ସରକାର ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଏହି ପଦକ୍ଷେପ ଆକର୍ଷଣୀୟ ଥିଲା। ଜଟିଳ ଓ ଅନାବଶ୍ୟକ ସରକାରୀ ନିୟମ ତଥା ପ୍ରକ୍ରିୟାକୁ ଶେଷକରି ଘରୋଇ କ୍ଷେତ୍ରର ବିଶେଷଜ୍ଞଙ୍କୁ ଅଣାଯାଇଥିଲା। କିନ୍ତୁ ୭ବର୍ଷ ପରେ ଏହି ଯୋଜନା ଶିଥିଳ ପଡ଼ିଗଲାଣି। ଏହାର କ୍ରମବିକାଶ ହେବ ବୋଲି ଯାହା ଦାବି କରାଯାଉଥିଲା ତାହା ହେଲା ନାହିଁ। ଏହାର ଗୋଟିଏ କାରଣ ହେଉଛି ସରକାର ସଂରକ୍ଷଣ ବିତର୍କରେ ସମ୍ପୂର୍ଣ୍ଣ ଭାବେ ଫସିଯାଇଛନ୍ତି। ଲାଟେରାଲ ପଦବୀକୁ 'ଏକକ-ପଦବୀ କ୍ୟାଡର' ଆଖ୍ୟା ଦେଇ ସାମ୍ବିଧାନିକ କୋଟା ସୀମା ବାହାରେ ଏହା କରିଛନ୍ତି। ଫଳରେ ସରକାର ସକାରାତ୍ମକ ପଦକ୍ଷେପକୁ ଅଣଦେଖା କରି ସମାଲୋଚନାର ପାତ୍ର ହୋଇଛନ୍ତି। ରାଜନୈତିକ ଦୃଷ୍ଟିରୁ ଏହା କେବେ ବି ଗ୍ରହଣୀୟ ନ ଥିଲା। ନିର୍ଦ୍ଧାରିତ ସଂରକ୍ଷଣର ଏକ ସ୍ୱଚ୍ଛ ବ୍ୟବସ୍ଥା ଗଢ଼ି ଏହି ଜଟିଳ ସ୍ଥିତିର ସମାଧାନ କରିବା ବଦଳରେ ସରକାର ଘାବରେଇଗଲେ ଏବଂ ଗତ ବର୍ଷ ୪୫ ପଦବୀ ପାଇଁ ଦିଆଯାଇଥିବା ବିଜ୍ଞାପନକୁ ପ୍ରତ୍ୟାହାର କରିନେଲେ । ଏହାବାଦ କୁଶଳୀ ତଥା ଯୋଗ୍ୟ ବ୍ୟକ୍ତି ବାଛିବାରେ ସମସ୍ୟା ରହିଛି। ଭାରତର ବିଭିନ୍ନ ସଂସ୍ଥା ଓ କମ୍ପାନୀ ସମ୍ଭାଳୁଥିବା ଦକ୍ଷ ବ୍ୟକ୍ତି ନୁହନ୍ତି, ବରଂ ଦିଲ୍ଲୀରେ ରହିବା ଲାଗି ଅତ୍ୟଧିକ ଆଗ୍ରହୀ ଥିବା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ମଧ୍ୟମ ସ୍ତରରେ ଥିବା ମ୍ୟାନେଜରମାନେ ଅତ୍ୟଧିକ ସଂଖ୍ୟାରେ ଆବେଦନ କରିଥିଲେ। ଏହାସହ ସରକାରୀ ବେତନ ସ୍କେଲ ଘରୋଇ କ୍ଷେତ୍ରରେ ବରିଷ୍ଠ ମ୍ୟାନେଜରଙ୍କ ଦରମାଠାରୁ ବହୁତ କମ୍। ନିର୍ଦ୍ଦିଷ୍ଟ କ୍ଷେତ୍ରର ଯେଉଁ ବିଶେଷଜ୍ଞଙ୍କୁ ଅଣାଯାଇଥିଲା ସେମାନେ ଫାଇଲ କାମ ଓ ବ୍ୟବସ୍ଥାଗତ ଶିଥିଳତା ତଥା ବିଭେଦତାର ଦ୍ୱନ୍ଦ୍ୱରେ ସେମାନଙ୍କ କୁଶଳତାକୁ ଉପଯୋଗ କରିପାରିଲେ ନାହିଁ। ସରକାର ସ୍ୱଷ୍ଟ ନିୟମ ଆଧାରିତ, ଅନ୍ୟ ତୁଳନାରେ ଭଲ ବେତନ ଦେବା ସହ ଏକ ନିର୍ଦ୍ଦିଷ୍ଟ ଲାଟେରାଲ ଟ୍ରାକ୍ ଓ ଉତ୍ତରଦାୟିତ୍ୱ ନିଶ୍ଚିତ ନ କଲେ ଏହି ଯୋଜନା ଏବେ ଯେମିତି ରହିଛି ଆଗକୁ ସେମିତି ରହିବ।

### ଆଇଏମ୍ଏଫ୍‌ରେ ଉର୍ଜିତ

ବ୍ୟକ୍ତିଗତ କାରଣ ଦର୍ଶାଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ୨୦୧୮ରେ ତାଙ୍କ କାର୍ଯ୍ୟକାଳ ଅଧାରୁ ପଦବୀ ଛାଡ଼ି ଚାଲିଯାଇଥିଲେ। ଏବେ ସେ ବିଶ୍ୱ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)ରେ ନିଯୁକ୍ତ ହୋଇଛନ୍ତି। ଏକଦା ତାଙ୍କ ନିଜସ୍ୱ ଶାସନଶୈଳୀକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ଆଇଏମ୍ଏଫ୍ ଏବେ ପୁନର୍ବାର ତାଙ୍କୁ ଫେରାଇନେଇଛି। ଏହା କେବଳ ଉର୍ଜିତଙ୍କ ଦକ୍ଷତାକୁ ସୂଚିତ କରିନି, ବରଂ ଭାରତର ବିଶ୍ୱସନୀୟତା ଅବଗଣନାର ପରିବର୍ତ୍ତନକୁ ଦର୍ଶାଉଛି। ଆଇଏମ୍ଏଫ୍‌ର ସାଙ୍ଗଠନିକ ପରିଷଦ ଶ୍ରୀଲଙ୍କାରେ ଋଣ ସଙ୍କଟ, ବାଂଲାଦେଶରେ ଗଚ୍ଛିତ ମୁଦ୍ରା ଅନିଶ୍ଚିତତା ଏବଂ ଜଳବାୟୁ ପାଣ୍ଠିର ରାଜକୋଷୀୟ ବୋଝକୁ ନେଇ ଚିନ୍ତାରେ ଥିବାବେଳେ ଏବେ ଉର୍ଜିତଙ୍କ ଭଳି ଜଣେ ଟେକ୍‌ନିକାଲ ଏକ୍ସପର୍ଟ ପାଇଛି। ଆଇଏମ୍ଏଫ୍‌ର ଇତିହାସ ସହ ଜଡ଼ିତ ଥିବା ତଥା ମୁଦ୍ରାସ୍ଫୀତିରେ ସ୍ଥିରତା ଆଣିବାରେ ସେ ଦକ୍ଷ। ୨୦୧୮ରେ ପ୍ରଥମ ଥର ପାଇଁ ଆର୍‌ବିଆଇ ଗଭର୍ନର ପଦବୀରୁ ଉର୍ଜିତ ହଠାତ୍ ଇସ୍ତଫା ଦେବା ଉପରେ କେନ୍ଦ୍ରର ହସ୍ତକ୍ଷେପକୁ ନେଇ ଚର୍ଚ୍ଚା ହୋଇଥିଲା। ତାଙ୍କ ପରେ ଶକ୍ତିକାନ୍ତ ଦାସଙ୍କ ସଫଳତା ସବୁ କଥାରେ 'ହଁ' କୁ ପ୍ରାଥମିକତା ଦେଉଥିବା ରହସ୍ୟକୁ ଆହୁରି ଗଭୀର କରିଛି। ଉର୍ଜିତଙ୍କ ନିଯୁକ୍ତି ଅନ୍ତର୍ଜାତୀୟ ସମୁଦାୟକୁ ଏକ ସ୍ୱଷ୍ଟ ସଙ୍କେତ ଦିଏ। ଆଇଏମ୍ଏଫ୍‌ରେ ଭାରତ ଜଣେ ମଜଭୁତ ବ୍ୟକ୍ତିଙ୍କୁ ଚୟନ କରୁଛି। ଉର୍ଜିତଙ୍କ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ କଥା। କିନ୍ତୁ କେନ୍ଦ୍ର ନିଜ ଦେଶରେ ରାଜନୈତିକ ହସ୍ତକ୍ଷେପର ସମ୍ମୁଖୀନ ହେଉଥିଲାବେଳେ ଏହା ବାହାରେ ଟେକ୍‌ନୋକ୍ରାଟିକ୍ ବିଶ୍ୱସନୀୟତାକୁ ଉପସ୍ଥାପିତ କରିପାରିବ କି ନାହିଁ ତାହା ହିଁ ପ୍ରଶ୍ନ।

### ହିମାଳୟରେ ହ୍ୱିସିଲ ବ୍ଲୋୟର

ପ୍ରତିବର୍ଷ ମୌସୁମୀ ପ୍ରବାହ ସମୟରେ ଉତ୍ତରାଖଣ୍ଡରେ ଭୂସ୍ଖଳନ ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟି ଚାଲିଛି। ଏହା ହିମାଳୟର ଭଙ୍ଗୁରତାକୁ ସ୍ମରଣକରାଇ ଦେଉଛି। ବାସ୍ତବ କାହାଣୀ କେବଳ ମୁନିସିୟାରିର ପରିସଂସ୍ଥାଗତ କ୍ଷତି ଉପରେ ନୁହେଁ ବରଂ ଏହା ହେଉଛି ଜଣେ ବ୍ୟକ୍ତିଙ୍କର ଯିଏ ପରିସଂସ୍ଥାର ସୁରକ୍ଷାରୁ କେବେ ବି ନଜର ହଟାଇ ନେଇନାହାନ୍ତି। ମୁଖ୍ୟ ବନ ସଂରକ୍ଷକ ସଞ୍ଜୀବ ଚତୁର୍ବେଦୀ ପୁନର୍ବାର ଯାହା କରିଛନ୍ତି ତାହା ଖୁବ୍ କମ୍ ବାବୁ କରନ୍ତି। ଚତୁର୍ବେଦୀ ହେଉଛନ୍ତି ମାଗାସେସେ ପୁରସ୍କାର ବିଜେତା। ଦୁର୍ନୀତିକୁ ସାମ୍ନାକୁ ଆଣିବାରେ ସେ ତାଙ୍କ କ୍ୟାରିୟର ଗଢ଼ିଛନ୍ତି। ଏମ୍ସରେ ହେଉ କିମ୍ବା ହରିୟାଣା ବନ ବିଭାଗରେ, ସେ ବହୁବାର ବଦଳି ଓ ତଦନ୍ତର ସମ୍ମୁଖୀନ ହୋଇଛନ୍ତି। ମୁନିସିୟାରିରେ, କିଭଳି ଆଇନ ଉଲ୍ଲଂଘନ ହେଉଛି ଏବଂ ପରିବେଶ ଉପଯୋଗୀ ପର୍ଯ୍ୟଟନ ଆଳରେ କିପରି ସରକାରୀ ଅର୍ଥ ହଡ଼ପ କରାଯାଇଛି ତାହା ସେ ଲୋକଲୋଚନକୁ ଆଣିଥିଲେ। ଉଲ୍ଲେଖନୀୟ, ସେ ଅନେକଙ୍କ ନାମ ପ୍ରକାଶ କରିବା ସହ ଦୁର୍ନୀତି ଉପରେ ସିବିଆଇ ଓ ଇଡି ତଦନ୍ତ ଦାବି କରିଥିଲେ। ଏଭଳି ସାହସିକ ପଦକ୍ଷେପ ଏକ ବ୍ୟବସ୍ଥାରେ ହେଉଥିବା ଦୁର୍ନୀତିକୁ ପଦାକୁ ଆଣେ। କିନ୍ତୁ ଏହାଦ୍ୱାରା ହ୍ୱିସିଲ ବ୍ଲୋୟରଙ୍କ କ୍ୟାରିୟର ନଷ୍ଟ ହେଉଥିବା ଲକ୍ଷ୍ୟ କରାଯାଏ। କୌତୂହଳର ବିଷୟ ହେଉଛି ଚତୁର୍ବେଦୀ ତାଙ୍କ ରିପୋର୍ଟ ଦେବା ପରେ ହିଁ କେନ୍ଦ୍ର ପଦକ୍ଷେପ ନେଇଛି ଓ ଏଥିପାଇଁ ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି। ଯଦି ଚତୁର୍ବେଦୀ ବାସ୍ତବତାକୁ ସାମ୍ନାକୁ ଆଣି ନ ଥାନ୍ତେ, ତେବେ ବିକାଶ ନାମରେ ଏହି ସମସ୍ୟା ଓ ଦୁର୍ନୀତି ଆଢୁଆଳରେ ରହିଯାଇଥାଆନ୍ତା।

Email: dilipcherian@gmail.com

su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 6 | | | 1 | | | | 9 | |
| 1 | | 8 | | | 6 | | | |
| | | 7 | | | | | 5 | |
| | | 4 | | | 3 | | | |
| | | | | 2 | | 7 | | |
| | | 3 | 7 | | 1 | | | |
| | | | 8 | 3 | | 2 | | |
| | 3 | | | | | 6 | 4 | |
| | | 1 | | | 2 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 1 | 6 | 7 | 9 | 5 | 8 |
| 9 | 5 | 8 | 2 | 4 | 3 | 6 | 7 | 1 |
| 7 | 6 | 1 | 9 | 8 | 5 | 4 | 3 | 2 |
| 1 | 7 | 2 | 5 | 3 | 6 | 8 | 9 | 4 |
| 3 | 8 | 9 | 7 | 2 | 4 | 1 | 6 | 5 |
| 6 | 4 | 5 | 8 | 9 | 1 | 3 | 2 | 7 |
| 2 | 9 | 4 | 3 | 5 | 8 | 7 | 1 | 6 |
| 5 | 1 | 6 | 4 | 7 | 9 | 2 | 8 | 3 |
| 8 | 3 | 7 | 6 | 1 | 2 | 5 | 4 | 9 |

ଗତକାଲିର ଉତ୍ତର

# ପିଲାଙ୍କ ଖୁସିରେ ଖୁସି



ରଞ୍ଜନ କୁମାର ଦାସ

ଗତ ରଜରେ ବହୁଦିନ ଧରି ଦେଖାହୋଇ ନ ଥିବା ଜଣେ ବନ୍ଧୁଙ୍କ ଘରକୁ ଯିବାକୁ ମନ ହେଲା। ତାଙ୍କ ଘରକୁ ଗଲା ବେଳକୁ କିଛି ଫଳ ଓ ମିଠା ସହ ଘରେ ତିଆରି ହୋଇଥିବା ପୋଡ଼ପିଠା ଓ କାକରା କିଛି ନେଇ ଯାଇଥିଲୁ। ବହୁଦିନ ପରେ ବନ୍ଧୁ ଆମକୁ ଦେଖି ଭାରି ଖୁସି ହେଲେ। ଏତେ ସବୁ ପିଠା, ମିଠା ଓ ଫଳର ସମ୍ଭାର ଦେଖି ସେ କହିଲେ, ଏ ସବୁ ଆଣୁଥିଲୁ କାହିଁକି? ଆମେ ଦିଜଣ ଯାକ ତ ଡାଇବେଟିସ୍ ରୋଗୀ ଏଗୁଡ଼ା ଖାଇବ କିଏ ? ମୁଁ ତାଙ୍କୁ କହିଲି, ଆମେ କ'ଣ ତୋ ପାଇଁ ଆଣିଛୁ, ପିଲାମାନେ ଖାଇବେନି? ସେ ହସିହସି କହିଲେ, ଆମ ପାଇଁ ଆଣିଛୁ କହିଥିଲେ ବି ଚଳିଥାନ୍ତା , ହେଲେ ପିଲାଙ୍କ ପାଇଁ ଆଣିଛୁ ବୋଲି ଯାହା କହିଲୁ ସେଇଟା ହେଲା ବିଡ଼ମ୍ବନା! ପିଲାଏ କ'ଣ ଆଜିକାଲି ଏ ଘର ତିଆରି ଖାଦ୍ୟ ଆଉ ଖାଉଛନ୍ତି? ତାଙ୍କର ସବୁ ପିଜା, ବର୍ଗର, ଚାଉମିନ୍, ମୋମୋରେ ମତଲବ।

ବନ୍ଧୁପତ୍ନୀ ଚା' ପାଣି ଆଣି ଦେଉଦେଉ କହିଲେ, ପିଲାଙ୍କ ଖାଦ୍ୟ ପ୍ରଣାଳୀ ବଦଳିଗଲାଣି। ଆଜିକାଲି ତ ସମସ୍ତଙ୍କର ଘରେ ଗୋଟିଏ ଦୁଇଟି ଛୁଆ। ସବୁ ବାପାମା' ପିଲାମାନଙ୍କୁ ଏତେ ଗେଲବସରରେ ବଢ଼ାଉଛନ୍ତି ଯେ ସେମାନେ ଯାହା ଚାହୁଁଛନ୍ତି ତାଙ୍କ ପାଇଁ ଖଞ୍ଜିଦିଆଯାଉଛି। ଘରେ ସେମାନେ ଯାହା ଖାଇବାକୁ ଚାହୁଁଛନ୍ତି ତାଙ୍କ ରୁଚି ଅନୁସାରେ ରୋଷେଇ ହେଉଛି। ଯଦି ତାଙ୍କର ସେସବୁ ପସନ୍ଦ ନ ହେଲା ତାଙ୍କୁ ତାଙ୍କ ମନପସନ୍ଦର ଖାଦ୍ୟ ହୋଟେଲରୁ ମଗାଇ ଦେବାକୁ ପଡୁଛି! ନ ହେଲେ ସେମାନେ ହୁଲସ୍ଥୁଲ କରିବେ। ପିଲା ବି ଆଜିକାଲି ଏତେ ଚାଲାକ ହେଲେଣି ଯେ ସେମାନେ ଜମାଟୋ ଓ ସ୍ୱିଗିରୁ ନିଜେ ନିଜ ପସନ୍ଦର ଖାଦ୍ୟ ମଗାଇ ଦେଉଛନ୍ତି। ତେଣିକି ତମେ ପାର୍ସଲ ନ ରଖି କି ଯିବ କୁଆଡ଼େ। ଆମ ସମୟରେ ଆମେ ଅତିବେଶିରେ ମୋଗଲାଇ ଖାଦ୍ୟ କଥା ଜାଣିଥିଲେ। ହୋଟେଲକୁ ଗଲେ କଣ୍ଟିନେଣ୍ଟାଲ ଖାଦ୍ୟ ମିଳୁଥିଲା। ଆଜିକାଲି ତ ରାସ୍ତାଘାଟରେ ଠେଲାଗାଡ଼ିରେ ବା ଫୁଡ୍‌ଟ୍ରକ୍‌ରେ ଥାଇ,ମେକ୍ସିକାନ୍ ଆଦି ଫୁଡ୍ ମିଳୁଛି। ସେମାନଙ୍କ ପାଖରେ ବିକଳ୍ପ ବହୁତ। ତେଣୁ ଆମ ସମୟରେ ପିଲା ଯେମିତି ବାଧ୍ୟବାଧକତାରେ ଘରେ ରନ୍ଧା ହୋଇଥିବା ଭାତ ଡାଲି ତରକାରି ବା ରୁଟି ଡାଲମା, ସନ୍ତୁଳା ଖାଉଥିଲେ, ସେ ସ୍ଥିତି ଆଉ ନାହିଁ। ସେତେବେଳେ ପିଲାଙ୍କ ହାତକୁ କୋଉଠୁ ଦିପଇସା ଆସୁଥିଲେ ସେମାନେ ପାଖ ଦୋକାନରୁ ବରା, ଗୁଲୁଗୁଲା, ପିଆଜୀ ବା ଦହିବରା, ଗୁପ୍‌ଚୁପ୍ ଖାଉଥିଲେ। ମିଠା ଭିତରେ ଲଡୁ, ଜିଲାପି, ଗଜା ବା ପୋଡ଼। ଆଜିକାଲିକା ପିଲା ସେଗୁଡ଼ା ଦେଖିଲେ ନାକ ଟେକୁଛନ୍ତି। ପିଲା ବର୍ଷକର ନ ହେଉଣୁ ମ୍ୟାଗିର ବାସ୍ନାରେ ନିଦରୁ ଉଠିପଡୁଛି। ତାକୁ ଆଉ ସିମେଇ ଖିରି ବା ସୁଜି ଖିରି ଦେଲେ ରୁଚୁଛି ଯେ ସେ ଖାଇବ ? ଆଉ ପର୍ବପର୍ବାଣିରେ ଘରେ ଯୋଉ ଚକୁଳି, ମଣ୍ଡା, କାକରା ଆଦି ପିଠା ହେଉଥିଲା ତାକୁ ତ ପିଲାଏ ପାଟିରେ ଜମା ଦେଉନାହାନ୍ତି!



ମୁଁ ଭାବିଲି ସତ କଥା ତ! ଖାଲି ସେଇ ବନ୍ଧୁଙ୍କ ଘରେ ନୁହେଁ, ଘରେ ଘରେ ଆଜି ଏଇ ବ୍ୟବସ୍ଥା ଚାଲିଛି। ପିଲାଏ କ'ଣ ଚାହୁଁଛନ୍ତି ସେଇ ଅନୁସାରେ ଘର ଚାଲୁଛି। ସେମାନେ କ'ଣ ଖାଇବେ ସେଇ ଅନୁସାରେ ଘରେ ରୋଷେଇ ହେଉଛି। ପର୍ବପର୍ବାଣିରେ କ'ଣ ପିନ୍ଧିବେ ସେମାନେ ନିଜେ ସ୍ଥିର କରୁଛନ୍ତି। ଘରେ ତାଙ୍କ ରୁମ୍‌ରେ କ'ଣ କଲର ଦିଆଯିବ ସେମାନେ ସ୍ଥିର କରୁଛନ୍ତି। ଛୁଟି କଟେଇବାକୁ ଯଦି କୁଆଡ଼େ ଯିବାର ଅଛି ଜାଗା ସେମାନେ ସ୍ଥିର କରୁଛନ୍ତି। ଛୁଟିଦିନରେ ଯଦି ହୋଟେଲରେ ଖାଇବାକୁ ଯିବାକୁ ମନ ହେବ କୋଉ ହୋଟେଲକୁ ଯିବା ସେମାନେ ସ୍ଥିର କରୁଛନ୍ତି! କୋଉ ଗେମ୍ ସେମାନେ ଖେଳିବେ କୋଉ ସିରିଏଲ୍ ବା ଟିଭି ଶୋ ଦେଖିବେ, କୋଉ ସ୍କୁଲରେ ପଢ଼ିବେ ସେକଥା ବି ପିଲା ସ୍ଥିର କରୁଛନ୍ତି। ପିଲାମାନଙ୍କ ଜୀବନରେ ସ୍ୱାଧୀନତା ବଢ଼ିଛି । ତାଙ୍କ ମନ ପସନ୍ଦର ନିଷ୍ପତ୍ତି ନେବାପାଇଁ ସେମାନେ ଚାହୁଁଛନ୍ତି। କେହି ତାଙ୍କ ଉପରେ କିଛି ଲଦିଦେବ ଏକଥା ସେମାନେ ଗ୍ରହଣ କରୁନାହାନ୍ତି। ଅଭିଭାବକମାନଙ୍କର ପିଲାଙ୍କ ଜୀବନରେ ହସ୍ତକ୍ଷେପ କରିବାର ବା ନିଷ୍ପତ୍ତି ନେବାର ସ୍ୱାଧୀନତା ମଧ୍ୟ ଆନୁପାତିକ ଭାବେ କମିଛି।

ଆମ ପିଲାବେଳେ ଆମେ ବାପାମା' ଯୁଆଡ଼େ ଯାଉଥିଲେ ତାଙ୍କ ସହ ଯାଉଥିଲୁ। ଯାହା ସେମାନେ ଖାଇବାକୁ ଦେଉଥିଲେ ଖାଉଥିଲୁ। ଯାହା ସେମାନେ ପିନ୍ଧିବା ପାଇଁ କିଣୁଥିଲେ ଆମେ ନିର୍ବିବାଦରେ ପିନ୍ଧୁଥିଲୁ। ପିଲାଙ୍କର ଗୋଟେ ବ୍ୟକ୍ତିତ୍ୱ ଥାଏ ବୋଲି କେହି ଚିନ୍ତା କରି ନ ଥିଲେ। ମାତ୍ର ଏବେ ଲକ୍ଷ୍ୟ କରିବେ ଆମେ କୁଆଡ଼େ ଭୋଜିଭାତ ବା ବାହାଘର ଆଦି ଉତ୍ସବକୁ ଗଲେ ପିଲାଏ ଆମ ସହ ଯିବାକୁ ରାଜି ହେଉନାହାନ୍ତି। ସେମାନଙ୍କର ଯୁକ୍ତି ହେଲା ଆମ ସମାସ୍କନ୍ଧ କେହି ସେଠି ନ ଥାଇପାରନ୍ତି , ଆମେ ସେଠିକି କାହିଁକି ଯିବୁ , ବୋର୍ ହେବାକୁ ? ଚାଲ ଅନ୍ତତଃ ଖାଇଦେଇ ଆସିବା କହିଲେ ସେମାନେ ଓଲଟା କହୁଛନ୍ତି, ଆମ ପାଇଁ କ'ଣ ମଗେଇଦିଅ ଆମେ ଘରେ ଖାଇଦେବୁ ପଛେ ସେଠିକି ଯାଇ ବୋର୍ ହୋଇପାରିବୁନାହିଁ। ପିଲା ଟିକେ ବଡ଼ ଥିବେ ଯଦି ସିନା ତାଙ୍କୁ ଛାଡ଼ି ଯାଇହେବ , ଛୋଟ ଥିଲେ ତାଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ନେଇହେବ ନା ଛାଡ଼ିକି ଯାଇହେବ ! ବାଧ୍ୟକରି ନେଇକି ଗଲେ ସେଠି ସେମାନେ ଏଭଳି ମୁହଁ ଫୁଲେଇ ବୁଲିବେ ଯେ ଆପଣଙ୍କୁ ଲାଗିବ ତାକୁ ବାଧ୍ୟକରି ଆଣିକି ଗୋଟେ ବଡ଼ ଅପରାଧ ହେଲା।

ଏଥିରୁ ଆଉ ଫେରିବାର ବାଟ ମଧ୍ୟ ନାହିଁ ଭଳି ଲାଗୁଛି। ପ୍ରଥମେ ଆମେ ଯୌଥ ପରିବାର ଦେଖିଥିଲେ। ସେଠି ଜେଜେ ଜେଜେମା'ଙ୍କ ଠାରୁ ଆରମ୍ଭକରି ଦାଦାଖୁଡ଼ୀ, ବଡ଼ବାପା ବଡ଼ମା',ବାପାବୋଉଙ୍କ ସହ ପିଲାଟି ରହୁଥିଲା। ତା'ପରେ ଯୌଥ ପରିବାର ଭାଙ୍ଗି ଅଣୁ ପରିବାର ହୋଇଗଲା ଯୋଉଥିରେ ବାପାମା' ଓ ପିଲାମାନେ ରହିଲେ। ସ୍ୱାଧୀନତାର ଇଏ ଥିଲା ପ୍ରଥମ ଚରଣ। ସେ ପରିବାର ଭିତରେ ବି ସ୍ୱାମୀ ସ୍ତ୍ରୀ ଯେ ଯାହାର ନିଜର ସ୍ୱାଧୀନତା ବଜାୟ ରଖିବାକୁ ଚାହିଁଲେ , ନିଜ ନିଜ ନିଷ୍ପତ୍ତି ନେଲେ। କେହି ଅନ୍ୟର ରୁଚି ଅରୁଚି, ଉପଦେଶ ବା ପରାମର୍ଶ ଗ୍ରହଣ କରିବାକୁ ଚାହିଁଲେନି ! ଘରର ଏଇ ପରିବେଶରେ ବଢ଼ିଥିବା ପିଲା କାହିଁକି ବା ବାପାମା'ଙ୍କର ରୁଚି, ଅରୁଚି, ଉପଦେଶ ବା ପରାମର୍ଶ ଗ୍ରହଣ କରନ୍ତା! ସେ ତା'ର ନିଜର ରୁଚିକୁ ନେଇ ବଢ଼ିବାକୁ ଚାହିଁଲା। ନିଜ ସ୍ୱାଧୀନତାର ସେ ପୂର୍ଣ୍ଣ ଉପଯୋଗ କରିବାକୁ ଚାହିଁଲା।

ପିଲାମାନଙ୍କୁ ମିଳୁଥିବା ଏ ଅହେତୁକ ସ୍ୱାଧୀନତା ଅନେକ ସମୟରେ ତାଙ୍କ ସ୍ୱେଚ୍ଛାଚାରିତାର ବାଟ ଖୋଲିଦେଉଛି। ସେମାନେ ଅସ୍ୱାଭାବିକ ଭାବେ ଜିଦ୍‌ଖୋର ପାଲଟିଯାଉଛନ୍ତି। ଛୋଟ ଛୋଟ ପିଲା ମଧ୍ୟ ଅଣୁ ପରିବାର ଭିତରେ ରହି କାହା ସହ ଭାବର ଆଦାନ ପ୍ରଦାନ ପାଇଁ ସୁଯୋଗ ପାଉନାହାନ୍ତି। ବନ୍ଧୁବାନ୍ଧବ ଏପରିକି ରକ୍ତସମ୍ପର୍କୀୟମାନଙ୍କୁ ଚିହ୍ନୁନାହାନ୍ତି। ଚିହ୍ନିବା ପାଇଁ ଆଗ୍ରହ ମଧ୍ୟ ଆମେ ସୃଷ୍ଟି କରିପାରୁନେ। ଅତିରିକ୍ତ ରକ୍ଷଣଶୀଳ ହୋଇ କେତେଜଣ ଅଭିଭାବକ ନିଜ ପିଲାଙ୍କୁ ପାଖ ପଡ଼ୋଶୀଙ୍କ ଘରକୁ, ସାଙ୍ଗସାଥୀଙ୍କ ମେଳରେ ଖେଳିବା ପାଇଁ ଛାଡୁନାହାନ୍ତି। ଫଳରେ ପିଲା କରିବେ କ'ଣ ? ଦିନରାତି ଟିଭିକୁ ଚାହିଁ ବସି ରହୁଛନ୍ତି। ଏବେ ତ ପିଲାଏ ଲାପ୍‌ଟପ୍ , ମୋବାଇଲକୁ ମଧ୍ୟ ପାଖରୁ ଛାଡୁନାହାନ୍ତି । ଦିନରାତି ସେଥିରେ ଉପଲବ୍ଧ ଥିବା ନାନାଦି ଗେମ୍‌ରେ ବୁଡ଼ିରହୁଛନ୍ତି। ମଝିରେ ମଝିରେ ଶୁଣୁଥିବେ କେତେଜଣ ପିଲା ଏଇ ଅନ୍‌ଲାଇନ ଗେମ୍ ଗୁଡ଼ିକର କରାଳଚକ୍ରରେ ପଡ଼ି ବ୍ଲେଡ୍‌ରେ ନିଜ ଶିରା କାଟିଦେବାଠାରୁ ଆରମ୍ଭକରି ଆତ୍ମହତ୍ୟାର ଅନ୍ୟାନ୍ୟ ବିଭିନ୍ନ ପନ୍ଥା ଆପଣାଉଛନ୍ତି। ପିଲାମାନଙ୍କ ଏଇଭଳି ଖୁସିକୁ ନେଇ ଆମେ କହିପାରିବା କି ଯେ ପିଲାଙ୍କ ଖୁସି ପାଇଁ ଆମେ ସବୁ ଖଞ୍ଜିଦେଇଛୁ? ଆମେ କହିପାରିବା କି ଯେ ପିଲାଙ୍କ ଖୁସିରେ ଆମ ଖୁସି ?

ଏଇଭଳି ବଢୁଥିବା ପିଲାଙ୍କ ଭବିଷ୍ୟତ ବି କ'ଣ ? ମୁଁ ଜାଣିବାରେ ଅଭାବ ଭିତରେ ବଢ଼ିଥିବା ପିଲାଙ୍କ ଭିତରେ ଗୋଟେ ଉତ୍ସାହ ଥାଏ ଜୀବନରେ କିଛି ହାସଲ କରିବାକୁ। ଯେଉଁମାନେ ଅତି ପ୍ରାଚୁର୍ଯ୍ୟ ଭିତରେ ବଢୁଛନ୍ତି ସେମାନଙ୍କର ସେ ଉତ୍ସାହ ବା ରହିବ କାହିଁକି ? ସେମାନେ ଜାଣିଛନ୍ତି ତାଙ୍କର ଜୀବନଯାକ ପାଇଁ ଯାହା ଦରକାର ବାପା ମା' ସବୁ ଖଞ୍ଜିଦେଇ ସାରିଛନ୍ତି। ତା'ର କେବଳ ଅୟସ କରିବା କଥା, ସମୟ କାଟିବା କଥା। ବ୍ୟକ୍ତି ସ୍ୱାଧୀନତାର ଏ ଯୁଗରେ ପିଲାଙ୍କୁ ଆମେ ଅନେକ ସ୍ୱାଧୀନତା,ସୁଖ ଓ ସ୍ୱାଚ୍ଛନ୍ଦ୍ୟ ଦେଇଛେ। କେବଳ ଲୋଡ଼ା କିଛି ଅନୁଶାସନ , କିଛି ନିୟନ୍ତ୍ରଣ ଯାହା ବିନା ସେମାନେ ଅମାନବୀୟ, ଅସାମାଜିକ ପାଲଟିଯିବା ସମ୍ଭାବନା ଅଛି ଏକଥା ଅନସ୍ୱୀକାର୍ଯ୍ୟ। ସେଇ ଅନୁଶାସନ ଓ ନିୟନ୍ତ୍ରଣ ହୁଏତ ତାଙ୍କୁ ଜୀବନରେ ଶୃଙ୍ଖଳିତ ଓ ଦାୟିତ୍ୱବାନ୍‌କରି ଗଢ଼ି ତୋଳିପାରେ!

ମୋ:୯୪୩୭୨୮୬୫୧୨

# ଭୋଜନ କରିବା କେମିତି



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଭାରତରେ ତଳେ ବସି ଖାଇବା ପରମ୍ପରା ରହିଛି। କିନ୍ତୁ ଦୁଃଖର କଥା ଏହି ପ୍ରଥା ଧୀରେ ଧୀରେ ଲୋପପାଇବା ଉପରେ, ଯାହାର ପ୍ରମାଣ ଆଜି ପ୍ରତ୍ୟେକ ଘରେ ଆପଣ ଦେଖିବାକୁ ପାଇବେ ଡାଇନିଂ ଟେବୁଲ। ଅବଶ୍ୟ ବୃଦ୍ଧାବୃଦ୍ଧମାନଙ୍କ କ୍ଷେତ୍ରରେ ଏହାର ସୁବିଧାକୁ ଉପଲବ୍ଧି କରାଯାଇପାରେ। ମାତ୍ର ନିତି ଘରେ ଟେବୁଲ ଉପରେ ବସି ଖାଇବା, ଭୋଜିଭାତରେ ଠିଆହୋଇ କିମ୍ବା ବୁଲି ବୁଲି ଖାଇବା ଏକ ସାଧାରଣ କଥା ହେଲାଣି। ବିଶେଷକରି ଭୂମି ଉପରେ ବସି ଖାଇବା ଦ୍ୱାରା ଖାଦ୍ୟ ସହଜରେ ହଜମ ହୁଏ ଏବଂ ସ୍ୱାସ୍ଥ୍ୟ ଭଲ ରହେ। ଏହା ପ୍ରମାଣିତ ହେବା ସତ୍ତ୍ୱେ ଆମ ଦେଶରେ ଏହାର ଆଦର ହ୍ରାସ ପାଇବା କଥା ଅତ୍ୟନ୍ତ ନିରାଶାଜନକ।

ଯୁଗ ଯୁଗ ଧରି ଚାଲି ଆସିଥିବା ଆମର ପାରମ୍ପରିକ ଭୋଜନ ପଦ୍ଧତିରେ ଚିକିତ୍ସା ଶାସ୍ତ୍ରର ନୀତି ନିୟମ ସମାହିତ ହୋଇ ରହିଛି। ଭୋଜନ ସ୍ଥାନଟି ପବିତ୍ର ଏବଂ ପରିଚ୍ଛନ୍ନ ହେବା ଉଚିତ, ଭୂଇଁ ଉପରେ ଆସନ ପକାଇ ପୂର୍ବ କିମ୍ବା ଉତ୍ତର ମୁଖ ହୋଇ ଖାଇବାକୁ ଶାସ୍ତ୍ରପୁରାଣରେ ମଧ୍ୟ କୁହାଯାଇଛି। ଖାଇବା ପୂର୍ବରୁ ଭଲଭାବରେ ଧୁଆଧୁଇ ହୋଇ ଆସନ ଉପରେ ବାମ ଜଙ୍ଘ ମାଡ଼ି ବା ଚକାପାରି ବସି ଖାଇବା ଉଚିତ। ଏକାଥରକେ ବହୁତ ନ ଖାଇ ଅଳ୍ପ ଅଳ୍ପ କରି ଭଲ ଭାବରେ ଚୋବାଇ ଖାଇବା ଉଚିତ। ଖାଇବା ମଝିରେ ବସିବା ସ୍ଥାନରୁ ଉଠିବା, କଥା ହେବା, ପାଣି ପିଇବା ମନା। ଦିନରେ ଖାଇବା ପରେ କିଛି ସମୟର ବିଶ୍ରାମ ଏବଂ ରାତ୍ରିଭୋଜନ ପରେ କିଛି ସମୟ ଚାଲିବା ପାଇଁ ଡାକ୍ତରମାନେ ମଧ୍ୟ ପରାମର୍ଶ ଦିଅନ୍ତି।

ମାତ୍ର ଆମର ବ୍ୟସ୍ତବହୁଳ ଜୀବନଶୈଳୀ, ଅଳସୁଆପଣ ବା ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହିସବୁ ନିୟମ ମାନିବାକୁ ଆମେ ରାଜି ନୁହେଁ; ଯାହାର ପରିଣାମ ସ୍ୱରୂପ ହଜମଜନିତ ସମସ୍ୟା, ମୋଟାପଣ ସହ ବିଭିନ୍ନ ପ୍ରକାର ରୋଗ ଆମ ଶରୀରକୁ ଗ୍ରାସ କରୁଛି। ଧ୍ୟାନଦେଲେ ଜଣାପଡ଼ିବ ସବୁ ପ୍ରକାର ରୋଗର ଗୋଟିଏ କାରଣ ଏବଂ ତାହା ହେଉଛି ଠିକ୍ ଖାଦ୍ୟ ଠିକ୍ ଉପାୟରେ ଠିକ୍ ସମୟରେ ଗ୍ରହଣ ନ କରିବା। ଛୋଟ ରୋଗରୁ ଆରମ୍ଭକରି ଜୀବନଘାତୀ କ୍ୟାନ୍‌ସର, ହୃଦ୍‌ରୋଗ, ପାକସ୍ଥଳୀ, ଫୁସ୍‌ଫୁସ୍ ଏବଂ କିଡ୍‌ନୀ ରୋଗର କାରଣ ତ୍ରୁଟିଜନିତ ଖାଦ୍ୟ ଗ୍ରହଣ ଶୈଳୀ ବୋଲି କହିଲେ ଭୁଲ୍ ହେବ ନାହିଁ।

ଖାଇବା ଭଳି ରନ୍ଧନ ପାଇଁ ଆବଶ୍ୟକ ପାତ୍ର ବିଷୟରେ ମଧ୍ୟ ଆଲୋଚନା ଆବଶ୍ୟକ, କାରଣ ଏହା ଉପରେ ନିର୍ଭରକରେ ଖାଦ୍ୟ ପ୍ରସ୍ତୁତିର ପ୍ରକ୍ରିୟା। ରୋଷେଇ ଏବଂ ଖାଇବା ପାଇଁ ଲୁହା, ପିତ୍ତଳ ଏବଂ ମାଟିପାତ୍ରର ବ୍ୟବହାର ଶରୀର ପକ୍ଷେ ଅତ୍ୟନ୍ତ ହିତକାରୀ। ମାତ୍ର ଏଥିରେ ମଧ୍ୟ ଏବେ ଦେଖାଯାଉଛି ବ୍ୟତିକ୍ରମ। କାରଣ ଏସବୁ ପାତ୍ର ପୁରୁଣା, ବ୍ୟୟବହୁଳ ଏବଂ ପରିଷ୍କାର କରିବାକୁ କଷ୍ଟକର ମନେହେଉଛି।



ଆଲୁମିନିୟମ, ଟେଫ୍‌ଲନ୍ କୋଟିଂ ଏବଂ ପ୍ଲାଷ୍ଟିକ୍ ତିଆରି ପାତ୍ରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଦେଖବାକୁ ମିଳୁଛି। ଏସବୁରୁ ଆହୁରି ଆଗକୁ ପାଦେ ଯାଇ ଲୋକମାନେ ରାସ୍ତାକଡ଼ରେ ମିଳୁଥିବା ଖାଦ୍ୟକୁ ଶୋଲ, କାଗଜ ଏବଂ ନିମ୍ନମାନର ପ୍ଲାଷ୍ଟିକ୍‌ରେ ତିଆରି ଡବା, ଦନା ବା ଚଉପଦିରେ ଖାଇବା ଦେଖାଯାଉଛି। ପୂର୍ବେ ଦନା ବା ଚଉପଦି କେବଳ ଗଛର କଞ୍ଚା କିମ୍ବା ଶୁଖିଲା ପତ୍ରରେ ତିଆରି ହେଉଥିଲା। ଏଥିରେ ଖାଇଲେ ଗରମ ଖାଦ୍ୟ ସଂସ୍ପର୍ଶରେ ଆସିବା ପରେ ପତ୍ରରୁ ଏକ ମହମହ ବାସ୍ନା ଆସୁଥିଲା, ଯାହା ଉଭୟ ସ୍ୱାଦ ଓ ସ୍ୱାସ୍ଥ୍ୟ ଦିଗରୁ ଶରୀର ପାଇଁ ହିତ ସାଧନ କରୁଥିଲା। ପତ୍ର ଶୁଖିଗଲା ପରେ ମଧ୍ୟ ସେଥିରେ ଖାଇବାରେ ଅସୁବିଧା ନାହିଁ, ବରଂ ଏହାକୁ କିଛିଦିନ ଯାଏଁ ସାଇତି ରଖାଯାଇ ବ୍ୟବହାର ମଧ୍ୟ କରାଯାଇପାରେ। ପତ୍ରରେ ତିଆରି ହେବା ଯୋଗୁ ଏହା ମାଟିରେ ମିଶି କମ୍ପୋଷ୍ଟରେ ପରିଣତ ହୁଏ। ଏଣୁ ବର୍ଜ୍ୟ ବା ଆବର୍ଜନାଜନିତ ଚିନ୍ତା ମଧ୍ୟ ରହେ ନାହିଁ। ହେଲେ ଏବେ ପ୍ଲାଷ୍ଟିକ୍ ଓ ଶୋଲ ନିର୍ମିତ ଦନା ଓ ଡବାର ବ୍ୟବହାର ଶରୀର ପାଇଁ ତ ହାନିକାରକ ପ୍ରକୃତିକୁ ମଧ୍ୟ ସମ ପରିମାଣରେ କ୍ଷତି ପହଞ୍ଚାଉଛି।

ଠିଆହୋଇ ପାଣି ପିଇଲେ କୋଷ ବୃଦ୍ଧି ଏବଂ ପାଦଫୁଲା ହୁଏ ବୋଲି ଡାକ୍ତରମାନେ କୁହନ୍ତି। ଠିଆହୋଇ କିମ୍ବା ବୁଲି ବୁଲି ଖାଇବାର କୁପରିଣାମ ହେଉଛି, ଖାଦ୍ୟ ଠିକ୍ ରୂପେ ହଜମ ନ ହେବା ଏବଂ ତଜ୍ଜନିତ ସମସ୍ୟା ଏବଂ ସମସ୍ୟାରୁ ନାନାଦି ରୋଗ ଏବଂ ଅସୁସ୍ଥତା। କିନ୍ତୁ ଏକଥା ବି ସତ ଯେ ତଳେ ବସି ଖାଇବା ପାଇଁ ସେଭଳି ପ୍ରଶସ୍ତ ଜାଗା ଖଣ୍ଡିଏ ବି ଦରକାର। ପାରାଭାଡ଼ି ବା ଦିଆସିଲି ବାକ୍ସ ଭଳି ଘରେ ତଳେ ବସି ଖାଇବା ସମ୍ଭବ ନ ହେବାରୁ କ୍ରମଶଃ ଡାଇନିଂ ଟେବୁଲର ବ୍ୟବହାର ବଢ଼ିବାରେ ଲାଗିଛି।

ଆହୁରି ମଧ୍ୟ ଆମେ ଫ୍ରିଜ୍‌ରେ ଖାଦ୍ୟ ସାମଗ୍ରୀ ସଂରକ୍ଷିତ ରଖି ଅନେକ ଦିନ ପର୍ଯ୍ୟନ୍ତ ତାକୁ ସେବନ କରୁଛେ। ଥଣ୍ଡା ଓ ବାସି ଖାଦ୍ୟର କୁପ୍ରଭାବ ଶରୀର ଉପରେ କ'ଣ, ସମସ୍ତେ ଜାଣିଥିବା ସତ୍ତ୍ୱେ ଫ୍ରିଜ୍‌ର ବ୍ୟବହାର ଆମେ କମ୍ କରିପାରୁନାହୁଁ। ଜାପାନର ଖାଦ୍ୟନୀତି ହେଲା ସେମାନେ ଫ୍ରିଜ୍‌ରେ ଥିବା ବାସିଖାଦ୍ୟ ଖାଆନ୍ତି ନାହିଁ କି ଥଣ୍ଡାପାଣି ପିଅନ୍ତି ନାହିଁ। ସେଥିପାଇଁ ବୋଧହୁଏ ପୃଥିବୀର ସର୍ବାଧିକ ଆୟୁଷ ଜାପାନୀମାନଙ୍କର ହୋଇଥାଏ। ନୋବେଲ ପୁରସ୍କାର ବିଜୟିନୀ ଲେଖିକା ପର୍ଲ ଏସ୍ ବକ୍‌ଙ୍କ ପୁସ୍ତକ 'ମାଇଁ ସେଭେରାଲ ୱାଲ୍‌ଡସ ' ରେ ସେ ଭାରତୀୟ ପାରମ୍ପରିକ ଶୈଳୀ ଅନୁସାରେ ତଳେ ବସି ହାତରେ ଭୋଜନ କରିବାର ଅପୂର୍ବ ଅନୁଭୂତିକୁ ଖୁବ୍ ପ୍ରଶଂସା କରିଛନ୍ତି। ପାଶ୍ଚାତ୍ୟ ଦେଶର ଅଧିବାସୀ ଆମ ଭାରତୀୟ ପାରମ୍ପରିକ ଖାଦ୍ୟ ଗ୍ରହଣ ଶୈଳୀର ପ୍ରଶଂସା କରୁଛନ୍ତି। ତାକୁ ଆପଣେଇନେବା ପାଇଁ ପରାମର୍ଶ ଦେଉଛନ୍ତି, କିନ୍ତୁ ଆମେ ନିଜର ଛାଡ଼ି ଅନ୍ୟର ଶୈଳୀ ଆପଣେଇବା ଆରମ୍ଭ କରୁଛେ। ଦେଶ ଦେଶ ମଧ୍ୟରେ ପରମ୍ପରା ଓ ଚାଲିଚଳଣିରେ ପରିବର୍ତ୍ତନ ହେବା ଠିକ୍; ମାତ୍ର ସେ ପରିବର୍ତ୍ତନ ସକାରାତ୍ମକ ହେବା ଉଚିତ।

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ପିଲାଙ୍କୁ ଡାକ୍ତର କରିବା ପାଇଁ ଅଭିଭାବକମାନେ ଅତ୍ୟଧିକ ଚେଷ୍ଟା କରୁଛନ୍ତି। ପିଲାମାନେ ମଧ୍ୟ ଏଥିଲାଗି ଦିନରାତି ଏକ୍ କରିଦେଉଛନ୍ତି। କିନ୍ତୁ ଜଣେ ଛାତ୍ରୀ ଡାକ୍ତର ହେବା ପରେ ତାହାକୁ ଛାଡ଼ି ବନାଗ୍ନି ସମସ୍ୟା ସମାଧାନ ନିମନ୍ତେ ଆଗକୁ ଆସିଛନ୍ତି। ଏହି ମହିଳା ଡାକ୍ତର ଜଣକ ହେଉଛନ୍ତି ଉତ୍ତରାଖଣ୍ଡର ଡ. ମେଘା ସକ୍ସେନା। ଉତ୍ତରାଖଣ୍ଡର ପାଇନ୍ ଗଛ ନିଡଲ୍(ଛୁଞ୍ଚି ଭଳି ପତ୍ର) ଝଡ଼ି ବହୁ ସମୟରେ ବନାଗ୍ନିର କାରଣ ପାଲଟିଥାଏ। ଏହାର ସମାଧାନ ପାଇଁ ସେ ପାଇନ ନିଡଲ୍ ବର୍ଜ୍ୟକୁ ବ୍ୟବହାରଯୋଗ୍ୟ ବାୟୋଚାର୍ ଆଧାରିତ ଅର୍ଥାତ୍ ଅଙ୍ଗାର ଭଳି ଜୈବ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି, ଯାହା ମାଟିର ଉର୍ବରତା ବଢ଼ାଇବାରେ ସାହାଯ୍ୟ କରୁଛି। ଏହାବ୍ୟତୀତ ନିଡଲ୍ ବର୍ଜ୍ୟରୁ ଉଡ୍ ଭିନେଗାର ସବୁ ପ୍ରସ୍ତୁତ କରୁଛନ୍ତି ଏବଂ ଏହା କୀଟନାଶକ ଭାବେ ବ୍ୟବହାର ହେଉଛି। ଏହାସହ ପାଇନ୍ ବର୍ଜ୍ୟ ସହିତ ଅନ୍ୟ ଖାଦ୍ୟଶସ୍ୟ ମିଶାଇ କୁକୁଡ଼ା ଓ ମାଛଦାନା ପ୍ରସ୍ତୁତ କରୁଛନ୍ତି। ସେ ଇକୋଚାର ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାମ କରୁଛନ୍ତ ଏବଂ ଏହାକୁ ସେ ୨୦୧୧ରେ ପ୍ରତିଷ୍ଠା କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୬ ସେପ୍ଟେମ୍ବର ୧୯୭୬

- ଭେନଜୁଏଲା ବିମାନବାହିନୀର ଏକ ପରିବହନ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୬୮ ଯାତ୍ରୀଙ୍କ ମୃତ୍ୟୁ।
- ୮୦ ଜଣ ଯାତ୍ରୀ ଥିବା ହଲାଣ୍ଡର ଏକ ଅପହୃତ ବିମାନ ସାଇପ୍ରସ ଦକ୍ଷିଣ ପଶ୍ଚିମ ଭାଗରେ ଥିବା ଏକ ବିମାନଘାଟୀରେ ଓହ୍ଲାଇଥିବା ଜଣାଯାଇଛି।

## ଚିରନ୍ତନୀ

ଅସ୍ତଗାମୀ ରବି ସମ ନିବିଡ଼ ଏ ଅନ୍ଧାର ମୁଖରେ
ଚାଲିଛି ମୁଁ ଗୋଧୂଳିର ଶୀର୍ଣ୍ଣ କ୍ଳାନ୍ତ କ୍ଷୀଣ
ମୟୂଖରେ
ଶୀକର ପବନ ମୋର ଲାଗେ ଗଣ୍ଡେ ଲାଗେ
ଭାଲଦେଶେ
ଚାଲିଛି ମୁଁ ଆଜି ନିରୁଦ୍ଦେଶ୍ୟେ !
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅପରାଧୀଙ୍କୁ ଦମନ କରାଯାଉ

ମହାଶୟ,

ଅପରାଧୀମାନଙ୍କୁ ଦୃଢ଼ହସ୍ତରେ ଦମନ କରିବାକୁ ସରକାର ସଙ୍କଳ୍ପବଦ୍ଧ। ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। କିନ୍ତୁ ଯେଉଁ ପ୍ରଶାସନ ପୋଲିସଙ୍କ ଦ୍ୱାରା ଦମନ କରିବାକୁ ଚାହୁଁଛନ୍ତି, ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପ୍ରତିଦିନ ଭିଜିଲାନ୍ସ ଧରିବାର ଖବର ସମ୍ବାଦପତ୍ର ଓ ଟିଭି ପରଦାରୁ ଦେଖିବାକୁ ମିଳୁଛି। ତେଣୁ ଏଭଳି ଗୁରୁଦାୟିତ୍ୱ ସେମାନଙ୍କୁ ଦେଇଦେଲେ, ଏହି ସୁଯୋଗରୁ କିଛି ଫାଇଦା ଉଠାଇବେ ନାହିଁ ତ! ତେଣୁ ସେମାନଙ୍କୁ ଜଗିବା ପାଇଁ ଆଉ ଏକ ସଂସ୍ଥାକୁ ନିୟୋଜିତ କରିବା ଦରକାର। ନଚେତ ଅନ୍ୟଙ୍କଠାରୁ ନିଜର ସ୍ୱାର୍ଥ ହାସଲ କରିବାକୁ ସାଧାରଣ ଜନତାଙ୍କ ନାମରେ ମିଛ ମାମଲା ସୃଷ୍ଟି କରି ସେମାନଙ୍କୁ ଲହୁଲୁହାଣ କରିଦେବେ। ତେଣୁ ସରକାରଙ୍କୁ ଅନୁରୋଧ, ଏଥିପ୍ରତି ଦୃଷ୍ଟି ଦେବେ।

-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଡ୍ରାଇଭର-ସରପଞ୍ଚ ମାରପିଟ, ଥାନାରେ ମାମଲା

ଲାଞ୍ଜିଗଡ଼,୫।୯(ରମେଶ ଚନ୍ଦ୍ର ନାୟକ)



ଥାନାକୁ ଏତଲା ଦେବାକୁ ଆସିଥିବା ଡ୍ରାଇଭର ସଂଘ କର୍ମକର୍ତ୍ତା।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ଠାରେ ଶୁକ୍ରବାର ଡ୍ରାଇଭର ଓ ସରପଞ୍ଚ ମାରପିଟ ହୋଇଛନ୍ତି। ଏହାକୁ ନେଇ ଉଭୟ ପକ୍ଷରୁ ଲାଞ୍ଜିଗଡ଼ ଥାନାରେ ପୃଥକ୍ ଏତଲା ଦିଆଯାଇଛି। ଅଭିଯୋଗ ଆଧାରରେ ପୋଲିସ ପୃଥକ୍ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ ଡ୍ରାଇଭର ହରପ୍ରସାଦ ଗୌଡ଼ ସକାଳେ ନିଜ ଗାଡ଼ିରେ ବେଦାନ୍ତ କାରଖାନାର ସହଯୋଗୀ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କୁ ନେଇ କାରଖାନାକୁ ଯାଉଥିଲେ। କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଭିଡ ହୋଇଥିବାରୁ ସେ ଗାଡି ଅଟକାଇ ଥିବାବେଳେ ବସନ୍ତପଡା ସରପଞ୍ଚ ଚାଁଦେର ମାଝୀ ଏବଂ ଲାଞ୍ଜିଗଡ ଗ୍ରାମର ବିଭୁତି କୁମାର ଗାଡି ଭିତରକୁ ଯାଇ ତୁ ଡ୍ରାଇଭର ସଂଘର ଉପସଭାପତି ଅଛୁ କହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଗାଡି ଭିତରୁ ଟାଣି ଆଣି ମୁଥ ଚାପୁଡ଼ା ମାରିଥିଲେ। ଏପରି କି ଦୁନିଆରୁ ଉଠାଇଦେବୁ ବୋଲି ଧମକ ଦେଇଥିଲେ। ଏ ସମ୍ପର୍କରେ ହରପ୍ରସାଦ ଡ୍ରାଇଭର ସଂଘକୁ ଜଣାଇଥିଲେ। ଡ୍ରାଇଭର ସଂଘର ସମସ୍ତ ଡ୍ରାଇଭର ଗାଡି ବନ୍ଦ କରି କାରଖାନା ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବସନ୍ତପଡା ସରପଞ୍ଚ ଚାଁଦେର ମାଝୀ ଓ ବିଭୁତି କୁମାରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ସଂଘର ସମସ୍ତ କର୍ମକର୍ତ୍ତା ଲାଞ୍ଜିଗଡ ଥାନାକୁ ଯାଇ ସରପଞ୍ଚଙ୍କ ବିରୋଧରେ ଏତଲା ଦେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେମାନଙ୍କୁ ଗିରଫ କରା ନ ଗଲେ ଡ୍ରାଇଭର ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୮୨/୨୫) ରୁଜୁ କରିଛି। ଅନ୍ୟପକ୍ଷରେ ସରପଞ୍ଚ ଚାଁଦେରଙ୍କ ପକ୍ଷରୁ ମଧ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା (ନଂ.୮୩/୨୫) ରୁଜୁକରି ତଦନ୍ତ ଚଳାଇଥିବା ଲାଞ୍ଜିଗଡ଼ ଥାନା ଏଏସ୍ଆଇ ବଳଭଦ୍ର ଗୌଡ଼ ପ୍ରକାଶ କରିଛନ୍ତି।

# ବ୍ୟାଙ୍କ, କ୍ରେଡିଟ୍ କାର୍ଡରୁ ୩ ଲକ୍ଷ ୫୩ ହଜାର ନେଇଗଲେ

## ଶିକ୍ଷକ ନେତା ସାଇବର ଠକେଇର ଶିକାର

ପାଟଣା,୫।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କମଳାକାନ୍ତ ପତି ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ୨ ବ୍ୟାଙ୍କ ଅକାଉଣ୍ଟ ସହ ଏକ କ୍ରେଡିଟ କାର୍ଡରୁ ଚତୁରତା ସହ ହ୍ୟାକର ମୋଟ ୩ ଲକ୍ଷ ୫୩ ହଜାର ଠକି ନେଇଛନ୍ତି। ଏ ନେଇ ସେ ପାଟଣା ଥାନା, କେନ୍ଦୁଝର ସାଇବର ଶାଖାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଶିକ୍ଷକ ଜଣଙ୍କ ବର୍ତ୍ତମାନ ପାଟଣା ମୁଖ୍ୟାଳୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରୂପେ କାର୍ଯ୍ୟରତ ଅଛନ୍ତି। ତାଙ୍କ ହ୍ୱାଟ୍ସଆପକୁ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତଙ୍କ ନମ୍ବରରୁ ଆର୍‌ଟିଓ ଇ -ଚାଲାଣର ଏକ ଆପ ଆସିଥିଲା। ଯେହେତୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମେସେଜ ଆସିଥିଲା, ତାକୁ ବିଶ୍ୱାସ କରି ଶିକ୍ଷକ ଆପ୍‌କୁ ଖୋଲି ସେଠାରେ ମଗାଯାଇଥିବା ତଥ୍ୟ ଭରିବା ସହ ନିଜର ଆଧାର ନମ୍ବର ନିଜ ନାଁ ଓ ମା'ଙ୍କ ନାମ ଏଣ୍ଟ୍ରି କରି ୧ଟଙ୍କା ପେମେଣ୍ଟ କରିଥିଲେ। ଏହାର କିଛି ସମୟ ପରେ ତାଙ୍କ ମୋବାଇଲକୁ ଟଙ୍କା କଟିବାର ୩ଟି ମେସେଜ ଆସିଥିଲା। ଏଥିରେ ତାଙ୍କ ପାଟଣାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ଆକାଉଣ୍ଟରୁ ୧ ଲକ୍ଷ ୨୨ହଜାର, ଘଟଗାଁସ୍ଥିତ ତାରିଣୀ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାର ସାଲାରି ଆକାଉଣ୍ଟରୁ ୧ ଲକ୍ଷ ୩୩ ହଜାର ଓ ପାଟଣା ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ରେଡିଟ୍ କାର୍ଡରୁ ୯୮ ହଜାର ଟଙ୍କା ଚତୁରତା ସହ ସାଇବର ଠକ୍ ଉଠାଇ ନେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଶିକ୍ଷକ ପାଟଣା ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାକୁ ଯାଇ ଜଣାଇବା ପରେ ଆକାଉଣ୍ଟକୁ ବ୍ୟାଙ୍କ ପକ୍ଷରୁ ବନ୍ଦ କରାଯାଇଥିଲା। ପରେ ସେ ପାଟଣା ଥାନା, କେନ୍ଦୁଝର ସାଇବର ଥାନା ଓ ଭୁବନେଶ୍ୱର ସାଇବର ମୁଖ୍ୟ ଥାନାରେ ଟୋଲ ଫ୍ରି ନମ୍ବର୍ ୧୯୩୦ରେ କଲ କରି ନ୍ୟାଶନାଲ ସାଇବର ପୋର୍ଟାଲରେ ଭୁବନେଶ୍ୱର ଶାଖା ଅଭିଯୋଗକୁ ପଞ୍ଜୀକୃତ କରିଛନ୍ତି। ପାଟଣା ବିଇଓଙ୍କ ଆକାଉଣ୍ଟକୁ ସାଇବର ଅପରାଧୀ ହ୍ୟାକ୍ କରି ପାଟଣା ବ୍ଲକ୍‌ର ଅନ୍ୟ ଶିକ୍ଷକଙ୍କୁ ଏଭଳି ମେସେଜ ପଠାଇଥିବା ଜଣାପଡ଼ିଛି। ବିଇଓ ଏହା ଜାଣିବା ପରେ ମୋବାଇଲର ସମସ୍ତ ଆପ୍‌କୁ ଅନ ଇନ୍‌ଷ୍ଟାଲ କରିଥିବା କହିଛନ୍ତି।

# ୪୦ ଲକ୍ଷର ସାଇବର ଠକେଇ: ଅନୁଗୋଳରୁ ଅଭିଯୁକ୍ତ ଗିରଫ

କୋରାପୁଟ,୫।୯
(ଅମିତାଭ ବେହେରା)

କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳର ୨ ବ୍ୟକ୍ତିଙ୍କଠାରୁ ୪୦ ଲକ୍ଷ ଟଙ୍କା ଠକିନେଇଥିବା ଜଣେ ଅଭିଯୁକ୍ତଙ୍କୁ ସାଇବର ଥାନା ପୋଲିସ ଅନୁଗୋଳରୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ହେଲେ ସେମିଳିଗୁଡ଼ା ସରସ୍ୱତୀ ନଗରର କଣ୍ଟ୍ରାକ୍ଟର ଉପେନ୍ଦ୍ର କୁମାର ମହାନ୍ତି। ପୋଲିସ ସୂଚନା ଅନୁଯାୟୀ, ଉପେନ୍ଦ୍ର ଅଗଷ୍ଟ ୨୩ରେ ଉକ୍ତ କଲୋନିର ପ୍ରଫୁଲ୍ଲ ପାଙ୍ଗୀ(୫୮)ଙ୍କଠାରୁ ୨୦ ଲକ୍ଷ ଟଙ୍କା ୨ ମାସରେ ଦେବାକୁ କହି ଆର୍‌ଟିଜିଏସ୍ ମାଧ୍ୟମରେ ନେଇଥିଲେ। ପରେ ବେହେରାଗୁଡ଼ା ଗ୍ରାମର ସଙ୍ଗାଡି ଡମ୍ବୁଙ୍କଠାରୁ ମଧ ଜୁଲାଇରେ ୩ଟା ଚେକ୍ ମାଧ୍ୟମରେ ୨୦ ଲକ୍ଷ ନେଇଥିଲେ। କିନ୍ତୁ ପରେ ସେ ଫୋନ ସୁଇଚ୍ ଅଫ୍ ରଖିଥିବା ଓ କୌଣସି ଯୋଗାଯୋଗ ନ କରିବାରୁ ପ୍ରଫୁଲ୍ଲ ଓ ସଙ୍ଗାଡି କୋରାପୁଟ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ.୧୩/୨୫ ଏବଂ ୧୫/୨୫ରେ ଦୁଇଟି ମାମଲା ରୁଜୁ କରିଥିଲା। ସାଇବର ଥାନା ଅଧିକାରୀ କୃଷ୍ଣା କୁମାରୀ ପ୍ରଧାନ ତଦନ୍ତ ଜାରି ରଖିଥିଲେ। ଅଭିଯୁକ୍ତଙ୍କଠାରୁ ଏକ ଲାପ୍‌ଟପ୍,ମୋବାଇଲ ଓ ୫ଟି ଡେବିଟ୍ କାର୍ଡ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମ୍ବିତ କୁମାର ମହାନ୍ତି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ୨୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

## ୨ ନିଶା ବେପାରୀଙ୍କୁ ଉଠାଇନେଲା ଅବକାରୀ ଫ୍ଲାଇଂସ୍କ୍ୱାଡ୍

ଛତିଆ,୫।୯(ସୌମ୍ୟ ରଞ୍ଜନ ସାହୁ)

ଯାଜପୁର ଜିଲା ବୈରୀ ଥାନା ଅଧୀନ ଛତିଆ ଅଞ୍ଚଳରେ ବ୍ରାଉନସୁଗାର ବେପାରି ସକ୍ରିୟ ହୋଇ ଉଠିଛନ୍ତି। ଏନେଇ ଅଭିଯୋଗ ହେବାପରେ ଅଞ୍ଚଳରେ ବ୍ରାଉନସୁଗାର କାରବାର କରୁଥିବା ୨ ଯୁବକଙ୍କୁ କଟକ ଅବକାରୀ ବିଭାଗ ଫ୍ଲାଇଂ ସ୍କାଡ୍ ଗୁରୁବାର ଉଠାଇ ନେଇଛି। ସେମାନଙ୍କ ନିକଟରୁ ୧୯୪ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଏହାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଯୁବକ ଦ୍ୱୟହେଲେ ଛତିଆ ଅଞ୍ଚଳର ରଞ୍ଜନ ମଲିକ(୩୦) ଓ ବଳରାମ ଖଣ୍ଡୁଆଳ(୨୧)। ଉଭୟେ ବାଲେଶ୍ୱର ଜିଲାର ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି ଛତିଆ ସମେତ କଟକ, ଭୁବନେଶ୍ୱରରେ ବିକ୍ରି କରୁଥିଲେ। ସେମାନେ ଛତିଆ, ବୈରୀ, ଚମ୍ପାପୁର ସୋଲର ଓ ବିଦ୍ୟାଧରପୁର ଅଞ୍ଚଳରେ ଖୁଲମଖୁଲା ବେପାର କରୁଥିଲେ। ହେଲେ ସ୍ଥାନୀୟ ପୋଲିସ କିପରି ଜାଣିପାରୁ ନ ଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।


ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିଜର ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା ସ୍ଥିତ ଅଫିସର କଲୋନୀରେ ଥିବା 6 ଟି ଗ୍ରେଡ୍ ଏ ଫ୍ଲାଟ୍‌ର ନବୀକରଣ (ସିଭିଲ୍ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ସେପ୍ଟେମ୍ବର 23, 2025 ଅପରାହ୍ନ 02:00 ଟା ଅଟେ ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

REQUIRED
01. Accountant
Commerce Graduate with deep Knowledge of tally accounting
02. Data Entry Operator
Graduate with good speed of making data entry. Typing min. 30 speed per minute.
03. Liaison Officer
Graduate with 5 year experience in liaisoning
APPLY sahebramkakka@gmail.com

OFFICE OF THE PRINCIPAL-CUM-SECRETARY
CHAITANYA SAHOO HIGHER SECONDARY SCHOOL OF SC. & ARTS
At/P.O.: Nuapatna, P.S.: Tigiria, Dist.: Cuttack - 754035
E-Mail: cscollege.npt@gmail.com
WALK-IN-INTERVIEW
Wanted Lecturers in Economics, History, Odia, Sociology & Computer skilled Clerk on Contractual Basis. Desirous candidates with requisite qualifications may attend the interview in the School premises within 10 A.M. to 01 P.M. on Dt.10.09.2025. The appointment is purely temporary & no claim for permanent appointment be made in future.
Sd./- Principal

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिजर्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत | In assessment, India trusts us
वेबसाईट देखने हेतु स्कैन करें Scan to visit Website

ସିଆର୍‌ପି ଆର୍‌ଆର୍‌ବି XIV
ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ସ (ସ୍କେଲ୍-I, II ଏବଂ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା
ଆନୁଷ୍ଠାନିକ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ
ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍ - I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ଆଗାମୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବି XIV) ଇନଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ତଳେ ଦିଆଯାଇଥିବା ସମ୍ଭାବ୍ୟ ସମୟସୂଚୀ ଅନୁଯାୟୀ ସଞ୍ଚାଳିତ ହେବ । ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ପାଇଁ ସାକ୍ଷାତକାର ନାବାର୍ଡ ଓ ଆଇବିପିଏସ୍ ସହାୟତାରେ ନୋଡାଲ୍ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ସଂଯୋଜିତ କରାଯିବ ଏବଂ ତାହା ଜାନୁଆରୀ/ଫେବୃଆରୀ, ୨୦୨୬ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି ।

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ସମ୍ଭାବ୍ୟ ସମୟସୂଚୀ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଆବେଦନ ଦେୟ/ ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୯.୨୦୨୫ରୁ ୨୧.୦୯.୨୦୨୫ |
| ଆବେଦନ ଫର୍ମରେ ପରିବର୍ତ୍ତନ/ସଂଶୋଧନ କରିବା (ସମ୍ପାଦନା ପାଇଁ ଅନ୍‌ଲାଇନ୍ ଦେୟପୈଠ ସମେତ) ଲାଗି ପ୍ରାର୍ଥୀମାନଙ୍କ ପାଇଁ ଏଡିଟ୍ ୱିଣ୍ଡୋ | ପଞ୍ଜୀକରଣ ବନ୍ଦ ହେବା ପରେ (ଆନୁଷ୍ଠାନିକ ଆଇବିପିଏସ୍ ୱେବସାଇଟରେ ଅଧିସୂଚିତ କରାଯିବ) |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି) ସଞ୍ଚାଳନ | ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ (ଅଫିସର୍ସ/ଓଏ) | ନଭେମ୍ବର/ଡିସେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ଫଳାଫଳ | ଡିସେମ୍ବର, ୨୦୨୫ /ଜାନୁଆରୀ, ୨୦୨୬ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ / ସିଙ୍ଗଲ୍ (ଅଫିସର୍ସ/ଓଏ) | ଡିସେମ୍ବର, ୨୦୨୫ /ଫେବୃଆରୀ, ୨୦୨୬ |

ବିବରଣୀ ତଥା ଅପଡେଟ୍ସ ପାଇଁ ଆନୁଷ୍ଠାନିକ www.ibps.in ୱେବସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ସିଆର୍‌ପି ଆର୍‌ଆର୍‌ବି - XIV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ଆନୁଷ୍ଠାନିକ ଆଇବିପିଏସ୍ ୱେବ୍‌ସାଇଟରେ ଜାରି ଓ ସ୍ଥାନିତ ସବିଶେଷ ଅଧିସୂଚନାରେ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ ।
ମୁମ୍ବାଇ
ତାରିଖ: ୦୧.୦୯.୨୦୨୫ ନିର୍ଦ୍ଦେଶକ


# ଗ୍ରାମ ସଭାପତିଙ୍କୁ ଆକ୍ରମଣ: ବାପ ପୁଅ ଗିରଫ

ଗୋପାଳପୁର,୫।୯
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଞ୍ଚଳର ଏକ ଗ୍ରାମର ସଭାପତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଶୁକ୍ରବାର ପୋଲିସ ଏଥିରେ ସମ୍ପୃକ୍ତ ବାପ ପୁଅଙ୍କୁ ଗିରଫ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶୀତଳାପଲ୍ଲୀ ଗ୍ରାମର ରାଜୁ ଦାସ (୪୫) ଓ ତାଙ୍କ ପୁଅ ଶିବା ଦାସ (୨୦)। ଖବରରୁ ଜଣାପଡିଛି, ଗୋପାଳପୁର ଥାନା ଅନ୍ତର୍ଗତ ଶୀତଳାପଲ୍ଲୀ ଗ୍ରାମର ସଭାପତି ଭାବେ ବିଶୁ ସେଠୀ ରହିଛନ୍ତି। ସେ ଗୁରୁବାର ରାତି ସାଢେ ୯ଟାରେ ଗ୍ରାମରେ ହେଉଥିବା ରାମାୟଣ ଦେଖିବାକୁ ଯାଉଥିଲେ। ଏହି ସମୟରେ ସେହି ଗ୍ରାମର ରାଜୁ ଓ ଶିବାଙ୍କ ସହ ସାକ୍ଷାତ ହେବାରୁ ବିଶୁ ଦାସ ସାହିରେ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବା ନେଇ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଶିବା ଉତ୍ୟକ୍ତ ହୋଇ ଘରୁ ଏକ କାତି ଆଣି ବିଶୁଙ୍କ କପାଳ ଓ ଡାହାଣ ହାତକୁ ଆକ୍ରମଣ କରିଥିଲେ। ଏଥିରେ ବିଶୁ ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ବିଶୁଙ୍କ ପୁଅ କାହ୍ନୁ ଚରଣ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ନଂ ୩୧୭/୨୫ରେ ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ରାଜୁ ଓ ତାଙ୍କ ପୁଅ ଶିବାଙ୍କୁ ପୋଲିସ ଗିରଫ କରିଛି। ଆକ୍ରମଣରେ ବ୍ୟବହୃତ କାତିକୁ ଜବତ କରାଯାଇଛି।


HDFC BANK
We understand your world

AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 15-Sep-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75433144 | BISWAJIT ROUT | 1308400 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 2 | 75710656 | SANYASI SAHOO | 500500 | |
| 3 | 75739389 | DHARMENDRA KUMAR DAS | 112800 | |
| 4 | 4000016607 | JAYA KRUSHNA PRADHAN | 32900 | |
| 5 | 75401510 | TAPAS KUMAR JENA | 30100 | |
| 6 | 75934141 | PRADOSH KUMAR PARIDA | 482400 | |
| 7 | 75892830 | ARIJIT JAYPRAKASH | 471000 | |
| 8 | 75693369 | RAJANIKANTA MISHRA | 405500 | |
| 9 | 75892889 | ARIJIT JAYPRAKASH | 224000 | |
| 10 | 75404701 | TRUSHNA BEHERA | 130400 | |
| 11 | 75542261 | BIDU LATA JENA | 85200 | |
| 12 | 75668606 | PRAKASH SAHU | 728900 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 13 | 75573738 | DIPTIDATTA SAHOO | 61000 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 14 | 75963622 | PADMANAV BARIK | 27200 | |
| 15 | 75585475 | DIPTIDATTA SAHOO | 210000 | |
| 16 | 75702406 | AJIT BHOI | 96100 | |
| 17 | 73575348 | BIJAY KUMAR KAR | 41889 | HDFC BANK LTD, BAJRAKABATI ROAD, CUTTACK-753001 |
| 18 | 75690159 | SUBHRA PRAKASH KANOONGO | 399900 | |
| 19 | 75349541 | JAGAT JIBAN BEHERA | 80800 | |
| 20 | 75515671 | RATNESH PANDAY | 74900 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 21 | 75457539 | RATNESH PANDAY | 57000 | |
| 22 | 75982511 | KALYANI DASH | 1010000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 23 | 75288938 | ALOK RANJAN PADHY | 144000 | |
| 24 | 75972759 | SAMU SAHOO | 25800 | HDFC BANK LTD, BIRAMITRAPUR, NEAR NEW BUS STAND, SUNDARGARH, ODISHA-770033 |
| 25 | 75628343 | SAMU SAHOO | 18500 | |
| 26 | 76002074 | SMRUTI RAJ SAMAL | 36000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 27 | 75459445 | ABDUL MALEK | 23400 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 28 | 75836657 | AJIT KUMAR BUDA | 50000 | HDFC BANK LTD, DURGA COMPLEX, JHARSUGUDA-768201 |
| 29 | 74259268 | MANAS KUMAR MISHRA | 42000 | HDFC BANK LTD, F M CIRCLE, BALASORE-756001 |
| 30 | 75965764 | RAJESH SETHI | 27000 | |
| 31 | 75896581 | KAMAL LOCHAN SETHI | 502800 | HDFC BANK LTD, GANESWARPUR, REMUNA GOLAI, BALASORE-756019 |
| 32 | 50200080029600 | BANSHIDHAR PARIDA | 1206987.70 | HDFC BANK LTD, OLD CINEMA HALL CHAKA, NEAR UNION BANK-II, HINJILICUT, GANJAM-761102 |
| 33 | 75769144 | EPILI KESWARI | 1056000 | |
| 34 | 75773274 | EPILI DROUPADI | 916430 | |
| 35 | 75773323 | EPILI KESWARI | 611300 | |
| 36 | 76014553 | RESHMA SAHU | 1025000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 37 | 75306383 | SUGYANI KUMARI PRADHAN | 170000 | |
| 38 | 75508776 | RAMAKANTA SAHU | 53000 | |
| 39 | 75614870 | RAMAKANTA SAHU | 24990 | |
| 40 | 75520085 | SNEHALATA SAHU | 52000 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 41 | 75761623 | BISHNU PUJARI | 177400 | HDFC BANK LTD, GROUND FLOOR, NUAGUDA, OPP. FCI-I,ARTS COLLEGE ROAD, MALKANAGIRI-764048 |
| 42 | 75184883 | RABIN PRADHANI | 87100 | HDFC BANK LTD, GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |
| 43 | 75731818 | MAHENDRA MAJHI | 58500 | |
| 44 | 75852119 | KALYANI MALLIK | 54000 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 45 | 75730941 | KALYANI MALLIK | 52000 | |
| 46 | 75766027 | SWARNALATA SAHU | 70000 | HDFC BANK LTD, GROUND FLOOR, SHANKAR CINEMA ROAD, ANGUL, ODISHA-759122 |
| 47 | 75634901 | SUMANTA SAHOO | 68500 | |
| 48 | 74691527 | SURESH KHATUA | 39000 | HDFC BANK LTD, HATATOTA, TALCHER, ANGUL-759100 |
| 49 | 75987967 | MANAS RANJAN BEJ | 999000 | HDFC BANK LTD, JABARA, JENAPUR, KUAKHIA, RASULPUR, JAJPUR-755023 |
| 50 | 75967626 | SK SOHEL | 40400 | |
| 51 | 75587353 | BIKASH CHANDRA BEHERA | 59800 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 52 | 75846210 | BASANTA KUMAR MOHANTY | 284400 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 53 | 74155434 | KRUSHNA CHANDRA NAYAK | 184000 | |
| 54 | 75460840 | SANTOSH KUMAR PANDA | 55000 | |
| 55 | 75729393 | SUBHASIS MOHANTY | 38000 | |
| 56 | 75327845 | SANJUKTA SAHU | 540000 | |
| 57 | 75804554 | GOURANGA HANHAGA | 72300 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 58 | 75735824 | BABITA BISHOYI | 670800 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 59 | 75362249 | SALYA RANJAN SWAIN | 281600 | HDFC BANK LTD, MAHIPAL, KENDRAPARA-754211 |
| 60 | 73596401 | ABHIPSA MAHAPATRA | 21500 | |
| 61 | 75202608 | SK JAKIR | 20800 | |
| 62 | 75289025 | BIPIN NAYAK | 281500 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 63 | 75272266 | SANDHYA SWAIN | 80400 | |
| 64 | 75724705 | LITU PATRA | 1358000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 65 | 76029223 | SASMITA PATTANAIK | 1326000 | |
| 66 | 75864095 | SUSANTA KUMAR GOUDA | 505000 | |
| 67 | 76033566 | BUDAGATALA RAMA | 180000 | |
| 68 | 75815912 | RAJESH KUMAR PRADHAN | 645000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 69 | 74772167 | SAUMITRI PARAMANIK | 53000 | |
| 70 | 75206808 | RABIN PRADHANI | 168000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 71 | 75415365 | DILLIP DURGA | 44000 | |
| 72 | 75674403 | AMARLAL SI | 22000 | |
| 73 | 75344267 | ANDI FLOWER BAGH | 94500 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 74 | 75726521 | D RAMA KRISHNA | 105000 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 75 | 75762863 | RANJAN ROUT | 41100 | |
| 76 | 75272581 | SANSINGH TANTI | 84080 | HDFC BANK LTD, PATEL MARG, NABARANGAPUR-764059 |
| 77 | 75272522 | SANSINGH TANTI | 51000 | |
| 78 | 50200089027648 | PUSPANJALI PALAI | 1072288.14 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 79 | 75416720 | RAJ KISHOR SAHOO | 50700 | |
| 80 | 50200029716735 | HAREKRUSHNA PATI | 721789.86 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 81 | 75283986 | AMARAJIT NAYAK | 24900 | |
| 82 | 75433146 | SILU BISWAL | 313500 | |
| 83 | 75657788 | ARCHIT GHARAI | 41000 | |
| 84 | 75273660 | ARCHIT GHARAI | 40000 | |
| 85 | 75384349 | MANOJ JENA | 147500 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 86 | 75267665 | ARAJIT MOHANTY | 49700 | |
| 87 | 75283151 | BIBHUDATTA NAYAK | 35000 | |
| 88 | 50200036455474 | IPSITA RAJ | 140497 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 89 | 466066914 | MINARANI PADHI | 16600 | HDFC BANK LTD, PLOT NO-1078/1110, SHAMPUR, NUAGAON, BHUBANESWAR-751003 |
| 90 | 75372067 | RUDRA PRASANNA JENA | 14500 | |
| 91 | 75754653 | RITESH KUMAR MAHALA | 60700 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 92 | 75385332 | BIPIN BALIYARSINGH | 797000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 93 | 75852195 | SURESH CHANDRA NAYAK | 58700 | |
| 94 | 75762891 | TAPAN KUMAR NAYAK | 60000 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 95 | 75582281 | JYOTIRANJAN SAHOO | 69200 | HDFC BANK LTD, PLOT NO-N5/537, IRC VILLAGE, NAYAPALLI, BHUBANESWAR-751015 |
| 96 | 75835821 | SUBHAM DAS | 510100 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 97 | 75884184 | SASMITA MUGRI | 39000 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 98 | 75873406 | SUSHANTA JAL | 35800 | |
| 99 | 75148553 | SUNIL DEEP | 69500 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 100 | 75767621 | TULASI ORAM | 146700 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 101 | 73587212 | SASMITA SAHOO | 49000 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 102 | 75300955 | HARAPRASAD NAYAK | 26550 | |
| 103 | 75725321 | ANIQUA BEGUM | 390900 | |
| 104 | 75933567 | SAYED SANAWAR ALI | 154900 | |
| 105 | 75857022 | PARINITA JENA | 92100 | HDFC BANK LTD, UNIT 11, BUXI BAZAR, CANTONMENT, CUTTACK-753001 |
| 106 | 74326271 | SUVAJIT ROY | 104000 | HDFC BANK LTD, VIP PLAZA, VIP ROAD, PURI-752001 |
| 107 | 75426060 | AABID HUSEN | 27700 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 108 | 75602558 | SANTOSH KUMAR PALAI | 1837000 | HDFC BANK LTD, PLOT NO-676/1249, JAYASREE CINEMA HALL ROAD, CHATRAPUR, GANJAM, ODISHA-761020 |
| 109 | 75811017 | MAHENDRA KUMAR SAHU | 301000 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 110 | 75318348 | PATITA RAUTA | 200000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 06/09/2025, Place : ODISHA | Sd/- Authorized Officer, HDFC BANK LTD.

## ମନ୍ଦିର ପରିସରରୁ ଯୁବତୀଙ୍କ ମୃତଦେହ ଜବତ

ବାହାନଗା,୫।୯(ଅରୂପ କୁମାର ଦାସ)- ବାଲେଶ୍ୱର ଜିଲା ବାହାନଗା ବଜାରଠାରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର ପରିସରସ୍ଥିତ ଏକ ଘରୁ ପୋଲିସ ଜଣେ ଯୁବତୀଙ୍କ ମୃତଦେହ ଜବତ କରିଛି। ସେ ହେଲେ ପଥରପେଣ୍ଠ ପଞ୍ଚାୟତ ପାଟଣା ଗ୍ରାମର ଗୋବିନ୍ଦ ମଲ୍ଲିକଙ୍କ ଝିଅ ସୁଶ୍ରୀ ସଙ୍ଗୀତା(୨୩)। ସେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ସୁଶ୍ରୀ ସଙ୍ଗୀତା ଘରୁ ୫୦୦ ଟଙ୍କା ଧରି ବାହାନଗା ବଜାରକୁ ସଉଦା ଆଣିବା ପାଇଁ ଯାଇଥିଲେ। ମାତ୍ର ମଧ୍ୟାହ୍ନ ୧୨ଟା ୩୦ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ବଜାର ନିକଟସ୍ଥ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଥିବା ଏକ ବନ୍ଦ ଘରେ ତାଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ତେଜିଲା ଡୁଙ୍ଗୁରା ବ୍ଲକ ପ୍ରତିଷ୍ଠା ଦାବି



ବ୍ଲକ ପ୍ରତିଷ୍ଠା ଦାବିରେ ଏକଜୁଟ ହୋଇଥିବା ଲୋକ ପ୍ରତିନିଧି ଓ ଶିକ୍ଷାବିତ୍।

### ୧୧ ପଞ୍ଚାୟତବାସୀ ଏକଜୁଟ

ଖଇରା,୫।୯(ଉତ୍କଳବନ୍ଧୁ ପଣ୍ଡା)

ରାଜ୍ୟ ସରକାର ବ୍ଲକ ଓ ପଞ୍ଚାୟତ ପୁନର୍ଗଠନ ସମ୍ପର୍କରେ ଘୋଷଣା କରିବା ପରେ ଏବେ ବିଭିନ୍ନ ସ୍ଥାନରେ ପୁନର୍ଗଠନ ପ୍ରକ୍ରିୟାରେ ନୂଆ ବ୍ଲକ ପ୍ରତିଷ୍ଠା ପାଇଁ ଦାବି ଆରମ୍ଭ ହୋଇଯାଇଛି। ଖଇରା ବ୍ଲକର ଅନ୍ୟତମ ସାଂସ୍କୃତିକ,ଐତିହାସିକ,ବାଣିଜ୍ୟକ ପ୍ରାଣକେନ୍ଦ୍ର ଭାବେ ପରିଚିତ ଡୁଙ୍ଗୁରାଠାରେ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ଦାବି ଜୋର ଧରିଛି। ଏ ସମ୍ପର୍କରେ ୧୧ପଞ୍ଚାୟତକୁ ନେଇ ଗଠିତ ଡୁଙ୍ଗୁରା ବ୍ଲକ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଶୁକ୍ରବାର ଅପରାହ୍ନରେ ଡୁଙ୍ଗୁରା ଦୂର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ବଟକୃଷ୍ଣ ପଣ୍ଡା ଏଥିରେ ପୌରହିତ୍ୟ କରିଥିଲେ। ଡୁଙ୍ଗୁରା ସମେତ ଝିଙ୍କିରିଆ, ବଡ଼ଜୟିପୁର, ଗରସଙ୍ଗ,ସାରଡାଙ୍ଗ, ଗୋଳିହା, ବରଦା, ରପେୟା, ବଡନୁଆଗାଁ, ଅମରିଆ ଅଗ୍ନିପୁର, ମାଣିତ୍ରୀ ଇତ୍ୟାଦି ପଞ୍ଚାୟତର ଲୋକପ୍ରତିନିଧି,ବୁଦ୍ଧିଜିବୀ,ଶିକ୍ଷାବିତ୍ ଯୋଗଦେଇ ଡୁଙ୍ଗୁରା ଏହି ପଞ୍ଚାୟତଗୁଡ଼ିକର କେନ୍ଦ୍ରସ୍ଥଳ ହୋଇଥିବା ବେଳେ ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନର ପର୍ଯ୍ୟାପ୍ତ ସୁବିଧାଥିବାରୁ ସରକାର ଏହାକୁ ପ୍ରାଥମିକତା ଦେଇ ପୁନର୍ଗଠନ ପ୍ରକ୍ରିୟାରେ ବ୍ଲକ ପ୍ରତିଷ୍ଠାର ଆବଶ୍ୟକତା ରହିଛି ବୋଲି ଦାବି କରିଥିଲେ। ଏଥିପାଇଁ ଖୁବଶୀଘ୍ର ବିଧାୟକ, ପଞ୍ଚାୟତିରାଜ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଯଦି ସରକାର ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ୧୧ ପଞ୍ଚାୟତରୁ ହଜାର ହଜାର ସଂଖ୍ୟାର ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଥିଲା। କୈଳାଶ ଚନ୍ଦ୍ର ମାଝୀ ମଞ୍ଚ ପରିଚାଳନା କରିଥିଲେ।

## 'କେବଳ ପାଠ୍ୟକ୍ରମ ଶିକ୍ଷାରେ ସୀମିତ ନୁହନ୍ତି ଶିକ୍ଷକ'



କୁଳପତିଙ୍କ ସହ ଶିକ୍ଷକ ଓ ବିଦ୍ୟାର୍ଥୀ।

### ଏଫ୍‌ଏମ୍‌ୟୁରେ ଗୁରୁଦିବସ

ବାଲେଶ୍ୱର,୫।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଗୁରୁ ଦିବସ ପାଳିତ ହୋଇଯାଇଛି। କୁଳପତି ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଜଣେ ଶିକ୍ଷକ କେବଳ ପାଠ୍ୟକ୍ରମର ଶିକ୍ଷାରେ ସୀମିତ ରୁହନ୍ତି ନାହିଁ, ସେମାନେ ଛାତ୍ରୀଛାତ୍ରଙ୍କୁ ଆଦର୍ଶ ଆଚରଣର ଜ୍ଞାନ, ଗବେଷଣା ମନସ୍କତା, ସମାଲୋଚନାତ୍ମକ ଚିନ୍ତନ ଓ ସାମାଜିକ ଦାୟିତ୍ୱର ପଥରେ ପ୍ରେରିତ କରିଥାନ୍ତି ବୋଲି କହିଥିଲେ। ଅଧାପିକାଅଧାପକ, ଗବେଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ସ୍ମୃତିଚାରଣ କରିଥିଲେ।

## ନକଲି ସୁନାଇଟା ଠକେଇ ଘଟଣା, ୪ ଅଟକ

ନୀଳଗିରି,୫।୯ (ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରିରେ ନକଲି ସୁନା ଇଟା କାରବାର ଘଟଣାରେ ନୀଳଗିରି ପୋଲିସ ଓ ବରହମପୁର ପୋଲିସ ମିଳିତ ଭାବେ ଚଢ଼ାଉକରି ଏହାର ମୁଖ୍ୟ କାର୍ପଟଦାର ନିଳଗିରି ଏନ.ଏ.ସି ବାଣପୁର ଗ୍ରାମର ବିଷ୍ଣୁ ମହାନ୍ତିଙ୍କ ସମେତ ୪ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ସେମାନଙ୍କଠାରୁ ୨ଟି ବାଇକ, ୪ଟି ମୋବାଇଲ ସହ ନଗଦ ୩ଲକ୍ଷ ୭୯ହଜାର ଟଙ୍କା ଜବତ କରାଯାଇଛି।

ଏହି ଗ୍ରୁପ ଅତି ଚତୁରତାର ସହ ଅସଲି ସୁନାକୁ ଦେଖାଇ ନକଲି ସୁନା ବେପାର କରୁଥିଲେ। ଗଞ୍ଜାମ ଜିଲାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସେବକନଗର ଗ୍ରାମର କୃଷ୍ଣ ନାୟକଙ୍କୁ ନୀଳଗିରିର ବିଷ୍ଣୁ ମହାନ୍ତି କମ୍ ଦାମରେ ସୁନା ଦେବାକୁ କହି ଯୋଗାଯୋଗ କରିଥିଲେ। ଯୋଜନା ଅନୁସାରେ କୃଷ୍ଣ ନୀଳଗିରି ବରହମପୁର ଥାନା ଅନ୍ତର୍ଗତ ତେଲିପାଲ ଅଞ୍ଚଳରେ ପହଞ୍ଚିଥିଲେ। ବିଷ୍ଣୁ ଓ ତାଙ୍କ ସହଯୋଗୀଙ୍କ ଉପସ୍ଥିତିରେ ୧୬ ଲକ୍ଷ ଟଙ୍କାର ସୁନା ଦେବାକୁ କହି ନେଇ ଆସିଥିଲେ। ମାତ୍ର ନକଲି ସୁନାକୁ ନ ଦେଇ କୃଷ୍ଣଙ୍କୁ ଆକ୍ରମଣ କରିଥିଲେ। ଜୀବନ ଭୟରେ କୃଷ୍ଣ ଆହତ ଅବସ୍ଥାରେ ନିଜ ଗ୍ରାମକୁ ଯାଇ ନିକଟସ୍ଥ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ପରେ ଠକେଇକୁ ନେଇ ଗତ ସେପ୍ଟେମ୍ବର ୧ରେ ନୀଳଗିରି ବରହମପୁର ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା (ନଂ.୧୧୨/୨୫) ରୁଜୁ କରି ଖୋଳତାଡ଼ ଆର ଆରମ୍ଭ କରିଥିଲା। ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳର ଜଣେ ଯୁବକ, ନୀଳଗିରି ଥାନା ଅଧୀନ ଧୋବଶିଳା ଗ୍ରାମର ଜଣେ ଓ ସାରୁପାଳ ଗ୍ରାମର ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବାଲେଶ୍ୱର ଏମ୍‌ପି

ବାଲେଶ୍ୱର,୫।୯(ବାଞ୍ଛାନିଧି ଦେ)

୫ଦିନିଆ ଦିଲ୍ଲୀ ଗସ୍ତରେ ଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗୁରୁବାର ରାତିରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସାକ୍ଷାତ କରିଛନ୍ତି। ବାଲେଶ୍ୱରରେ ବାରମ୍ବାର ଉପୁଜୁଥିବା ବନ୍ୟା ସ୍ଥିତିର ସ୍ଥାୟୀ ପ୍ରତିକାର ଦିଗରେ ଆଲୋଚନା କରିଥିଲେ। ଏଥିସହ ବାଲେଶ୍ୱରରେ ଏକ ମତ୍ସ୍ୟ ଓ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।

ପୂର୍ବରୁ ଏ ସମ୍ପର୍କରେ ଏମ୍‌ପି ଷଡ଼ଙ୍ଗୀ ଉପ-ମୁଖ୍ୟମନ୍ତ୍ରୀ, କୃଷି ମନ୍ତ୍ରୀ ଏବଂ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ସାକ୍ଷାତ କରି ବାଲେଶ୍ୱର ଲୋକସଭା କ୍ଷେତ୍ର ଅନ୍ତର୍ଗତ ବାଲେଶ୍ୱର ଓ ମୟୂରଭଞ୍ଜରେ ମତ୍ସ୍ୟ ଓ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ଜଣାଇଥିଲେ। କିନ୍ତୁ ନିକଟରେ କେବଳ ମୟୂରଭଞ୍ଜ ଜିଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ଘୋଷଣା କରିଛନ୍ତି। ଖୁବ୍‌ଶୀଘ୍ର ବାଲେଶ୍ୱରରେ ମତ୍ସ୍ୟ ଓ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଉ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ସେ କହିଥିଲେ। ଏ ଦିଗରେ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିବା ସୂଚନା ମିଳିଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦାବିପତ୍ର ପ୍ରଦାନ କରୁଛନ୍ତି।

## ପଞ୍ଚାୟତସ୍ତରୀୟ ଗୁରୁଦିବସ ପାଳନ




ଗୁରୁଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କାଳିପଦା, ୫।୯(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ପ୍ରତ୍ୟେକ ବର୍ଷ ଏକ ନିଆରା ଢଙ୍ଗରେ ଗୁରୁଦିବସ ପାଳନ ହୋଇଆସୁଛି। ସରପଞ୍ଚ ସରୋଜ ପିଲାଙ୍କ ତତ୍ତ୍ୱାବଧାନରେ ଦେଉଳାସ୍ଥିତ ସାର୍ଥକ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ଗୁରୁଦିବସ ପାଳନ ହୋଇଯାଇଛି। ପଞ୍ଚାୟତର ୧୮ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୮ ଟି ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପ୍ରଥମେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପ୍ରଧାନ ଶିକ୍ଷକ ସୁଧୀର କୁମାର ବାରିକଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଲିଆପାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନମିତାପ୍ରଭା ସାମଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ରାଉତ, ସିଆରସିସି ରବିନ୍ଦ୍ର କୁମାର ବିଶ୍ୱାଳ, ଶିକ୍ଷକ ବୀରକିଶୋର ଭୂୟାଁ,କମଳ ଲୋଚନ ପିଳା, ବିରେନ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସଦସ୍ୟା ଦିପ୍ତିଲି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସାଗର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଜୟନାରାୟଣ ଦାସ, ସୁଶାନ୍ତ ବିଶ୍ୱାଳ, ସୁଶାନ୍ତ ଜେନା, ନିମାଇଁ ବିଶ୍ୱାଳ, କାଳିଚରଣ ମଣ୍ଡଳ, ସଞ୍ଜୀବ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭରାନଈରୁ ବାଲି ଉତ୍ତୋଳନ, ଖଣି ବିଭାଗର ଚଢ଼ାଉ

ଜଳେଶ୍ୱର,୫।୯(ନବୀନ ସାହୁ)

ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ଥମିବାରେ ନା ଧରୁନାହିଁ। ବର୍ଷାଦିନରେ ନଦୀଗର୍ଭରୁ ବାଲି ଉତ୍ତୋଳନ କରାଯାଇ ପଶ୍ଚିମବଙ୍ଗକୁ ଚୋରାଚାଲାଣ ହେଉଛି। ଗୁରୁବାର ମଧ୍ୟାହ୍ନ ୧୨ଟା ସମୟରେ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଲୁହାରେ ନିର୍ମିତ ଏକ ନୌକା ଜବତ କରାଯାଇଥିବା ବେଳେ ବାଲି ଉତ୍ତୋଳନକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଏନ୍‌ଜିଟି ରୋକ୍ ଲଗାଇବା ପରେ ଜଳେଶ୍ୱରର ୨୬ଟି ସଇରାତ ବନ୍ଦ ରହିଛି। ତେବେ ଚୋରା ଚାଲାଣ ମନ୍ଦ ହେଉନି। ବର୍ଷାଦିନେ ନଦୀମଝିରେ ଥିବା ବାଲିଚଡ଼ରୁ ନୌକା ଦ୍ୱାରା ବାଲି ଉତ୍ତୋଳନ କରାଯାଇ କୂଳକୁ ଆଣି ସେଠାରୁ ଟ୍ରାକ୍ଟର ଦ୍ୱାରା ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି। ବାଲି ଚାଲାଣକାରୀମାନେ ମାଲେମାଲ ହେଉଥିବା ବେଳେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛି। ଗୁରୁବାର ଜିଲା ଖଣି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଓ ସତ୍ୟଚିନ୍ମୟ ଜେନାଙ୍କ ନେତୃତ୍ୱରେ ଜଳେଶ୍ୱର ପୋଲିସ ଶିଖରପୁର ନିକଟରେ ଚାଲିଥିବା ବେଆଇନ ବାଲି ଉତ୍ତୋଳନ ଉପରେ ଚଢ଼ାଉ କରିଥିଲେ। ସୁବର୍ଣ୍ଣରେଖାର ନଦୀକୂଳ ଗ୍ରାମ ମାକିଡିଆ, ତୋଟାପଡ଼ା, ବେହେରାସାହି, ପ୍ରହରାଜପୁର, ମାଳିପାଳ, ବଜାରଶୋଳ, ମଥୁରାନାଥ, ଶିଖରପୁର, ବେଲବାରିଆ, ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତର ଗୋପ, ବିରିଶପୁର, ମହମ୍ମଦନଗର ପାଟଣାଠାରୁ ନଦୀର ତଳିଆ ଅଞ୍ଚଳରେ ଡଙ୍ଗାରେ ବାଲି ଉଠାଇ ବିକ୍ରି କରିବା ସହିତ ବିଭିନ୍ନ ଜାଗାରେ ଗଚ୍ଛିତ କରାଯାଉଥିବା ଦେଖିବାକୁ ମିଳୁଛି।

## ସହର ପରିକ୍ରମା କଲା ଶୋଭାଯାତ୍ରା

### ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ



ସହର ପରିକ୍ରମା କରୁଥିବା ଶୋଭାଯାତ୍ରା।

ବାଲେଶ୍ୱର,୫।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରେ ଶୁକ୍ରବାର ଇସଲାମ ଧର୍ମର ପ୍ରବର୍ତ୍ତକ ମହାପୁରୁଷ ହଜରତ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜସନ୍-ଏ-ଇଦ୍ ମିଲାଦୁନ ନବୀ କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଦରଘା ମଇଦାନରୁ ବାହାରି ସହର ପରିକ୍ରମା କରିଥିଲା। ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଏହି ଶୋଭାଯାତ୍ରା ଉପରେ ପୁଷ୍ପ ବୃଷ୍ଟି କରିବା ସହ ଇଦ୍-ମିଲାଦୁନ-ନବୀର ଶୁଭେଚ୍ଛା ଜ୍ଞାପନ କରିଥିଲେ। ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ବରିଷ୍ଠ କାଉନସିଲର ପଦ୍ମଲୋଚନ ଲେଙ୍କା, ସେକ ଆୟୁବ, ଖବରଦାତା ହାଇଦର ଖାନ, ବିଶ୍ୱଜିତ୍ ମହାପାତ୍ର, ସେକ ଅନସାର, ଯୁବନେତା ବିକ୍ରମ ପଣ୍ଡା, କଂଗ୍ରେସ ନେତା ସରୋଜ ଲେଙ୍କା, ଆଇନଜୀବୀ ସାହିରୁଲ ହକ୍, ମହିଳା ନେତ୍ରୀ ଅର୍ଚ୍ଚନା ନନ୍ଦୀ, ସେକ ରଜବ ଅଲ୍ଲୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ। ବିଭିନ୍ନ ସାହି ଓ ବସ୍ତିରୁ ୨୨ଗୋଟି ଜୁଲୁସ ଶୋଭାଯାତ୍ରା ସିନେମାଛକ, ମୋତିଗଞ୍ଜ, ଟାଉନଥାନା,ଗଳାପୋଖରୀ ହୋଇ ଦରଘା ମଇଦାନରେ ପହଞ୍ଚିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ଗାୟତ୍ରୀ ପ୍ରଧାନ, ଟାଉନ ଥାନା ଆଇଆଇସି ବିଜୟ ଦାସ, ସହଦେବଖୁଣ୍ଟା ଥାନା ଆଇଆଇସି ଅଜୟ କୁମାର ମୁର୍ମୁ, ଏସ୍‌ଆଇ ବିରଞ୍ଚି କୁମାର ସାହୁଙ୍କ ସମେତ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ।

## ଗୁରୁ ପୂଜନ କଲେ ପୁରାତନ ଛାତ୍ରୀଛାତ୍ର



ଗୁରୁପୂଜନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରମାନେ।

ଭୋଗରାଇ, ୫।୯(ପ୍ରଦୀପ ଦାସ)

ଭୋଗରାଇ ବ୍ଲକ ଥାନାଛକସ୍ଥିତ ଗୁରୁନିବାସ ପରିସରରେ ଶୁକ୍ରବାର ମଧ୍ୟାହ୍ନରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ହରିଦାସପୁରର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଗୋବିନ୍ଦ କୁଣ୍ଡୁ, ରମେଶ ବେହେରା ଓ ଅତୁଲ ଜେନାଙ୍କୁ ଉକ୍ତ ସ୍କୁଲର ୧୯୮୪ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରମାନେ ପୂଜା କରିବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗୋପବନ୍ଧୁ ମହାପାତ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ଅରୁଣ କୁମାର ଦାସଙ୍କ ପରିଚାଳନାରେ ୩ ଗୁରୁଙ୍କୁ ଫୁଲ ଚନ୍ଦନ ଦେଇ ପୁରାତନ ଛାତ୍ରୀଛାତ୍ରମାନେ ପୂଜା କରିବା ସହ ଆଶିଷ ଭିକ୍ଷା କରିଥିଲେ। ପୁରାତନ ଛାତ୍ର ଡା. ଉତ୍ତର ଦଣ୍ଡପାଟ, ଡା. ଗୌରାଙ୍ଗ ନାୟକ, ଡା.ସନ୍ତୋଷ କୁମାର ଜେନା, ଫନୀନ୍ଦ୍ର ତୋଳା, ସୁଧାଂଶୁ ମହାନ୍ତି, ରବୀନ୍ଦ୍ର ଗିରି,ପୂର୍ଣ୍ଣ ବେହେରା, ବିନୋଦ ମହାନ୍ତି, ରଞ୍ଜିତା ନାୟକ, ସବିତା ରାଣୀ ଗିରି ପ୍ରମୁଖ ଗୁରୁଙ୍କର ଉପଦେଶ ଆମ ଜୀବନର ମୋଡ଼ ବଦଳାଇ ଦେଇଥିଲା ବୋଲି ମତ ପ୍ରକାଶ କରିଥିଲେ। ପୁରାତନ ଛାତ୍ର ଗୌରହରି ମହାନ୍ତି ଧନ୍ୟବାଦ ଦେଇଥିଲେ।

## ମଦ ଜବତ, ୬ ଗିରଫ

ସୋର, ୫।୯(ଜନ୍ମେଜୟ ମିଶ୍ର)

ସୋର ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ଜବତ ସହି ୬ ଜଣଙ୍କୁ ଗିରଫ କରିଛି। ସୋର ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ ସୋର ଥାନା ଦୟାନିଧିପୁର ଗ୍ରାମରେ ଚଢ଼ାଉ କରି ରମେଶ ଚନ୍ଦ୍ର ନାୟକ ନିକଟରୁ ୫୦ ଲିଟର, ଟେଣ୍ଟେଇ ଗ୍ରାମର ସୀତା ମଲିକଙ୍କ ନିକଟରୁ ୩୦ ଲିଟର,ସିମୁଳିଆ ଥାନା ବରଦା ଗ୍ରାମର ସରସ୍ୱତୀ ସେଠୀଙ୍କ ନିକଟରୁ ୬୦ ଲିଟର, ବାରାପୁର ଗ୍ରାମର ଭରତ ଦାସଙ୍କ ନିକଟରୁ ୬୦ ଲିଟର, ଖଇରା ଥାନା ଡୁଙ୍ଗୁରା ଗ୍ରାମର ଗୋପୀନାଥ ମାଝୀଙ୍କ ନିକଟରୁ ୪୫ ଲିଟର,ଗୋବିନ୍ଦ ସିଂ ନିକଟରୁ ୩୦ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ

ବାଲିଆପାଳ,୫।୯(ଗୋପାଳ ଚନ୍ଦ୍ର ସାହୁ)

ବାଲିଆପାଳ ମୁସଲମାନ ସମ୍ପ୍ରଦାୟଙ୍କ ପକ୍ଷରୁ ଶୁକ୍ରବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବାଲିଆପାଳ ଜୁମା ମସଜିଦଠାରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରା ବାହାରି ବାଲିଆପାଳ ଅଞ୍ଚଳରେ ଥିବା ତିନି ପୀର ବାବାଙ୍କୁ ଦର୍ଶନ କରିଥିଲେ। ଏହି ବାଇକ୍ ରାଲି କଟୁଆପଡା ବଦିରୋଦ୍ଦିନ ପୀର ବାବାଙ୍କ ଅସ୍ଥାନ, ପରେ ବାସୁଦେବପୁର ଆରଫିନସା ପୀର ବାବା ଆସ୍ଥାନ ଓ ଶେଷରେ କାଳରୁଇ ଜମାଲସା ପୀର ବାବାଙ୍କ ଆସ୍ଥାନ ପର୍ଯ୍ୟନ୍ତ ଯାଇଥିଲା। ସନ୍ଧ୍ୟାରେ ବାଲିଆପାଳ, କଟୁଆପଡ଼ା ଓ ଖାଗଡପାଳ ବସ୍ତି ବାସିନ୍ଦାମାନେ ବାଲିଆପାଳ ବଜାର ପରିକ୍ରମା କରିଥିଲେ।



ମହମ୍ମଦଙ୍କ ଜୟନ୍ତୀ ଅବସରରେ ଅଞ୍ଚଳ ପରିକ୍ରମା କରିଥିବା ବାଇକ୍ ଶୋଭାଯାତ୍ରା।

## ୪୯ ଆଦର୍ଶ ଶିକ୍ଷକ ସମ୍ମାନିତ

### ଜିଲାସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

ବାଲେଶ୍ୱର,୫।୯(ବାଞ୍ଛାନିଧି ଦେ)

ଶିକ୍ଷକଙ୍କ ଦ୍ୱାରା ସମାଜ, ଜାତି ଓ ଦେଶ ସମୃଦ୍ଧ ହୁଏ। ଶିକ୍ଷକଙ୍କୁ କେବେ ମୂଲ୍ୟାୟନ କରିହୁଏ ନାହିଁ। ପାଠରୁ ପ୍ରତିଭାର ବିକାଶ ଯାଏ ଗୁରୁଙ୍କ ଭୂମିକା ଅବର୍ଣ୍ଣନୀୟ। ଗୁରୁଙ୍କ ତ୍ୟାଗରେ ଶିଷ୍ୟର ଭବିଷ୍ୟତ ନିର୍ଭର କରେ। ଶିକ୍ଷକତାକୁ ବୃତ୍ତି ନୁହେଁ ବରଂ ବ୍ରତ ବୋଲି ମନେ କଲେ ଆଦର୍ଶ ଛାତ୍ର ନିର୍ମାଣ ସମ୍ଭବ ବୋଲି ଶୁକ୍ରବାର ଜିଲାସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ମୁଖ୍ୟବକ୍ତା ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଓ ମୁଖ୍ୟଅତିଥି ଜିଲାପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ସମାରୋହରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଅଧ୍ୟକ୍ଷତା କରି ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଡିଆଇଇଟି ପ୍ରିନ୍ସପାଲ ଜୟଶ୍ରୀ ବୋଷ, ଏଡିଇଓ ପୂର୍ଣ୍ଣିମା ଦାସ, ସଦର ବିଧାୟକଙ୍କ ପ୍ରତିନିଧି ଗୌରାଙ୍ଗ ଚରଣ ଦାସ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ପ୍ରଶିକ୍ଷକ ଅରୁଣ କୁମାର ପ୍ରଧାନ ଓ ଶିକ୍ଷୟିତ୍ରୀ ପୁଜା ପୁଷ୍ପା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ୨ଜଣ ସିଆର୍‌ସିସି, ୩୫ଜଣ ମାଧ୍ୟମିକ ଓ ୧୨ଜଣ ପ୍ରାଥମିକ ଶିକ୍ଷକଙ୍କୁ ମାନପତ୍ର, ମୋମେଣ୍ଟୋ ଓ ଅର୍ଥରାଶି ପ୍ରଦାନ ପୂର୍ବକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛାତ୍ରୀମାନେ ଗୁରୁ ବନ୍ଦନା ଗାନ ସହ ନୃତ୍ୟ ପରିବେଷଣ କରିଥିଲେ। ଜିଲାଶିକ୍ଷାଧିକାରୀ ଓ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ଜଣେ ଆଦର୍ଶ ଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି।

# ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ

# ସହର ପରିକ୍ରମା କଲା ୮୦ ଜୁଲୁସ


ଶୋଭାଯାତ୍ରାକାରୀ ସହର ପରିକ୍ରମା କରୁଛନ୍ତି।


ଶୋଭାଯାତ୍ରାରେ ସୁସଜ୍ଜିତ ଜୁଲୁସ।

**ଭଦ୍ରକ,୫।୯(ସନାତନ ରାଉତ)**

ଭଦ୍ରକ ସହରରେ ଶୁକ୍ରବାର ଇସ୍‌ଲାମ୍ ଧର୍ମର ପ୍ରବର୍ତ୍ତକ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ (ଜଶ୍ନ-ଏ-ଇଦ୍ ମିଲାଦୁନ୍ ନବୀ) ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଛି। ସହରର ସମସ୍ତ ସାହିବସ୍ତିରୁ ଆସିଥିବା ଜୁଲୁସ ପୁରୁଣାବଜାରସ୍ଥିତ ଚୌଖଣ୍ଡିରେ ପହଞ୍ଚିବା ପରେ ସନ୍ଧ୍ୟା ୬ଟାରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ୮୦ଟି ସୁସଜ୍ଜିତ ଚିତ୍ତାକର୍ଷକ ଜୁଲୁସ ଚୌଖଣ୍ଡିରୁ ବାହାରି ପୁରୁଣାବଜାର, ଲାହାପଡ଼ି, ପାଟଣାସାହି, ନଙ୍ଗାମହଲ୍ଲା, ହଜାରୀନଗର, କଟେରିବଜାର, ନୂଆବଜାର, କଦମବେଡ଼ା, ଶଙ୍କରପୁର ଓ ହେଲ୍ଲାସାହି ଛକ ଦେଇ ସହର ପରିକ୍ରମା କରି ମଦିନା ମଇଦାନଠାରେ ପହଞ୍ଚିଥିଲା। କାଫେଲା (ଶୋଭାଯାତ୍ରା)ରେ ଶିଶୁମାନଙ୍କ ଗୋଟିଏ ପ୍ରକାର ପୋଷାକ ପରିଧାନ ଓ ସୁସଜ୍ଜିତ ଜୁଲୁସ ଶୋଭାଯାତ୍ରାକୁ ଆକର୍ଷଣୀୟ କରିଥିଲା।

ଭଦ୍ରକ ମୁସ୍‌ଲିମ୍ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜି ଏନାମ ମହମ୍ମଦ, ସିରତ କମିଟି ସଭାପତି ହାଜି ଅବଦୁଲ ମୋକିତ ଖାଁ, ସାଧାରଣ ସମ୍ପାଦକ ଇଂ. ହବିବୁଲ୍ଲା ଖାଁ, ସମ୍ପାଦକ ଶେଖ ସିରାଜୁଦ୍ଦିନ, ଇଂ. ରେଜାଏ ରସୁଲ, ସିରତ କମିଟିର କାର୍ଯ୍ୟକାରୀ ସଭାପତି ଅସରଫ ଅଲି ଖାନ, କୋଷାଧ୍ୟକ୍ଷ ଶେଖ ଅବୁ କାଲାମ, ମହେବୁବ ଖାନ୍, ମିର୍ଜା ଏକ୍ରାମ ବେଗ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, କଂଗ୍ରେସ ନେତା ନଳିନୀ ମହାନ୍ତି, ବରିଷ୍ଠ ନାଗରିକ ସୁଧାକର ରାଉତ, ହରି ନନ୍ଦୀ, ତାହେର ମହମ୍ମଦ, ହିନ୍ଦୁ ସୁରକ୍ଷା ସମିତି ସଭାପତି ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ଛକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ସର୍ବତ, ପ୍ରସାଦ, ମିଷ୍ଟାନ୍ନ ଓ ବିଭିନ୍ନ ପ୍ରକାରର ଉପହାର ବଣ୍ଟନ କରାଯାଇଥିଲା। ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ମଞ୍ଚ ତିଆରି କରାଯାଇ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରାଯାଇଥିଲା। ସହର ପରିକ୍ରମା ସ୍ଥାନରେ ବିଭିନ୍ନ କମିଟି ପକ୍ଷରୁ ଆକର୍ଷଣୀୟ ଗେଟ୍ ଓ ରଙ୍ଗ ବେରଙ୍ଗର ଆଲୋକରେ ସୁସଜ୍ଜିତ କରାଯାଇଛି। ମଦିନା ମଇଦାନରେ କବି ମୁସ୍ତାକ ଗୌହରଙ୍କ ସଞ୍ଚାଳନରେ ଆୟୋଜିତ ଧର୍ମସଭାରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ମୌଲାନା(ପଣ୍ଡିତ), ସାଏର(କବି) ଯୋଗଦେଇ ପ୍ରଫେଟ ମହମ୍ମଦଙ୍କ ତ୍ୟାଗପୂତ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ମୁସ୍‌ଲିମ ଜମାତର ହାଜୀ ଅନୱର ହୋସେନ, ହାଜି ସେର୍ ଅଲ୍ଲୀ ଖାନ୍, ହାଜି ମତଲୁବ ଅଲି, ଶେଖ ରଫିକ୍, ହାଜି ତବାରକ ଅଲ୍ଲୀ, ଅଖତର ଅଲି ଖାନ୍, ହାଜି କୈୟୁମ ସାହା, ମିଡିଆ ସେଲ୍ ସଂଯୋଜକ ଶେଖ ଅନୱର(ବାବୁ), ଜାୱେଦ ଅଖତର, ହଇଦର ଖାନ୍, ଶେଖ ଇମ୍‌ତିଆଜ, ରୋହିତ ରୋଶନ, ସରୱାର ଆଲାମ ପ୍ରମୁଖ ଶୋଭାଯାତ୍ରା ଓ ଧର୍ମସଭା ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଉପସ୍ଥିତ ଥିବାବେଳେ ଏସ୍‌ପି ମନୋଜ ରାଉତଙ୍କ ନେତୃତ୍ୱରେ ୨ ଅତିରିକ୍ତ ଏସ୍‌ପି, ୮ ଡିଏସ୍‌ପି, ୨୦ ଇନ୍‌ସପେକ୍ଟର,୧୭୦ ସବ୍‌ଇନ୍‌ସପେକ୍ଟର ଓ ଏଏସ୍‌ଆଇ, ଶହେ କନ୍‌ଷ୍ଟେବଲ ଓ ହୋମଗାର୍ଡ ତଦାରଖ କରିଥିଲେ। ବିଭିନ୍ନ ଛକ ଓ ବସ୍ତିରେ ୨୫ ପ୍ଲାଟୁନ ଫୋର୍ସ୍ ମୁତୟନ ଥିଲେ। ସମ୍ବେଦନଶୀଳ ସ୍ଥାନରେ ସିସିକ୍ୟାମେରା ଲଗାଯାଇଥିଲା।

# ମହମ୍ମଦ ଜୟନ୍ତୀ ପାଳିତ


ଚାନ୍ଦବାଲିରେ ବାହାରିଥିବା ଶୋଭାଯାତ୍ରା।

**ଚାନ୍ଦବାଲି,୫।୯(କିଷାନ ପାତ୍ର)**

ଚାନ୍ଦବାଲିରେ ଶୁକ୍ରବାର ମହମ୍ମଦ ଜୟନ୍ତୀ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଚାନ୍ଦବାଲି ମସ୍‌ଜିଦ୍ ସମ୍ମୁଖରେ ଏକ ସୁଉଚ୍ଚ ତୋରଣ ସାଙ୍ଗକୁ ସମଗ୍ର ଅଞ୍ଚଳ ସାଜସଜ୍ଜା କରାଯାଇଥିଲା। ସନ୍ଧ୍ୟାରେ ପୂଜାର୍ଚ୍ଚନା ପରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସେହିପରି ସକାଳେ ଗୋଲାଡ଼ିଆଠାରେ ପୀର ବାବାଙ୍କ ଆସ୍ଥାନ ନିକଟରୁ ଏକ ଶୋଭାଯାତ୍ରା ବାହାରି ସମଗ୍ର ଅଞ୍ଚଳ ପରିକ୍ରମା କରିଥିଲା। ସନ୍ଧ୍ୟାରେ ଏକ ସୁସଜ୍ଜିତ ମେଢ଼ ଅଞ୍ଚଳ ପରିକ୍ରମା କରିଥିଲା। ସକାଳେ ଏବଂ ସନ୍ଧ୍ୟାରେ ଶୋଭାଯାତ୍ରା ପରିକ୍ରମା ବେଳେ ବିଭିନ୍ନ ସ୍ଥାନରେ ଲୋକେ ପୁଷ୍ପ ବର୍ଷା ସହ ଥଣ୍ଡା, ସର୍ବତ, ମିଠା, ଚକୋଲେଟ୍ ଆଦି ବଣ୍ଟନ କରିଥିଲେ।

# ପୁଣି ୨ ପଞ୍ଚାୟତ ଜଳବନ୍ଦୀ


ହସନାବାଦ ପଞ୍ଚାୟତରେ ଘରେ ପାଣି ପଶିବାରୁ ଜଣେ ମହିଳା ନଦୀବନ୍ଧକୁ ଯାଉଛନ୍ତି।

**ଧୁଷୁରୀ, ୫।୯(ଦୀପ୍ତିରଞ୍ଜନ ନାୟକ)**

ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀରେ ଜଳସ୍ତର ବଢ଼ିଥିଲା। ଏଥିସହ ବୈତରଣୀ ଶାଖା କୋଚିଲା ନଦୀ ଜଳସ୍ତର ବୃଦ୍ଧି ପାଇ ଧାମନଗର ବ୍ଲକର ୨ ପଞ୍ଚାୟତ ହସନାବାଦ ଓ ଅର୍ଜୁନପୁର ପୁଣି ଜଳବନ୍ଦୀ ହୋଇଛି। ନଦୀକୂଳିଆ ଗାଁ ହସନାବାଦ ପଞ୍ଚାୟତର ତଳଅସ୍ତକ, ଉପର ଅସ୍ତକ, ବନବାଗ, ମଠସାହି ଏବଂ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ତରେଇସାହି, ବ୍ରହ୍ମଚାରୀ ପାଟଣା, ଶଇଲୋ, ମମଦୁଲା ଆଦି ଗ୍ରାମର ଲୋକଙ୍କ ଘରେ ପାଣି ପଶିଛି। ଫଳରେ ସେମାନେ କୋଚିଲା ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ପୁଣି ବନ୍ୟା ସ୍ଥିତି ଯୋଗୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। କୋଚିଲା ପାଣି ପ୍ରବାହିତ ଯୋଗୁ ଧୁଷୁରୀ-ଯାଜପୁର, ବୈତରଣୀ ପାଣି ଚାଲିଥିବାରୁ ଚାନ୍ଦବାଲି ବ୍ଲକର ଆରଡ଼ି-ଯାଜପୁର ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି।

ଅପରପକ୍ଷେ ରେବ, କପାଳି ଆଦି ନଦୀରେ ଜଳସ୍ତର ବଢ଼ିବାରୁ ଅସୁରାଳି ନିକଟରେ ଆଖଣ୍ଡଳମଣି-ଭଦ୍ରକ ରାସ୍ତାରେ ୨ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି। ଏହି ବନ୍ୟା ଦ୍ୱାରା ଗୋବିନ୍ଦପୁର, ଗଡ଼ିଆଳି, ଅସୁରାଳି, କଟସାହି, ଖବରପଦା, କାଶିମପୁର, ଫତେପୁର, ବମକୁରା, ପଚ୍ଛାଲ, କୋଠାର ଆଦି ଗାଁର ଚାଷଜମି ବୁଡ଼ିଛି। ଫସଲ ଉଜୁଡ଼ିବା ଆଶଙ୍କାରେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

# ବିଦ୍ୟାଳୟରେ ଗୁରୁପୂଜନ ଉତ୍ସବ


ଗୁରୁପୂଜନ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଶିକ୍ଷକ।

**ବାସୁଦେବପୁର,୫।୯(ନାରାୟଣ ପ୍ରସାଦ ବାରିକ୍/ କାଳିପଦ ରାୟ)**

ବାସୁଦେବପୁର ବ୍ଲକର ସୁଗୋ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପୁରାତନ ଛାତ୍ରସଂସଦ, ସ୍କୁଲ ପରିଚାଳନା କମିଟି ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁଦିବସ ପାଳନ କରାଯାଇଛି। ଗୁରୁପୂଜନ ଉତ୍ସବ ସହ ବିଦ୍ୟାଳୟର ୪ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଥିଲା। ସମାରୋହରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ସମାଜକୁ ଦିଗ୍‌ଦର୍ଶନ ଦେଇଥାନ୍ତି। ଶିକ୍ଷକ ସମାଜ ଏକ ରାଷ୍ଟ୍ର ପାଇଁ ଶ୍ରେଷ୍ଠ ସମ୍ପଦ ବୋଲି ବିଧାୟକ ମତବ୍ୟକ୍ତ କରିବା ସହ ପୂଜ୍ୟପୂଜାକୁ ଛାତ୍ରୀଛାତ୍ର ଗୁରୁତ୍ୱ ଦେବା ଦରକାର ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ କହିଥିଲେ, ଶିକ୍ଷକମାନେ ସମାଜକୁ ଠିକ୍ ମାର୍ଗଦର୍ଶନ କରିଥାନ୍ତି। ଏକ ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କର ବଡ଼ ଭୂମିକା ଥାଏ। ଅନ୍ୟତମ ଅତିଥି ଭାବେ ଆଧ୍ୟାତ୍ମିକ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ, ସାହିତ୍ୟିକ ଇଂ. ଅଭୟ ସୂତାର, ସାମାଜିକ କର୍ମୀ ଅନିଲ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ପୂର୍ବତନ ବିଧାୟକ ତଥା ପୁରାତନ ଛାତ୍ର ମୁକ୍ତିକାନ୍ତ ମଣ୍ଡଳ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା କରୁଣାକର ନାୟକ, ରବୀନ୍ଦ୍ର କୁମାର ରାୟ, ଭାଗୀରଥି ଜେନା ଓ ଭଗବାନ ଚନ୍ଦ୍ର ଦାଶଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଭୂମିପୂଜା କରାଯାଇଥିଲା। ସମାରୋହରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୁଧାକର ସନ୍ଧିବିଗ୍ରହ, ଭାଗୀରଥି ପଣ୍ଡା, କେଦାରନାଥ ଜେନା, ଗଙ୍ଗାଧର ସାହାଣୀ, ରାଧାଶ୍ୟାମ ପାତ୍ର, ଅନାମ ଦାଶ, ରାଧାଶ୍ୟାମ ମିଶ୍ର, ସନ୍ତୋଷ ଦାସ, ଯଦୁନାଥ ପାତ୍ର, ମିହିର ସେନ, ପ୍ରଭାତ କୁସୁମ ପେଡ଼ା, ନିରାକାର ସାହୁଙ୍କ ସମେତ ପ୍ରଧାନଶିକ୍ଷକ ମନୋଜ ଅଗସ୍ତୀ ଓ ସମସ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ୨୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

## ଜିଲାସ୍ତରୀୟ ଗୁରୁ ଦିବସ ସମାରୋହ


ସମାରୋହରେ ଜଣେ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭଦ୍ରକ,୫।୯(ସନାତନ ରାଉତ)**

ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଜିଲାସ୍ତରୀୟ ଗୁରୁ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଏବଂ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଜିଲା ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କର ଗୁରୁଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ସହ ଭକ୍ତିଭାବ ସର୍ବଦା ରହିବା ଆବଶ୍ୟକ। ଯୁବପିଢ଼ି ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଭବିଷ୍ୟତରେ ସଫଳ ବ୍ୟକ୍ତିତ୍ୱ ହୋଇପାରିବେ। ସେହିପରି ଗୁରୁମାନେ ମଧ୍ୟ ସମୟ ଉପଯୋଗୀ ଶିକ୍ଷା ସହ ଗୁଣାତ୍ମକ ଶିକ୍ଷା ପ୍ରଦାନ କଲେ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ହାସଲ କରିପାରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବିଦ୍ୟାଳୟର ୨୬ ଶିକ୍ଷୟିତ୍ରୀ ଶିକ୍ଷକ ଓ ସିଆର୍‌ସିସିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି।

# ଶଟର ଭାଙ୍ଗି ଦୋକାନରୁ ଚୋରି

## ନେଇଗଲେ ୨୫ ମୋବାଇଲ ସହ ୬୦ ହଜାର ଟଙ୍କା

**ବାସୁଦେବପୁର,୫।୯(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ବାଳିକା ଉଚ୍ଚ ବିଦ୍ୟାଳୟ ସାମ୍ନାରେ ଥିବା ରାଧାକୃଷ୍ଣ ମୋବାଇଲ ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମୋବାଇଲ ଚୋରି ହୋଇଛି। ଦୋକାନୀ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଦୁର୍ବୃତ୍ତମାନେ ଶଟର ଭାଙ୍ଗି ୨୫ରୁ ଊର୍ଦ୍ଧ୍ୱ ମୋବାଇଲ ଓ ନଗଦ ୬୦ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି। ଦୋକାନୀ ଦିବ୍ୟରଞ୍ଜନ ପଣ୍ଡା ଶୁକ୍ରବାର ସକାଳେ ଏନେଇ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ପାଖ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକ କହିଛନ୍ତି।

# 'ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ଗଢ଼ନ୍ତି ଶିକ୍ଷକ'



**ଭଦ୍ରକ, ୫।୯ (ରବିନାରାୟଣ ଖିଲାର)**

ଶିକ୍ଷକ ହେଉଛନ୍ତି ସୁସ୍ଥ ସମାଜ ନିର୍ମାଣକାରୀ, ଯିଏ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ଭାବେ ଗଢ଼ି ତୋଳନ୍ତି ବୋଲି ଶୁକ୍ରବାର ସକାଳ ୯ଟାରେ ସୁପ୍ରଭାତ ସଙ୍ଗଠନ ପକ୍ଷରୁ ଗୁରୁ ଦିବସ ପାଳନ ଅବସରରେ ଅତିଥିମାନେ କହିଛନ୍ତି। ଭଦ୍ରକ ବାଇପାସ୍‌ସ୍ଥିତ ହରେକୃଷ୍ଣ ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ପବିତ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ଏବଂ ଅନ୍ୟତମ ଅତିଥି ଭାବେ ଶିକ୍ଷକ ନେତା ଅରୁଣ କୁମାର ମଲ୍ଲିକ, ଶିକ୍ଷକ ଲକ୍ଷ୍ମୀଧର ଦାସ, ଖବରଦାତା ପ୍ରଦୀପ କୁମାର ବଳ, ମାନସ କୁମାର ମହାନ୍ତି, ସୁରେନ୍ଦ୍ର ମୋହନ ରାୟ, ଶରତ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଗୁରୁମାନଙ୍କୁ ସଙ୍ଗଠନ ପକ୍ଷରୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ପରେ ଖବରଦାତାମାନେ ସେମାନଙ୍କ ଗୁରୁଙ୍କୁ ନୂଆ ସାର୍ଟ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରେକୃଷ୍ଣ ସାହୁ, ସୁରେଶ ମହାନ୍ତି, ଅମିୟ ଦାସ, ଭରତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଧୁଷୁରୀକୁ ବ୍ଲକ୍, ତହସିଲ ଘୋଷଣା ଦାବି

**ଧୁଷୁରୀ, ୫।୯(ଦୀପ୍ତିରଞ୍ଜନ ନାୟକ)**

ଧାମନଗର ବ୍ଲକର ଧୁଷୁରୀକୁ ବ୍ଲକ୍ ଓ ତହସିଲ ଘୋଷଣା ପାଇଁ ଦାବି କରାଯାଇଛି। ଶୁକ୍ରବାର ଅପରାହ୍ନରେ ଧୁଷୁରୀସ୍ଥିତ ହୃଦାନନ୍ଦ ପାଠାଗାରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଏହି ଦାବି କରିଛନ୍ତି। ଧୁଷୁରୀ ଥାନା ଅଧୀନରେ ଥିବା ଧାମନଗର ବ୍ଲକର ୧୭ ପଞ୍ଚାୟତ, ଚାନ୍ଦବାଲି ବ୍ଲକର ୪ ପଞ୍ଚାୟତ ଓ ତିହିଡ଼ି ବ୍ଲକର ଗୋଟିଏ ପଞ୍ଚାୟତକୁ ନେଇ ନୂତନ ବ୍ଲକ୍, ତହସିଲ ଗଠନ ହେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଧାମନଗର ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟ ଦୂରରେ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ସରକାରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ସ୍ଥିତିରେ ନୂତନ ବ୍ଲକ୍ ଓ ତହସିଲ ଆବଶ୍ୟକ। ରାଜ୍ୟ ସରକାର ଏହି ଦାବି ପୂରଣ ନ କଲେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସମ୍ମିଳନୀରେ କୁହାଯାଇଛି। ଧୁଷୁରୀ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଚନ୍ଦ୍ରଶେଖର ନାୟକ, ବରିଷ୍ଠ ଅଧିବକ୍ତା ଶଶିଭୂଷଣ ପଣ୍ଡା, ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ ନାୟକ, ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଧଳ, ଶରତ ସୂତାର, ବୃନ୍ଦାବନ ପଣ୍ଡା, ଦୁଃଶାସନ ସୂତାର, ବ୍ରଜେନ୍ଦ୍ର ମହାନ୍ତି, ଜଗନ୍ନାଥ ନାୟକ, କେଦାର ନାଥ ମହାପାତ୍ର, ବାଇଧର ବିଶ୍ୱାଳ, ସଦାଶିବ ମହାଳିକ, ଗଣେଶ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ବନ୍ତ,୫।୯(ହରି ନାରାୟଣ ମହାନ୍ତି)**

ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ସିଲନ୍ଦିସ୍ଥିତ କାହ୍ନୁ ଚରଣ ବିଦ୍ୟାମନ୍ଦିରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରାଉତ ଜଣେ କର୍ତ୍ତବ୍ୟନିଷ୍ଠ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ଶୁକ୍ରବାର ସ୍କୁଲ ପରିସରରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ କହିଛନ୍ତି। ରାଉତ ଏହି ବିଦ୍ୟାଳୟରେ ଦୀର୍ଘ ୩୭ବର୍ଷ ଧରି ଶିକ୍ଷକତା କରି ଗତ ଅଗଷ୍ଟ ୩୧ରେ ଅବସର ନେଇଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୌଭାଗ୍ୟ କୁମାର ଦାସଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟବକ୍ତା ସରପଞ୍ଚ ଅଶୋକ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟମଣି ପୃଷ୍ଟି, ନାରାୟଣ ଚନ୍ଦ୍ର ଦାଶ, ନରହରି କର, ଦିଲୀପ କୁମାର ଘୋଷ, ନାରାୟଣ ଚନ୍ଦ୍ର ପଣ୍ଡା, ସୁବାଷ ଚନ୍ଦ୍ର ବେହେରା ଓ ଶୁଭେନ୍ଦୁ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଉତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ସିଦ୍ଧେଶ୍ୱର ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ଉମେଶ ପ୍ରସାଦ କର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଝୁନୁବାଳା ନାୟକ, ସୁନିତା ଦାସ, ଶିକ୍ଷା କର୍ମଚାରୀ ଗଙ୍ଗାଧର ପାତ୍ର, ହରମୋହନ କର, ପଦ୍ମନାଭ ଜେନା, ଗୋବର୍ଦ୍ଧନ ଶଙ୍ଖୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ତିହିଡ଼ି,୫।୯(ସଞ୍ଜିତ ବଳ)**

ତିହିଡ଼ି ବ୍ଲକ କାଁପଡ଼ା ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ଚବିଶପଡ଼ା ଉନ୍ନୀତ ୟୁପି ସ୍କୁଲର ପୁରାତନ ଛାତ୍ର ସତ୍ୟଜିତ ମହାଳିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ସତ୍ୟଜିତ କୃତକାର୍ଯ୍ୟ ହୋଇ ବ୍ଲକରେ ୪ର୍ଥ ସ୍ଥାନ ଅଧିକାର କରି ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାରୁ ସ୍କୁଲ ପକ୍ଷରୁ ବୁଧବାର ତାଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା।



ଏହି ଅବସରରେ ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ବେହେରା ପୌରୋହିତ୍ୟ କରିଥିଲେ। ରାଜେନ୍ଦ୍ର କୁମାର ଦାସ, ନିର୍ମଳ ଚନ୍ଦ୍ର ଦାସ, କୁନ୍ତଳା ମହାଳିକ, ରିନୁଲତା ମହାଳିକ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ପୁରାତନ ଛାତ୍ରୀ ରୋଜାଲିନ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ସତ୍ୟଜିତଙ୍କ ସଫଳତା ପାଇଁ ସ୍କୁଲ ଗର୍ବିତ ବୋଲି ଶିକ୍ଷୟିତ୍ରୀ ଶିକ୍ଷକ କହିଥିଲେ।

# ନିଶ୍ଚିହ୍ନ ହେବାକୁ ବସିଛି କୁହ୍ଳୀ ଗାଁ

- ବୈତରଣୀ ଜଳସ୍ରୋତ ମାଡ଼ରେ ପ୍ରତିବର୍ଷ ଅତଡ଼ା ଖାଉଛି
- ଗାର୍ଡୱାଲ ନିର୍ମାଣ ନ ହେଲେ ଆନ୍ଦୋଳନ କରିବେ ଗ୍ରାମବାସୀ


ଚାନ୍ଦବାଲି ଏନ୍‌ଏସି ଅଧୀନ କୁହ୍ଳୀ ଗାଁଠାରେ ବୈତରଣୀ ନଦୀଗର୍ଭରେ ପଥର ପକାଯାଉଛି।

**ଚାନ୍ଦବାଲି,୫।୯(ରତିକାନ୍ତ ବାରିକ)**

ଚାନ୍ଦବାଲି ଏନ୍‌ଏସି ଅଧୀନ ୧୩ ନଂ. ୱାର୍ଡ କୁହ୍ଳୀ ଗାଁ ନିଶ୍ଚିହ୍ନ ହେବାକୁ ବସିଛି। ବୈତରଣୀ ନଦୀର ଗଭୀର ମୋଡ଼ରେ ଥିବାରୁ ପ୍ରତ୍ୟେକ ବର୍ଷ ପ୍ରଖର ସ୍ରୋତ ମାଡ଼ରେ ଅତଡ଼ା ଖାଉଛି। ଏହି ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହୋଇଆସୁଥିଲେ ହେଁ ସେଥିପ୍ରତି ସରକାର କିମ୍ବା ପ୍ରଶାସନର ଦୃଷ୍ଟି ନାହିଁ। ଏହି ବାହାନାରେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ଅର୍ଥ ହଡ଼ପ କରିବାକୁ ସୁଯୋଗ ସୃଷ୍ଟି କରିଛି ବୋଲି ଗାଁର ବାସିନ୍ଦା ପୂର୍ବତନ ସରପଞ୍ଚ ତଥା ଚାନ୍ଦବାଲିର ସାମାଜିକ କର୍ମୀ ଓ ପରିବେଶବିତ୍ ବିଶ୍ୱକେଶରୀ ମହାନ୍ତିଙ୍କ ସହ ଗ୍ରାମବାସୀମାନେ କ୍ଷୋଭ ପ୍ରକାଶ କରି କହିଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ହେଲା ଏହି ଗ୍ରାମ ନଦୀର ମୋଡ଼ରେ ଅବସ୍ଥିତ ହୋଇଥିବାରୁ ପ୍ରବଳ ଜଳସ୍ରୋତର ମାଡ଼ରେ କ୍ଷୟ ହୋଇ ଚାଲିଛି। ଫଳରେ ପାଖାପାଖି ଗ୍ରାମର ଏକ ଚତୁର୍ଥାଂଶ ନଦୀଗର୍ଭରେ ଲୀନ ହୋଇସାରିଲାଣି। କୌଣସି ବୈଷୟିକ ଅନୁଧ୍ୟାନ କରା ନ ଯାଇ ପ୍ରାୟ ପ୍ରତ୍ୟେକ ୨/୩ ବର୍ଷରେ ଥରେ କୋଟି କୋଟି ଟଙ୍କାର ପ୍ରକଳ୍ପ କରାଯାଇ କୌଣସି ବିଭାଗୀୟ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଅଳ୍ପ କେଇ ଟ୍ରାକ୍ଟର ପଥରକୁ ନଦୀରେ ଢାଳି ଦେଇ ଫଲ୍ସ ବିଲ୍ କରି ଅର୍ଥ ହଡ଼ପ କରାଯାଉଛି। ଏହାକୁ ସ୍ୱର୍ ଆଣ୍ଡ୍ ଗାର୍ଡୱାଲ ଟେକ୍‌ରେ କରାଯିବାକୁ ଦାବି ହୋଇଆସୁଥିଲେ ହେଁ ଫଲ୍ସ ବିଲ୍‌ରେ ବାଧକ ହେବ ବୋଲି ବିଭାଗୀୟ ଅଧିକାରୀ ଏହି ପ୍ରସ୍ତାବକୁ କୌଶଳକ୍ରମେ ଏଡ଼ାଇ ଦେଇ ପଥର କିଛି ଢାଳି ଦେଇ କୋଟି କୋଟି ଟଙ୍କା ଲୁଟ୍ କରୁଛନ୍ତି ବୋଲି ବିଶ୍ୱକେଶରୀ ବଳିଷ୍ଠ ଯୁକ୍ତି ବାଢ଼ିଛନ୍ତି। ଏପରିକି ବର୍ଷ ବର୍ଷ ଧରି କୌଣସି ଦିନ ଅଫିସର ନ ଥାଇ କେବଳ ତଳିଆ କର୍ମଚାରୀଙ୍କ ଦ୍ୱାରା ଚାଲିଆସୁଥିବା ଚାନ୍ଦବାଲିରେ ଥିବା ଜଳସେଚନ ବିଭାଗର ଅଫିସ କେବଳ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ଟଙ୍କାର ମରାମତି, ନେତା ପରିତୋଷଣ ଛଡ଼ା ଅନ୍ୟ କିଛି କାର୍ଯ୍ୟ କରାଯିବାର ଦେଖାଯାଏ ନାହିଁ ବୋଲି କହି ସେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସବୁଠାରୁ ଦୁଃଖର ବିଷୟ ହେଉଛି ପ୍ରତ୍ୟେକ ଥର କେତେ କୋଟି ଟଙ୍କାର କାର୍ଯ୍ୟ ହେଉଛି ତାହା ଜାଣିବା କଷ୍ଟ ଏବଂ ସାଧାରଣ ଲୋକେ ଏକଥା ପଚାରିଲେ ଏହା ସାର୍ବଜନୀନ କରାଯିବା ଆଇନ ବିରୋଧ ବୋଲି ବେଳେ ବେଳେ ଲୁଚି ଛପି ଆସୁଥିବା ବିଭାଗୀୟ ଅଧିକାରୀମାନେ କହି ମଝିରେ ମଝିରେ ଟ୍ରାକ୍ଟର ଦ୍ୱାରା କିଛି ପଥରକୁ ସିଧା ନଈରେ ଢାଳି ଦେଇ ପଳାଉଛନ୍ତି ବୋଲି ଗ୍ରାମର କମଳାକାନ୍ତ ପରିଡ଼ା, ସୁଦର୍ଶନ ମାଝୀ, ମନୋଜ ଦାସ ପ୍ରମୁଖ କହିଛନ୍ତି। ନଦୀଗର୍ଭରେ ମଙ୍ଗଳା ମନ୍ଦିର, ଗ୍ରାମ୍ୟ କୀର୍ତ୍ତନ ଚୌପାଢ଼ୀ ମଣ୍ଡପ ଏବଂ ଅନେକ ଘର ବିଲୀନ ହୋଇଥିବା ବେଳେ ଏବେ ଶଶଧର ପରିଡ଼ା, ଗୋବିନ୍ଦ ମାଝୀ, ହୃଷୀକେଶ ଦାସ ଓ ମାଧବାନନ୍ଦ ଦାସଙ୍କ ଘରକୁ ନଦୀ ଆଁ କରି ଅନେଇ ବସିଛି। ଏବେ ମଧ୍ୟ ପ୍ରାୟ ସପ୍ତାହେ ହେଲା ଏଠାରେ ପଥରପ୍ୟାକିଂ କାମ ଚାଲିଛି। ହେଲେ କାମ ନେଇ କୌଣସି ସୂଚନା ଫଳକ ନାହିଁ। ଫଳରେ କେତେ ବ୍ୟୟ ଅଟକଳରେ କାମ ହେଉଛି କିମ୍ବା କାମ ସମ୍ପର୍କରେ ଲୋକେ କୌଣସି ସୂଚନା ଜାଣିପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଥାଶୀଘ୍ର ଏହାର ତଦନ୍ତ କରି ଚଳିତବର୍ଷ ପୁନଶ୍ଚ ଏହି କାମକୁ ନେଇଥିବା ଠିକାଦାରଙ୍କ କାର୍ଯ୍ୟ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ସହ ତୁରନ୍ତ ଗାର୍ଡୱାଲ ନିର୍ମାଣ କରା ନ ଗଲେ ଗ୍ରାମବାସୀ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ସୁରଜ ମଲ୍ଲିକଙ୍କୁ ପଚାରିବାରୁ ସନ୍ତୋଷଜନକ ମିଳିପାରି ନାହିଁ।

# 'ଶିକ୍ଷକମାନେ ସମାଜ ଗଠନର କର୍ଣ୍ଣଧାର

## ଜିଲାସ୍ତରୀୟ ଗୁରୁଦିବସ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

ବାରିପଦା,୫।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଶୁକ୍ରବାର ବାରିପଦା ଶହୀଦ ସ୍ମୃତି ଭବନ ପରିସରରେ ଜିଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କହିଥିଲେ, ସର୍ବପଲ୍ଲୀ ରାଧାକ୍ରୀଷ୍ଣନଜୀଙ୍କ ମତାନୁସାରେ ଶିକ୍ଷକମାନେ କେବଳ ଜ୍ଞାନଦାତା ନୁହନ୍ତି, ସମାଜ ଗଠନର କର୍ଣ୍ଣଧାର। ଗୁରୁଦିବସ ପାଳନ ଦ୍ୱାରା ଶିକ୍ଷକଙ୍କ ପ୍ରତି କୃତଜ୍ଞତା ପ୍ରକାଶ ସହ ଗୁରୁଶିଷ୍ୟ ସମ୍ପର୍କର ଗଭୀରତା ଉଦ୍‌ବୋଧିତ ହୁଏ। ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରାରମ୍ଭିକ ଭାଷଣରେ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।



ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଜଣେ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରୁଛନ୍ତି।

ଏହି ଅବସରରେ ଜିଲାର ୪ ଉପଖଣ୍ଡରୁ ୪ଜଣ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରାଥମିକସ୍ତରରୁ ୨୫ ଶିକ୍ଷକ ଓ ମାଧ୍ୟମିକ ସ୍ତରରୁ ୪୨ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ଶିକ୍ଷକମାନଙ୍କର ମନୋବଳକୁ ଦୃଢ଼ୀଭୂତ କରିବା ସହ ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିବେ ବୋଲି ଅତିଥିମାନେ କହିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶଶୀଧର ସିଂ, ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଶିକ୍ଷକ ହରେନ୍ଦ୍ର ମହାନ୍ତ, ପ୍ଲାନିଂ ସଂଯୋଜକ ମନୋଜ ଶର୍ମା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା।

## ଗଡ଼ିଆରେ ପଡ଼ି ଶିଶୁ ମୃତ

ରାଇରଙ୍ଗପୁର, ୫।୯(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବେଲପାହାଡି ଗ୍ରାମରେ ଶୁକ୍ରବାର ଗଡ଼ିଆରେ ପଡ଼ି ଜଣେ ଦେଢ଼ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତା ଶିଶୁକନ୍ୟା ହେଲେ ଗ୍ରାମର ରଞ୍ଜନ କୁମାର ମୁର୍ମୁଙ୍କ ଝିଅ ସୋନାଲି। ସୂଚନା ଅନୁଯାୟୀ, ଶିଶୁକନ୍ୟା ତାଙ୍କ ଘର ପାଖରେ ଖେଳୁଥିବା ବେଳେ ନିକଟରେ ଥିବା ଗଡ଼ିଆରେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୫ ) ରୁଜୁ ହୋଇଛି।

## ତାପସ ହେଲେ ମୋରଡ଼ା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି

ମୋରଡ଼ା,୫।୯(ସ୍ୱାରକ ମାଜୀ)– ମୟୂରଭଞ୍ଜ ଜିଲା ମୋରଡ଼ା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଭାବେ ତାପସ ରଞ୍ଜନ ରାଉତଙ୍କ ନାମ ଘୋଷଣା କରାଯାଇଛି। ତାପସ ପୂର୍ବରୁ ମଧ୍ୟ ଉକ୍ତ ଦାୟିତ୍ୱରେ ଥିଲେ। ଆଗକୁ ମୋରଡା, ରାସଗୋବିନ୍ଦପୁର ଏବଂ ଶୁଳିଆପଦା ବ୍ଲକରେ କଂଗ୍ରେସ ଯୁବ କର୍ମୀମାନେ ଅଧିକ ସକ୍ରିୟ ହୋଇପାରିବେ ଏବଂ କଂଗ୍ରେସକୁ ମଜବୁତ କରିବାକୁ ପ୍ରୟାସ ଜାରି ରଖିବେ ବୋଲି ତାପସ କହିଛନ୍ତି। ତେବେ ସଭାପତି ଘୋଷଣା ହେବା ପରେ ତାପସଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।



## ମହମ୍ମଦଙ୍କ ଜୟନ୍ତୀ ଅବସରରେ ଜୁଲୁସ ଯାତ୍ରା



ଜୁଲୁସ ଶୋଭାଯାତ୍ରାରେ ଯୋଗଦେଇଥିବା ମୁସଲମାନ ସମ୍ପ୍ରଦାୟର ଲୋକେ।

ରାଇରଙ୍ଗପୁର,୫।୯(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସବ୍ ଡିଭିଜନ ସ୍ଥାନୀୟ ରାଇରଙ୍ଗପୁର ସହରାଞ୍ଚଳ ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ବସବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ଶୁକ୍ରବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଦିବସ ପାଳିତ ହୋଇଯାଇଛି। ମହାପୁରୁଷ ମହମ୍ମଦ ଜୟନ୍ତୀ ପାଳନ ଅବସରରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଏକ ଜୁଲୁସ ଶୋଭାଯାତ୍ରା ରାଇରଙ୍ଗପୁର ସହରାଞ୍ଚଳ ବିଭିନ୍ନ ବସ୍ତି ଏବଂ ଜନ ଗହଳି ରାସ୍ତା ପରିକ୍ରମା କରିଥିଲା। ଉକ୍ତ ଜୁଲୁସ ଯାତ୍ରାରେ ରାଇରଙ୍ଗପୁର ସହରାଞ୍ଚଳ ଠାକୁରାଣୀ ଡୋ, ଇଚିଣ୍ଡା, ଭାଲୁସା, ନାଗଭଣ ସମେତ ଆଖପାଖ ଗ୍ରାମାଞ୍ଚଳର ବହୁ ସଂଖ୍ୟକ ମୁସଲମାନ ସମ୍ପ୍ରଦାୟ ଗ୍ରାମବାସୀ ସାମିଲ ହୋଇଥିଲେ। ଏହା ବ୍ୟତିତ ରାଇରଙ୍ଗପୁର ସହରାଞ୍ଚଳ, ବାରପାହାଡ଼, କୁସୁମୀ, ସାତପୋଡଟିଆ, ଟେଣ୍ଟପୋଷି, ଦେଓଗାଁ, କେନ୍ଦ୍ରଇ, ଗୋରୁମହିଷାଣୀ, ଲୁହାକାନୀ, ଦୁଦୁ, ଗମ୍ଭାରିଆ ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ମସଜିଦ୍‌ରେ ନମାଜ ପାଠ ସହ ଜୁଲୁସ ଯାତ୍ରା କରାଯାଇଥିଲା।

## ସୁସ୍ଥ ସମାଜ ଗଠନରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଝାରପୋଖରିଆ,୫।୯(ସୁଧୀର କୁମାର ମହାନ୍ତ): ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ଅଧୀନସ୍ଥ ଝାରପୋଖରିଆଠାରେ ଥିବା ଓଡ଼ିଶା ବିଦ୍ୟାଭାରତୀ ଶିକ୍ଷାନୁଷ୍ଠାନ ସମିତି ଆନୁକୂଲ୍ୟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ବିଦ୍ୟାମନ୍ଦିରର ବ୍ରହ୍ମଗୁପ୍ତ ପ୍ରକୋଷ୍ଠରେ ଶୁକ୍ରବାର ସକାଳ ୮ଟା ୩୦ରେ ପଲ୍ଲୀଶ୍ରୀ ଡ. ରାଧାକୃଷ୍ଣନଙ୍କ ୧୩୮ତମ ଜନ୍ମ ଦିବସ ତଥା ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପଦ୍ମଲୋଚନ ପାତ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ କୁଞ୍ଜବିହାରୀ ସେଠୀ ଯୋଗଦେଇ ଶ୍ରୀ କୃଷ୍ଣ ଏବଂ ସାନ୍ଦିପାନି, ପର୍ଶୁରାମ ଏବଂ ଦତ୍ତାତ୍ରେୟ, ଦ୍ରୋଣାଚାର୍ଯ୍ୟ ଏବଂ ଅର୍ଜୁନ, ଗୁରୁ ସୂର୍ଯ୍ୟଦେବ ଏବଂ ହନୁମାନ ପ୍ରମୁଖ ଗୁରୁ ଶିଷ୍ୟଙ୍କ ଉପାଖ୍ୟାନ ବଖାଣି ଥିଲେ। ସମ୍ମାନିତ ଅତିଥିଭାବେ ବାଙ୍ଗିରିପୋଷି ସଙ୍କୁଳ ପ୍ରମୁଖ ବଙ୍କିମ ଚନ୍ଦ୍ର ମହାପାତ୍ର, ଗଣମାଧ୍ୟମ ପ୍ରତିନିଧି ସୁଧୀର କୁମାର ମହାନ୍ତ, ଶିଶୁ ବିଦ୍ୟାମନ୍ଦିରର ପରିଚାଳନା ସମିତିର ସମ୍ପାଦକ କ୍ରିଷ୍ଣା କେଶବ ଦାସ ପ୍ରମୁଖ ଯୋଗଦେଇ ସୁସ୍ଥ ସମାଜ ଗଠନରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗୁରୁଜୀ ହରେନ କୁମାର ମହାନ୍ତ, ଶୁଶାନ୍ତ କୁମାର ନାଏକ, କୃଷ୍ଣ କେଶବ ମହାନ୍ତ, ଅଜୟ କୁମାର ଗିରି, ହରିପ୍ରସାଦ ଗିରି, ଗୁରୁମାତା ସବିତା ନାଏକ, ଜାନିତା ବେହେରା, ଇନ୍ଦ୍ରାବତୀ ମହାନ୍ତ, ସସ୍ମିତା ମହାନ୍ତ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଛାତ୍ର ଶୁଭମ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଉପେନ୍ଦ୍ର ସିଂ ଧନ୍ୟବାଦ ଜଣାଇଥିଲେ।

## ଧାନବିଲରୁ ମୃତଦେହ ଜବତ

ରାଇରଙ୍ଗପୁର, ୫।୯(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ଯାମଦା ଥାନା ଅଧୀନ ବାନ୍ଦୁଦୁମା ଗ୍ରାମ ରାସ୍ତାପାର୍ଶ୍ୱ ଏକ ଧାନବିଲରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ମୃତକଙ୍କ ବୟସ ୪୦ରୁ ୪୫ ମଧ୍ୟରେ ହେବ। ଯାମଦା ଥାନା ଅଧିକାରିଣୀ ଅନିତା ସ୍ୱାଇଁ ଏବଂ ଏଏସ୍‌ଆଇ ପରମେଶ୍ୱର ନାଏକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୭/୨୫) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲକୁ ପଠାଯାଇଥିଲା। ମୃତକଙ୍କ ଚିହ୍ନଟ ସକାଶେ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଫିସର ଏଏସ୍‌ଆଇ କହିଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCVSKP-RGDA NewDiv-OT115, ତା.30.08.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ ରାୟଗଡ଼ା ମଣ୍ଡଳର ଅସ୍ଥାୟୀ ନିୟନ୍ତ୍ରଣ (Control) କାର୍ଯ୍ୟାଳୟ, ରାୟଗଡ଼ା ମଣ୍ଡଳର ଅସ୍ଥାୟୀ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ସହିତ ନୂତନ ରାୟଗଡ଼ା ମଣ୍ଡଳ ମୁଖ୍ୟାଳୟର ସଂସ୍ଥାପନ ସମ୍ବନ୍ଧୀୟ ଦୂରସଂଚାର କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 9,26,77,199.88, EMD : ₹ 6,13,400/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.09.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଟେଣ୍ଡର ନଥିପତ୍ର ଭିତରେ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ, (ନିର୍ମାଣ)/କୋରାପୁଟ

PR-98/CI/25-26


## ଯୋଗଦେଲେ ନୂଆ କୁଳପତି

### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ



ନୂଆ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ସହ ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ।

ବାରିପଦା,୫।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ମୟୂରଭଞ୍ଜ ଜିଲା ବାରିପଦା ତଖତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୂତନ କୁଳପତିଭାବେ ପ୍ରଫେସର ପ୍ରମୋଦ କୁମାର ଶତପଥୀ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଫେସର ଶତପଥୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଫେସର ଶତପଥୀ ପ୍ରଥମେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକଙ୍କ ସମେତ ବିଶ୍ୱବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ପୁଷ୍ପଗୁଚ୍ଛ ଦେଇ ନୂଆ କୁଳପତିଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, ପ୍ରଫେସର ଶତପଥୀ ଏଥିପୂର୍ବରୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ, କୁଳସଚିବ, ପରୀକ୍ଷା ନିୟନ୍ତ୍ରକ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ଥିଲେ।

## ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ଗୁରୁପୂଜନ



ଗୁରୁପୂଜନ ଅବସରରେ ଅଧ୍ୟାପକ ଓ ଛାତ୍ରୀମାନେ।

ବାରିପଦା,୫।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଶୁକ୍ରବାର ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗର ସଂଯୋଜକ ସହକାରୀ ପ୍ରଫେସର ଡ. ଶିଶିର ବେହେରା ଉପସ୍ଥିତ ରହି ଏବେ ସମାଜରେ ଶୃଙ୍ଖଳାର ଆବଶ୍ୟକତା ତଥା ସାମ୍ପ୍ରତିକ ଛାତ୍ର ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗର ସହକାରୀ ପ୍ରଫେସର ଡ.ବିଚିତ୍ର ନାଥ ସାହୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶମୟ ଜୀବନର ଗାଥା ତୋଳିଧରିବା ସହ ସାମ୍ପ୍ରତିକ ସ୍ଥିତିରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ କହିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପକ ରାଜକୁମାର ପାତ୍ର ଶିଷ୍ୟଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ କାହ୍ନୁଚରଣ ପାଢ଼ୀ, ଦେବସ୍ମିତା ପୁହାଣ, ସ୍ୱପ୍ନାରାଣୀ ସୁବୁଦ୍ଧି, ମନ୍ଦାକିନୀ ପାତ୍ର, ବନ୍ଦନା ସାହୁ, ବର୍ଷାରାଣୀ ଜେନା, ହର୍ଷିତା ପାଲ୍, ଦୀପ୍ତିରେଖା ରାଉତ, ରଶ୍ମିତା ବେରା ପ୍ରମୁଖ ଗୁରୁ ଦିବସର ମହତ୍ତ୍ୱ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଛାତ୍ରୀ ଅଞ୍ଜନା ଭଞ୍ଜ, ସ୍ୱପ୍ନାରାଣୀ, ସ୍ୱର୍ଣ୍ଣପ୍ରଭା ନାୟକ ଓ ବର୍ଷାରାଣୀ ସଙ୍ଗୀତ ଗାନ କରିଥିଲେ।


**GOVERNMENT OF ODISHA** No.C-988
**OFFICE OF THE ADDITIONAL CHIEF ENGINEER PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna, Dist:Kalahandi, PIN-766002
e-mail: eephbhpt@gmail.com
NATIONAL COMPETITIVE BIDDING THROUGH e-Procurement
Identification No.ACEPH-BHPT-22 of 2025-26/Dt.01.09.2025
**e-Procurement Notice**

01. Name of the Work : 2 Nos. Work
02. Type of Bid : Single Bid System
03. Estimated Cost : Rs.32.22 Lakh to Rs.32.47 Lakh
04. Period of Completion : 02 (Two) Calendar Months
05. Date & Time of availability of bid document in the portal : From 11.00 AM of dt.08.09.2025 to 5.00 P.M. of 17.09.2025
06. Last date/time of receipt of bids in the portal : 5.00 PM of 17.09.2025
07. Date & Time of Opening of technical bids : At 11.30 AM of 18.09.2025
08. Name and Address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/Po- Parmanandpur, 766002, Dist- Kalahandi

Further details can be seen from the website http://tenders.ori.nic.in or www.tendersorissa.gov.in.

Sd./- Additional Chief Engineer
P.H.Division, Bhawanipatna
OIPR-13059/11/0037/2526



**OFFICE OF THE PRINCIPAL**
**RUSHIMAL HIGHER SECONDARY SCHOOL, BAMUNIGAM, KANDHAMAL**
College Code : 16038104
Email : rushimaljrmahavidyalaya@gmail.com
Letter No. : 81/2025 Date : 05.09.2025

**Walk-in-Interviews**

Interested eligible candidates having at least 55% of mark in Post Graduation are invited to appear the Walk-in-Interview scheduled to be held on 20.09.2025 at 11.30 AM in the O/o undersigned for the engagement of Lecturer-in-Commerce (Guest faculty). The candidate should bring all original testimonial two sets of attested Xerox copies of all documents, three nos passport size photograph along with a Bio-Data. The engagement is purely temporary in nature. The authority reserve the right to cancelled or postpone the recruitment any period of time and also reserve the right to reject the application of any candidates or terminate the services of the selected candidates at any time without assigning any reason thereof.

Sd./- Principal cum Secretary
Rushimal Higher Secondary School
Bamunigam



**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ବିଶେଷ ସୂଚନା**

No. T-76: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ୦୮।୦୯।୨୦୨୫ ସୋମବାର ଦିନ ୟୁନିଟ୍-୨, ଅଶୋକନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁଥିବା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି ଅନିବାର୍ଯ୍ୟ କାରଣ ବଶତଃ ସ୍ଥଗିତ ରହିବ।
ଏହି ଅଭିଯୋଗ ଶୁଣାଣି ପାଇଁ Online ପଞ୍ଜୀକରଣ କରିଥିବା ଜନସାଧାରଣଙ୍କ ଆପତ୍ତି ଅଭିଯୋଗ, ପରବର୍ତ୍ତୀ ଜନଶୁଣାଣି ଶିବିରରେ ଗ୍ରହଣ କରାଯିବ।
ପରବର୍ତ୍ତୀ ଜନଶୁଣାଣିର ସମୟ ଓ ତାରିଖ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0188/2526



**GOVERNMENT OF ODISHA** No.A-566
**OFFICE OF THE SUPERINTENDING ENGINEER NIMAPARA IRRIGATION DIVISION, NIMAPARA**
**NOTICE INVITATION OF TENDERS**
e-Procurement Notice No.02/2025-26 on dtd.01.09.2025
E-mail Id: eenidnimapara@gmail.com

1. Type of Work : River Embankment & Canal Embankment Works
2. Total No. of Work : 35 (Thirty Five) Nos.
3. Estimated Cost : Varies from Rs.12.94 to Rs.49.47 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-67/2025-26 to NID-100/2025-26 | Rs.12.94 to Rs.49.47 | From 08.09.2025 11.00 AM to 22.09.2025 5.30 P.M. |

Date of Opening of the Bid: 23.09.2025 at 11.00 A.M.
Further details can be seen from the Govt. Website www.tendersodisha.gov.in

Sd./- Superintending Engineer
Nimapara Irrigation Division,
Nimapara
OIPR-32097/11/0023/2526



**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ–କଟକ,ଲିଙ୍କ୍ ରୋଡ୍ –12
**ସୂଚନା**

No.CAD–1679:ଏତଦ୍ୱାରା ସମସ୍ତ ଆବେଦନକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସିଡିଏ ସେକ୍ଟର–୧୩ର ପ୍ଲଟ ଆବଣ୍ଟନ ପାଇଁ ଲଟେରି ପ୍ରକ୍ରିୟା ନିମ୍ନଲିଖିତ ତାରିଖ ଓ ସ୍ଥାନରେ କରାଯିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଅଛି । ଉକ୍ତ ତାରିଖରେ ଉପସ୍ଥିତ ରହିବାପାଇଁ ସମସ୍ତ ଆବେଦନକାରୀମାନଙ୍କୁ ଅନୁରୋଧ କରାଯାଉଅଛି ।
G–କ୍ୟାଟେଗୋରୀ: ୧୦ ସେପ୍ଟେମ୍ବର, ୨୦୨୫
F–କ୍ୟାଟେଗୋରୀ: ୧୧ ସେପ୍ଟେମ୍ବର,୨୦୨୫
ସ୍ଥାନ: ୱିଣ୍ଡସର ପ୍ଲେସ, ସେକ୍ଟର–୬
ସମୟ ସକାଳ ୯ ଘଟିକା

ସ୍ୱା./–ସଚିବ
OIPR-13037/11/0363/2526



**OFFICE OF THE SUPERINTENDING ENGINEER KANTABANJI (R&B) DIVISION**
Government of Odisha
E-mail Id: eerbkbj@rediffmail.com
**Bid Identification No.10/KBJ/2025-26**

No.B-475: The Superintending Engineer, Kantabanji (R&B) Division on behalf of Governor of Odisha invites Percentage Rate bid for Road works detailed in the table below in Single Cover system ONLINE MODE from the Class of Contractors mentioned in Column-7 registered with the State Government and contractors of equivalent Grade/Class registered with Central Government/ MES/ Railways for execution of Civil Works. The proof of registration from the appropriate authority shall be enclosed alongwith the bid.

1) No. of Work : 05 Nos. (Single Cover)
2) Nature of Work : Road Work
3) Class of Contractor : D&C and C&B Class
4) Approximate value of work : Rs.10.00 Lakhs to Rs.35.05 Lakhs
5) Tender Cost : Rs.4,000/- & Rs.6,000/-
6) Date and time of availability of bid documents in online : From Dt.08.09.2025 at 11.00 AM to Dt.15.09.2025 upto 05.00 PM
7) Date of Opening : Dt.16.09.2025 at 11.30 AM
8) Other details can be seen in the bidding documents from the e-Procurement portal "www.tendersodisha.gov.in".
9) The bidders have to participate in ONLINE bidding only. Further details can be seen from the website: www.tendersodisha.gov.in. All future corrigendum will be available on ONLINE MODE only.

Sd./- Superintending Engineer
Kantabanji (R&B) Division
OIPR-34099/11/0025/2526



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
Tel Irrigation Division, Sonepur
E-mail:eeteldivn2022@gmail.com
E-Procurement Notice No.EE, TID, SNP-07/2025-26

A-586: The Executive Engineer, Tel Irrigation Division, Sonepur on behalf of Governor of Odisha invites online **Percentage rate** tenders in **single cover** system to be received in **online mode** only for the works as detailed below.

1. Name/Nature of the work : Flood Protection Embankment Works.
2. No. of Works : 02 Nos.
3. Class of Contractor : As mentioned in Col.No.4 of NIT
4. Bid Identification No. : EE, TID, SNP-07/2025-26
5. Estimated Cost : From Rs.27.74 lakhs to Rs.49.20 Lakhs
6. Period of Completion : As per mentioned in Col.No. 7 of NIT
7. Date & Time of availability of bid documents in the Portal : From 08.09.2025 (10.00 AM) to 19.09.2025 (05.30 PM)
8. Last date/time for receipt of bids in the Portal : In portal 19.09.2025 from 10.00 A.M. upto 05.30 P.M.
9. Date of Opening of Bid : **On Date 20.09.2025 (11.00 AM onwards in the Office of the undersigned)**
10. Name of the Officer Inviting Bid : **Executive Engineer, Tel Irrigation Division Sonepur (Dist. Subarnapur)**

Further details can be seen from the e-Procurement portal **https://tendersodisha.gov.in.**

Sd./- Executive Engineer
Tel Irrigation Division, Sonepur
OIPR-32362/11/0008/2526



No.JJ-45:
**Directorate of Ports & Inland Water Transport**
Fortune Tower, Ground Floor, Zone-A
Chandrasekharpur, Bhubaneswar-751023
Phone:0674-2300885, Email: portsniwt.od@nic.in
**e-PROCUREMENT NOTICE**
**Bid Identification No.DPIWT-13/2025-26**

01. Name of the Work : Procurement of 1000 nos. Child Life Jacket for the Passenger Boats plying in different water bodies of Odisha.
02. Approximate value of work : Rs.20,00,000.00
03. No. of Covers : Double Cover
04. Bid Cost : Rs.6,000.00
05. Period of Completion : 03 (Three) Calendar Months
06. Date & Time of availability of bid document in the Portal : 08.09.2025 to 24.09.2025 upto 05.00 P.M.
07. Date & Time of Bid Clarification : 08.09.2025 to 15.09.2025 upto 03.00 P.M.
08. Last date & time for receipt of bids in the portal : 24.09.2025 upto 05.00 P.M.
09. Date of opening of bid document (Cover-I) : 25.09.2025 at 11.30 A.M.
10. Name and address of Officer inviting Tender (OIT) : **Director, Ports & Inland Water Transport, Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, Pin-751023, Phone-0674-2390355, Fax:2396885, e-Mail: portsniwt.od@nic.in**

Further details can be seen from the e-Procurement market place, https//tendersodisha.gov.in. The Addendum/Corrigendum if any will be hosted in the website only.

Sd./- Director
Ports & IWT, Odisha
OIPR-38035/11/0044/2526



**GOVERNMENT OF ODISHA**
**OFFICE OF SUPERINTENDING ENGINEER MINOR IRRIGATION DIVISION, JEYPORE**
E-mail Id: mijeypore@yahoo.co.in
**NOTICE INVITING TENDER**
E-Procurement Notice
Bid Identification No.MIDJEY-05/2025-26
Letter No.1363, Dt.1.9.25

No.A-565: The Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in Single & Double Cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-Procurement portal https://tendersodisha.gov.in.

1. Name of the Work : Construction of Check Dam under MATY Scheme
2. Total Number of Work : 04 (Four) Nos.
3. Estimated Cost : Approximately Rs.41.21 lakh to 54.70 lakh
4. Period of Completion : 05 (Five) Calendar Months
5. Class of Contractor : "B" Class Contractor
6. Date and Time of availability of bid documents in the portal : From 10.00 AM of 08.09.25 to 5.00 PM of 23.09.2025
7. Last date/time for receipt of bids in the portal : 5.00 PM on 23.09.2025
8. Date of Opening of Bid : At 11.00 AM on 24.09.2025 in website (www.tendersorissa.gov.in)
9. Submission of Bids : Online Mode
10. Name of the Officer Inviting Bid : Superintending Engineer, Minor Irrigation Division, Jeypore
11. Further details can be seen from the Government of Odisha Website www.tendersorissa.gov.in
12. Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in Single & Double cover system through online mode for the works as detailed in the table below. The bids should be submitted online in the website www.tendersodisha.gov.in by eligible Contractors with CDMS registration as mentioned in Column-6 of table below registered with the State Govt. and Contractors of equivalent grade/class registered with Central Govt./ MES/Railway for execution of works. The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bids.

Sd./-Superintending Engineer
M.I.Division, Jeypore
OIPR-32374/11/0015/2526

**ପୋଖରୀରେ ବୁଡ଼ି ଶିକ୍ଷକଙ୍କ ମୃତ୍ୟୁ**

ଆନନ୍ଦପୁର(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବାଉଁଶଗଡ଼ ଗୁହାଳଡି ସାହିର ଶିକ୍ଷକ ବିଜୟ ନାୟକ (୫୫)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ କୋଦପଡ଼ା ଯୋଡ଼ାଗାଡ଼ିଆ ସ୍କୁଲରେ ଶିକ୍ଷକତା କରୁଥିଲେ। ଗୁରୁବାର ବିଜୟ ଶୌଚ ହେବାକୁ ନିକଟସ୍ଥ ପୋଖରୀକୁ ଯାଇ ବୁଡ଼ିଯାଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି।

**କେନ୍ଦୁଝର**

# ୧୦୦ ବର୍ଷର ସ୍ଥାୟିତ୍ୱ, ୨ ବର୍ଷରେ ଛଡ଼ ଦେଖାଗଲାଣି

■ଯୋଡ଼ା ଫ୍ଲାଏଓଭର
■ବର୍ଷ ତମାମ ହେଉଛି ମରାମତି

ଯୋଡ଼ା,୫।୯(ମାନସ ମହାନ୍ତି)



କେନ୍ଦୁଝର ଜିଲା ଯୋଡ଼ା ସହରରେ ନିର୍ମିତ ଫ୍ଲାଏ ଓଭରର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହେବାରେ ଲାଗିଛି। ଉଦ୍‌ଘାଟନ ସମୟରେ ବ୍ରିଜ୍‌ର ସ୍ଥାୟିତ୍ୱ ୧୦୦ ବର୍ଷ ବୋଲି କୁହାଯାଇଥିଲା। ମାତ୍ର ବ୍ରିଜ୍‌କୁ ୨ ବର୍ଷ ନ ପୂରୁଣୁ ଲୁହାଛଡ଼ ଦେଖାଗଲାଣି। ବ୍ରିଜ୍‌ରେ ବହୁ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ ବର୍ଷ ତମାମ ମରାମତି କାର୍ଯ୍ୟ ଜାରି ରହୁଛି। ପ୍ରକାଶ ଯେ, କେନ୍ଦୁଝର ଜିଲା ଖଣିଜ ପାଣ୍ଠିରୁ ୨୫୮.୭୮ କୋଟି ଟଙ୍କା ବ୍ୟୟରେ ୨.୯୮୦ କି.ମି. ଦୀର୍ଘତମ ଫ୍ଲାଏଓଭର ନିର୍ମାଣ ହୋଇଛି। ୧୧ ମାର୍ଚ୍ଚ ୨୦୨୪ରେ ଭର୍ଚୁଆଲ ମାଧ୍ୟମରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରିଜ୍‌କୁ ଉଦ୍‌ଘାଟନ କରିଥିଲେ। ସେ ସମୟରେ ଉପସ୍ଥିତ ଓଡ଼ିସିର ଚିଫ୍ ଜେନେରାଲ ମ୍ୟାନେଜର ଅଜିତ ବାବୁ, ଜେନେରାଲ ମ୍ୟାନେଜର ନରସିଂହ ମହାନ୍ତ ଫ୍ଲାଏଓଭରରେ ଲୁହା ବିୟରିଂ ପରିବର୍ତ୍ତେ ସ୍ୱତନ୍ତ୍ର ବିୟରିଂ ଲଗାଯାଇଥିବାରୁ ଏହାର ସ୍ଥାୟିତ୍ୱ ଶହେ ବର୍ଷ ବୋଲି କହିଥିଲେ। ବର୍ତ୍ତମାନ ଫ୍ଲାଏଓଭର ରାସ୍ତାର ୨ ରୁ ୩ ସ୍ଥାନରେ ଫାଟି ଲୁହାଛଡ଼ ବାହାରକୁ ବାହାରିଯାଇଛି। ଜଳ ନିଷ୍କାସନ ପାଇପ ଖସି ଲୋକେ ଆହତ ହେଉଛନ୍ତି। ପ୍ରତିଦିନ ଫ୍ଲାଏ ଓଭରରେ କିଛି ଅଞ୍ଚଳକୁ ଆବଦ୍ଧ ରଖି ମରାମତି କାର୍ଯ୍ୟ କରାଯାଉଛି। ଏହି କ୍ରମରେ ଶୁକ୍ରବାର ମଧ୍ୟ ମରାମତି କରାଯାଉଥିଲା। ଜଣେ ବୈଷୟିକ ବିଶେଷଜ୍ଞ କହିଛନ୍ତି, ସମାନ ଭାବେ ଫ୍ଲାଏ ଓଭରର ଛାତ ନିର୍ମାଣ ହୋଇନାହିଁ। ତେଣୁ ଓଭର୍ଟପ୍ କୋଟ ସମାନ ଭାବେ ପଡ଼ିନାହିଁ। ଯେଉଁଠାରେ ଭାଗ ପତଳା ରହିଛି, ସେଠିଠାରେ ଛାତ ଫାଟି ରଡ଼ ଦିଶୁଛି। କେନ୍ଦୁଝର ଏମ୍‌ପି ପ୍ରତିନିଧି ବି.ଏନ୍. ଦାସ କହିଛନ୍ତି, ତତ୍କାଳୀନ ସରକାର ତରବରିଆ ଭାବେ କାମ କରି ଉଦ୍‌ଘାଟନ କଲେ। ନିମ୍ନମାନର କାମ ଯୋଗୁ ଫ୍ଲାଏଓଭର ଫାଟିବା, ପିଲର ନିକଟରେ ଫାଟ ସୃଷ୍ଟିହେବା, ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ନ ଥିବା ଆଦି ବ୍ୟତିକ୍ରମ ଦେଖାଦେଉଛି। ରାଜ୍ୟ ସରକାର ଏକ ବୈଷୟିକ ବିଶେଷଜ୍ଞ ଦଳ ପଠାଇ ଏହାର ଯାଞ୍ଚ କରିବା ପାଇଁ ସେ ସରକାରଙ୍କ ନିକଟରେ ଲିଖିତ ଭାବେ ଜଣାଇବେ ବୋଲି କହିଛନ୍ତି। ଏ ନେଇ ମରାମତି କରୁଥିବା ଠିକାସଂସ୍ଥାର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

ଯୋଡ଼ା,୫।୯(ମାନସ ମହାନ୍ତି): କେନ୍ଦୁଝର ଜିଲା ବଡ଼ବିଲ ରେଞ୍ଜ ଠାକୁରାଣୀ ସଂରକ୍ଷିତ ଜଙ୍ଗଲ ରଣାଶାଳ ନିକଟ ହାଣ୍ଡିପାଣି ଅଞ୍ଚଳରେ ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ଯୋଡ଼ା ଥାନା ବଜେଇକଲା ବସ୍ତିର କରଣ କୋଡ଼ନ(୪୫)। ସେ ଶୁକ୍ରବାର ସକାଳେ ପାଖ ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇ ଦନ୍ତାହାତୀ ହାତୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଟେକିକଚାଡ଼ି ଦେବା ସହ ବାମ ପେଟ ଛାତିକୁ ଦାନ୍ତରେ ଭୁଷି ଦେଇଥିଲା। ସ୍ଥାନୀୟ ଲୋକ ଜାଳେଣି କାଠ ସଂଗ୍ରହ ପାଇଁ ଯାଉଥିବାବେଳେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ବନ କର୍ମଚାରୀଙ୍କ ସହାୟତାରେ ଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ସ୍ଥାନାନ୍ତର କରାଯାଇଥିବା ଗୁରୁତରଙ୍କ ଭାଇ ତପନ ନାୟକ କହିଛନ୍ତି।

## ଦେଶ ଗଠନରେ ଶିକ୍ଷକଙ୍କ ଅବଦାନ ଅତୁଳନୀୟ

**ଜିଲାସ୍ତରୀୟ ଗୁରୁ ଦିବସ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ**

କେନ୍ଦୁଝର,୫।୯
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲାର ପିଏମ୍‌ଶ୍ରୀ ଧରଣୀଧର ନାରାୟଣ ଉଚ୍ଚ ବିଦ୍ୟାଳୟ ଅଡିଟୋରିୟମରେ ଶୁକ୍ରବାର ଜିଲାସ୍ତରୀୟ ଗୁରୁଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମନ୍ଦରାଚଳ ମହାଲିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅନନ୍ତ ଚରଣ ନାୟକ ଯୋଗଦେଇ ଶିକ୍ଷକଙ୍କ ଅବଦାନ ଦେଶ ଗଠନରେ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଅନ୍ୟତମ ସମ୍ମାନିତ ଅତିଥିଭାବେ ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲା ଶିକ୍ଷା ପ୍ରଶିକ୍ଷଣ ଅଧ୍ୟକ୍ଷା କଲ୍ୟାଣୀ ମାଝୀ, ନିମନ୍ତ୍ରିତ ଅତିଥିଭାବେ ଧରଣୀଧର ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାଲ, ଭାରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ ପରିଡ଼ା ଯୋଗଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଜିଲା ବିଜ୍ଞାନ ଶିକ୍ଷା ପରିଦର୍ଶକ ତଥା ପଞ୍ଚାୟତ ଶିକ୍ଷା ସେଲ୍‌ର ଜିଲା ନୋଡାଲ ଅଫିସର୍ ପରମେଶ୍ୱର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘୋଷିକା ସମୟଶ୍ରୀ ଟାଟାଙ୍କ ମଞ୍ଚ ପରିଚାଳନା କରିଥିଲେ। ପିଏମ୍ ଶ୍ରୀ ଧରଣୀଧର ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବର୍ଗରେ ମନୋନୀତ ଶିକ୍ଷକଙ୍କୁ ଅତିଥିମାନେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ର ନାରାୟଣ ସାମଲ, ସଦର ବ୍ଲକ୍ ଶିକ୍ଷା ଅଧିକାରୀ ଓଁକାର ଅଗ୍ରେସ, ପାଟଣା ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ଘଟଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ସତ୍ୟ ସୁମନ ପଣ୍ଡା, ବାଂଶପାଳ ବ୍ଲକ୍ ଶିକ୍ଷା ଅଧିକାରୀ ଦାଶରଥି ସୁଧ, ଏନ୍‌ସିସି ପୋଲିସ ଫାଣ୍ଡ୍‌ସ୍କୁଲର ପ୍ରଧାନଶିକ୍ଷକ ବେଙ୍କ ରାଉତ, ଏନ୍‌ସିସି ଶିକ୍ଷକ ବିଜୟ କୁମାର ବେହେରା, ଲଳିତ ବାରିକ ପରିଚାଳନା କରିଥିଲେ।



ଅତିଥିଙ୍କ ନିକଟରୁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

## କ୍ଷେତ୍ରମୋହନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଝୁମ୍ପୁରା,୫।୯(ପ୍ରଦୋଷ କୁମାର ବିଶ୍ୱାଳ): ଗୁରୁ ଦିବସ ଅବସରରେ କେନ୍ଦୁଝର ଜିଲା ଝୁମ୍ପୁରା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ କ୍ଷେତ୍ର ମୋହନ ନାୟକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅତିଥି ତାଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ନିଜ ଗାଁ ଆନନ୍ଦପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଝୁମ୍ପୁରା ହାଇସ୍କୁଲର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତ, ଶିକ୍ଷକ ମୋହନ ମାଝୀ, ଗୋପୀନାଥ ନାୟକ, ଲିପିପୁଷ୍ପା ନାୟକ, ହେମନ୍ତ ନାୟକ, ପୀତବାସ ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଶିକ୍ଷକ ସଂଘ ପକ୍ଷରୁ ଗୁରୁପୂଜନ

ଢେଙ୍କିକୋଟ,୫।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଏଲିମେଣ୍ଟାରୀ ଶିକ୍ଷକ ସଂଘ ତରଫରୁ ବାରହାଟିପୁରା ନୀଳକଣ୍ଠେଶ୍ୱର ହାଇସ୍କୁଲ ପ୍ରାଙ୍ଗଣରେ ଶୁକ୍ରବାର ଅପରାହ୍ନ ୨ଟାରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରମେଶ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅନନ୍ତ ନାୟକ, ମୁଖ୍ୟ ବକ୍ତାଭାବେ ଘଟଗାଁ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ନାୟକ, ସମ୍ମାନୀୟ ଅତିଥିଭାବେ ଘଟଗାଁ ବ୍ଲକ୍ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ଏମ୍‌ପିଙ୍କ ଘଟଗାଁ ବ୍ଲକ୍ ପ୍ରତିନିଧି ଅଖିଳ ଚନ୍ଦ୍ର ପାତ୍ର, ଏଲିମେଣ୍ଟାରୀ ଶିକ୍ଷକ ସଂଘର ସମ୍ପାଦକ ନବକୃଷ୍ଣ ରାଉତ, ନୀଳକଣ୍ଠେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସେଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ସାହୁପ୍ରମୁଖ ଯୋଗଦେଇଥିଲେ। ସଂଘର ଶିକ୍ଷକ ସଂଘର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରୋହିତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁବର୍ଣ୍ଣ ପଲେଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଘଟଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଭାଗ୍ୟଶ୍ରୀ ଦେ ସଭା ପରିଚାଳନା କରିଥିଲେ। ଘଟଗାଁ ବ୍ଲକ୍‌ର ୧୩ କ୍ଲଷ୍ଟରର ସମସ୍ତ ସିଆରସିସିଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ଶିକ୍ଷକ ବିଦ୍ୟାଧର ମହାନ୍ତ, ଭାଗୀରଥି ମହାନ୍ତ, ବସନ୍ତ ପଣ୍ଡା, ଶିକ୍ଷୟିତ୍ରୀ ସୁଷମା ବାରିକ, ବାଣେଶ୍ୱର ବେହେରା, ସକୁନ୍ତଳା ମହାନ୍ତ, ସନ୍ତୋଷ ପତିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ।

## ସରକାରୀ ମହିଳା ମହାବିଦ୍ୟାଳୟରେ ଗୁରୁଦିବସ

କେନ୍ଦୁଝର,୫।୯(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର ଅର୍ଥନୀତି ବିଭାଗରେ ଶୁକ୍ରବାର ଗୁରୁଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଉପସ୍ଥିତ ଛାତ୍ରୀଙ୍କୁ ଗୁରୁ ଶିଷ୍ୟ ମଧ୍ୟରେ ପାରମ୍ପରିକ ସମ୍ପର୍କ ବିଷୟରେ ଉଦାହରଣ ମାଧ୍ୟମରେ ଅବଗତ କରାଇଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ଗୀତାଞ୍ଜଳି ନାୟକ, ଅଧ୍ୟାପିକା ସନ୍ଧ୍ୟାରାଣୀ ସଙ୍ଗୁଆଳ, ଅଧ୍ୟାପିକା ଅଞ୍ଜଳି ମାଝୀ, ପୋମିତା ସାହୁ ଓ ଜ୍ୟୋତି ଦାସ ପିଲାଙ୍କୁ ଗୁରୁଦିବସ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଗାଁକୁ ସରକାରୀ ବସ୍ ଚଳାଚଳ ଦାବି

**ବସ୍ ଅଟକାଇ ମହିଳାଙ୍କ ପ୍ରତିବାଦ**



ମହିଳାମାନେ ବସ୍‌କୁ ଅଟକାଇ ପ୍ରତିବାଦ କରୁଛନ୍ତି।

ପାଟଣା,୫।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କୁମୁରିଆ ପଞ୍ଚାୟତ ଉପାନ୍ତ ଅଞ୍ଚଳକୁ ସରକାରୀ ବସ ଚଳାଚଳ ଦାବି ହୋଇଛି। ଏ ନେଇ ପୂର୍ବରୁ ଦାବି ହେଉଥିଲେ ବି କେହି କର୍ଣ୍ଣପାତ ନ କରିବାରୁ ସ୍ଥାନୀୟ ମହିଳା ଶୁକ୍ରବାର ମୁଖ୍ୟମନ୍ତ୍ରୀ ବସ୍ ସେବା ଗାଡ଼ିକୁ ଅଟକାଇଥିଲେ। ପ୍ରକାଶ ଯେ, ୫ ନମ୍ବର ରୁଟ୍‌ରେ ଚାଲୁଥିବା ସରକାରୀ ବସ ୧୦ଟି ଗାଁ ଦେଇ ଯାଉଛି। ମାତ୍ର ଉପାନ୍ତ ଅଞ୍ଚଳ ବଣମହୁଲଡ଼ିହା, ପିଛୁଳାବେଡ଼ା ଓ ରଘୁଣ୍ଡିଆ ଗାଁକୁ ଆମ ବସ୍ ଯାଉନାହିଁ। ଏ ନେଇ ଶୁକ୍ରବାର ୨ ଶହରୁ ଊର୍ଦ୍ଧ୍ୱ ମହିଳା ଏକତ୍ରିତ ହୋଇ ଜମୁଲେଇବେଡ଼ା ଛକ ନିକଟରେ ସରକାରୀ ବସକୁ ଅଟକାଇଥିଲେ। ବସ୍ ଚିନାମାଳିପୋଷିରୁ ପାସେଞ୍ଜର ଧରି ଆସୁଥିବା ବେଳେ ସକାଳ ୬ରୁ ଦିନ ୧୦.୩୦ପର୍ଯ୍ୟନ୍ତ ଦୀର୍ଘ ୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବସ ଅଟକି ରହିଥିଲା। ସ୍ଥାନୀୟ ମହିଳା କନକଲତା ମହାନ୍ତ, ରଶ୍ମୀରେଖା ମହାନ୍ତ, ନିରୁପମା ମହାନ୍ତ, ବୈଦେହି ନାୟକ, ଦ୍ରୌପଦୀ ନାୟକ, ଝୁନୁରାଣୀ ଲୋହାରଙ୍କ ନେତୃତ୍ୱରେ ମହିଳାମାନେ ବସ ଅଟକାଇଥିବା ବେଳେ ଶନିବାର ଯଦି ଗାଁକୁ ବସ୍ ନ ପଶେ ପୁନର୍ବାର ଗାଡ଼ିକୁ ଅଟକାଇବେ ବୋଲି ଚେତାବନୀ ଦେଇଛନ୍ତି। ସୁପରଭାଇଜର ସ୍ମୃତି ରଞ୍ଜନ ସେଠୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ପ୍ରଭାବିତ ଗାଁକୁ ଯାଇ ରିପୋର୍ଟ ଅନୁଯାୟୀ କରିବା ପରେ ଉତ୍ତ୍ୟକ୍ତ ମହିଳା ବସ୍ ସମ୍ମୁଖରୁ ହଟିଥିଲେ। ମୁଖ୍ୟମନ୍ତ୍ରୀ ବସସେବା ଯୋଜନାର ଜିଲା ମ୍ୟାନେଜର ଗୌର କୁଅଁର କହିଛନ୍ତି, ବସଟି ପାଟଣାରୁ ବଣମହୁଲଡ଼ିହା ପର୍ଯ୍ୟନ୍ତ ଯାଉଥିଲା। ସ୍ଥାନୀୟ ଲୋକେ ଗାଁ ଭିତରକୁ ଯିବା ପାଇଁ ଦାବି କରୁଛନ୍ତି। ସୁପରିଭାଇଜରଙ୍କୁ ରିପୋର୍ଟ ମାଗିଛନ୍ତି। ବିଡ଼ିଓଙ୍କ ସହ କଥା ହୋଇ ରାସ୍ତା ଅବସ୍ଥା ଦେଖିବା ସହ ନିୟମ ଅନୁଯାୟୀ ଯାହା କିଛି କରିବେ।

# କଂଗ୍ରେସର ସୃଜନ ସଂଗଠନ ଅଭିଯାନ

ଚମ୍ପୁଆ,୫।୯(ମହେଶ୍ୱର ଦାସ)

ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଜିଲା ସଭାପତି ଚୟନ ନିମନ୍ତେ ଚମ୍ପୁଆ ନିର୍ବାଚନ ମଣ୍ଡଳୀସ୍ତରୀୟ ସାଂଗଠନିକ ସୃଜନ ଅଭିଯାନ ବୈଠକ ସ୍ଥାନୀୟ ଡାକବଙ୍ଗଳାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଯେଉଁ ସାଂଗଠନିକ ପଦପଦବୀ ସବୁ ରହିଛି, କଂଗ୍ରେସ ଦଳକୁ ଯେଉଁମାନେ ଆଗାମୀ ଦିନରେ କାର୍ଯ୍ୟକ୍ଷମ, ଶକ୍ତିଶାଳୀ କରାଇବେ ଏବଂ ଯେଉଁମାନେ ତୃଣମୂଳସ୍ତରରେ ନିଃସ୍ୱାର୍ଥପର ଭାବେ କାମ କରୁଥିବେ। ସେମାନଙ୍କ ମଧ୍ୟରୁ ବ୍ଲକ୍ ଓ ଜିଲା ସଭାପତି ଏବଂ ବିଭିନ୍ନ ଯୁବ ଛାତ୍ର ସଂଗଠନ ମୁଖିଆଙ୍କୁ ଚୟନ କରିବା ପାଇଁ ଏହି ସୃଜନ କାର୍ଯ୍ୟକ୍ରମର ଲକ୍ଷ୍ୟ। ଆଗରୁ ଦଳର ବରିଷ୍ଠ ନେତୃବୃନ୍ଦ ସେମାନଙ୍କର ନିଜର ଲୋକଙ୍କୁ ଏହିସବୁ ପଦପଦବୀରେ ରଖୁଥିଲେ। କଂଗ୍ରେସର ଜନନାୟକ ନେତା ରାହୁଲ ଗାନ୍ଧୀ ଏହାକୁ ଉପଲବ୍ଧି କରି ଯେଉଁମାନେ ପ୍ରକୃତରେ ଦଳ ପାଇଁ କାମ କରୁଛନ୍ତି ସେମାନଙ୍କୁ ସର୍ବସମ୍ମତି କ୍ରମେ ଦାୟିତ୍ୱ ଦେବା ପାଇଁ ଦଳର ଏହି ସୃଜନ କାର୍ଯ୍ୟକ୍ରମ ବୋଲି ନେତାମାନେ କହିଥିଲେ। କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକଭାବେ ତାମିଲନାଡୁ ବିଧାନସଭା ସଦସ୍ୟ ହସନ ମୌଲାନା, ସହପର୍ଯ୍ୟବେକ୍ଷକଭାବେ କଂଗ୍ରେସର ୱର୍କିଂ କମିଟି ସଦସ୍ୟା ତଥା ମୟୂରଭଞ୍ଜର ପୂର୍ବତନ ଏମ୍‌ପି ଶୁସିଲା ତିରିଆ, ଓଡ଼ିଶା ପ୍ରଦେଶ କଂଗ୍ରେସର ସୁରେଶ ଅଗ୍ରୱାଲ, ସଂଯୋଜକ ଭାବେ ସୁଦର୍ଶନ ଜେନା, ଜିଲାର କଂଗ୍ରେସ ନେତ୍ରୀ ସଙ୍ଗୀତା ସିଂ, ରାଜ୍ୟ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ପୂର୍ବତନ ଏମ୍‌ଏଲ୍‌ଏ ସୁବର୍ଣ୍ଣ ନାୟକ, ଯମୁନାଗଣି ବାରିକ ପ୍ରମୁଖ ଯୋଗ ଦେଇଥିଲେ। ନେତୃବୃନ୍ଦ ସମସ୍ତ କର୍ମୀଙ୍କ ସହ ଆଲୋଚନା କରି ବ୍ଲକ୍ ଓ ଜିଲା ସଭାପତି ଚୟନ କରିବେ। ପର୍ଯ୍ୟବେକ୍ଷକଙ୍କ ନିଷ୍ପତ୍ତି ହାଇକମାଣ୍ଡଙ୍କ ନିକଟକୁ ପଠାଯାଇ ଶେଷ ନିଷ୍ପତ୍ତି ନିଆଯିବ ବୋଲି ଲାଗୁରୀ କହିଥିଲେ। କାର୍ଯ୍ୟକ୍ରମକୁ କଂଗ୍ରେସ ବ୍ଲକ୍ ସଭାପତି ରଣଜିତ ବେହେରା ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ମୋରଡ଼ା,୫।୯(ସ୍ୱାଗତ ମାଝୀ)

ମୋରଡ଼ା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଚିତ୍ରଡ଼ା ଜବାହାର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ ସୁଭାଶିଷ ନାୟକ ମୁଖ୍ୟ ଅତିଥି, ମୋରଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାଣିଗ୍ରାହୀ ମୁଖ୍ୟ ବକ୍ତା, ବରିଷ୍ଠ କ୍ରୀଡ଼ା ଶିକ୍ଷକ ଶୋଭାକାନ୍ତ ବିହାରୀ ଏବଂ ନୋଡାଲ କ୍ରୀଡ଼ା ଶିକ୍ଷକ ସୁନୀଲ କୁମାର ମହାନ୍ତ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କବାଡି, ଖୋ-ଖୋ, ଏବଂ ଫୁଟବଲରେ ୬୧ ଜଣ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଥିଲେ। ବରିଷ୍ଠ ଶିକ୍ଷକ ଅରୁଣ କୁମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଲିଲି ମହାନ୍ତ, ହିମାନି ମହାନ୍ତ, ରଞ୍ଜିତା ମହାନ୍ତ, ରଶ୍ମିତା ସାମଲ, ଆରତୀ ପାତ୍ର, ଭାରତୀ ମହାନ୍ତ, ସ୍ୱପ୍ନାଲି ଜେନା, ଗୀତ ମହାନ୍ତ, ରାଜେଶ ପୁର, ଚନ୍ଦ୍ରମୋହନ ହାଁସଦା, ଅଭିଷେକ ଆଚାର୍ଯ୍ୟ, ମାନସ ରଞ୍ଜନ ବାରିକ, ମନୋରଞ୍ଜନ ମହାନ୍ତ, କାହ୍ନୁ ଚରଣ ବାରିକ, ମନୋରଞ୍ଜନ ମୋଦି, ହେମନ୍ତ କୁମାର ଜେନା ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

# ମହମ୍ମଦ ଜୟନ୍ତୀ ପାଳିତ

ବୈଶିଙ୍ଗା,୫।୯(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଳମା ପଞ୍ଚାୟତର ଗୋବିନ୍ଦରାୟପୁର, ଡାଳପଦା ଆଦି ଅଞ୍ଚଳରେ ଶୁକ୍ରବାର ମହମ୍ମଦ ଜୟନ୍ତୀ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ୭ଟି ମସ୍‌ଜିଦ୍‌ରୁ ତାଜିଆ ବାହାରିଥିଲା। ମୁସଲିମ ସମ୍ପ୍ରଦାୟର ଶତାଧିକ ଆବାଳ ବୃଦ୍ଧବନିତା ଏକାଠି ହୋଇ ଜୁଲୁସ ନେଇ ସମଗ୍ର ଅଞ୍ଚଳ ପରିକ୍ରମା କରିଥିଲେ। ଯୁବକମାନଙ୍କ ଦ୍ୱାରା ଆକର୍ଷଣୀୟ ବାଡ଼ିଖେଳ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅଞ୍ଚଳ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ସୀମାନ୍ତ ଅଞ୍ଚଳ ହୋଇଥିବା ବେଳେ ସମ୍ବେଦନଶୀଳ ହୋଇଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବୈଶିଙ୍ଗା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ସହ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଉପସ୍ଥିତ ଥିଲେ।


**ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିକ୍ୟ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ: crld.robalasore@unionbankofindia.bank, ମୋ.: ୮୯୮୯୧୯୬୪୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି। ... "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୭.୦୯.୨୦୨୫ରିଖ ରେ ତା.୧୪.୧୦.୨୦୨୫ରିଖରେ ବିକ୍ରୟ କରାଯିବ ...

| ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ବକେୟା ଦେୟ |
| --- | --- |
| **ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ଜିଲା: ଭଦ୍ରକ, ଫୋନ୍ ନଂ.: ୯୯୧୦୧୧୦୬୭୬, ଇମେଲ: ubin0933562@unionbankofindia.bank** | |
| ଋଣଗ୍ରହୀତା: ମେସର୍ସ ମା ବୁଢ଼ୀ ଠାକୁରାଣୀ ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସସ୍ମିତା ମିଶ୍ର ... ଜିଲା: ଭଦ୍ରକ, ପିନ୍-୭୫୬୧୩୪ | ୦୪.୦୯.୨୦୨୫ ସୁଦ୍ଧା ଟ.୧୦,୩୪,୯୫୪/- + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |
| ସମ୍ପତ୍ତି ନଂ.-୧: ଶ୍ରୀ ମଧୁସୂଦନ ମହାରଣାଙ୍କ ନାମରେ ... ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୭,୪୮,୦୦୦.୦୦ / ଅମାନତ ଜମା: ଟ.୭୪,୮୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦ | |
| **ଉଦଳା ଶାଖା, ଜିଲା: ମୟୂରଭଞ୍ଜ, ଫୋନ୍ ନଂ.: ୮୪୬୮୮୧୦୯୯, ୮୭୭୭୬୯୮୪୪, ଇମେଲ: ubin0825649@unionbankofindia.bank** | |
| ଋଣଗ୍ରହୀତା: ମେସର୍ସ ହିମାଂଶୁ କୁଲେରୀ ସପ୍, ସ୍ୱତ୍ୱାଧିକାରୀ: ହିମାଂଶୁ ବେହେରା ... ଜାମିନ୍‌ଦାର: ଶ୍ରୀମତୀ ଚନ୍ଦ୍ରମଣି ବେହେରା ... ଜିଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୪୧ | ୦୪.୦୯.୨୦୨୫ ସୁଦ୍ଧା ଟ.୧୧,୦୩,୨୯୪.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |
| ସମ୍ପତ୍ତି ନଂ.-୨: ଶ୍ରୀମତୀ ଚନ୍ଦ୍ରମଣି ବେହେରାଙ୍କ ନାମରେ ... ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୧,୬୯,୦୦୦.୦୦ / ଅମାନତ ଜମା: ଟ.୧,୧୬,୯୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୧,୬୯୦.୦୦ | |
| **ଯାଜପୁର ଟାଉନ୍-୩ ଶାଖା, ଜିଲା: ଯାଜପୁର, ଫୋନ୍ ନଂ.: ୮୯୪୦୬୮୮୮୪୮, ଇମେଲ: ubin0918024@unionbankofindia.bank** | |
| ଋଣଗ୍ରହୀତା: ମେସର୍ସ ସାଇ ଏସ୍ ଇଞ୍ଜିନିୟରିଂ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ରିତାଞ୍ଜଳୀ ସାହୁ ... ଜିଲା: ଯାଜପୁର, ପିନ୍-୭୫୫୦୦୧ | ୦୪.୦୯.୨୦୨୫ ସୁଦ୍ଧା ଟ.୧୦,୩୪,୬୩୩.୪୩ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |
| ସମ୍ପତ୍ତି ନଂ.-୩: ଶ୍ରୀମତୀ ରିତାଞ୍ଜଳୀ ସାହୁ ... ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୩୪,୧୬,୧୭୬.୯୩ / ଅମାନତ ଜମା: ଟ.୩,୪୧,୬୧୭.୭୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦ | |
| **ବ୍ୟାଙ୍କ ଷ୍ଟ୍ରିଟ ଶାଖା ଯାଜପୁର ରୋଡ୍, ଜିଲା: ଯାଜପୁର, ଫୋନ୍ ନଂ.: ୬୨୭୭୪୭୦୬୩୩, ଇମେଲ: ubin0914347@unionbankofindia.bank** | |
| ଋଣଗ୍ରହୀତାମାନେ: ୧) ମେସର୍ସ କଳିଙ୍ଗ ଷ୍ଟିଲ ଫାବ୍ରିକେସନ, ସ୍ୱତ୍ୱାଧିକାରୀ: ଶ୍ରୀ ସୁବାଷ କୁମାର ଜେନା, ୨) ଶ୍ରୀ ଭଗବାନ ଜେନା ... ୩) ସୁଦର୍ଶନ ଜେନା ... ଜିଲା: ଯାଜପୁର, ପିନ୍-୭୫୫୦୧୯ | ୦୪.୦୯.୨୦୨୫ ସୁଦ୍ଧା ଟ.୫,୩୮,୦୪୬.୧୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |
| ସମ୍ପତ୍ତି ନଂ.-୪: (୧) ଶ୍ରୀ ଭଗବାନ ଜେନା ଓ (୨) ଶ୍ରୀ ସୁଦର୍ଶନ ଜେନା ... ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୩୨,୭୦,୦୦୦.୦୦ / ଅମାନତ ଜମା: ଟ.୩,୨୭,୦୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୩୨,୭୦୦.୦୦ | |
| **ଦୁବୁରୀ-୨ ଶାଖା, ଜିଲା: ଯାଜପୁର, ଫୋନ୍ ନଂ.: ୭୮୭୦୭୮୮୮୪୧୦, ଇମେଲ: ubin0814113@unionbankofindia.bank** | |
| ଋଣଗ୍ରହୀତା: ମେସର୍ସ ବିଶ୍ୱକେତନ ପ୍ରଧାନ ... ଜିଲା: ଯାଜପୁର, ପିନ୍-୭୫୫୦୨୬ | ୦୪.୦୯.୨୦୨୫ ସୁଦ୍ଧା ଟ.୪,୬୫,୬୩୧.୭୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |
| ସମ୍ପତ୍ତିର ବିବରଣୀ-୫: ... ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧,୫୪,୯୬,୦୦୦.୦୦ / ଅମାନତ ଜମା: ଟ.୧୫,୪୯,୬୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦ | |
| **ଭଦ୍ରକ ମୁଖ୍ୟ ଶାଖା, ଜିଲା: ଭଦ୍ରକ, ଫୋନ୍ ନଂ.: ୬୭୪୭୫୯୧୪୫୩, ଇମେଲ: ubin0538591@unionbankofindia.bank** | |
| ଋଣଗ୍ରହୀତା: ମେସର୍ସ ନିଟିଫେକ୍ସ ଇଣ୍ଡଷ୍ଟ୍ରିଜ୍ ... ୧) କ୍ୟୋତ୍ସନାରାଣୀ ମିଶ୍ର, ୨) ପ୍ରଦୀପ କୁମାର ମିଶ୍ର, ୩) ସତ୍ୟପ୍ରିୟ କୁମାର ମିଶ୍ର ... | ୦୪.୦୯.୨୦୨୫ ସୁଦ୍ଧା ଟ.୯,୭୮,୩୧୫.୭୬ ... ଟ.୭,୯୯,୯୪୬.୬୦ ... ଟ.୭,୨୨,୬୨୭,୪୪.୬୭ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |
| ସମ୍ପତ୍ତି ନଂ.-୬: ... ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୫୩,୪୦,୫୦୦.୦୦ / ଅମାନତ ଜମା: ଟ.୫,୩୪,୦୫୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୫୩,୪୦୫.୦୦ | |
| **କଲେଜ ରୋଡ୍ ଶାଖା, ଜିଲା: ଭଦ୍ରକ, ଫୋନ୍ ନଂ.: ୭୩୮୧୭୭୨୭୬୭, ଇମେଲ: ubin0818127@unionbankofindia.bank** | |
| ଋଣଗ୍ରହୀତା: ଶ୍ରୀ ସୁରେନ୍ଦ୍ର ସାହୁ ... ସହ-ଋଣଗ୍ରହୀତା: ଶ୍ରୀମତୀ ସାବିତ୍ରୀ ସାହୁ ... ଜିଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୩୧ | ୦୪.୦୯.୨୦୨୫ ସୁଦ୍ଧା ଟ.୨୦,୨୬,୪୭୭.୦୪ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |
| ସମ୍ପତ୍ତି ନଂ.-୭: ଶ୍ରୀ ସୁରେନ୍ଦ୍ର ସାହୁ ... ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୬,୭୬,୦୦୦.୦୦ / ଅମାନତ ଜମା: ଟ.୧,୬୭,୬୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୬,୭୬୦.୦୦ | |

ଇ-ନିଲାମ ତାରିଖ ଏବଂ ସମୟ: ୨୭.୦୯.୨୦୨୫ ମଧ୍ୟାହ୍ନ ୧୨.୦୦ ଘଣ୍ଟିକାରୁ ଅପରାହ୍ନ ୫.୦୦ ଘଣ୍ଟିକା ମଧ୍ୟରେ (ସମ୍ପତ୍ତି ନଂ. ୧, ୨, ୩, ୪, ୫ ଏବଂ ୬ ନିମନ୍ତେ) ଏବଂ ୧୪.୧୦.୨୦୨୫ ମଧ୍ୟାହ୍ନ ୧୨.୦୦ ଘଣ୍ଟିକାରୁ ଅପରାହ୍ନ ୫.୦୦ ଘଣ୍ଟିକା ମଧ୍ୟରେ (ସମ୍ପତ୍ତି ନଂ. ୭ ନିମନ୍ତେ) (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com
ଅମାନତ ଜମା ଜମା କରିବାର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ପୂର୍ବରୁ
ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.co.in ଦେଖନ୍ତୁ।
ସ୍ଥାନ: ବାଲେଶ୍ୱର, ତାରିଖ: ୦୫.୦୯.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଓସିପିଏଲ୍ ପାଇଲା ପଞ୍ଚତାରକା ମାନ୍ୟତା




ଭୁବନେଶ୍ୱର,୫।୯(ରବିନାରାୟଣ ଜେନା)

ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା କୋଲ୍ ଏଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍)କୁ ପ୍ରତିଷ୍ଠିତ ୫-ତାରକା ମାନ୍ୟତା ପ୍ରଦାନ କରାଯାଇଛି। ଗୁରୁବାର ମୁମ୍ବାଇର ଟ୍ରାଇଡେଣ୍ଟ ହୋଟେଲରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ କୋଇଲା ଏବଂ ଖଣିମନ୍ତ୍ରୀ ଜି କିଷାନ ରେଡ୍ଡୀ ଓ ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କଠାରୁ ଓସିପିଏଲ୍ ମୁଖ୍ୟ ପରିଚାଳନା ଅଧିକାରୀ(ସିଓ) ଅୟେଶକାନ୍ତ କାନୁନ୍‌ଗୋ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଓସିପିଏଲ୍‌ର କାର୍ଯ୍ୟକୁଶଳତା, ମାଇନ୍ସ ପରିଚାଳନା, ଶ୍ରେଷ୍ଠ ଶିଳ୍ପ ଅଭ୍ୟାସ, ଖଣିସୁରକ୍ଷା ଏବଂ ପରିବେଶ ପ୍ରତି ଦୃଢ଼ ସମର୍ପଣର ପ୍ରତୀକ ସ୍ୱରୂପ ଲଗାତର ଚତୁର୍ଥବର୍ଷ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଏହି ଅବସରରେ କାନୁନ୍‌ଗୋ କହିଛନ୍ତି, ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ସ୍ପଷ୍ଟ ଦୃଷ୍ଟିକୋଣ ଓ ଶକ୍ତିବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବଙ୍କ ମାର୍ଗଦର୍ଶନ ହିଁ କମ୍ପାନୀକୁ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଉଛି। ଓସିପିଏଲ୍ କୋଇଲା ଏବଂ ବିଦ୍ୟୁତ୍ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। ସମ୍ପ୍ରତି ଓସିପିଏଲ୍ ରା'ର ପ୍ରଥମ ବାଣିଜ୍ୟିକ କୋଇଲାବ୍ଲକ-ଗର୍ଜିବେଡ଼ି ଉତ୍ତର- ସଫଳତାର ସହ ହାସଲ କରିଛି। ଏହି ଐତିହାସିକ ମାନ୍ୟତା, କମ୍ପାନୀର ସମ୍ପଦ ଆଧାରକୁ ସୁଦୃଢ଼ କରିବା ସହିତ ଦେଶର ଶକ୍ତି ସୁରକ୍ଷାରେ ଓଡ଼ିଶାର ଅବଦାନକୁ ଆହୁରି ମଜଭୁତ କରିବ ଏବଂ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଓସିପିଏଲ୍ ପରିବେଶ ସୁରକ୍ଷା,ସାମାଜିକ ଦାୟିତ୍ୱବୋଧତା ଏବଂ ମନୋହରପୁର ଅଞ୍ଚଳବାସୀଙ୍କ ପାଇଁ କରିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ସମୂହଭାବରେ ଉଚ୍ଚପ୍ରଶଂସା କରାଯାଇଛି। ଆଗାମୀ ଦିନରେ ଓସିପିଏଲ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏକସୁଦୃଢ଼ ଏବଂ ଆଦର୍ଶ କମ୍ପାନୀ ଭାବେ ନିଜ ପରିଚୟକୁ ବଜାୟ ରଖିବା ପାଇଁ ସଂକଳ୍ପବଦ୍ଧ ବୋଲି ମୁଖ୍ୟ ପରିଚାଳକ ଗଗନ ବିହାରୀ ସ୍ୱାଇଁ ଜଣାଇଛନ୍ତି।

# ଟିପିସିଓଡିଏଲ୍ ପକ୍ଷରୁ ପୁରୀରେ ଏପିଏସ୍‌ସିସିର ଉଦ୍‌ଘାଟନ


ଭୁବନେଶ୍ୱର,୫।୯




ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ରାଜ୍ୟର ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାର ସୁଦୃଢ଼ୀକରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ପୁରୀର ତାଳବଣିଆଠାରେ ନୂଆ ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସ୍‌ସି) ଭୁବନେଶ୍ୱର ସର୍କଲ -୨ରେ ଉଦ୍‌ଘାଟନ କରାଯାଇଛି। ଏହି କେନ୍ଦ୍ରକୁ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଉଦ୍‌ଘାଟନ କରିଥିବା ବେଳେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ ଓ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବରୁ ବିକେନ୍ଦ୍ରୀକୃତ ବିଦ୍ୟୁତ୍ ଡିଭିଜନର ଏପିଏସ୍‌ସିସି ଦ୍ୱାରା ପରିଚାଳିତ ହେଉଥିବା ୧୧ କେଭି ପରିଚାଳନାକୁ କେନ୍ଦ୍ରୀକୃତକରି ଏହି କେନ୍ଦ୍ର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ଉନ୍ନତ ନିରୀକ୍ଷଣ, ତ୍ରୁଟିର ଦ୍ରୁତ ପ୍ରକ୍ରିୟା ଏବଂ ଗ୍ରାହକ ସେବାକୁ ଅଧିକ ପାରଦର୍ଶୀ ଢଙ୍ଗରେ ପରିଚାଳନାକୁ ସକ୍ଷମ କରିପାରିବ। ଭୁବନେଶ୍ୱର ସର୍କଲ -୨ ଅଧୀନରେ ପରିଚାଳିତ ହେଉଥିବା ସମସ୍ତ ରିମୋଟ ଓ ସ୍ଥାନୀୟ ଭାବେ ପରିଚାଳିତ ହେଉଥିବା ପିଏସ୍‌ଏସ୍ ଏବେ ଏହି ଏପିଏସ୍‌ସିସି ସହ ନିୟନ୍ତ୍ରଣ ପାଇଁ ପ୍ରଗତିଶୀଳ ଭାବେ ସମନ୍ୱିତ ହୋଇଛି। ଉକ୍ତ ଯୋଜନା, ବିଭ୍ରାଟ ସମୟରେ ସେବାକୁ ଶୀଘ୍ର ସ୍ୱାଭାବିକ କରିବା ଏବଂ ବିଦ୍ୟୁତ୍ ଭରସାଯୋଗ୍ୟତାରେ ଉନ୍ନତି ଆଣିବାକୁ ଏହା ସକ୍ଷମ କରିବ। ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ ବାଲୁଗାଁ ଡିଭିଜନର ଗ୍ରାହକମାନେ ଅଧିକ ସ୍ଥିର ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଦ୍ୱାରା ସିଧାସଳଖ ଉପକୃତ ହୋଇପାରିବେ। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଆମ ବିଦ୍ୟୁତ୍ ନେଟୱର୍କକୁ ସୁଦୃଢ଼ କରିବା ଏବଂ ଗ୍ରାହକ ସେବାରେ ଉନ୍ନତି ଆଣିବା ଦିଗରେ ଏହି ଏପିଏସ୍‌ସିସି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଅରୁନ୍ଧତୀ ଜୁଏଲର୍ସର ଗୁରୁଦକ୍ଷିଣା ଅଫର

ଭୁବନେଶ୍ୱର,୫।୯




ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଶୁକ୍ରବାର ଗୁରୁଦିବସ ପାଳନ କରାଯାଇଛି। ଏହି ଅବସରରେ ସମସ୍ତ ଶାଖାରେ ଗୁରୁପୂଜନ ଓ ସମ୍ବର୍ଦ୍ଧନା ସମାରୋହ କରାଯାଇଥିଲା। ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଗୁରୁଦକ୍ଷିଣା ସ୍ପେଶିଆଲ ଅଫର ଘୋଷଣା କରାଯାଇଛି। ଗୁରୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ସମସ୍ତ ସୁନାଗହଣାର ଗଢ଼ାମଜୁରିରେ ଫ୍ଲାଟ୍ ୫୦% ରିହାତି ଓ ହୀରାଗହଣାର ହୀରା ମୂଲ୍ୟରେ ଫ୍ଲାଟ୍ ୨୫% ରିହାତି ୩୦ତାରିଖ ପର୍ଯ୍ୟନ୍ତ ଅରୁନ୍ଧତୀର ସମସ୍ତ ଶାଖାରେ ଉପଲବ୍ଧ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସମର୍ପଣ ଓ ସେବା ମନୋଭାବରେ ଶୁଦ୍ଧତା ଭରା ବ୍ୟବସାୟିକ ପଦ୍ଧତିକୁ କିଭଳି ଆହୁରି ସ୍ୱଚ୍ଛ କରାଯାଇପାରିବ ସେହି ସମ୍ବନ୍ଧରେ ଏକ ଆଲୋଚନା ସଭା କରାଯାଇ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କଠାରୁ ମାର୍ଗଦର୍ଶନ ନିଆଯାଇଥିଲା। ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଗୁରୁ ହେଉଛନ୍ତି ଏକ ସୁନ୍ଦର ସମାଜର ସାରଥି। ଗୁରୁ କୋମଳମତି ଶିଶୁଙ୍କୁ ବିଦ୍ୟା, ବୁଦ୍ଧି, ସଂସ୍କାର ପ୍ରଦାନ କରି ଏକ ସୁନ୍ଦର ସମାଜ ଗଢ଼ି ତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି।

# ମହିନ୍ଦ୍ରା କନଷ୍ଟ୍ରକ୍ସନ ଇକ୍ୱିପ୍‌ମେଣ୍ଟ ପକ୍ଷରୁ ସିଇଭି-ଭି ରେଞ୍ଜର ଶୁଭାରମ୍ଭ

ଭୁବନେଶ୍ୱର,୫।୯(ଅନୁରାଧା ମହାରଣା)




ମହିନ୍ଦ୍ରା ଗ୍ରୁପ୍‌ର ଏକ ଅଂଶବିଶେଷ ମହିନ୍ଦ୍ରା କନଷ୍ଟ୍ରକ୍ସନ ଇକ୍ୱିପ୍‌ମେଣ୍ଟ ଡିଭିଜନ (ଏମ୍‌ସିଇ) ପକ୍ଷରୁ ଏହାର ଆଡ୍‌ଭାନ୍ସଡ ସିଇଭି-ଭି ମେଶିନ ରେଞ୍ଜର ଶୁଭାରମ୍ଭ ହୋଇଛି। ଏହି ରେଞ୍ଜ ଆଡଭାନ୍ସଡ ଫିଚର, ଅଧିକ ଆରାମ, ଉଚ୍ଚ ଉତ୍ପାଦକତା ଓ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ସହ ନୂଆ ଶିଳ୍ପ ନିୟମାବଳୀର ଅନୁପାଳନ ନିଶ୍ଚିତ କରୁଛି। ଏହି ଲଞ୍ଚ ଇଭେଣ୍ଟ ଭୁବନେଶ୍ୱରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏମ୍‌ସିଇର କଷ୍ଟମର କେୟାର ବିଭାଗର ମୁଖ୍ୟ ରାଜେନ୍ଦ୍ର ଆଷ୍ଟେକର, ବ୍ରାଣ୍ଡ ମ୍ୟାନେଜର କଲ୍ପକ କର, ଜେଡ୍‌ଏସ୍‌ଏମ୍ କିଶୋର ତିୱାରୀ, ଜେଡ୍‌ସିଏମ୍ ସନ୍ଦୀପ ଘୋଷ, ସିସିଏମ୍ ସୁବ୍ରତ ସ୍ୱାଇଁ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିଃର କନଷ୍ଟ୍ରକ୍ସନ ଇକ୍ୱିପ୍‌ମେଣ୍ଟ ବିଭାଗର ବିଡିଏମ୍ ସୁଧାଂଶୁ ନାୟକ ଏବଂ ଟିଆର୍‌ଏସ୍ ଇଞ୍ଜିନିୟରିଂର ପରିଚାଳନା ନିର୍ଦ୍ଦେଶକ ଦେବଦତ୍ତ ରୟ ପ୍ରମୁଖ ସାମିଲ ଥିଲେ। କଷ୍ଟମର କେୟାର ବିଭାଗର ମୁଖ୍ୟ ରାଜେନ୍ଦ୍ର ଆଷ୍ଟେକର ଓ ବ୍ରାଣ୍ଡ ମ୍ୟାନେଜର କଲ୍ପକ କର କହିଛନ୍ତି, ନୂଆ ସିଇଭି-ଭି ରେଞ୍ଜର ନିର୍ମାଣ ଉପକରଣର ଶୁଭାରମ୍ଭ, ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସ୍ଥାୟିତ୍ୱ ଲକ୍ଷ୍ୟ ଦିଗରେ ମହିନ୍ଦ୍ରାର ପ୍ରୟାସଗୁଡ଼ିକୁ ସୁଦୃଢ଼ କରିଛି। ନୂଆ ଅପ୍‌ଗ୍ରେଡେଡ୍ ସିଇଭି-ଭି ରେଞ୍ଜର ମହିନ୍ଦ୍ରା ଅର୍ଥମାଷ୍ଟର ଏସ୍‌ଏକ୍ସ ବ୍ୟାକ୍‌ହୋଲ୍‌ଡର ଓ ମହିନ୍ଦ୍ରା ରୋଡ୍‌ମାଷ୍ଟରଜି୧୦୦ ଗ୍ରେଡରରେ ସିଇଭି-ଭି ନିର୍ଗମନ ମାନଦଣ୍ଡକୁ ପୂରଣ କରୁଥିବା ଶକ୍ତିଶାଳୀ ଇଞ୍ଜିନ ରହିଛି। ଅଧିକ ଶକ୍ତିଶାଳୀ ମୋଟର ଗ୍ରେଡ୍‌ର ରୋଡ୍‌ମାଷ୍ଟର ଜି୧୦୦କୁ ଆଗାମୀ ସିଇଭି-ଭି ନିର୍ଗମନ ମାନଦଣ୍ଡକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି।

# ରାଜ୍ୟ ବାହାରେ ବଢ଼ୁଛି ଓମ୍‌ଫେଡ୍ ଚାହିଦା

ଭୁବନେଶ୍ୱର,୫।୯

ଓଡ଼ିଶା ରାଜ୍ୟ ଦୁଗ୍ଧ ସମବାୟ ଉତ୍ପାଦକ ଫେଡେରେଶନ ଲିମିଟେଡ୍ (ଓମ୍‌ଫେଡ୍) ପ୍ରସ୍ତୁତ ଦୁଗ୍ଧଜାତ ଦ୍ରବ୍ୟର ଚାହିଦା ଏବେ ରାଜ୍ୟ ବାହାରେ ବଢ଼ୁଛି। ଓମ୍‌ଫେଡ୍ ଦ୍ୱାରା ପ୍ରସ୍ତୁତ ଘିଅ, ଫ୍ଲେଭର ମିଲ୍କ, ଛେନାପୋଡ଼, ପେଡ଼ା, ଆଇସ୍‌କ୍ରିମ୍, ମିଠା ଓ ସାଦା ଦହି ଆଦି ବିଭିନ୍ନ ସ୍ୱାଦିଷ୍ଟ ଓ ଉତ୍ତମ ଗୁଣବତ୍ତା ଜିନିଷ ନୂଆଦିଲ୍ଲୀର ଗ୍ରାହକ ପସନ୍ଦ କରୁଛନ୍ତି। ଓଡ଼ିଶା ନିବାସଠାରେ ନିକଟରେ ଓମ୍‌ଫେଡ୍ ପକ୍ଷରୁ ଏକ ଷ୍ଟଲ ଖୋଲାଯାଇଛି। ପୂର୍ବରୁ ଦିଲ୍ଲୀର ହାଉଜ୍‌ଖାସ୍ ଜଗନ୍ନାଥ ମନ୍ଦିର ନିକଟରେ ମଧ୍ୟ ପୂର୍ବରୁ ଏକ ଷ୍ଟଲ ଖୋଲିଥିବାବେଳେ ଆଉ ଏକ ଷ୍ଟଲ ଖୋଲିବା ପାଇଁ ମନ୍ଦିର କର୍ତ୍ତୃପକ୍ଷ ଓମ୍‌ଫେଡ୍‌କୁ ଅନୁରୋଧ କରିଛନ୍ତି। ମନ୍ଦିରର ଉପସଭାପତି ଗଜେନ୍ଦ୍ର ପ୍ରସାଦ ସାମନ୍ତ ଓ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା ଓଡ଼ିଶା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏନେଇ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ଅନ୍ୟ ରାଜ୍ୟରେ ମଧ୍ୟ ଓମ୍‌ଫେଡ୍ ବ୍ୟବସାୟ ବିସ୍ତାର କରିବା ଯୋଜନା ରହିଛି।


**OFFICE OF THE PANCHAYAT SAMITI, KUNDRA, DISTRICT-KORAPUT**

No.3412/2025 Dated 04.09.25

No.i-296: Seal tenders are invited from Registered Contractors from State PWD/M.I./Irrigation/Rural Works for execution of Buildings etc. The details information of which are made available in the (www. tendersorissa.gov.in) website and also in Koraput Dist. website i.e. http//www.koraput.odisha.gov.in.
The date and time of apply & receive of Tender Paper is from 06.09.2025 to 17.09.2025 upto 05.30 Hrs through in the (www. tendersorissa.gov.in) website only.
Tender will be opened on 18.09.2025 at 11.30 AM onwards in the Office of the Panchayat Samiti, Kundra, Dist-Koraput.

Sd./- Block Development Officer, Kundra
OIPR-19138/11/0006/2526

**VEER SURENDRA SAI UNIVERSITY OF TECHNOLOGY, BURLA**
ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲା
Po-Burla Engineering College, Dist.-Sambalpur, Odisha, 768018
www.vssut.ac.in

No.VSSUT/OOR/846/2025 Dated 04.09.2025

**NOTICE**

**No.KK-213:** The 16th Annual Convocation-2024 of the University is scheduled to be held on 13.09.2025 (Saturday) afternoon in Sir Visveswaraya Auditorium. The detailed information has already been shared in the University website: www.vssut.ac.in.

OIPR-14072/11/0043/2526 Sd./- REGISTRAR

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ-କଟକ,ଲିଙ୍କ୍ ରୋଡ୍ 12

**ସୂଚନା**

No.CAD-1679:ଏତଦ୍ୱାରା ସମସ୍ତ ଆବେଦନକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସିଡିଏ ସେକ୍ଟର-୧୩ର ପ୍ଲଟ ଆବଣ୍ଟନ ପାଇଁ ଲଟେରୀ ପ୍ରକ୍ରିୟା ନିମ୍ନଲିଖିତ ତାରିଖ ଓ ସ୍ଥାନରେ କରାଯିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଅଛି । ଉକ୍ତ ତାରିଖରେ ଉପସ୍ଥିତ ରହିବାପାଇଁ ସମସ୍ତ ଆବେଦନକାରୀମାନଙ୍କୁ ଅନୁରୋଧ କରାଯାଉଅଛି ।

G-କ୍ୟାଟେଗୋରୀ: ୧୦ ସେପ୍ଟେମ୍ବର, ୨୦୨୫
F-କ୍ୟାଟେଗୋରୀ: ୧୧ ସେପ୍ଟେମ୍ବର,୨୦୨୫
ସ୍ଥାନ: ୱିଣ୍ଡସର ପ୍ଲେସ, ସେକ୍ଟର-୬
ସମୟ ସକାଳ ୯ ଘଟିକା

OIPR-13037/11/0357/2526 ସ୍ୱା./-ସଚିବ

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DMD, BOUDH**
(DISTRICT TUBERCULOSIS CENTRE, BOUDH WING)

Advt. No.310/DTC/2025 Dated 04.09.2025

**EXPRESSION OF INTEREST FOR EMPANELMENT OF X-RAY SERVICES**

No.E-372:Sealed proposals are invited from interested eligible agencies/ vendors for empanelment to provide X-Ray services for Intensified TB Elimination Campaign in Boudh District. The eligible criteria, the detail requirement and the formats for submission of proposals are set forth in the following RFP document which can be downloaded from the website www.boudh.odisha.gov.in.
Interested agency fulfilling the eligibility criteria may submit their proposal(s) separately as per application format. The details of proposal(s) completed in all respect & superscribed with "Expression of interest for empanelment to provide X-Ray services for Intensified TB Elimination Campaign in Boudh District. The agencies have to submit their proposals to the office of the CDM&PHO, Boudh which should reach on or before 20.09.2025 till 05.00 P.M. through Speed Post/ Regd.Post only. Incomplete application in any form is liable for rejection. The undersigned reserves the right to reject any or all the proposals without assigning any reason thereof.

OIPR-10107/11/0021/2526 Sd./- CDM & PHO-Cum-DMD, Boudh

**SALE OF TENDER/ BID DOCUMENT**

No.E-371: A complete set of bidding documents may be download by the prospective bidders directly from the WEBSITE available at www.slnmch.nic.in & www.koraput.odisha.gov.in. The tender processing fee of Rs.2000/- (Non-refundable) & EMD (Rs.50000/-) in shape of Demand Draft in favour of Medical Superintendent, SLNMCH, Koraput payable at Koraput should be submitted as mentioned in the bid document. In case of any bid amendment and clarification, responsibility lies with the bidders to collect the same from the website before last date of submission of tender document and the Superintendent SLNMC&H, Koraput shall have no responsibility for any delay/omission on part of the bidder.

Date of Publication of the Bid document : Dt.06.09.2025 from 11 A.M.
Last date & time of receipt of bid documents : Dt.08.10.2025 upto 5.30 P.M.
Date & Time of opening of Tender : Dt.09.10.2025 at 12.30 P.M.

**N.B.:** The tender paper will be rejected if the bidder changes any clause or Annexure of the bid document downloaded from the website.

OIPR-10121/11/0039/2526 Sd./- Superintendent, SLNMC&H, Koraput

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, MAYURBHANJ**
Tel. No. (06792) 260788, e-Mail ID: mi.mayurbhanj@yahoo.co.in

**"e" Procurement Notice**

No. 3133 Dated: 02.09.2025
Identification No. S.E.M.I.D. MBJ. No. 09/MID, MBJ/2025-26

No. A-582: The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

1. Name of works : Civil construction works as mentioned in the website
2. Total No. of Works : 3 Nos.
3. Tender Amount : 50.33 Lakh to 75.62 Lakh (Detail list of works Annexed)
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of Bid document in the portal : 08.09.2025 at 10.00 A.M. to 18.09.2025 upto 5.00 P.M.
7. Last date/time for receipt of Bids in the portal : 18.09.2025 upto 5.00 P.M.
8. Date/Time of Opening of Technical Bid : 19.09.2025 at 11.00 A.M.
9. Name and address of the Officer Inviting the Bid : Superintending Engineer, M.I. Division, Mayurbhanj
10. Mode of Payment of Bid Cost : Online
11. Further details can be seen from the "e" Procurement portal **"https://tendersorissa.gov.in"**.

Sd./- Superintending Engineer, Minor Irrigation Division, Mayurbhanj
OIPR-32041/11/0017/2526

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
No. O-713 (E-mail: serwbpr2004@yahoo.com, Tel No.: 0680-2404287)
No. e-tender/3213/RWC/BAM Dated: 03.09.25

**1st Corrigendum to Bid Identification No. Online Tender/22-2025-26/BPR**

1) the partial modification of Road works under **PERIODICAL MAINTENANCE** vide above identification has been made as follows.

| | | | |
|---|---|---|---|
| 1 | Last date of availability of tender | : | 24.09.2025 upto 5.30 P.M. instead of 15.09.2025 upto 5.30 P.M. |
| 2 | Last date & time of seeking tender clarification | : | 22.09.2025 at 5.30 P.M. instead of 12.09.2025 at 5.30 P.M. |
| 3 | Date of Opening of Technical Bid | : | 25.09.2025 at 11.00 A.M. instead of 16.09.2025 at 11.00 A.M. |
| 4. | Date of opening of Financial Bid | : | Will be intimated later on |

All other contents will remain unchanged.
OIPR-25071/11/0120/2526 Sd./- Chief Construction Engineer, R.W. Circle, Berhampur

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**
E-Mail:sencrwangul@yahoo.co.in, Ph:06764-236404
No.2478 Dt.26.8.25

**CANCELLATION OF TENDER FOR ROAD WORK**

No.O-720: Due to some unavoidable circumstances the tender for the work "Improvement to N.H.-200-Arachua road and Bridge at 0.740 Km (3x10.77 mtr.) in the District of Dhenkanal under MMSY-Impvt. to Existing R.D. Road for the year 2024-25" invited vide this office Tender Call Notice No.2316, dt.08.08.2025 (Bid Identification No. Road Online-AGL-10/2025-26) by the Procurement Officer, Chief Construction Engineer, Rural Works Circle, Angul is hereby Cancelled.

Sd./- Chief Construction Engineer, Rural Works Circle, Angul
OIPR-25180/11/0069/2526

**OFFICE OF THE NOTIFIED AREA COUNCIL, NILGIRI, BALASORE**

No.3196 Date:03.09.2025

**"e" Procurement Notice**
**Bid Identification No.NLGN_04/2025-26**

No.C-1005:The Executive Officer, Nilgiri MAC, Nilgiri, invites Percentage Rate bids in Double Cover Systems for the following work detailed in the table from the Class of Contractors as mentioned in Col.7 of table registered with the State Governments and contractors of equivalent Grade/Class registered with Central Government/MES/Railways/ having experience and expertise in Design, Construction, Testing & Commissioning of Similar Type of Works and fulfilling minimum eligibility criteria as stated here under and other detailed qualifying requirements given in the DTCN to be eventually drawn up in the Standard P-1 Contract Form of Odisha PWD. The bidders may submit their E.M.D. Amount and paper cost as mentioned in DTCN. Affidavit and attested copies of PAN, GSTN, CDMS registration certificate and Registration certificate must be submitted through online. The technical bids will be opened on dt. 16.09.2025 at 11.00AM in the office of the undersigned. The bidders should have necessary portal enrolment (with own digital signature certificate). The registered bidders outside Odisha state can also participate in this on-line tender process after necessary portal enrolment but shall have to subsequently undergo registration with appropriate authority of the state government within a month of acceptance of bid.

1. Name of the Work : Construction of Market Complex near Hanuman Temple, Ground Floor & 1st Floor
2. No.of Works : 1 No.
3. Estimated Cost : Rs.87,91,939/-
4. Period of Completion : 180 days
5. Date & Time availability of Bid documents in the Portal : 05.09.2025 at 10.00 AM to 15.09.2025 upto 5 P.M.
6. Last date & time for receipt of bids in the portal : 15.09.2025 upto 5 PM
7. Bids received online shall be opened on : 16.09.2025 at 11.00 AM
8. Name and address of the Officer Inviting Bid : Executive Officer, Nilgiri NAC

Further details can be seen from the procurement portal i.e. www.tendersodisha.gov.in.

OIPR-13179/11/0035/2526

**GOVERNMENT OF ODISHA**
**SPORTS & YOUTH SERVICES DEPARTMENT**
Kalinga Stadium Sports Complex, Hockey West Stand, Nayapalli, Bhubaneswar - 751012
SYS-FE-FE-0006-2015 No. 21491/SYS Dated: 04.09.2025

**RECRUITMENT OF JUNIOR COACHES**

No. TT: Application in prescribed format is invited from intending candidates for appointment to the post of Junior Coach under Sports & Youth Services Department, Government of Odisha as per the details given below.

| Sports Discipline | No. of Junior Coaches to be appointed | | | Category of Candidates | |
|---|---|---|---|---|---|
| | Men/Women | Women | Total | | |
| Football | 02 | - | 02 | ST | 07 |
| Hockey | 04 | 01 | 05 | | |
| Weightlifting | 02 | 01 | 03 | ST (Women) | 02 |
| Table Tennis | 01 | - | 01 | | |
| Athletics | 04 | 02 | 06 | SC | 04 |
| Badminton | 01 | - | 01 | | |
| Swimming | 02 | 01 | 03 | SC (Women) | 03 |
| Volleyball | 01 | 01 | 02 | | |
| Archery | 02 | 01 | 03 | UR | 15 |
| Basketball | 01 | 01 | 02 | | |
| Cycling | 01 | 01 | 02 | UR (Women) | 07 |
| Fencing | 01 | 01 | 02 | Note: Reservation for Ex-Servicemen (1 Post) shall be in accordance with GA & PG Dept. Notification No. 1955/Gen dated 19.01.2021. *this 1 post shall be filled up within the 38 posts advertised | |
| Gymnastics | 01 | 01 | 02 | | |
| Kho-Kho | 01 | - | 01 | | |
| Kabadi | 01 | - | 01 | | |
| Wrestling | 01 | 01 | 02 | | |
| **Total** | **26** | **12** | **38** | | **38** |

**Basic Qualification:** Degree from a recognized university with Diploma in Sports Coaching from Netaji Subhash National Institute of Sports (NSNIS) under Sports Authority of Inida/PG Diploma Course in Sports Coaching conducted by Laxmibai National Institute of Physical Education (LNIPE) Gwalior.
Last date & time for receipt of application is 24.09.2025 by 05.00 P.M. for downloading prescribed application format and to see other details, please visit our website **https://sports.odisha.gov.in/**

By Order of Commissioner-cum-Secretary
OIPR-29001/11/0110/2526 Sd./- Additional Secretary, Sports

**OFFICE OF THE ROURKELA MUNICIPAL CORPORATION**
UDITNAGAR, ROURKELA, ODISHA-769012
E-mail ID: rourkelamunicipality@gmail.com
No.10570 Date:03.09.25

**TENDER CALL NOTICE FOR SUPPLY OF PARK MECHINERY ITEMS UNDER ROURKELA MUNICIPAL CORPORATION**

No.C-1010: Sealed Tenders are invited from the intending reputed Manufacturers/Authorized Dealer having PAN and valid GST certificate for Supply of Park Machinery items under Rourkela Municipal Corporation.
The sealed Tender should reach to the Commissioner, Rourkela Municipal Corporation, Uditnagar, Rourkela, Sundargarh-769012 on or before 11.09.2025 by 1.00 PM through Postal/Courier/Speed Post/registered post or by hand. The Tender will be opened on 12.09.2025 at 11.30 AM in presence of the bidders who wish to attend.
Details terms and conditions of the tender process can be downloaded from the official website of Rourkela Municipal Corporation (www.rmc.nic.in).
The undersigned reserves the right to negotiate or reject/ cancel any or all the tenders at any time without assigning any reason thereof.

Sd./-Commissioner, Rourkela Municipal Corporation
OIPR-13131/11/0164/2526


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ଛାତ୍ରାବାସରେ ଫିନାଇଲ ପିଇ ଛାତ୍ର ଗୁରୁତର, କାରଣ ଅସ୍ପଷ୍ଟ

**ନନ୍ଦପୁର,୫।୯(ତୁଷାରକାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ସଦର ମହକୁମା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଆଇଟିଡିଏ ଛାତ୍ରାବାସର ଜଣେ ନବମ ଶ୍ରେଣୀ ଛାତ୍ର(୧୫) ଗୁରୁବାର ରାତିରେ ଫିନାଇଲ ପିଇ ଗୁରୁତର ହୋଇଛନ୍ତି। ଛାତ୍ରାବାସ କର୍ତ୍ତୃପକ୍ଷ ତାଙ୍କୁ ପ୍ରଥମେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଫିନାଇଲ ପିଇବା କାରଣ ଅସ୍ପଷ୍ଟ ରହିଛି। ଶୁକ୍ରବାର ଅପରାହ୍ନ ୩ଟା ସୁଦ୍ଧା ଘଟଣା ସମ୍ପର୍କରେ ବ୍ଲକ୍ ଶିକ୍ଷା ବିଭାଗ, ମଙ୍ଗଳ ବିଭାଗ ଓ ବ୍ଲକ୍ ପ୍ରଶାସନ ପାଖରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି। ଛାତ୍ରଙ୍କୁ ମେଡିକାଲ କଲେଜରେ ବେଡ୍ ନ ମିଳିବାରୁ ତଳେ ଶୁଆଇ ଚିକିତ୍ସା କରାଯାଇଥିବା ସୂଚନା ମିଳିଛି। ରାତିତମାମ ଚିକିତ୍ସା ପରେ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ତାଙ୍କ ବାପା ଧନୁର୍ଜୟ ବୁରୁଡ଼ି କହିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେଲେ ଫିନାଇଲ ପିଇବା କାରଣ ପଚାରି ବୁଝିବେ ବୋଲି କହିଛନ୍ତି। ଚିକିତ୍ସାକୁ ପ୍ରାଧାନ୍ୟ ଦିଆଯାଉଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତଥା ଛାତ୍ରାବାସ ପରିଚାଳକ ଅଞ୍ଜୁଲତା ଗରଡ଼ା ସୂଚନା ଦେଇଛନ୍ତି।

# ପରିବେଶର ରକ୍ଷକ

**ଆଜି ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ**



ପ୍ରତିବର୍ଷ ସେପ୍ଟେମ୍ବର ପ୍ରଥମ ଶନିବାରକୁ 'ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ' ଭାବରେ ପାଳନ କରାଯାଇ ଆସୁଛି। ୨୦୦୬ ମସିହାରେ ଦକ୍ଷିଣ ଆଫ୍ରିକାର ଏନ୍‌ଡେଞ୍ଜର୍ଡ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଓ ଇଂଲଣ୍ଡର ହକ୍ କଞ୍ଜରଭାନ୍ସି ଟ୍ରଷ୍ଟ ମିଳିତଭାବେ ଶାଗୁଣାଙ୍କ ସଂରକ୍ଷଣ ସକାଶେ ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ ଆରମ୍ଭ କରିଥିଲେ। ତେବେ ପ୍ରଥମ ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ ୨୦୦୯ ସେପ୍ଟେମ୍ବର ପ୍ରଥମ ଶନିବାର ପାଳନ କରାଯାଇଥିଲା। ପରିବେଶକୁ ପରିଷ୍କାର ରଖିବାରେ ଶାଗୁଣାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ମରିଯାଇଥିବା ଜୀବଜନ୍ତୁ ପଚି ଶଢ଼ି ପରିବେଶକୁ ପ୍ରଦୂଷଣ କରିବା ପୂର୍ବରୁ ଏମାନେ ସେଗୁଡ଼ିକୁ ଖାଇଦିଅନ୍ତି। ପ୍ରତିକୂଳ ସ୍ଥିତିକୁ ଭ୍ରୂକ୍ଷେପ ନ କରି ଏମାନେ ନିଜ କାମରେ ଲାଗିଥାଆନ୍ତି। କିନ୍ତୁ ପରିତାପର ବିଷୟ, ପରିବେଶ ସଫେଇରେ ବିଶେଷ ଭୂମିକା ନିଭାଉଥିବା ଏହି ପକ୍ଷୀଙ୍କ ବଂଶ ଧୀରେ ଧୀରେ ଲୋପ ପାଇଯିବାକୁ ବସିଛି। ଏହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କଲେଣି। ତେଣୁ ଏହି ଦିବସ ଅବସରରେ ପରିସଂସ୍ଥା ସୁରକ୍ଷାକାରୀ ଶାଗୁଣାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ବିପଦଗ୍ରସ୍ତ ଉକ୍ତ ପ୍ରଜାତିଙ୍କ ସଂରକ୍ଷଣ ପ୍ରୟାସକୁ ପ୍ରୋତ୍ସାହିତ କରାଯାଇଥାଏ।

# ଜାହାଜରୁ ଖସି ଚାଇନା ନାବିକ ନିଖୋଜ

**ପାରାଦୀପ, ୫।୯(ଶରତ ରାଉତ)**

ପାରାଦୀପ ବନ୍ଦର ୫ ନଂ. ଗେଟ୍ ପାଖରେ ବିଓଟି ବେସିସରେ କ୍ଲିନ୍ କାର୍ଗୋ ବର୍ଥ ପରିଚାଳନା କରୁଥିବା ପିଆଇସିଟି ବର୍ଥରେ ଶୁକ୍ରବାର ସକାଳେ ଅଘଟଣ ଘଟିଛି। ପାନାମା ଜାତୀୟ ପତାକା ଲଗାଇ ଆସିଥିବା ପଣ୍ୟବାହୀ ଜାହାଜ ଏମ୍‌ଭି ଲକି ଡ୍ରାଗନରୁ ଖସି ଜଣେ ଚାଇନା ନାବିକ ନିଖୋଜ ଅଛନ୍ତି। ସେ ହେଲେ ଝାଙ୍ଗ ଡାଇ। ଆଉ ଜଣେ ବାଂଲାଦେଶୀ ନାବିକ ପାଣିରେ ବୁଡି ଯାଉଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇଛି। ଆହତ ନାବିକଙ୍କ ପରିଚୟ ମିଳିନାହିଁ। ତାଙ୍କୁ ପିଆଇସିଟି କର୍ତ୍ତୃପକ୍ଷ ଅଧିକ ଚିକିତ୍ସା ପାଇଁ କଟକ ପଠାଇଥିବା ଜଣାପଡିଛି।

**ପାରାଦୀପ, ଘରୋଇ ବର୍ଥରେ ଅଘଟଣ**

ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଉକ୍ତ ଜାହାଜ ଏମ୍. ଏସ୍. ରଶ୍ମି ସିମେଣ୍ଟ ଲିମିଟେଡ଼ କମ୍ପାନୀର ପିଗ୍ ଆଇରନ ବୋଝେଇ କରି ସକାଳେ ବର୍ଥ ଛାଡିବା ପାଇଁ ପ୍ରସ୍ତୁତି ଚଳାଇଥିଲା। ନିଖୋଜ ନାବିକ ଝାଙ୍ଗ ଡାଇ ଜାହାଜ ଶିଡି ରଶି ଖୋଲିବା ବେଳେ ତାହା ଛିଡ଼ିଯାଇଥିଲା। ଫଳରେ ନାବିକ ଡାଇ ଛିଟିକି ପାଣିରେ ପଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ବାଂଲାଦେଶ ନାବିକ ପାଣିକୁ ଡେଇଁ ପଡି ଚେଷ୍ଟା କରିଥିଲେ ହେଁ ଅସଫଳ ହୋଇଥିଲେ। ସେ ମଧ ବୁଡି ଯାଇଥିଲେ। ତାଙ୍କୁ ଅନ୍ୟ ନାବିକ ରଶି ଦ୍ୱାରା ଉଦ୍ଧାର କରିଥିଲେ। ଘଟଣା ପରେ କୋଷ୍ଟଗାର୍ଡ, ବନ୍ଦର ମେରାଇନ୍ ବିଭାଗ, ସିଆଇଏସ୍‌ଏଫ୍, ପୋଲିସ ଆଦି ସଂସ୍ଥାର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି। ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ମଧ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଛନ୍ତି। ଜଣେ ବୁଡାଳି ଜରିଆରେ ନିଖୋଜ ନାବିକଙ୍କ ସନ୍ଧାନ ଚାଲିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଜାହାଜ ସେହି ପିଆଇସିଟି ବର୍ଥରେ ରହିଛି। ଏସମ୍ପର୍କରେ ପିଆଇସିଟି ମାନବ ସମ୍ବଳ ଅଧିକାରୀ ଶାରଦା ନାୟକଙ୍କୁ ପଚାରିବାରେ ଭୁବନେଶ୍ୱରରେ ଅଛି। କିଛି ଜାଣିନାହିଁ ବୋଲି ସେ କହିଛନ୍ତି।


# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କୈଳାସ ଚନ୍ଦ୍ର ବେହେରା**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ବନ୍ତୁଣିଆ, ବେଣ୍ଟକାର, କଟକ
ଆବିର୍ଭାବ: ୦୬।୦୮।୧୯୪୬
ତିରୋଧାନ: ୨୭।୦୮।୨୦୨୫
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମର ଆତ୍ମା ଶାନ୍ତିରେ ରହୁ।
ଶୋକସନ୍ତପ୍ତ: ପତ୍ନୀ: ସୁଲୋଚନା ବେହେରା, ଭାଇ: ବିଳାସ, ଉଲ୍ଲାସ, ପୁତ୍ର: ବିନୋଦ ବେହେରା, ସମିତି ସଭ୍ୟ ବେଣ୍ଟକାର ପଞ୍ଚାୟତ ଓ ପ୍ରମୋଦ ବେହେରା, ପୁତ୍ରବଧୂ: ବବିତା ବେହେରା, ପୂର୍ବତନ ସରପଞ୍ଚ, ରଞ୍ଜିତା ବେହେରା, ଝିଅ: ମମତା, ସବିତା, ଜ୍ୱାଇଁ: ରମେଶ, ପ୍ରଦୀପ୍ତ, ନାତି: ବିକାଶ, ମିକୁନ, ନାତୁଣୀ: ରିଙ୍କି, ପିଙ୍କି, ସାଉନି, ପିହୁ
ଧ-୧୮୬୯

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**୰ଶ୍ରୀ ପ୍ରଦୀପ କୁମାର ମହାପାତ୍ର**
ବାଗବୃନ୍ଦାବନ, ବାଲେଶ୍ୱର, ଓଡ଼ିଶା
ଆବିର୍ଭାବ: ୧୮।୦୪।୧୯୫୮
ତିରୋଧାନ: ୧୬।୦୯।୨୦୨୪
ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ତୁମକୁ ମନେ ପକାଉଛୁ। ତୁମର ଉପସ୍ଥିତି ଆମ୍ଭେମାନେ ସଦାସର୍ବଦା ହୃଦୟଙ୍ଗମ କରିପାରୁଛୁ। ଆମ ହୃଦୟରେ ତୁମେ ସବୁବେଳେ ଅଛ।
ତୁମ ସ୍ନେହର ପରିବାର: ବାସବ, ବିରଞ୍ଚି, ଲଳାଟେନ୍ଦୁ, ମାମି, ପ୍ରିଶୁ, ପୁଚି, ରୁଚି, ଲୁଟୁ, ଜିତେନ, ଲିସି, ଜୁବୁଲ, ବୁବୁଲ, କାବୁଲ, ଦୀକ୍ଷା, ସିଦ୍ଧି, ପିମ୍ପୁ, ଜୁଜୁ, ପୂର୍ବୀ, ଲୋରା, ବାବୁଲ, ସିଲୁ, ପିଙ୍କୁଲ, ଉମଙ୍ଗ, ଦିବ୍ୟା
ଧ-୧୮୭୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବ୍ରହ୍ମାନନ୍ଦ ଦୀକ୍ଷିତ**
ମା' ମଙ୍ଗଳା ମନ୍ଦିର ବରିଷ୍ଠ ସେବାୟତ
ଗ୍ରାମ- କାକଟପୁର, ଜିଲ୍ଲା- ପୁରୀ
ତିରୋଧାନ: ୨୯।୦୮।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୮୮୩

# Classified Everyday

0674-2580101, 9692975378



**REAL ESTATE**

**SALE**

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

**2047sqft. commercial (NH-57) boundarywall land sale at Pitapalli, Bhubaneswar-7008634668.** D-1877

Book your dream home Get 5 gram gold Luxurious 2 & 3 BHK flat for sale at Uttara Square, Bhubaneswar. Contact- 9692041609, 9132098320. D-1867

**3BHK ready to move flat for sale at Sundarpada. Price-60 Lakhs. Contact-7606024182.** D-1861

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

ସିଦ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

**ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834.** D-1781

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338.** D-1803




Newly open health benefits SPA by expert therapist. Contact-8280961126. D-76935

**LOST**

I, Sri Sashibhusan Mallick, S/o- Sudarshan Mallick, At- Guansula, Karanjamala, Bhadrak has lost my Certificate along with Grade Sheet of BTech BPUT Reg No.- 1701297013 during flood on 20.07.2025. D-1868

**AFFIDAVIT**

I, Pratyus Kumar Purohit, S/o- Basudev Purohit, Resident of 2RAF-43-3, Unit-IX(F), P.O.-Bhoinagar, P.S.- Sahid Nagar, Near Regional Institute of Education, Bhubaneswar, Dist.-Khordha, PIN-751022, Odisha, declared by this affidavit No.- 08, dtd. 04.09.2025 that now onwards I shall be known as Pratyush Kumar Purohit (i.e my self) for all future purposes. D-1882

By virtue of an affidavit sworn before the Executive Magistrate, Sundargarh on date 08.08.2025, I, Irinius Kerketta, S/o- Late Imil Kerketta, R/o. Vill- Danardanpur, P.O.-Karanjkhol, P.S.-Lephripara, Dist.- Sundargarh (Odisha) declare that my name Irinius Kerketta, Iriniyus Kerketa & Irnuyus Kerketta stand for same and one person i.e. myself. My name is Irinius Kerketta but wrongly mentioned as Irnuyus Kerketta in the Aadhaar Card of my daughter. My daughter's name is Seemanti Kerketta but wrongly mentioned as Simantipriya Kerketa in her Aadhaar Card. Both the name relates to one and same person i.e. my daughter. D-1855

By virtue of an affidavit before the Executive Magistrate, Kendrapara, dated- 30.08.2025, I, Amit Kumar Samantaray, Address: At- Masakani, P.O.- Jadupur, P.S.-Marshaghai, PIN-754213, Dist.- Kendrapara, Odisha declare that, I have changed my name and my wife's name from Amit Kumar to Amit Kumar Samantaray and Sasmita to Sasmita Samantaray in my daughter's (Aksara Samantaray) School records, studying in Class 9th (Sec-A) at PM Shri Kendriya Vidalaya No.-2, CRPF, Bhubaneswar. D-76852

I, Kumari Champa Murmu, D/o- Late Gopinath Murmu born on 04.02.1989 residing at Pitidhiri, P.O.- Moranda, P.S.- Jamda, Dist.- Mayurbhanj have changed my name to Champa Murmu vide affidavit dated 01.09.2025 at Bhubaneswar. D-1874

I, PRASANA KUMAR TRIPATHY, S/o- Late Kanhu Charan Tripathy, resident of Flat- B-1, Ashirvad Plaza, Sundarpada, Bhubaneswar, Dist.- Khordha, Odisha, PIN-751002 declare by this affidavit No.-20, dtd. 04.09.2025 that now onwards I shall be known as PRASANNA KUMAR TRIPATHY for all future purposes. D-1871

By virtue of an affidavit sworn before Notary Public, Chandikhole, No.- 24/25, date 11.6.25. I, Anant Kishore Samal, S/o Late Natabar Samal, resident of Village- Bilikana, Radhadei Pur, P.O./P.S.- Badachana, Dist.- Jajpur, PIN-754296, Odisha that I shall be known as ANANTA KISHOR SAMAL for all future purposes. D-1880

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:— classifieddharitri@gmail.com

I, Sanjay Kumar Agrawala, S/o. Jaya Narayana Agrawala, R/o. At.- Jagannath Nagar, Ward No.3, P.O./P.S./Teh.- Barpali, Dist.- Bargarh declare by this affidavit No. 475, date 02.09.2025 that now onwards I shall be known as **SANJAY KUMAR AGRAWAL** for all future purposes. D-1881

By virtue of an affidavit sworn before the Executive Magistrate, Boudh, No.1069 date 25.07.25, I Sushama Sethy, W/o. Sahdev Sethy, R/o. Village- Deberapali, P.O.- Kampala, P.S.- Athamallik, Dist.- Angul Odisha, PIN- 759125 declare that I have changed my son's name from Tareswar Sethy to Swagat Sethy. Henceforth he shall be known as Swagat Sethy for all purposes.
Sushama Sethy D-1878

By virtue of an affidavit sworn before Executive Magistrate, Sadar Cuttack, dated- 03.09.2025, I, Robin Kishore Patnaik, resident of At/P.O.- Salagaon, P.S.- Choudwar, Dist.- Cuttack- 754025, Odisha declare that I have changed my name from Rabin Kishore Pattanaik to Robin Kishore Patnaik. Henceforth, I shall be known as Robin Kishore Patnaik for all purposes.
Robin Kishore Patnaik D-1876


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# LEGAL NOTICE

IN THE COURT OF 2ND ADDL CIVIL JUDGE, SENIOR DIVISION, BHUBANESWAR
C.M.A No.- 61/2021
(Arising out of C.S No.- 102/890/ of 2013/2009)
Santilata Chhualsingh............Petitioner
-Versus-
Prafulla Kumar Mohapatra and others
......opp parties

NOTICE UNDER ORDER- 5, RULE- 20 OF C.P.C
1. Pramilla Mohapatra, aged about 75 years, wife of late Prafulla Kumar Mohapatra, 2. Happy Mohapatra, aged about 55 years, son of late Prafulla Kumar Mohapatra, 3. Lakhi Mohapatra, aged about 53 years, son of late Prafulla Kumar Mohapatra, 4. Sanghamitra Mohapatra, aged about 50 years, D/o- late Prafulla Kumar Mohapatra. All are at Badadanda Sahi (Old Town), P.O.- Old Town, P.S.- Shri Lingaraj, Bhubaneswar, Dist.- Khurda, 5. Annapurna Mishra, Wife of Chaitanya Kumar Maharana, Vill- Samantarapur, P.S./Dist.- Jajpur, 6. Jagdeep Singh, son of Tulashi Singh, Vill.- Mominpur, P.S.- Karanga, Dist.- Rohtas ( Susaram), State- Bihar.

Whereas the above named petitioner has instituted a CMA before this court against you and others for restore the original suit bearing C.S. No.- 102/890 of 2013/2009 U/o-9, Rule-9 r/w- 151 of CPC, in which you all are avoiding to receive summons and attend the Court.

Take notice that the case is posted to dated 22nd day of September 2025 at about 10.30 A.M. to appear in person or by pleader duly instructed and able to answer all material questions relating to suit and you are directed to produce on that day all documents upon which you intend to rely support of your defence.

Take notice that in default of your appearance on the day before mentioned, the suit will be heard and determined in your absence. of given under my hand and the seal of the court of the 1st day of Sept, 2025.

SCHEDULE OF PROPERTY
District- Khurda, P.S.- Airfield, Mouza- Nandipur, Consolidation Khata No.- 24, Chak No.-13, Chaka Plot No.- 16, area Ac.0.510 decs. Corresponding to Mutation Khata No.- 68/150, Plot No.- 16, Ac.0.233 dec., Mutation Khata No.- 68/525, plot No.- 16/661 Ac.0.044 dec., Mutation khata No.- 68/524, Plot No.- 16/660, Ac.0.027 dec., Mutation Khata No.- 66/23, Plot No.- 16/625, Ac.0.027 dec., Mutation Khata No.- 66/22 plot No.- 16/624 Ac.- 0.27 dec, Muattion Khata No.- 66/21 plot No.- 16/622 Ac.0.022, Muattion Khata No.- 66/20 plot No.- 16/617 Ac.0.027 dec, Mutation Khata No.- 66/19 plot No.- 16/615 Ac. 0.022 dec., Mutation Khata No.- 66/18 plot No.- 16/614 Ac.0.027 dec., Muattion Khata No.- 66/17 plot No.- 16/613 Ac.0.027 dec, Mutation Khata No.- 66/16 plot No.- 16/612 Ac.0.027dec

Sd./- 2nd Addl Senior Civil Judge, Bhubaneswar
D-1879

IN THE COURT OF CIVIL JUDGE (Jr. Dvn.) CHANDBALI

C.S No.- 439/2010
ଲକ୍ଷ୍ମୀପ୍ରିୟା ନାୟକ ଓଗେର
...Plaintiffs
Vrs.
State Representing by Collector, Bhadrak & others
....Defendants

ଦେୱାନୀ କାର୍ଯ୍ୟବିଧି ଆଇନର ୧ ନିୟମ ୮ ଅନୁଯାୟୀ ସର୍ବସାଧାରଣ ଅବଗତ ନିମନ୍ତେ ଖବରକାଗଜ ବିଜ୍ଞାପନ ନିମନ୍ତେ ଚିଠା ଦାଖଲ ତରଫ ବାଦୀ ।

ତଫସିଲ ଚିଠା
ଲକ୍ଷ୍ମୀପ୍ରିୟା ନାୟକ ଓଗେର
Vrs.
State Representing by Collector, Bhadrak & others

ଏ ତ ଦ୍ୱା ର ।
ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି ବାଦୀ ଲକ୍ଷ୍ମୀପ୍ରିୟା ନାୟକ ଓଗେର, ମୌଜା- ମହୁଲିଆ, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ସ୍ଥିତ ଚକ ଖାତା ନଂ.-୩୦୬, ଖସଡ଼ା- ୪୩୯ ଏ୦.୧୧ଡ଼ି ସ୍ଥ ଏ୦.୦୯ଡ଼ି, ଖସଡ଼ା ନଂ.-୪୪୦ ଏ୦.୧୫ଡ଼ି ସ୍ଥ ଏ୦.୦୫ଡ଼ି, ଖସଡ଼ା ନଂ.-୨୬୯ ଏ୦.୦୨ଡ଼ି ସ୍ଥ ଏ୦.୦୧ଡ଼ି ବୃତ୍ତି ନିମିତ୍ତ ତାଙ୍କର ସ୍ୱତ୍ୱ ସାବ୍ୟସ୍ତ ଦଖଲ କାଏମ ପ୍ରାର୍ଥନାରେ ଉପରୋକ୍ତ ମୋକଦ୍ଦମା ଆଗତ କରି ଅଛନ୍ତି। ଉକ୍ତ ବୃତ୍ତି ସରକାରୀ ଖାତାଧୀନ ଅନାବାଦି କିସମରେ ଖତିଆନ ପ୍ରସ୍ତୁତି ହୋଇଅଛି। ଯଦି କୌଣସି ବ୍ୟକ୍ତିଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଆପତ୍ତି ଅଭିଯୋଗ କରିପାରିବେ। ନଚେତ୍ ଆଇନ ଅନୁଯାୟୀ ମୋକଦ୍ଦମାର ବିଚାର ପୂର୍ବକ ଫଏସଲା କରାଯିବ, ଧାର୍ଯ୍ୟ ଅବଧି ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

ତଫସିଲ ବୃତ୍ତି
ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ମୌଜା- ମହୁଲିଆ, ସ୍ଥିତ ଚକ ଖାତା ନଂ.-୩୦୬, ଖସଡ଼ା- ୪୩୯ ଏ୦.୧୧ଡି ସ୍ଥ ଏ୦.୦୯ଡ଼ି, ଖସଡ଼ା ନଂ.-୪୪୦ ଏ୦.୧୫ଡ଼ି ସ୍ଥ ଏ୦.୦୫ଡ଼ି, ଖସଡ଼ା ନଂ.-୨୬୯ ଏ୦.୦୨ଡ଼ି ସ୍ଥ ଏ୦.୦୧ଡ଼ି

C.J.J.D., Chandbali
D-1882

# ପୂର୍ଣ୍ଣତମ ଚନ୍ଦ୍ରୋଦୟ : ପାଣ୍ଡିତ୍ୟ ଓ କବିତ୍ୱର ମହିମ୍ନ ଆଶୟ

**ଅତୀତର ବହି**




ଫଣୀନ୍ଦ୍ର ଭୂଷଣ ନନ୍ଦ

ଓଡ଼ିଆ ସାହିତ୍ୟରେ ବୈଷ୍ଣବ ଧର୍ମ ଆଧାରିତ ଏବଂ ରାଧାକୃଷ୍ଣ ଲୀଳାତ୍ମକ ଏକ ବିଶୁଦ୍ଧ ତତ୍ତ୍ୱଗ୍ରନ୍ଥ ପୂର୍ଣ୍ଣତମ ଚନ୍ଦ୍ରୋଦୟ। ରଚୟିତା ବୃନ୍ଦାବତୀ ଦାସୀ। ପୁସ୍ତକଟି ୧୬୯୯ରେ ରଚିତ ଓ ୧୯୨୭ରେ ରାଧାନାଥ କୋ-ଅପରେଟିଭ ପ୍ରେସ୍, କଟକରୁ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ଓ ପ୍ରକାଶିତ। ଓଡ଼ିଆ ସାହିତ୍ୟରେ ପ୍ରଥମ ଲେଖିକା ମାଧବୀ ଦାସୀ ଏବଂ ପ୍ରାପ୍ତ ତଥ୍ୟ ଅନୁସାରେ ଦ୍ୱିତୀୟ ଲେଖିକା ବୃନ୍ଦାବତୀ ଦାସୀ। ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଅନାବିଳ କବିତ୍ୱ ଓ ମହନୀୟ ପାଣ୍ଡିତ୍ୟର ଆଧାରରେ ପୂର୍ଣ୍ଣତମ ଚନ୍ଦ୍ରୋଦୟ ରଚନା କରି ବୃନ୍ଦାବତୀ ଦାସୀ ସମଗ୍ର ଓଡ଼ିଆଭାଷୀଙ୍କୁ ସ୍ତବ୍ଧ କରିଦେଇଛନ୍ତି।

ସମ୍ଭ୍ରାନ୍ତ କରଣକୁଳରେ ଜନ୍ମ ନେଇଥିବା ବୃନ୍ଦାବତୀ ଖୋର୍ଦ୍ଧା ନିକଟସ୍ଥ ମଳିପଡ଼ାର ଜଗନ୍ନାଥ ଦାସଙ୍କ ପୁତ୍ର ଚନ୍ଦ୍ରଶେଖର ଦାସଙ୍କୁ ବିବାହ କରନ୍ତି। ସ୍ୱାମୀ, ଶ୍ୱଶୁର, ପୁତ୍ର ଓ ନାତି ସମସ୍ତେ କବି ଓ ବୈଷ୍ଣବ ଧର୍ମାବଲମ୍ବୀ। ସ୍ୱାମୀ ଚନ୍ଦ୍ରଶେଖର ମହାପାତ୍ର କୃଷ୍ଣତତ୍ତ୍ୱ ଚନ୍ଦ୍ରୋଦୟ, ନାତି କୃପାସିନ୍ଧୁ ଦାସ ଉପାସନା ଚନ୍ଦ୍ରୋଦୟ, ପୁତ୍ର ଭୀମ ଦାସ ହରିଭକ୍ତି ଚନ୍ଦ୍ରୋଦୟ ଓ ଭକ୍ତି ରତ୍ନାବଳୀ ଗ୍ରନ୍ଥ ରଚନା କରିଛନ୍ତି। ଶ୍ରୀରୂପଗୋସ୍ୱାମୀଙ୍କ ଉଜ୍ଜ୍ୱଳ ନୀଳମଣି ଓ ଭକ୍ତିରସାମୃତସିନ୍ଧୁ ଗ୍ରନ୍ଥ ଆଦର୍ଶରେ ବୃନ୍ଦାବତୀ ପୂର୍ଣ୍ଣତମ ଚନ୍ଦ୍ରୋଦୟର ପରିକଳ୍ପନା କରିଛନ୍ତି। ଏହା ଓଡ଼ିଆ ସାହିତ୍ୟରେ ପ୍ରଥମ ଅଳଙ୍କୃତ ଓଡ଼ିଆ ତତ୍ତ୍ୱାତ୍ମକ ଗ୍ରନ୍ଥ। କବି କର୍ଣ୍ଣପୁରଙ୍କ ଚୈତନ୍ୟ ଚନ୍ଦ୍ରୋଦୟ ଓ ମନୋହର ଦାସଙ୍କ ଦୀନମଣି ଚନ୍ଦ୍ରୋଦୟ ଆଦର୍ଶରେ କବି ଗ୍ରନ୍ଥଟିର ନାମକରଣ କରିଥିବା ଜଣାଯାଏ। କୃଷ୍ଣଚନ୍ଦ୍ରଙ୍କ ଲୀଳାକୁ ନେଇ କବିଙ୍କ ପରିବାର ସଦସ୍ୟଗଣ ଅନେକ ଗ୍ରନ୍ଥ ରଚନା କରିଛନ୍ତି। ବଂଶ ପରମ୍ପରାକ୍ରମେ ବୈଷ୍ଣବ ଗ୍ରନ୍ଥର ଆଲୋଚନା, କୃଷ୍ଣଲୀଳା ଜ୍ଞାପନ ଓ ବହୁଶାସ୍ତ୍ରଦର୍ଶିତା ଏହି କବୀ ଲାଭ କରିଥିଲେ।

ତାଙ୍କ ମତାନୁସାରେ ଦ୍ୱାରକାରେ କୃଷ୍ଣଚନ୍ଦ୍ର ପୂର୍ଣ୍ଣ, ମଥୁରାରେ ପୂର୍ଣ୍ଣତର ଓ ବ୍ରଜରେ ପୂର୍ଣ୍ଣତମ। ଦ୍ୱାରକାଲୀଳା ଐଶ୍ୱର୍ଯ୍ୟମୟୀ, ମଥୁରାଲୀଳା ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟମୟୀ, ବ୍ରଜଲୀଳା ମାଧୁର୍ଯ୍ୟମୟୀ। ପଞ୍ଚଉପାସନା ବିଧିକୁ ଏହି ପୁସ୍ତକରେ ଗୁରୁତ୍ୱ ଦିଆଯାଇଛି। ସେଗୁଡ଼ିକ ହେଲା- ମାଧୁର୍ଯ୍ୟ, ସଖ୍ୟ, ବାତ୍ସଲ୍ୟ, ଦାସ୍ୟ ଓ ଶାନ୍ତ। କବିଙ୍କ ଉକ୍ତି- ''ମଧୁର ଭକ୍ତି ସଖା ବେନି, ବତ୍ସଳ ଦାସ ଶାନ୍ତ ଘେନି।/ ଏ ଉପାସନା ପଞ୍ଚବିଧ, ବୋଲିଣ କହିଛନ୍ତି ବୁଧ।'' ବୃନ୍ଦାବତୀଙ୍କ ସ୍ୱାମୀ ଚନ୍ଦ୍ରଶେଖର ଅଭିରାମ ଠାକୁରଙ୍କ ସମ୍ପ୍ରଦାୟର। ଅଭିରାମ ଚୈତନ୍ୟଙ୍କ ସଖା। ସେ ସମ୍ପ୍ରଦାୟର ଉପାସନା ସଖ୍ୟ। ଏଣୁ ବୃନ୍ଦାବତୀ ବନ୍ଧୁ ଭାବରେ କୃଷ୍ଣଙ୍କ ଉପାସନା କରିଛନ୍ତି। କବି ଘୋଷଣା କରନ୍ତି- 'ଏ ପୂର୍ଣ୍ଣତମ ଚନ୍ଦ୍ରୋଦୟ, ସବୁ ଅଟଇ ସୁଧାମୟ'।



Purnatama Chandrodaya
BY
Brundabati Dasi
Edited by
KAILASH CHANDRA MOHAPATRA B. A.
with
introduction and notes.

ପୂର୍ଣ୍ଣତମଚନ୍ଦ୍ରୋଦୟ।

ନାୟକବ ଭକ୍ତପ୍ରବର
ବୃନ୍ଦାବତୀ ଦାସୀ ବିରଚିତ

ମୁଖବନ୍ଧ ଓ ଟୀକାସହ
ଶ୍ରୀ କୈଳାସଚନ୍ଦ୍ର ମହାପାତ୍ର ବି. ଏ.ଙ୍କ ଦ୍ୱାରା
ସଂକଳିତ

Dr. Sudarsana Acharya
PROFESSOR OF ORIYA
BERHAMPUR UNIVERSITY

Printed by Govind Chandra Das
SHREE RADHANATH CO-OPERATIVE PRESS,
CUTTACK.
1927

ପୁସ୍ତକଟି ୨୦ ଅଧ୍ୟାୟ ବିଶିଷ୍ଟ। ଶ୍ରୀଗୁରୁ ଚରଣ ବର୍ଣ୍ଣନ, ଗ୍ରନ୍ଥସଂହତି, ପରମତତ୍ତ୍ୱ ବିଧାନ, ସପତ ଆବରଣ ଧ୍ୟାନ, ଶ୍ରୀଅଙ୍ଗ ନିର୍ଣ୍ଣୟ, ପ୍ରତ୍ୟଙ୍ଗ କଥନ, ଲକ୍ଷଣ ଧ୍ୟାନ, ବେଶଧ୍ୟାନ, ଚରିତଧ୍ୟାନ, ସେବାଧ୍ୟାନ, ଗୁଣଧ୍ୟାନ, ନିର୍ଦ୍ଦୋଷଧ୍ୟାନ ଓ ଗ୍ରନ୍ଥଗଣନା ପ୍ରସଙ୍ଗକୁ ନେଇ ପୁସ୍ତକଟି ପ୍ରସ୍ତୁତ ହୋଇଛି। ସପତ ଆବରଣ ଧ୍ୟାନରେ ଗୋପୀ, ସଖା, ଧେନୁ, ଦେବଗଣ, ଋଷିକୁଳ, କିନ୍ନରୀ ଅପ୍‌ସରୀ ଓ ସିଦ୍ଧଗଣ ଭାବେ ସପତ ଆବରଣକୁ ବର୍ଣ୍ଣନା କରାଯାଇଛି। ଏହି ଗ୍ରନ୍ଥରେ କବୀ ନିଜର ବଂଶ ପରିଚୟ ଦେଇ କହିଛନ୍ତି- ''କରଣକୁଳେ ଉତପନ୍ନ, ତାତ ମୋ ବିଷ୍ଣୁ ଭକ୍ତ ଜନ।/ ଚନ୍ଦ୍ରଶେଖର ମହାପାତ୍ର, ନାମ ଅବନୀ ତଳେ ଖ୍ୟାତ।/ ଗୃହ ତାଙ୍କର ମଳିପଡ଼ା, କ୍ଷେତ୍ରକୁ ବେନିଯୁଣ ଛଡ଼ା।/ ଥାଇଣ ଗୃହସ୍ଥ ଧର୍ମରେ, କୃଷ୍ଣଚରଣେ ଭକ୍ତି କରେ।''

କବୀ ଗାର୍ହସ୍ଥ୍ୟ ଧର୍ମରେ ଥାଇ କୃଷ୍ଣ ଉପାସନାରେ ମନୋନିବେଶ କରିଛନ୍ତି। ଏହି ଗ୍ରନ୍ଥଟି ଦିବ୍ୟସିଂହ ଦେବଙ୍କ ୧୩ ଅଙ୍କରେ ରଚନା ହୋଇଥିବା କବୀ ସ୍ୱୀକାର କରନ୍ତି, ଯାହାକି ୧୬୯୯-୧୭୦୦ ଖ୍ରୀଷ୍ଟାବ୍ଦରେ ହୋଇଥିବା ପ୍ରମାଣିତ। ଗ୍ରନ୍ଥ ଲେଖନର କାରଣରୂପେ କବୀ କହନ୍ତି- ତାଙ୍କର ଶ୍ୱଶୁରକୁଳ ବୈଷ୍ଣବ ଥିଲେ। ଗୃହରେ ସର୍ବଦା ବୈଷ୍ଣବ ଗ୍ରନ୍ଥ ଆଲୋଚିତ ହେଉଥିଲା। ଯାହାଫଳରେ କବୀଙ୍କ ମନରେ ସ୍ୱତଃ କୃଷ୍ଣପ୍ରେମ ଜାଗରିତ ହୋଇଥିଲା। ଏହି ପୁସ୍ତକରେ କୃଷ୍ଣଚନ୍ଦ୍ରଙ୍କର କିଶୋର ସମୟକୁ ପୂର୍ଣ୍ଣତମ ବୋଲି ବିଚାର କରାଯାଇଛି ଏବଂ କୃଷ୍ଣଚନ୍ଦ୍ର ତାଙ୍କ ହ୍ଲାଦିନୀ ଶକ୍ତି ରାଧାଙ୍କ ସହ ହ୍ଲାଦନ ରୂପେ ବର୍ତ୍ତମାନ। ପ୍ରେମମୟୀ ଗୋପୀମାନେ ମହାଭାବ ସ୍ୱରୂପିଣୀ ଓ କୃଷ୍ଣଚନ୍ଦ୍ରଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତା।

ବୃନ୍ଦାବତୀଙ୍କର ଏହି ଗ୍ରନ୍ଥ ରଚନାରେ କବିତ୍ୱ ଓ ପାଣ୍ଡିତ୍ୟର ପରିପ୍ରକାଶ ଘଟିଛି। ସେ ଏହି ଗ୍ରନ୍ଥ ରଚନା ପାଇଁ ଆକର ଗ୍ରନ୍ଥରୂପେ ୧୨ଗୋଟି ପୁରାଣ ଓ ୨୨ଟି ତତ୍ତ୍ୱଗ୍ରନ୍ଥର ସହାୟତା ନେଇଛନ୍ତି। ପୁରାଣଗୁଡ଼ିକ ହେଲା- ଶ୍ରୀଭାଗବତ, ପଦ୍ମପୁରାଣ, ସ୍କନ୍ଦପୁରାଣ, ବ୍ରହ୍ମାଣ୍ଡପୁରାଣ, ବାୟୁପୁରାଣ, ଆଦିପୁରାଣ, ପୂର୍ଣ୍ଣପୁରାଣ, ବରାହପୁରାଣ, ଶ୍ରୀମହାଭାରତ, ନାରଦୀୟପୁରାଣ, ବିଷ୍ଣୁପୁରାଣ ଓ ବୃହତ୍ ବିଷ୍ଣୁପୁରାଣ। ୨୨ଗୋଟି ଭକ୍ତିତତ୍ତ୍ୱ ଗ୍ରନ୍ଥ ହେଲା- ୧. ରାଧାତାପିନୀ, ୨. ସାଂଖ୍ୟକାରିକା, ୩. ନାରଦପଞ୍ଚରାତ୍ର, ୪. ବରାହସଂହିତା, ୫. ବ୍ରହ୍ମସଂହିତା, ୬. ଫେତ୍କାରିଣୀତନ୍ତ୍ର, ୭. ବୈଷ୍ଣବାଚାର, ୮. ନନ୍ଦଆଗମ, ୯. ଗୌତମୀ ତନ୍ତ୍ର, ୧୦. ବୈଷ୍ଣବତନ୍ତ୍ର, ୧୧. ବିଷ୍ଣୁଯାମଳ, ୧୨. ଶାରଦାତିଳକ, ୧୩. କ୍ରମଦୀପିକା, ୧୪. ମହାକୂର୍ମବାଣୀ, ୧୫. ନାରାୟଣ ବ୍ୟୂହସ୍ତବ, ୧୬. ଶାମଦୀର୍ଘ, ୧୭. ଭକ୍ତିରସାମୃତସିନ୍ଧୁ, ୧୮. ଭାଗବତାମୃତ, ୧୯. ଲଳିତମାଧବ, ୨୦. ବିଦଗ୍ଧମାଧବ, ୨୧. ଚୈତନ୍ୟପ୍ରଭୁଙ୍କର ବାଣୀ, ୨୨. ବୃହଦ୍‌ବାମନ। ଗ୍ରନ୍ଥଗୁଡ଼ିକ ସମ୍ପର୍କରେ ପ୍ରଫେସର ଦାଶରଥି ଦାସ କୁହନ୍ତି, ଆଜି ଏକବିଂଶ ଶତାବ୍ଦୀରେ ବୈଷ୍ଣବ ସାହିତ୍ୟର ଅଧ୍ୟୟନ ଓ ଅଧ୍ୟାପନାରେ ବ୍ୟାପୃତ ଆମେ ଅଧ୍ୟାପକମାନେ ସେ ସବୁକୁ ଦେଖିବା ତ ଦୂରର କଥା, ତନ୍ମଧ୍ୟରୁ ଅଧିକାଂଶଙ୍କର ନାମ ମଧ୍ୟ ଶୁଣିନାହୁଁ। ଏଥିରୁ ବୃନ୍ଦାବତୀ ଦାସୀଙ୍କର ବହୁଶାସ୍ତ୍ରଦର୍ଶିତା ଓ ପାଣ୍ଡିତ୍ୟର ପରିଚୟ ମିଳିଥାଏ।

କୃଷ୍ଣଚନ୍ଦ୍ରଙ୍କର କିଶୋର ରୂପ ମାଧୁର୍ଯ୍ୟମୟ। ବୃନ୍ଦାବତୀ ଦାସୀ ସେହି ରୂପ ମାଧୁର୍ଯ୍ୟର ଉପାସିକା। କବିଙ୍କ ଭାଷାରେ- ''ଦେଖି ଯେବଣ କଳେବର, ମୋହି ହୁଅନ୍ତି ଚରାଚର।/ ପୁରୁଷମାନେ ହୋନ୍ତି ମୋହି, ନାରୀ ଧଇର୍ଯ୍ୟ ଛାଡ଼ି କାହିଁ?'' ଜଣେ କୁଳ ନାରୀ ହୋଇ ପରପୁରୁଷର ରୂପ ବର୍ଣ୍ଣନା ଉଚିତ ନୁହେଁ। କିନ୍ତୁ ନିଜ ସ୍ୱାମୀଙ୍କର ପ୍ରଭୁ ଭାବରେ କୃଷ୍ଣଚନ୍ଦ୍ରଙ୍କୁ ସେ ଗ୍ରହଣ କରିଛନ୍ତି। ଏହି ପୁସ୍ତକରେ ବୃନ୍ଦାବତୀଙ୍କର ପାଣ୍ଡିତ୍ୟ, ଭକ୍ତିପ୍ରବଣତା ଓ ଶୈଳ୍ପିକ ସିଦ୍ଧି ଉତ୍କର୍ଷର କୋଟୀକୁ ସ୍ପର୍ଶ କରିଛି। ନବାକ୍ଷରୀ ଛନ୍ଦ ନିର୍ବାଚନ ତାଙ୍କର ସାରସ୍ୱତ ବିଚାରବୋଧକୁ ପ୍ରମାଣିତ କରେ। ଭାଗବତର ନବାକ୍ଷରୀ ବୃତ୍ତ ଶ୍ରୀକୃଷ୍ଣଙ୍କର ପୂର୍ଣ୍ଣତମ ଧ୍ୟାନ ପାଇଁ ସର୍ବୋତ୍କୃଷ୍ଟ ବୋଲି ସେ ବିବେଚନା କରିଛନ୍ତି। ସେ ଭକ୍ତିରସାମୃତସିନ୍ଧୁକୁ ଅନୁବାଦ କରିନାହାନ୍ତି, ବରଂ ତା'ର ପ୍ରାସଙ୍ଗିକ ଅଂଶକୁ ବ୍ୟାଖ୍ୟାକରି ଲୋକୋପଯୋଗୀ ଭାଷାରେ ପରିବେଷଣ କରିଛନ୍ତି। ତାଙ୍କର ଭାଷା ସଂସ୍କୃତାନୁଗତ ହେଲେ ମଧ୍ୟ ବେଶ୍ ଅଳଙ୍କୃତ ଓ ସାବଲୀଳ। ଓଡ଼ିଆ କାବ୍ୟସାହିତ୍ୟ ଯେଉଁ ଭାଷା ଓ ପ୍ରକାଶଭଙ୍ଗୀକୁ ନେଇ ୧୬୯୯ ଖ୍ରୀଷ୍ଟାବ୍ଦବେଳକୁ ପ୍ରତିଷ୍ଠିତ ଥିଲା, ତାକୁ ସର୍ବାନ୍ତକରଣରେ ଗ୍ରହଣକରି ସମୃଦ୍ଧି ସାଧନ କରିଛନ୍ତି ବୃନ୍ଦାବତୀ। ତାଙ୍କର ଏହି ଗ୍ରନ୍ଥରେ ସମକାଳୀନତା ମାଧୁର୍ଯ୍ୟମୟ ଭାବେ ପ୍ରତିଷ୍ଠିତ ହୋଇଛି। ଓଡ଼ିଆ ଭାଷାରେ ଲୋକଲୋଚନକୁ ଆସିଥିବା ସର୍ବଶ୍ରେଷ୍ଠ ବୈଷ୍ଣବ ତତ୍ତ୍ୱଗ୍ରନ୍ଥ ଭାବେ ଏହାକୁ ଗ୍ରହଣ କରିବାରେ ଦ୍ୱିଧା ରହି ନ ପାରେ। ସେହି ଦୃଷ୍ଟିରୁ ଓଡ଼ିଆ ଭକ୍ତିସାହିତ୍ୟ ଓ କାବ୍ୟକ୍ଷେତ୍ରରେ ବୃନ୍ଦାବତୀଙ୍କ ସ୍ଥାନ ମହତ୍ତ୍ୱପୂର୍ଣ୍ଣ ଓ ଅନତିକ୍ରମଣୀୟ।

୬୭, ସରସ୍ୱତୀ କୁଞ୍ଜ
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋ : ୯୪୩୭୨୫୬୧୭୬

## କେଉଁ ବାମାବାଦ (୧)

**ଅବଲୋକନ**



ବ୍ରଜମୋହନ ମିଶ୍ର

'ଅନ୍ୟା' ସାହିତ୍ୟପତ୍ର (ଏପ୍ରିଲ-ଜୁନ୍, ୨୦୧୦)ର ମହିଳା ବିଶେଷାଙ୍କରେ ବହୁ ପ୍ରବୀଣ ଲେଖକ ଓ ଲେଖିକାଙ୍କ ନାରୀକୈନ୍ଦ୍ରିକ ଲେଖା ପାଠ କଲାବେଳେ ଏଇ କଥାଟି ମନେପଡ଼ିଯାଉଛି। ଏହା ଅନସ୍ୱୀକାର୍ଯ୍ୟ ଯେ ଏକ ସାମାଜିକ ପ୍ରାଣୀ ଭାବରେ ନାରୀକୁ ତା'ର ହକ୍ ଦେଇନାହିଁ ଏ ପୁରୁଷକୈନ୍ଦ୍ରିକ ସମାଜ। ପୁରୁଷ ପରି ନାରୀ ହୋଇ ପାରିନାହିଁ, ଯାହା ସେ ହୋଇ ପାରିଥା'ନ୍ତା।

ଜ୍ଞାନରାଜ୍ୟର ବିଭିନ୍ନ ଇଲାକାରେ ନାରୀର ସ୍ଥିତି, ଗତି ଓ ପ୍ରକୃତିକୁ ଠିକ୍ ଭାବରେ ବିବେଚନା ନ କରି ତାକୁ ଭିନ୍ନ ଏକ ନିର୍ଜୀବ ସତ୍ତାରୂପେ ଗ୍ରହଣ ଓ ଚିତ୍ରଣ କରାଯାଇଛି। ଏକ ଆକ୍ରୋଶକାରୀ ମାନସିକତା ପ୍ରସୂତ ନାରୀର ଏତାଦୃଶ ଅସ୍ୱାଭାବିକ ଚିତ୍ରଣ ମାନବ ସଭ୍ୟତାର ଅଶେଷ କ୍ଷତି ସାଧନ କରିଛି। ବହୁବିଧ ଚାପ, ତାପ, ଶାପ ଓ ପାପରେ ବିଦ୍ଧକରି ନାରୀକୁ ତା'ର ସ୍ୱଚ୍ଛନ୍ଦ, ସାବଲୀଳ, ସ୍ୱାଭାବିକ ତଥା ଶ୍ରଦ୍ଧାଶୀଳ ବିବର୍ତ୍ତନରୁ ଯେ ବଞ୍ଚିତ କରାଯାଇଛି, ଏଥିରେ ଦ୍ୱିମତ ହେବାର ନାହିଁ। 'ପିତା ରକ୍ଷତି ଶୈଶବେ', 'ପତି ରକ୍ଷତି ଯୌବନେ' ଏବଂ 'ପୁତ୍ର ରକ୍ଷତି ବାର୍ଦ୍ଧକ୍ୟେ'ର ଏକ ଭୟାନକ ତ୍ରିଭୁଜ ଭିତରେ ନାରୀନାମ୍ନୀ ସ୍ତ୍ରୀଲିଙ୍ଗର ଅମର୍ଯ୍ୟାଦା କରାଯାଇଛି, କାରଣ ଏ ସବୁଥିରେ ଅଛି ରକ୍ଷତି। ସତେ ଯେପରି ନାରୀକୁ ଏପରି ରକ୍ଷା କରିବା କୌଣସି ମୂଲ୍ୟବାନ୍ ସମ୍ପତ୍ତିକୁ ସକଳ ଯତ୍ନରେ ଗୁପ୍ତରଖି ରକ୍ଷା କରିବା ଭଳି! ଏ ପ୍ରକାର ରକ୍ଷା ମୂଳରେ ଯେଉଁ କର୍ତ୍ତାପଣିଆ ଜାହିର କରିଛି ପୁରୁଷ, ସେଥିରେ ତା'ର ମାଲିକାନା ଭାବ ଫୁଟିଉଠିଛି। ନାରୀକୁ ଅବଳା କହିବା ଭିତରେ ଏଇ ଭାବ ବି ଅଭିବ୍ୟଞ୍ଜିତ। ନାରୀକୁ ନିଃଶକ୍ତ କରି ଏବଂ ସେହି ଭାବରେ ଚିତ୍ରଣ କରି ପୁରୁଷ ମାନବସଭ୍ୟତାର ଇତିହାସକୁ କେଉଁ ମୋଡ଼ରେ ଠିଆ କରାଇଛି ତାହା ମହାଭାରତ, ରାମାୟଣ, ଇଲିଆଡ଼ ବା ଅଡ଼ିଶୀରୁ ବେଶ୍ ଧରାପଡ଼ିଯାଏ।

ପ୍ରାଚ୍ୟ ହେଉ କି ପାଶ୍ଚାତ୍ୟ, ସବୁଆଡ଼େ ଏଇ ନାରୀଧ୍ୱଂସୀ ଦୃଷ୍ଟିକୋଣର ପ୍ରାବଲ୍ୟ ବିରୁଦ୍ଧରେ ନାରୀ ମାନସ ବିଦ୍ରୋହ କରିବା ସମୀଚୀନ; ଯାହା ହୁଏତ ସେଦିନ 'ଇଭ୍' ଆଦୌ କରିପାରି ନ ଥିଲେ କିମ୍ବା ଦ୍ରୌପଦୀ ସେତେ ସବଳ ଭାବରେ କରିବାରେ ଅସମର୍ଥ ହୋଇଥିଲେ। ସର୍ପବେଶୀ ସଇତାନର ପ୍ରରୋଚନାରେ ପଡ଼ି ଇଭ୍, ଆଦାମ୍‌କୁ ବାଧ୍ୟ କରିଥିଲେ ପାରାଡାଇଜର ଜ୍ଞାନବୃକ୍ଷରୁ ଫଳ ତୋଳି ତାଙ୍କୁ ଦେବାପାଇଁ, ଯାହା ଆଦାମ୍ କରିବାକୁ ବାଧ୍ୟ ହୋଇଥିଲେ। ଫଳ ସ୍ୱରୂପ ଅଧିକ ତିରସ୍କାର ଓ ଅଭିଶାପ ବର୍ଷିଥିଲା ଇଭ୍‌ଙ୍କ ମୁଣ୍ଡରେ ଯେତେବେଳେ ଭଗବାନ୍ କହିଲେ (ଇଭ୍‌ଙ୍କୁ) ''You shall bear children in intense pain and suffering yet even show you shall welcome your husband's affections and he shall be your master''- (ଦ ଓଲ୍ଡ ଟେଷ୍ଟାମେଣ୍ଟ, ଜେନେସିସ ୩-୧୬)। ଏଥିରୁ ଦୁଇଟି କଥା ବିଚାର୍ଯ୍ୟ। ଜ୍ଞାନବୃକ୍ଷରୁ ଫଳ ତୋଳିବାକୁ ସ୍ୱାମୀକୁ ବାଧ୍ୟ କରିଥିବାରୁ ଇଭ୍‌ଙ୍କୁ ବହୁ ଗର୍ଭଯନ୍ତ୍ରଣା ସହି ସନ୍ତାନ ଧାରଣ କରିବାକୁ ପଡ଼ିବ ପୁଣି ତାଙ୍କର ସ୍ୱାମୀ ତାଙ୍କର ପ୍ରଭୁ ହେବେ। 'ମାଷ୍ଟର' ଶବ୍ଦର ଏକ ବିପରୀତ ଶବ୍ଦ ସ୍ଲେଭ / ସରଭେଣ୍ଟ ହୋଇପାରେ। ସେଇ ଅର୍ଥ ଏଠାରେ ପ୍ରଯୁଜ୍ୟ।

ଭଗବାନ୍‌ଙ୍କ ଅଭିଶାପରୁ ଏହା ପ୍ରତିପନ୍ନ ଯେ, ସ୍ତ୍ରୀ ସ୍ୱାମୀର କର୍ତ୍ତୃତ୍ୱାଧୀନ ହେବ, ସନ୍ତାନଧାରଣ କରିବାକୁ ଅଶେଷ ଗର୍ଭଯନ୍ତ୍ରଣା ସହ୍ୟ କଲାପରେ ବି। ଏହି ଅଭିଶାପ ବିରୁଦ୍ଧରେ ପଦୁଟିଏ ପ୍ରତିବାଦ କରିନାହାନ୍ତି ଇଭ୍ ଯଦିଓ ପ୍ରକୃତରେ ସେ ହିଁ ଜନ୍ମଦାତ୍ରୀ (କାରଣ ରକ୍ଷକର ଆକ୍ଷରିକ ଅର୍ଥ ''The life giving one'') ବରଂ ଆଦାମ୍‌ଙ୍କ ସହ ସମ୍ଭୋଗ କରି ପ୍ରଥମ ପୁତ୍ର କେନ୍‌ଙ୍କୁ ଜନ୍ମ ଦେବାରେ ଭଗବାନ୍‌ଙ୍କୁ କୃତଜ୍ଞତା ଜ୍ଞାପନ କରି ସେ କହିଛନ୍ତି, ''With God's help, I have created a man''। ଭଗବାନ୍‌ଙ୍କ ଅଭିଶାପର ଶିକାର ହୋଇ ବି ଇଭ୍ ଚୁପ୍ ରହିଛନ୍ତି। ମହାଭାରତରେ ଦ୍ରୌପଦୀ ସ୍ୱାମୀଙ୍କ ଅନ୍ୟାୟର ଶିକାର ହୋଇ ହୁଏତ କିଛିଟା ପ୍ରତିବାଦ କରିଛନ୍ତି କୁରୁସଭା ତଳେ (ଯଦିଓ ସେ ପ୍ରତିବାଦରେ ପ୍ରଥମେ ଥିଲା କାତରତା, ବିପଦରୁ ଉଦ୍ଧାର କରିବାକୁ ଗୁରୁଜନ ଓ ସ୍ୱାମୀମାନଙ୍କୁ ପ୍ରାର୍ଥନା ଏବଂ ଏଥିରେ ବିଫଳ ହେବାପରେ ପ୍ରଚଣ୍ଡ କ୍ରୋଧ ପ୍ରକାଶ)। ହେଲେ ସେ ପ୍ରତିବାଦ କେବଳ ପବନରେ ଫମ୍ପା ଆୱାଜ କରି ଉଡ଼ିଯାଇଛି ସିନା ତା'ର ଫଳ କିଛି ହୋଇନି। ପାଶ୍ଚାତ୍ୟରେ ହୁଏତ ଇବସେନ୍‌ଙ୍କ ନୋରା ଆଉ ପାଦେ ଅଧିକ ଆଗେଇଯାଇଛି। ପରିବାର ପରିତ୍ୟାଗ କରି ଚାଲିଯାଇଛି। ତା' ସତ୍ତ୍ୱେ ଏଠାରେ ନାରୀ କିଛିମାତ୍ରାରେ ବିଦ୍ରୋହୀ ହୋଇଥିଲେ ବି ବିପ୍ଳବୀ ହୋଇପାରିନାହିଁ। ମନେହୁଏ ସତେ ଯେପରି ସକଳ ଅତ୍ୟାଚାର, ଅବମାନନା, ଆକ୍ଷେପ, ଅଭିସମ୍ପାତ ଓ ଅମାନୁଷିକତା ସହ୍ୟ କରିକରି ସେ କେବଳ କାହ୍ନୁଚରଣଙ୍କ 'ଧୋବି' ପରି କହିଛି- ''ମୋତେ ତୁମପରି ପାଷାଣ କର ପ୍ରଭୁ''।

ଯୁଗଯୁଗର କଳଙ୍କିତ ନିଷ୍ଠୁର ନିୟତିକୁ ଆପୋସରେ ନାରୀର ଗ୍ରହଣ କରିବା ଥିଲା ଏକ ଐତିହାସିକ ଭ୍ରାନ୍ତି, ଯାହା ସଭ୍ୟତା ଓ ସଂସ୍କୃତିର ପ୍ରଗତିରେ ପ୍ରତିହତ ହେବାରେ ଲାଗିଛି। ଏଥିସକାଶେ ଯେଉଁ ଚେତନଶୀଳ ନାରୀ ପୁରୁଷମାନେ ଦାୟୀ, ସେମାନେ ଅଭିନନ୍ଦନୀୟ। ବିଶେଷକରି ଯେଉଁ ନାରୀମାନେ ଏହାର ପ୍ରବଳ ସକ୍ରିୟ ବିରୋଧ କରି (କେବଳ ବିଦ୍ରୋହରେ ସୀମିତ ନ ରହି) ବିପ୍ଳବ କରୁଛନ୍ତି, ସାମାଜିକ ତଥା ଚେତନା ରାଜ୍ୟରେ, ସେମାନଙ୍କ ଅବଦାନ ଅନନ୍ୟ। ଯେ କୌଣସି ମଣିଷ ପାଇଁ ସ୍ୱାଧୀନତା ଓ ମୁକ୍ତି ଏକ ଅପରିହାର୍ଯ୍ୟ ଆବଶ୍ୟକତା। କାରଣ ତା'ରି ଭିତରେ ନିହିତ ମଣିଷର ଅସଲ ଅଭ୍ୟୁଦୟ ଓ ଉତ୍‌କ୍ରାନ୍ତି। ଏହି ସୂତ୍ରରେ ମଣିଷ ହିସାବରେ ନାରୀର ମଧ୍ୟ ଏହା କାମ୍ୟ ଓ ଦାବି। ଏଥିରୁ ତାକୁ ବଞ୍ଚିତ କରି ପୁରୁଷ ମାନବ ସଭ୍ୟତାର ଯେଉଁ କ୍ଷତି ସାଧନ କରିଛି, ସେ ବିଷୟ ଉଲ୍ଲେଖ କରିଛନ୍ତି ଗତ ଶତାବ୍ଦୀର ଜଣେ ବିଶିଷ୍ଟ ଚିନ୍ତାନାୟକ ବର୍ଟ୍ରାଣ୍ଡ ରସେଲ ତାଙ୍କ ପ୍ରବନ୍ଧ ''Ideas that have Harmed Mankind''ରେ।

ମୋ: ୮୦୧୮୦୮୭୮୩୧

**କବିତା**

### ବୁଡ଼

ପ୍ରଶାନ୍ତ କୁମାର ଦାଶ

ଯାତ୍ରୀଶୂନ୍ୟ ଏ ଘାଟରୁ ସେ ଘାଟକୁ
ନୌକା ଭିଡ଼ୁଛି ନାଉରିଆ
ସୁନା ରଙ୍ଗର ଖରା
ଖେଳ ଜମେଇଛି ପାଣି ଉପରେ,
ବିଜନବେଳା ଚିତ୍ ହୋଇ ଶୋଇପଡ଼ିଛି
ତତଲା ବାଲିରେ ଆକାଶ ଆଡ଼କୁ ମୁହଁ କରି।

ସେ ଘାଟରେ ଲାଗିଲା ନଉକା,
କାହାର ଏ ଶବ ? ମୁହଁମାଡ଼ି ପଡ଼ିଛି ଘାଟରେ,
ଅନୁସନ୍ଧାନ ଅନ୍ତେ ଜଣାପଡ଼ିଲା
ଶବଟି ଖୋଦ୍ ଈଶ୍ୱରଙ୍କର !

ନାଉରିଆ ଯୋଗାଡ଼ୁଛି କାଠ,
କାଠ ଉପରେ କାଠ,
ତା' ଉପରେ ବିଚରା ଈଶ୍ୱର,
ନାଉରିଆ ସଂଯୋଗିଲା ଅଗ୍ନି,
ଉଠିଲା ଚିତା ଉପରକୁ, ଆହୁରି ଉପରକୁ।

ଚିତା ଭିତରେ ଅଦ୍ଭୁତ ଆଲୁଅ,
ଅଚାନକ ଅଦୃଶ୍ୟ ହୋଇଗଲା ଶୂନ୍ୟରେ।
ଶୂନ୍ୟମାର୍ଗରୁ ଶୁଭୁଥିଲା
'ମର୍ତ୍ତ୍ୟମଣ୍ଡଳେ ଦେହ ବହି
ଦେବତା ହୋଇଲେ ମରଇ।'
ଈଶ୍ୱରଙ୍କ ଉଦ୍ଦେଶ୍ୟରେ
ନାଉରିଆ ପାଣିରେ ପକାଉଛି ବୁଡ଼।

ମୋ: ୭୭୩୫୪୧୯୫୭୩

### ଗଣିକା

ଶତପଥୀ ରୋଜାଲିନ ବେହେରା

ସେ ଗୋଟିଏ ନୁଖୁରା କବିତାର ପଙ୍କ୍ତି,
ଯାହା ରାତିର ଶେଷତମ ସ୍ୱପ୍ନକୁ
ସକାଳ ହାତରେ ସଅଁପିଦିଏ,
ତା' ଦେହର ଖଣ୍ଡଖଣ୍ଡ ଶୃଙ୍ଖଳା ଶବ୍ଦରେ
ବାଢ଼ିଦିଏ ଅର୍ଘ୍ୟ
କେଉଁ ଅପୂଜା ଦେଉଳର ଦିଅଁଙ୍କ ଉଦ୍ଦେଶ୍ୟେ।

ତଥାପି ସମାଜ କହେ ଗଣିକା,
ବିଟପୀ, ବ୍ୟଭିଚାରିଣୀ...
ସେ କିନ୍ତୁ ଚିତ୍ରପଟଟିଏ, ଭୁଶୁଡ଼ି ପଡ଼ୁଥିବା
ପରିତ୍ୟକ୍ତ ପାନ୍ଥଶାଳାର,
ସ୍ଥିର ନଦୀର ସାଉଁଳା ପ୍ରବାହ,
ମଉଳା ଫୁଲର ମହକ।

ସେ ତ ତମାମ ରାତିର ବର୍ଷା,
ବୈଶାଖର ବିଶ୍ୱାସ,
ପୁଣି ବଡ଼ୁରା କାକରର
ପତ୍ରଘଞ୍ଚ ଅଗିରା ଶାଖା,
ଯେଉଁଠି କେବେ ବସା କରିନାହିଁ
କେବେ କେଉଁ ପ୍ରେମିକ ପକ୍ଷୀଟେ,
ସେ ଅମଡ଼ାବାଟର ଘାସଫୁଲ
ଯାହା କେହି କେବେ ଲୋଡ଼ି ନାହିଁ,
ଖୋଜି ନାହିଁ ତା' ପାଦର ଚିହ୍ନ
କେଉଁ ନଦୀତୁଠରେ
ଅବା କେଉଁ ଦେବୀପୀଠରେ।
କେଜାଣି କେମିତି କେହି ଦେଖିପାରିନାହିଁ
ତା' ଦୁଆରର ଝୋଟି ଫୁଲ !
ନହେଲେ ଲୁଚିଯାଆନ୍ତେ ବଗିଚାର ସବୁ ଫୁଲ,
ତା' ପାଦରେ ଓଟାରି ହୋଇଯାଆନ୍ତା
ପୂରା ଆକାଶଯାକର ମେଘ,
ଦିଗ ବଦଳାନ୍ତା ପବନ,
ହାତରେ ଖସିପଡ଼ନ୍ତେ ତାରା,
ବସନ୍ତରେ ବର୍ଷା ଝରନ୍ତା
ଆହୁରି କେତେ କ'ଣ...।

ଚାନ୍ଦିନୀଚୌକ, କଟକ
ମୋ: ୭୩୭୭୯୩୧୩୮୦

### ସ୍ପର୍ଶ

ଅୟସ୍‌କାନ୍ତ

ମାଟିମୟ ମନ ନେଇ ଜିଇବା
ଏ ଧରାରେ ଆଉ କିଛି ନୁହେଁ
ଖାଲି ମାଟି ହୋଇଯିବା।
ମାଟି ଫାଟିବା ଆଗରୁ ଫାଟ
ଫାଟ, ଫୁଟ, ଫିଟ, ଫୁଲ, ଯା' ବି ହୁଅ
ତମେ ମାଟି ଆଗରେ
କୁନି ପିଲା, ଚାଟଶାଳୀ ଚାଟ
ସାହସ ଅଛି ଯଦି ଫୁଟ
ସବୁଠି ଏବେ ଫୁଟାଣିର ଫୋଟକା
ଇଚ୍ଛା ଯଦି ଫାଟୁକୁରି ପରି ଫାଟ
ମାଟି ବୋଲ ଦେହସାରା
କୁଣ୍ଢେଇ ଧର ସାରା ଧରା ।

ମୋ: ୮୭୬୩୩୯୩୧୧୬

**ବ୍ୟଙ୍ଗ କବିତା**

### ବଅସରେ ଥରେ...

ପ୍ରଶାନ୍ତ କୁମାର ସାହୁ

ବଅସରେ ଥରେ ଚଢ଼ିଗଲା ବେଳେ
ଦେଖିଲି ସଭିଙ୍କ ହାତ ନାକ ତଳେ।

ପଚାରିଲି ଭାଇ ହୋଇଅଛି କିସ
ଘୋଡ଼ାଇଛ କାହିଁ ନିଜ ନିଜ ନିଶ ?

କହିଲା କେ ଜଣେ ହେଉଅଛି ଚୋରି
ନିଜ ନିଶ ଘୋଡ଼ା ନ କରିଣ ଡେରି।

ବଅସ କାନ୍ଥରେ ଲେଖାଅଛି ଦେଖ
ନିଜ ନିଷ ନିଜ ଦାୟିତ୍ୱରେ ରଖ।

କହିଲି ଭାଇରେ ନିଶ ନୁହେଁ ଇଏ
ଜିନିଷରୁ 'ଜି' ଲିଭାଇଛି କିଏ।


ଦ୍ୱନ୍ଦ୍ୱରେ ପଡ଼ିଛ ତୁମେମାନେ ଆଜି
କାରଣ ତାହାର ପାଉନାହଁ ଖୋଜି।

ଶୁଣି ମୋର କଥା ହସିଲେ ସଭିଏଁ
ଧନ୍ୟବାଦ ଦେଲେ କରିଅଛି ଯିଏ।

ଇନ୍ଦିପୁର, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

**କାଳକାଳକୁ**

''ମୃତ୍ୟୁ ଏକ ପୁରୁଣା ଗପ,
କିନ୍ତୁ ପ୍ରତ୍ୟେକ ଲୋକଙ୍କ ପାଇଁ ନୂଆ।''
– ଇଭାନ ତୁର୍ଗେନେଭ



**ଇଭାନ ତୁର୍ଗେନେଭଙ୍କ** ଜନ୍ମ ୯ ନଭେମ୍ବର ୧୮୧୮ରେ ସୋଭିଏତ୍ ରୁଷ୍‌ର ଅରୟୋଲ୍‌ରେ ଏବଂ ପରଲୋକ ୩ ସେପ୍ଟେମ୍ବର ୧୮୮୩ରେ, ଫ୍ରାନ୍‌ସର ବୌଗିଭାଲ୍‌ରେ। ସେ ଏକାଧାରରେ କବି, କଥାକାର, ଔପନ୍ୟାସିକ, ନାଟ୍ୟକାର ଓ ଅନୁବାଦକ। ପାଶ୍ଚାତ୍ୟ ଜଗତରେ ରୁଷୀୟ ସାହିତ୍ୟକୁ ଲୋକପ୍ରିୟ କରାଇବାରେ ତାଙ୍କ ଭୂମିକା ଅତୁଳନୀୟ। ତାଙ୍କର ପ୍ରଥମ ଗଳ୍ପପୁସ୍ତକ 'ଏ ସ୍ପୋର୍ଟ୍ସମ୍ୟାନ୍‌ସ ସ୍କେଚେସ୍' ପ୍ରକାଶପାଏ ୧୮୫୨ରେ, ଯହିଁରେ ରୁଷ୍‌ର କୃଷକ ଜୀବନ ଓ ପ୍ରକୃତିକୁ ନେଇ ତାଙ୍କ ଅନୁଭବ ରୂପାୟିତ। ରୁଷୀୟ ବାସ୍ତବବାଦୀ ସାହିତ୍ୟରେ ବହିଟି ଏକ ମାଇଲଖୁଣ୍ଟ। ବେଠି ଓ ଭେଟିରେ ପୀଡ଼ିତ ରୁଷ୍‌ର କୃଷକମାନଙ୍କୁ ଭୂସ୍ୱାମୀଙ୍କ ବର୍ବରତା ବିରୁଦ୍ଧରେ ସଂଗଠିତ କରିବାରେ ଏହି ପୁସ୍ତକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲା, ଯାହା ଫଳରେ ୧୮୬୧ରେ ଏହି ଘୃଣ୍ୟ ପ୍ରଥାର ବିଲୋପ ଘଟିଥିଲା। ୧୮୬୨ରେ ପ୍ରକାଶିତ ଉପନ୍ୟାସ 'ଫାଦର୍ସ ଆଣ୍ଡ ସନ୍ସ' ଊନବିଂଶ ଶତାବ୍ଦୀର ଏକ ପ୍ରମୁଖ ଉପନ୍ୟାସ ଭାବେ ମାନ୍ୟତାପ୍ରାପ୍ତ। ତୁର୍ଗେନେଭ କହନ୍ତି: ''ଇଚ୍ଛାଶକ୍ତି କିପରି ପ୍ରକଟ କରିବାକୁ ହୁଏ ଜାଣ, ତା'ପରେ ତମେ ମୁକ୍ତ ଓ ତମକୁ ଆଗେଇନେବ ଏଇ ଇଚ୍ଛାଶକ୍ତି।''

**ପୁସ୍ତକ ପରିଚୟ**

### କ୍ଳାନ୍ତ ବିଦୁରର ଅବଶିଷ୍ଟ ସ୍ୱପ୍ନ



**ଲେଖକ:** ସୂର୍ଯ୍ୟମଣି ତ୍ରିପାଠୀ
**ପ୍ରକାଶିକା:** ମନୋରମା ତ୍ରିପାଠୀ, ଯାଗମରା, ଖଣ୍ଡଗିରି, ଭୁବନେଶ୍ୱର
**ଦ୍ୱିତୀୟ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୮୦/-

ଆଲୋଚ୍ୟ ଉପନ୍ୟାସଟିର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି। ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା ୧୯୯୧ରେ। ଓଡ଼ିଶାର ଗ୍ରାମ୍ୟ ଜୀବନରେ ସ୍ୱାଭାବିକ ଭାବେ ଘଟୁଥିବା ଭଲମନ୍ଦ ଘଟଣା, ଯାହାକୁ ହୁଏତ ଲେଖକ ଚାକ୍ଷୁଷ କରିଛନ୍ତି ଅତି ପାଖରୁ, ତାକୁ ବାଚିକ ଭାଷାରେ ଅବତାରଣା କରିଛନ୍ତି ଏହି ଉପନ୍ୟାସରେ। ଜାତିଆଣ ଭେଦଭାବ, ହିଂସା, ଦ୍ୱେଷ ଓ ପରଶ୍ରୀକାତରତାରେ କ୍ରମ ଅବକ୍ଷୟୀ ଗ୍ରାମ୍ୟଜୀବନ। ସେଠି ଚକ୍ରାନ୍ତ କରାଯାଇ ସତ୍ୟର ପଥରୋଧ କରାଯାଏ। ଗାନ୍ଧୀବାଦ କେବଳ ଭାଷଣରେ ସୀମିତ ରହେ; କେହି ଏହି ଆଦର୍ଶରେ ପରିଶୀଳିତ ହୁଅନ୍ତି ନାହିଁ। ଛକାପଞ୍ଝା, ମାର୍‌ପିଟ୍, କୁତ୍ସାରଟନା ଆଦିରେ ଗାଁ ହୋଇଥାଏ ଅଣନିଃଶ୍ୱାସୀ। ଗଉରା, ହରିଆ, ଭିକା, କୁଶବାବୁ, ଶମ୍ଭୁଆ ଆଦି ଚରିତ୍ରଗୁଡ଼ିକର ଅକ୍ଷୁଣ୍ଣ ଚିତ୍ରଣ ଉପନ୍ୟାସଟିକୁ ଜୀବନ୍ତ କରିଛି। ଲେଖକ କହନ୍ତି: ଗାନ୍ଧୀ-ଦେଶ ଭାରତରେ ଗାନ୍ଧୀ ଦର୍ଶନର ପ୍ରବକ୍ତାମାନେ ମଧ୍ୟ ଦର୍ଶନକୁ କେବଳ ପ୍ରଚାର କରିବା ପାଇଁ ଉଦ୍ୟମ କରନ୍ତି; ଅଥଚ ତାକୁ ନିଜର ଦୈନନ୍ଦିନ ଜୀବନରେ ବ୍ୟବହାର କରିପାରନ୍ତି ନାହିଁ। ପ୍ରଫେସର ବୈଷ୍ଣବ ଚରଣ ସାମଲ ବହିଟି ସମ୍ପର୍କରେ ମତ ଦିଅନ୍ତି: ''ଟ୍ରାଜେଡି ଭିତରେ ସୃଷ୍ଟି ହୋଇଛି ମାନବିକତାର ଉତ୍ତରଣ ପାଇଁ ପ୍ରେରଣା। ଏପରି ଏକ ଉପନ୍ୟାସ ରଚନାକରି ଶ୍ରୀଯୁକ୍ତ ତ୍ରିପାଠୀ ଏକା ଖେପାକେ ଡେଇଁ ଆସିଛନ୍ତି ଏକବିଂଶ ଶତାବ୍ଦୀକୁ। ଗଉରା ଭିତରେ ତଲ୍ଲୀନ ହୋଇ ବିଦୁର ବନିଯାଇଛନ୍ତି'' (ପୃ:୧୩)। ସଂସ୍କୃତି ଓ ଅପସଂସ୍କୃତି ଉଭୟକୁ ଏକ ଆପାତଃ ସତ୍ୟ କାହାଣୀ ଭିତରେ ଠିଆ କରାଇ, ଲେଖକ ସତ୍ୟ ଓ ଅହିଂସାର ପକ୍ଷ ନେଇଛନ୍ତି। ସାମ୍ପ୍ରତିକ ପ୍ରେକ୍ଷାପଟରେ ଜୀବନର ଯାବତୀୟ ଆକସ୍ମିକତାକୁ ଧରି ରଖିବାରେ ଉପନ୍ୟାସଟି ସମର୍ଥ ଓ ଏହି କାରଣରୁ ପାଠକେ ଏହାକୁ ପଢ଼ିବସିଲେ ଆଖି ଆଗରେ ଅଭିନୀତ ହେଉଥିବା ଏକ ନାଟକ ହିଁ ଦେଖିବେ; ଯାହା ଉତ୍କଣ୍ଠାରେ ଗତି-ଅଧୀର ଓ ପରିଣତିରେ ସକାରାତ୍ମକ। ଆଶା, ଉପନ୍ୟାସଟି ଆଶାନୁରୂପ ପାଠକୀୟ ଆଦୃତି ଲାଭ କରିବ।

### ଭକ୍ତି ପ୍ରଣତି



**କବୀ:** ପୁଷ୍ପିତା ଜେନା
**ପ୍ରକାଶକ:** ଉଦୟ ପବ୍ଲିକେଶନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୩୦/-

ଆଲୋଚ୍ୟ କବିତା ପୁସ୍ତକରେ ସ୍ଥାନିତ ୪୭ଟି କବିତା। ଅଧିକାଂଶ ଗୀତି-କବିତା, ଯାହାକୁ ସ୍ୱର କରି ଗାଇହେବ। ଗ୍ରନ୍ଥାୟିତ କବିତା ବା ଗୀତଗୁଡ଼ିକ ମଧ୍ୟରୁ ଅଧିକାଂଶ ଦିବ୍ୟଜନନୀ ଶ୍ରୀମା ଓ ଯୁଗପୁରୁଷ ଶ୍ରୀଅରବିନ୍ଦଙ୍କ ଜଣାଣ/ସ୍ତୁତି। ଅନ୍ୟ ହିନ୍ଦୁ ଦେବଦେବୀଙ୍କୁ ନିବେଦିତ କେତେକ ରଚନା ମଧ୍ୟ ଗ୍ରନ୍ଥରେ ସ୍ଥାନିତ। ଯଥା: ୧. ''ଜୀବନ ସାଗରେ ମୁହିଁ ନଉକା ବାହି/ ଦୟାକରି କୂଳେ ମାଗୋ ଦିଅ ଲଗାଇ।'' (ପୃ:୧୦୧), ୨. ''ଏତେ ବଡ଼ ଭାଗ୍ୟ ମୋର ସତରେ ହେଲା/ ସ୍ନାନମଣ୍ଡପରେ ବଡ଼ଠାକୁରଙ୍କୁ ଦର୍ଶନ କରିବା ସୌଭାଗ୍ୟ ପ୍ରାପ୍ତ ହେଲା'' (ପୃ:୨୭)। ଏହିପରି ଅନେକ କବିତା କବୟିତ୍ରୀଙ୍କ ସମର୍ପିତ କବି ହୃଦୟର ପରିଚୟ ଦିଏ। କବିତାଗୁଡ଼ିକର ଭାଷା ଅତ୍ୟନ୍ତ ସରଳ ଓ ହୃଦସଂବେଦୀ। ପ୍ରତି କବିତାରେ ଥିବା ବିଷୟପ୍ରସଙ୍ଗ ଓ ତା'ର ଉପସ୍ଥାପନା ସବୁ ବର୍ଗର ପାଠିକାପାଠକଙ୍କୁ ଅବଶ୍ୟ ସ୍ପର୍ଶ କରିବ। ପ୍ରୟୋଜନସ୍ଥଳେ ଚିତ୍ର-ସଂଯୋଗ ବହିଟିକୁ ଆକର୍ଷଣୀୟ କରିଛି ଓ ତା'ର ଅନ୍ତର୍ନିହିତ ଲାବଣ୍ୟବୃଦ୍ଧିରେ ସହାୟକ ହୋଇଛି। ବିଶିଷ୍ଟ ଲେଖିକା ଶ୍ରୀମତୀ ଗୋଲାପ ମଞ୍ଜରୀ କର କହିଛନ୍ତି: ''ପୁଷ୍ପିତାଙ୍କର କବିତାଗୁଡ଼ିକ ସ୍ୱତଃସ୍ଫୂର୍ତ୍ତ। ପ୍ରାଣର ଆବେଗ ଯେତେବେଳେ କୂଳ ଲଂଘିବାକୁ ଉଦ୍ୟତ ହୋଇଛି, ସେ ତାକୁ ଶୃଙ୍ଖଳିତ କରି କବିତାର ରୂପ ଦେଇଛନ୍ତି। ସହଜ, ସାବଲୀଳ ଭାଷା, ଭକ୍ତିର ନିର୍ଝରିଣୀଟିଏ ଯେମିତି କଳକଳ ହୋଇ ଝରିଯାଇଛି x x।'' ଏ ମତ ଅତିରଞ୍ଜିତ ନୁହେଁ। ପ୍ରଚ୍ଛଦରେ ଥିବା ଚକାଆଖି ଶ୍ରୀଜଗନ୍ନାଥ ଚେତନାର ଏକ ନୂଆ ନିର୍ମାଣ।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୬/୨୦୨୫ Bhubaneswar, Saturday, September 6/ 2025

# ବୃହତ୍ ବିଜୟ ସହ ଭାରତର ଅଭିଯାନ

**ହାଙ୍ଗଝୋ, ୫।୯**

**ଏସିଆ କପ୍ ମହିଳା ହକି**

ଏସିଆ କପ୍ ମହିଳା ହକି ଟୁର୍ନାମେଣ୍ଟ ଚାଇନାର ହାଙ୍ଗଝୋଠାରେ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ଭାରତ ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପୁଲ୍-ବି’ରେ ସ୍ଥାନ ପାଇଥିବା ଭାରତ ମୁମ୍‌ତାଜ ଖାଁ (୭, ୪୯), ଉଦିତା ଦୁହାନ(୩୦, ୫୨) ଓ ବିୟୁଟି ଡୁଙ୍ଗଡୁଙ୍ଗ୍ (୪୫, ୫୪ତମ ମିନିଟ)ଙ୍କ ଡବଲ ଗୋଲ ବଳରେ ୧୧-୦ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଛି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତା କୁମାରୀ ୧୦, ନଭନୀତ କୌର ୧୬, ଲାଲରେମସିଆମି ୧୮, ଶର୍ମିଳା ଦେବୀ ୫୭ ଓ ଋତୁଜା ଦାଦାସୋ ପିସାଲ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ ଆରମ୍ଭରୁ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୭ମ ମିନିଟରେ ମୁମ୍‌ତାଜ କରିଥିବା ଗୋଲ ସ୍କୋରିଂ ଅଭିଯାନ ୬୦ତମ ମିନିଟରେ ଋତୁଜାଙ୍କ ସହ ଶେଷ ହୋଇଥିଲା। ଅପେକ୍ଷାକୃତ ଥାଇଲାଣ୍ଡ କୌଣସି କ୍ୱାର୍ଟରରେ ଭାରତ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଭାରତ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୯ମ ସ୍ଥାନରେ ରହିଥିବାବେଳେ ଥାଇଲାଣ୍ଡର ର୍‍ୟାଙ୍କ୍ ୩୦। ମ୍ୟାଚରେ ଏହାର ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୫-୦ରେ ଅଗ୍ରଣୀ ରହିଥିଲା। ମ୍ୟାଚରେ ଭାରତ ମୋଟ ୯ଟି ପେନାଲ୍ଟି କର୍ଣ୍ଣର ପାଇଥିବାବେଳେ ଏଥିରୁ ୫ଟିକୁ ଗୋଲରେ ପରିଣତ କରିଥିଲା। ମାତ୍ର ଥାଇଲାଣ୍ଡ ଗୋଟିଏ ହେଲେ ପେନାଲ୍ଟି ସୁଯୋଗ ସୃଷ୍ଟି କରିପାରି ନ ଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଜାପାନ ବିପକ୍ଷରେ ଖେଳିବ। ପ୍ରକାଶଯୋଗ୍ୟ ଯେ, ଏସିଆ କପ୍ ଚାମ୍ପିୟନ ଦଳ ସିଧାସଳଖ ୨୦୨୬ ମହିଳା ହକି ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବ। ଏହି ମେଗା ପ୍ରତିଯୋଗିତା ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସରେ ଅନୁଷ୍ଠିତ ହେବ। ପୁଲ୍ ‘ବି’ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଜାପାନ ୯-୦ ଗୋଲରେ ସିଙ୍ଗାପୁରକୁ ପରାସ୍ତ କରିଛି। ସେହିପରି ପୁଲ୍ ‘ଏ’ର ଏକ ମ୍ୟାଚରେ ଦକ୍ଷିଣ କୋରିଆ ୩-୦ ଗୋଲରେ ଚାଇନିଜ୍ ତାଇପେକୁ ହରାଇ ଦେଇଛି। ଫଳରେ ଭାରତ, ଜାପାନ ଓ ଦକ୍ଷିଣ କୋରିଆ ୩ ପଏଣ୍ଟ ଲେଖାଏ ପାଇଛନ୍ତି।



ହାଙ୍ଗଝୋରେ ଶୁକ୍ରବାର ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓଡ଼ିଶାରୁ ଭାଗନେବେ ୬ ପ୍ରତିଯୋଗୀ

**ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)**

**ଜାତୀୟ ଏରୋବିକ୍ ଜିମ୍ନାଷ୍ଟିକ୍ସ**

ଚଳିତ ମାସ ୮ରୁ ୧୦ ପର୍ଯ୍ୟନ୍ତ କେରଳରେ ଜାତୀୟ ଏରୋବିକ ଜିମ୍ନାଷ୍ଟିକ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ମୋଟ ୬ ଜିମ୍ନାଷ୍ଟ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନର ୩ ଖେଳାଳି ସାମିଲ। ଅଗଷ୍ଟ ୨୨ ରୁ ୨୬ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ସ୍କୁଲଠାରେ ଏକ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱରରୁ ୪ ଜଣ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ବିଘ୍ନେଶା ଦାସ, ରଶ୍ମୀରେଖା ସାହୁ ଓ ରତିକାନ୍ତ ପ୍ରଧାନ ଚୟନ ହୋଇ ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅଂଶଗ୍ରହଣ କରିବାକୁ ଯାଉଥିବା ଅନ୍ୟ ୩ ଜିମ୍ନାଷ୍ଟ ହେଲେ ଅନିଲ ପରିଡ଼ା, ନୀତୀଶ ମିଶ୍ର ଓ ସୟଦ ଆଫ୍ରିଦ୍ ଅଲୀ। ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ମୀରା ରାଣୀ ଦାସ ଓ କାର୍ଯ୍ୟକାରିଣୀ ସଦସ୍ୟ ଯଶୋବନ୍ତ ଦାସ ଓଡ଼ିଶା ଦଳରେ ଭାଗ ନେଇଥିବା ସମସ୍ତ ୬ଜଣ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରିଛନ୍ତି। ଏହା ସହିତ ପ୍ରଥମ ଥର ପାଇଁ ଓଡ଼ିଶା ତରଫରୁ ଏରୋବିକ୍ ଜିମ୍ନାଷ୍ଟିକ ଦଳ ଜାତୀୟ ସ୍ତରରେ ଖେଳିବାକୁ ସୁଯୋଗ ପାଇଥିବାରୁ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଅଶୋକ ସାହୁଙ୍କୁ ସମସ୍ତେ ଧନ୍ୟବାଦ ଜଣାଇଛନ୍ତି।




ଭୁବନେଶ୍ୱରର ୩ ଜିମ୍ନାଷ୍ଟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଅବସରରୁ ଫେରିଲେ ରସ୍ ଟେଲର

**ୱେଲିଂଟନ, ୫।୯ (ଏପି):** ନ୍ୟୁଜିଲାଣ୍ଡ କ୍ରିକେଟର ମହାନ ଖେଳାଳି ରସ୍ ଟେଲର ଅବସରରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆସନ୍ତା ମାସରେ ସେ ସାମୋଆ ତରଫରୁ ଓମାନଠାରେ ହେବାକୁଥିବା ଟି୨୦ ବିଶ୍ୱକପ୍ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଖେଳିବେ। ଟେଲର ତେଙ୍କ ଦେଶର ଅନ୍ୟ ଖେଳାଳିମାନଙ୍କ ତୁଳନାରେ ଅଧିକ ମ୍ୟାଚ ଖେଳିବା ପରେ ୨୦୨୨ରେ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଥିଲେ। ସେ ତାଙ୍କର କ୍ୟାରିୟରରେ ୧୧୨ ଟେଷ୍ଟ, ୨୩୬ ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୦୨ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ନ୍ୟୁଜିଲାଣ୍ଡର ସର୍ବକାଳୀନ ଟେଷ୍ଟ ସ୍କୋରିଂ ତାଲିକାରେ ସେ ୭,୬୮୩ ରନ ସହ କେନ୍ ୱିଲିୟମସନଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେ ଆହୁରି ମଧ୍ୟ ୧୯ ଟେଷ୍ଟ ଶତକ ସହ ୱିଲିୟମସନଙ୍କ ପଛରେ ରହିଛନ୍ତି। ଟେଲରଙ୍କ ମା’ ଲୋଟିଙ୍କ ଜନ୍ମ ହେଉଛି ସାମୋଆରେ। ଟେଲର ତାଙ୍କ ନାମ ଭିତ୍ତିରେ ସାମୋଆ ତରଫରୁ ଖେଳିପାରିବେ। ତାଙ୍କ ନାମ ହେଉଛି ଲିପପ ଲଟେରୁ ରସ୍ ପୋଟା ଲୋଟେ ଟେଲର। ବର୍ତ୍ତମାନ ୪୧ ବର୍ଷ ବୟସରେ ପଦାର୍ପଣ କରିଥିବା ଟେଲର ତାଙ୍କର ପୂର୍ବତନ ନ୍ୟୁଜିଲାଣ୍ଡ ଖେଳାଳି ତରୁଣ ନେଥୁଲାଙ୍କ କଥାରେ ରାଜି ହୋଇ କ୍ୱାଲିଫାଇଂ ଟୁର୍ନାମେଣ୍ଟରେରେ ସାମୋଆ ତରଫରୁ ଖେଳିବା ପାଇଁ ରାଜି ହୋଇଛନ୍ତି। ପରବର୍ତ୍ତୀ ଟି୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଆୟୋଜନ କରାଯାଇଥିବା ବେଳେ ଏଥିପାଇଁ ଯୋଗ୍ୟତା ହାସଲ କରିବା ଲାଗ ପପୁଆ ନ୍ୟୁ ଗିନିସ ବିପକ୍ଷରେ ସାମୋଆ ଖେଳିବ।

# ଜାତୀୟ କ୍ୟାଡେଟ୍ ଅସିଚାଳନା ପାଇଁ ଓଡ଼ିଶା ଦଳ




ଜାତୀୟ କ୍ୟାଡେଟ ଅସିଚାଳନା ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ହଲଦ୍ୱାନିସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଷ୍ଟାଡିୟମରେ ଚଳିତ ମାସ ୮ରୁ ୧୩ ପର୍ଯ୍ୟନ୍ତ ଜାତୀୟ କ୍ୟାଡେଟ୍ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ୯ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି । ଓଡ଼ିଶା ଦଳ ଚୟନ ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂ ଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସରେ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୫ ପର୍ଯନ୍ତ କ୍ୟାମ୍ପ ହୋଇଥିଲା। ଏହାକୁ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ କୋଚ ଅନ୍ୱେଷା ରାଉତ ଓ ରୋଶନ ସାହୁ ପରିଚାଳନା କରିଥିଲେ। କ୍ୟାମ୍ପରେ ଯୋଗ ଦେଇଥିବା ୩୦ଖେଳାଳିଙ୍କ ମଧ୍ୟରୁ ପ୍ରଦର୍ଶନ ଭିତ୍ତିରେ ଉକ୍ତ ୯ ଖେଳାଳି ଚୟନ କରାଯାଇଥିଲା ବୋଲି ରାଜ୍ୟ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। **ଓଡ଼ିଶା ଦଳ:** ବାଳକ କ୍ୟାଡେଟ-ମାନସ ପ୍ରଧାନ, ସମୀର ପରାଭୋଏ, ସ୍ୱାଗତ ପଟେଲ, ଅଭିନାଶ ସ୍ୱାଇଁ, ବିଭୁପ୍ରସାଦ ସେନାପତି, ଦେବାଶିଷ ପଟେଲ, ଆୟୁଷ ସୁମନ୍ତ ଦାସ, ପ୍ରୋମଜୀତ ବେଶରା, ଲିଖିତ କୁମାର ବିଶ୍ୱାଳ। ପ୍ରଶିକ୍ଷକ- ନିତୀନ ସ୍ୱାଇଁ ଓ ରୋଶନ ସାହୁ।

# କିଟ୍-କିସ୍ ପରିଦର୍ଶନ କଲେ ଏଫ୍‌ଆଇସିୟୁ ପ୍ରତିନିଧି ଦଳ

**ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ):** ଅନ୍ତର୍ଜାତୀୟ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏଫ୍‌ଆଇସିୟୁ)ର ଏକ ପ୍ରତିନିଧି ଦଳ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କ୍ରୀଡ଼ା ଭିତ୍ତିଭୂମୀକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ପ୍ରତିନିଧି ଦଳରେ ୟୁନିସ୍ପୋର୍ଟ ଅଷ୍ଟ୍ରେଲିଆର ସିଇଓ ମାର୍କ ୱିଲିୟମ ସିଣ୍ଡରବେରୀ ଓ ଏଫ୍‌ଆଇସିୟୁର ଉପସଭାପତି ଡେଭିଡ ଆଣ୍ଡନ ସ୍କମୁଡେ ସାମିଲ ଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏହି ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ। କ୍ରୀଡ଼ା ଭିତ୍ତିଭୂମୀ ପରିଦର୍ଶନ ସହ ସେମାନେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଏକ ବୈଠକରେ ଯୋଗ ଦେଇଥିଲେ। ଏହି ଅବସରରେ ସେମାନେ କିଟ୍ ଓ କିସ୍ ସହିତ ମିଶି ଏକ ଲିଗ୍ ଢାଞ୍ଚା ଆରମ୍ଭ କରିବାକୁ ଏବଂ ଭଲିବଲ, ଟେନିସ ଓ ବ୍ୟାଡ୍‌ମିଣ୍ଟନ ଆଦି ଖେଳରେ ଜୋନାଲ ପ୍ରତିଯୋଗିତା କରିବାକୁ ପ୍ରସ୍ତାବ ଦେଇଥିଲେ। ଏଫ୍‌ଆଇସିୟୁର ପ୍ରତିନିଧି ସଦସ୍ୟଙ୍କୁ ଅଚ୍ୟୁତ ସାମନ୍ତ ଏକ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ସିଏସ୍୭ ଟେନିସ: ଚନ୍ଦ୍ରଶେଖରଙ୍କୁ ଦ୍ୱିମୁକୁଟ

**ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)**

ପୁରୀ ଜିଲା ଟେନିସ ଆସୋସିଏଶନ (ପିଡିଟିଏ) ଆନୁକୂଲ୍ୟରେ ପୁରୀଠାରେ ୧୪ ବର୍ଷରୁ କମ୍ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୭) ଟେନିସ ଟୁର୍ନାମେଣ୍ଟ ଶୁକବାର ଉଦ୍‌ଯାପିତ ହୋଇଛି। ଏଥିରେ ଆସାମର ଚନ୍ଦ୍ର ଶେଖର ମହାନ୍ତି ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି। ବାଳକ ସିଙ୍ଗଲ୍ସରେ ସେ ଓଡ଼ିଶାର ସୂୟାସ ପଟ୍ଟନାୟକଙ୍କୁ ୬-୨, ୬-୦ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଡବଲ୍ସରେ ସେ ସୂୟାସଙ୍କୁ ପାର୍ଟନର କରି ପଶ୍ଚିମବଙ୍ଗର ରିଷଭ ସେନ୍ ଓ ଓଡ଼ିଶାର ବୀରାଂଶ ଶିବାନୀ ଯୋଡ଼ିଙ୍କୁ ୬-୦, ୬-୦ରେ ହରାଇ ଦେଇଛନ୍ତି। ଭାରତର ୮ ରାଜ୍ୟରୁ ମୋଟ ୩୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟ ରେଫରି ଜତୀନ ବୈଶ୍ୟଙ୍କ ଉପସ୍ଥିତିରେ ପିଡିଟିଏ ସମ୍ପାଦକ ସୁନିଲ କୁମାର ମହାପାତ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାର ବିଜେତା ଓ ରନରଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୫ ଓ ୨୦ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇଛନ୍ତି।



# ଭାରତୀୟ ଦଳର ଜର୍ସି ସ୍ପନସରଶିପ୍ ମୂଲ୍ୟ ବଢ଼ିଲା

**ନୂଆଦିଲ୍ଲୀ, ୫।୯ (ପି.ଟି.)**

ଭାରତୀୟ କ୍ରିକେଟ ଦଳକୁ ପ୍ରାୟୋଜିତ କରିବା ମହଙ୍ଗା ହେବାକୁ ଯାଉଛି, କାରଣ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ଦ୍ୱିପାକ୍ଷିକ ସିରିଜ ପାଇଁ ପ୍ରତି ମ୍ୟାଚ ପିଛା ୩.୫ କୋଟି ଟଙ୍କା ଏବଂ ଏକ ବହୁପକ୍ଷୀୟ ଇଭେଣ୍ଟର ଏକ ମ୍ୟାଚ ପିଛା ୧.୫ କୋଟି ଟଙ୍କା ବୃଦ୍ଧି କରିଛି। ଏକ ରିପୋର୍ଟ ଅନୁସାରେ ଏହି ପରିମାଣ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଓ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଦ୍ୱାରା ଅନୁମୋଦିତ ଏବଂ ଆୟୋଜିତ ପ୍ରତିଯୋଗିତାଗୁଡ଼ିକ ଲାଗି ପ୍ରଯୁଜ୍ୟ। ଖବର ଅନୁସାରେ ବର୍ତ୍ତମାନ ଏକ ଦ୍ୱିପାକ୍ଷିକ ସିରିଜ ଗେମ୍ ପାଇଁ ରହିଥିବା ମୂଲ୍ୟ ୩.୧୭ କୋଟି ଟଙ୍କା ଏବଂ ବହୁରାଷ୍ଟ୍ରୀୟ ମ୍ୟାଚ ପିଛା ରହିଥିବା ମୂଲ୍ୟ ୧.୧୨ କୋଟି ଟଙ୍କାରେ ସାମାନ୍ୟ ବୃଦ୍ଧି କରାଯାଇଛି। ସରକାରଙ୍କ ଅନ୍‌ଲାଇନ୍ ଗେମ୍ପିଂ ଆଇନ ୨୦୨୫ ଦ୍ୱାରା ଜର୍ସି ପ୍ରାୟୋଜକ ଭାବେ ଡ୍ରିମ-୧୧ର ପ୍ରସ୍ଥାନ ପରେ ଏହି ଘଟଣାକ୍ରମ ଦେଖିବାକୁ ମିଳିଛି। ସରକାରଙ୍କ ଅନ୍‌ଲାଇନ୍ ଗେମିଂ ପ୍ରୋତ୍ସାହନ ଓ ନିୟନ୍ତ୍ରଣ ଆଇନ ୨୦୨୫ ପରେ ବିସିସିଆଇ ତୁରନ୍ତ ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକ ଡ୍ରିମ-୧୧ର ଚୁକ୍ତିନାମାକୁ ବାତିଲ କରିଦେଇଛନ୍ତି। ସଂଶୋଧିତ ମୂଲ୍ୟ ଆସନ୍ତା ଏସିଆ କପ୍ ପରେ ଲାଗୁ ହେବ। ଏହାଦ୍ୱାରା ବିସିସିଆଇ ୪୦୦ କୋଟି ଟଙ୍କାରୁ ଅଧିକ ଆୟ କରିପାରିବ। ତେବେ ଚୂଡ଼ାନ୍ତ ସଂଖ୍ୟା ଅଧିକ ହୋଇପାରେ, ତାହା ନିଲାମ ଫଳାଫଳ ଉପରେ ନିର୍ଭର କରେ। ବିସିସିଆଇ ଗତ ମଙ୍ଗଳବାର ଭାରତୀୟ ଦଳର ଟାଇଟଲ ସ୍ପନସରଶିପ୍ ସ୍ୱତ୍ୱାଧିକାର ପାଇଁ ବିଡ୍ ଆହ୍ୱାନ କରିଛି।

# ଟାଇସନ-ମେୱେଦର ଜୁନିୟର ପ୍ରଦର୍ଶନୀ ମ୍ୟାଚ

**ନ୍ୟୁୟର୍କ, ୫।୯ (ଏପି)**

ମାଇକ୍ ଟାଇସନ ଓ ଫ୍ଲଏଡ୍ ମେୱେଦର ଜୁନିୟରଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ବକ୍ସିଂ ମ୍ୟାଚ ୨୦୨୬ ପ୍ରାରମ୍ଭରେ ହେବ। ଟାଇସନ ଆସନ୍ତା ବର୍ଷ ୬୦ ବର୍ଷ ବୟସରେ ପଦାର୍ପଣ କରିବେ। ଗତବର୍ଷ ଏକ ୮ ରାଉଣ୍ଡ ବିଶିଷ୍ଟ ବାଉଟାରେ ଜେକ୍ ପଲ୍‌ଙ୍କଠାରୁ ପରାଜିତ ହେବା ପରେ ସେ ପୁନର୍ବାର ବକ୍ସିଂ ରିଙ୍ଗ୍‌କୁ ଫେରିବାକୁ ଯାଉଛନ୍ତି। ବର୍ତ୍ତମାନ ସେ ଅପରାଜିତ ୪୮ ବର୍ଷୀୟ ମେୱେଦରଙ୍କୁ ଭେଟିବେ। ସିଏସ୍‌ଆଇ ସ୍ପୋର୍ଟ୍ସ ତରଫରୁ ଏହା ଘୋଷଣା କରାଯାଇଥିବା ବେଳେ ବକ୍ସିଂ ମ୍ୟାଚ କେଉଁଠାରେ ଓ କେବେ ହେବ ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ସିଏସ୍‌ଆଇ ସ୍ପୋର୍ଟ୍ସ ହେଉଛି ଏକ ଲାଇଭ୍ ବକ୍ସିଂ ପ୍ରଡକ୍ସନ କମ୍ପାନୀ, ଯିଏ କି ଏହି ଇଭେଣ୍ଟ ସହିତ ମିଡିଆ ଷ୍ଟ୍ରିମିଂ ଓ ବ୍ରଡକାଷ୍ଟ ପାର୍ଟନରଶିପ୍ ରହିଛି।

# ରାଜ୍ୟ କ୍ଲବ ଶକ୍ତି ଉତ୍ତୋଳନ ଆରମ୍ଭ

**ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)**

ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲର ମିଳିତ ଆନୁକୂଲ୍ୟରେ ୩ୟ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି। ଉତ୍କଳ କରାଟେ ସ୍କୁଲ ପରିସରରେ ଏହା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ବିଭିନ୍ନ କ୍ଲବରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରେ ଆୟୋଜକଙ୍କ ପକ୍ଷରୁ ୮୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ସହ ୱାର୍ଲ୍ଡ ଅଫ୍ ନ୍ୟୁଟ୍ରିଶନ ସହଯୋଗରେ କୃତୀ ଶକ୍ତିଉତ୍ତୋଳକଙ୍କୁ ୧,୫୦,୦୦୦ ଟଙ୍କାର ଇକ୍ୟୁପମେଣ୍ଟ ଓ ସପୋର୍ଟ ଆପେରାଲ ପ୍ରଦାନ କରାଯିବ। ଖେଳାଳିମାନଙ୍କୁ ଶକ୍ତିଉତ୍ତୋଳନ ପ୍ରତି ଆକୃଷ୍ଟ କରିବାକୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ପୁରୁଷ ବିଭାଗ ୫୩, ୫୯ ଓ ୬୬ କେଜି ବିଭାଗରେ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର ବର୍ଗରେ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ଶକ୍ତିଉତ୍ତୋଳକମାନେ ହେଲେ ବେଦାନ୍ତ ସାହୁ, ସନ୍ତୋଷ ସ୍ୱାଇଁ, ଶକ୍ତି ରଞ୍ଜନ ସାହୁ, ପି. ଶ୍ରୀନିବାସ, ହରେକୃଷ୍ଣ ମହାନ୍ତି, ସୌମେନ ସେନାପତି, ସୂର୍ଯ୍ୟକାନ୍ତ ପ୍ରଧାନ, ଧିରେନ୍ଦ୍ର କୁମାର ସ୍ୱାଇଁ, ବିନୋଦ ବାଲ୍ମିକ ଓ ଗୋପାଳ ଚନ୍ଦ୍ର ଦାଶ।




ରାଜ୍ୟ କ୍ଲବ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅବସରରେ ଜଣେ ପ୍ରତିଯୋଗୀ।

# ଆନିସିମୋଭା-ସାବାଲେଙ୍କା ଫାଇନାଲ

**ନ୍ୟୁୟର୍କ, ୫।୯(ଏପି)**

**ୟୁଏସ୍ ଓପନ ଟେନିସ**

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଚାମ୍ପିୟନଶିପ୍‌ର ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ ଶନିବାର ଆମେରିକାର ଆମାଣ୍ଡା ଆନିସିମୋଭା ଓ ନମ୍ବର-୧ ଖେଳାଳି ବେଲାରୁଷର ଆରିନା ସାବାଲେଙ୍କାଙ୍କ ମଧ୍ୟରେ ହେବ। ଆନିସିମୋଭା ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଚାରି ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଜାପାନର ନାଓମି ଓସାକାଙ୍କୁ ୬-୭ (୪), ୭-୬ (୩), ୬-୩ରେ ହରାଇ ଦେଇଛନ୍ତି। ମହିଳା ଟେନିସ୍‌ର ଦୁଇ ଶକ୍ତିଶାଳୀ ଫାଷ୍ଟ ଷ୍ଟ୍ରାଇକ୍ ହିଟରଙ୍କ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ ଦୀର୍ଘ ୨ଘଣ୍ଟା ୫୬ମିନିଟ ଧରି ଚାଲିଥିଲା। ନ୍ୟୁଜର୍ସିରେ ଜନ୍ମ ଗ୍ରହଣ କରିଥିବା ଫ୍ଲୋରିଡାରେ ବଢ଼ିଥିବା ୨୪ବର୍ଷୀୟା ୮ମ ସିଡ ଆନିସିମୋଭା ତାଙ୍କର କ୍ରମାଗତ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ବେଲାରୁଷର ସାବାଲେଙ୍କା ସେମିଫାଇନାଲରେ ଆମେରିକାର ଜେସିକା ପେଗୁଲାଙ୍କୁ ୪-୬, ୬-୩, ୬-୪ରେ ହରାଇ ଦେଇଛନ୍ତି। ଫଳରେ ଏହି ଚାମ୍ପିୟନଶିପ୍‌ରେ ଆନିସିମୋଭା ଓ ସାବାଲେଙ୍କାଙ୍କ ମଧ୍ୟରେ କ୍ରମାଗତ ଦ୍ୱିତୀୟ ଥର ପାଇନାଲ ଅନୁଷ୍ଠିତ ହେବାକୁ ଯାଉଛି।



ମ୍ୟାଚ ଜିତିବା ପରେ ଉଲ୍ଲସିତ ଆମେରିକାର ଆମାଣ୍ଡା ଆନିସିମୋଭା।

## ସେମିରୁ ବିଦାୟ ନେଲେ ଭାମ୍ବ୍ରି

ନ୍ୟୁୟର୍କ, ୫।୯ (ପି.ଟି.): ୟୁଏସ ଓପନ ଟେନିସ ପୁରୁଷ ଡବଲ୍ସରେ ଭାରତର ୟୁକି ଭାମ୍ବ୍ରିଙ୍କ ଅଭିଯାନ ସେମିଫାଇନାଲରେ ଶେଷ ହୋଇଛି। ସେ ଓ ତାଙ୍କ ପାର୍ଟନର ମାଇକେଲ ଭେନସ ଏକ ରୋମାଞ୍ଚକ ମୁକାବିଲାରେ ୬ଷ୍ଠ ସିଡ୍ ବ୍ରିଟିଶ ଯୋଡ଼ି ନିଲ୍ ସ୍କୁପକ୍ସି ଓ ଜୋ ସାଲିସବୁରୀଙ୍କଠାରୁ ୭-୬ (୨), ୬-୭(୫), ୪-୬ରେ ହାରିଯାଇଛନ୍ତି। ଓପନ ଯୁଗରେ ଦିଲ୍ଲୀର ଏହି ୩୩ ବର୍ଷୀୟ ଖେଳାଳି ଲିଆଣ୍ଡର ପେସ୍, ମହେଶ ଭୂପତି ଓ ରୋହନ ବୋପାନ୍ନାଙ୍କ ପରେ ୪ର୍ଥ ଭାରତୀୟ ଭାବେ ଏକ ଗ୍ରାଣ୍ଡସ୍ଲାମ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଥିଲେ। ଫ୍ଲସିଂ ମିଡୋଜଠାରେ ଭାରତୀୟ-ନ୍ୟୁଜିଲାଣ୍ଡ ଯୋଡ଼ିଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ସେମିଫାଇନାଲ ପ୍ରବେଶ ପଥରେ ସେମାନେ ସେମାନଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳିଙ୍କୁ ହରାଇ ଦେଇଥିଲେ। ସେମାନଙ୍କ ମଧ୍ୟରେ ଚତୁର୍ଥ ସିଡ୍ ଜର୍ମାନୀର ଟିମ୍ ପୁଜ୍/କେଭିନ କ୍ରାୱିଜ ଏବଂ ୧୧ଶ ସିଡ୍ ରାଜୀବ ରାମ୍ ଓ ନିକୋଲା ମେକ୍‌ଟିକ୍ ଅନ୍ୟତମ। ସେମିଫାଇନାଲରୁ ବିଦାୟ ନେଇଥିଲେ ମଧ୍ୟ ଭାମ୍ବ୍ରି କହିଛନ୍ତି, ତାଙ୍କ ପାଇଁ ଏହି ସପ୍ତାହ ସ୍ୱତନ୍ତ୍ର ଥିଲା। ଏହି ସ୍ତରରେ ବିଶେଷ କରି ଏକ ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ଖେଳିବା ତାଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା। ଚାମ୍ପିୟନଶିପ୍‌ରେ ଏହି ଫଳାଫଳ ଯୋଗୁ ଆଗାମୀ ର୍‍ୟାଙ୍କିଙ୍ଗ ତାଲିକାରେ ଭାମ୍ବ୍ରିଙ୍କର ଉନ୍ନତି ପରିଲକ୍ଷିତ ହେବ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ